
ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ନଭେମ୍ବର ୨୦୨୪



ଫଟୋ : ଧୀରେନ୍ଦ୍ର କର

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

Vol-3 • Issue-9 • November 2024 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

## SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୩ • ସଂଖ୍ୟା-୯ • ନଭେମ୍ବର ୨୦୨୪ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସମ୍ପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସମ୍ପାଦକ
**ପ୍ରଭାତ ରଞ୍ଜନ ବେହୁରା**
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ଧୀରେନ୍ଦ୍ର କର**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୪୦/-**

## ।। ସୂଚୀ ।।

ପାଠକଙ୍କ ମତାମତ ୦୨
ବହିର କାର୍ବନ୍ ରେଟିଂ (ସମ୍ପାଦକୀୟ) ୦୩
କବିତାର ପରିଭାଷା - ଅନନ୍ତ ଅନ୍ୱେଷା (ପ୍ରବନ୍ଧ): ଶରତ କୁମାର ଜେନା ୦୫
ବୟସ (କବିତା) : ଗୋପାଳକୃଷ୍ଣ ଆଚାର୍ଯ୍ୟ ୧୦
ଅବିରାମ ଭାବୁଥିବା ସେ ଲୋକଟି (ଗଳ୍ପ) : ଜାକିର ଖାନ୍ ୧୧
ହୋଡ଼ିଶା ସୁଆଦ (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର ୧୪
ସାହିତ୍ୟରେ କଳାର ଭୂମିକା (ପ୍ରବନ୍ଧ): ଦାଶ ବେନହୁର ୧୯
କବି ଗିରିଜାକୁମାର ବଳୀୟାରସିଂହଙ୍କ ସହ ଅନ୍ତରଙ୍ଗ ଆଳାପ (ସାକ୍ଷାତକାର) ୨୧
ଅସହାୟ (ଗଳ୍ପ) : ପ୍ରଭଞ୍ଜନ ଦାଶ ୨୭
ବ୍ୟାକରଣିକ ଚର୍ଚ୍ଚା ଓ ଓଡ଼ିଆ କ୍ରିୟାହୀନ ବାକ୍ୟ (ପ୍ରବନ୍ଧ): ପଞ୍ଚାନନ ମହାନ୍ତି ୨୯
ବୃଦ୍ଧ ଲାମା (ଅନୁବାଦ ଗଳ୍ପ) : ଆଶିଷ କୁମାର ରାୟ ୩୪
ସାହିତ୍ୟ ଓ ଦର୍ଶନରେ ମୃତ୍ୟୁଚିନ୍ତନ (ପ୍ରବନ୍ଧ) : ଦୁର୍ଗାପ୍ରସାଦ ଆଚାର୍ଯ୍ୟ ୩୭
ରୂପାନ୍ତର (ଗଳ୍ପ) : ଜୟନ୍ତୀ ସାହୁ ୪୧
ମାଷ୍ଟରବାବୁ (ଅନୁଭୂତି) : ବନଜ ଦେବୀ ୪୪
ଓଡ଼ିଆ ପୋଥି ସମ୍ପାଦନା - ଏକ ବିବେଚନା (ପ୍ରବନ୍ଧ): ଦେବୀପ୍ରସନ୍ନ ପଟ୍ଟନାୟକ ୪୭
ଟିମ୍ ଡିଆଁ ପ୍ରିମିୟର ଲିଗ୍ (ରମ୍ୟରଚନା) : ଡ. ଧର୍ମଛଡ଼ା ୪୯
କେହିଜଣେ ଶୁଭେନ୍ଦୁ (ଗଳ୍ପ) : ପ୍ରଦୋଷ ମିଶ୍ର ୫୧
ଓଡ଼ିଆ ସାହିତ୍ୟରେ ତାଳବଣ ପ୍ରସଙ୍ଗ (ପ୍ରବନ୍ଧ): କୁମାର ଧର୍ମନ୍ ୫୫
ନାହିଁ ନାହିଁର ବ୍ରହ୍ମାଣ୍ଡ ତୁମେ (କବିତା) : ପ୍ରତିଭା ପରିଡ଼ା ୫୮
ଓଡ଼ିଆ କ୍ଷୁଦ୍ରଗଳ୍ପରେ ବିସ୍ଥାପନର ଚିତ୍ର (ପ୍ରବନ୍ଧ) : ସ୍ୱାଧୀନ ଚନ୍ଦ୍ର ପଧାନ ୫୯
ଦୁଇଟି ମିନିଗପ (ଗଳ୍ପ) ହରେକୃଷ୍ଣ ସାହୁ ୬୩
ମୁଖିଆ ମୂର୍ଖ ହେଲେ (ଶିଶୁ ଗଳ୍ପ) : ରଜନୀକାନ୍ତ ପାଢୀ ୬୪
ଚନ୍ଦ୍ରଚୋରି (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ ୬୬
ସାହିତ୍ୟ ସମାଚାର ୬୭
ଉପନପାଳି (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ ୬୮


# ପାଠକଙ୍କ ମତାମତ

**ଯେ**ତେବେଳେ ଲେଖକ ବା ଲେଖିକାଟିଏ ବହିପଢାରେ ମନୋନିବେଶ କରେ ଅନେକ କିଛି ସୁନ୍ଦରତମ ଜ୍ଞାନ ଆହରଣ କରେ। ଜିଜ୍ଞାସା ଭାବପୂର୍ଣ୍ଣ ହୋଇଗଲେ ନିଜ ଲେଖନୀକୁ ଗତିଶୀଳ କରିପାରେ। ଏହିପରି ଦୃଷ୍ଟିଭଙ୍ଗୀରେ ମାସିକ 'ସାହିତ୍ୟ ଚର୍ଚ୍ଚା।' ଏକ ଅନନ୍ୟ ଉଦାହରଣ। ଅକ୍ଟୋବର ସଂଖ୍ୟାର ଆରମ୍ଭରୁ ହିଁ ପାର୍ବଣ ସଂଖ୍ୟାର ମୁଖଶାଳା ବେଶ୍ ମନଲୋଭା। ପ୍ରତ୍ୟେକ ପ୍ରବନ୍ଧରେ ଅନେକ ଶିକ୍ଷଣୀୟ ଓ ଗ୍ରହଣୀୟ କଥାବସ୍ତୁ ରହିଛି। ଏଥରକ ସଂଖ୍ୟାର ସାକ୍ଷାତକାର ଓ ଅନୁଭୂତିର କାନଭାସ ଅତ୍ୟନ୍ତ ଚିତ୍ରିତ। ଶିଶୁଗଳ୍ପ 'ଦୁଷ୍ଟାମିର ଫଳ' ମନଛୁଆଁ ବୋଧ ହେଲା। ଲେଖାଗୁଡ଼ିକ ଆବେଗମୟ ଓ ପଢିବାର ରାହା ଦେଖେଇଛି। ପ୍ରଚ୍ଛଦ ପୃଷ୍ଠାର ଚିତ୍ରଟି ମନୋମୁଗ୍ଧକର ହୋଇପାରିଛି ଯାହାକି ଶାରଦୀୟ ସଂଖ୍ୟାକୁ ମନୋମୁଗ୍ଧକର କରିପାରିଛି। ଚିତ୍ରକୁ ଦେଖି ଜାଣିପାରିଲି ଯେ ଏହା କେବଳ ଶିଳ୍ପୀ ବଳଦେବ ମହାରଥାଙ୍କର ବୋଲି। ସାହିତ୍ୟର ବିଭିନ୍ନ ଦିଗକୁ ପରିପୁଷ୍ଟ କରିପାରୁଥିବା 'ସାହିତ୍ୟ ଚର୍ଚ୍ଚା' ସମସ୍ତଙ୍କର ଆଦରଣୀୟ ହେଉ।

**କୁଞ୍ଜବିହାରୀ ସାହୁ**
kunjasahu63@gmail.com

**'ସା**ହିତ୍ୟ ଚର୍ଚ୍ଚା'ର ଅକ୍ଟୋବର ସଂଖ୍ୟାର ପ୍ରଚ୍ଛଦପଟରେ ମାଆ, ବହି ଓ କଲମର ଚିତ୍ର, ବ୍ୟଙ୍ଗ ଚିତ୍ର ଏବଂ 'ତୃତୀୟ ନୟନ' ସମ୍ପାଦକୀୟରୁ ବହୁତ୍ କିଛି ଶିକ୍ଷା ପାଇଲି। ପ୍ରବନ୍ଧରେ 'ଓଡ଼ିଆ ବହି: ଚିତ୍ର ସମ୍ପାଦନା ଓ ଚିତ୍ରଭାଷା' , 'ଓଡ଼ିଆ ଶ୍ରାବ୍ୟ ନାଟକର ଗତି ଓ ପ୍ରକୃତି' ଭଲ ଲାଗିଲା।

**ଅଙ୍କିତା ପ୍ରିୟଦର୍ଶିନୀ ସାହୁ**
priyadarsaniankita98@gmail.com



ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
info@sahityacharcha.com

**ପୂ**ଜା ପତ୍ରିକା ବଜାରକୁ ନ ଆସିବା ପୂର୍ବରୁ ସାହିତ୍ୟ ଚର୍ଚ୍ଚା ଅକ୍ଟୋବର ସଂଖ୍ୟାଟି ପ୍ରଥମେ ବଜାରକୁ ଆସିଛି। ସେଥିପାଇଁ ଆପଣଙ୍କୁ କେଉଁ ଶବ୍ଦରେ କୃତଜ୍ଞତା ଜଣାଇବି ଭାଷା ପାଉନାହିଁ। ଏଥରକ ସଂପାଦକୀୟ 'ତୃତୀୟ ନୟନ' ବହୁତ ସୁନ୍ଦର ହୋଇଛି। ଏହି ସୁନ୍ଦର ବର୍ଣ୍ଣନାରୁ ଆପଣଙ୍କ ଚିନ୍ତାଧାରା ବେଶ ବାରି ହୋଇ ପଡୁଛି। ଏହି ପାର୍ବଣ ସମୟରେ ନିଜ ଭିତରେ ଓ ସକଳ ମାନବସତ୍ତା ମଧ୍ୟରେ ଅନୁଭବ କରିବା ଏକ ତୃତୀୟ ନେତ୍ରର ଅସ୍ତିତ୍ୱକୁ, ଏ ଯେଉଁ ଆହ୍ୱାନ ଦେଇଛନ୍ତି ସେଥିପାଇଁ ଆଗେ ଆମର ମନ ଶାନ୍ତ, ଶୁଦ୍ଧ ହେଉ ଓ ଚିନ୍ତାଧାରା ନିର୍ମଳ ହେଉ। ଡ.ଦୋଳ ଗୋବିନ୍ଦ ବିଶୀଙ୍କ 'ପ୍ରାଚୀନ ସାହିତ୍ୟରେ ଦେବୀ ଦୁର୍ଗା' ବହୁତ ସୁନ୍ଦର ହୋଇଛି। ଅଧ୍ୟାପକ ବିଶ୍ୱରଂଜନଙ୍କ ଗଳ୍ପ ପୁନର୍ଜନ୍ମରେ ସ୍ୱର୍ଗଦ୍ୱାର ଯାତ୍ରାବେଳେ ମା-ମାନସୀ-ମନୀଷାଙ୍କ ପ୍ରତିବନ୍ଧକ ସୃଷ୍ଟି ବହୁତ ମନଛୁଆଁ ହୋଇଛି। ନାରୁ ମହାନ୍ତିଙ୍କ 'ଗୁହାରି' ଗଳ୍ପରେ ଅଜା ନାତିଙ୍କ ବାର୍ତ୍ତାଳାପ ଅତି ସୁନ୍ଦର ବର୍ଣ୍ଣନା। ଡା.ଅଭୟ ଦାଶ ତାଙ୍କର ରମ୍ୟ ରଚନା 'ଜଙ୍ଗଲରେ ଜାତୀୟ ଗଣନା-ଏକ ବିହଙ୍ଗାବଲୋକନ' ମାଧ୍ୟମରେ ମଞ୍ଜି କଥା ସବୁ କହିଛନ୍ତି। ତାଙ୍କର ଆଶଙ୍କା ମନ୍ଦ ନୁହେଁ।

**ସୁଶ୍ରୀସଂଗୀତା ରାଉତ**
susrisangitarout.2018@gmail.com

**ପୁ**ରୁଣା ବସଷ୍ଟାଣ୍ଡରେ ପୂଜାସଂଖ୍ୟା ପତ୍ରିକା ଭିଡ଼ରେ ବାରି ହୋଇଯାଉଥିଲା 'ସାହିତ୍ୟ ଚର୍ଚ୍ଚା'ର ଅକ୍ଟୋବର ସଂଖ୍ୟା। ପ୍ରବନ୍ଧ, ଗଳ୍ପ, କବିତା, ରମ୍ୟରଚନା, ବ୍ୟଙ୍ଗ, ଶିଶୁ ସାହିତ୍ୟ ସହ ପତ୍ରିକାଟି ବେଶ୍ ଆକର୍ଷଣୀୟ ହୋଇଛି। ପତ୍ରିକାରେ ପ୍ରକାଶିତ ସମସ୍ତ ଗଳ୍ପ ଭଲ ଲାଗିଲା।

**ଭାରତୀ ବାରିକ**
bharatibarik441@gmail.com

ସମ୍ପାଦକୀୟ

# ବହିର କାର୍ବନ୍ ରେଟିଂ

ଏହି ଶିରୋନାମା ହୁଏତ ପାଠକଙ୍କୁ ଆଚମ୍ବିତ କରୁଥାଇପାରେ ଏବଂ ସେମାନେ ଭାବୁଥାଇପାରନ୍ତି ଯେ ବହି ବା ସାହିତ୍ୟକୁ ଆମେ ଏବେ କେଉଁ ଏକ ଭିନ୍ନ ଦୁନିଆକୁ ଘେନିଗଲେଣି ! ଗୋଟିଏ ଦୃଷ୍ଟିରୁ ଦେଖିଲେ, ଏହି ତତ୍ତ୍ୱଟି ତିନୋଟି ଦିଗର ଏକ ମିଶ୍ରଣ; (୧) ସର୍ଜନ କଳା (ବହି), (୨) ବିଜ୍ଞାନ (କାର୍ବନ୍) ଓ (୩) ହିସାବ ଶାସ୍ତ୍ର (ରେଟିଂ)। ବର୍ତ୍ତମାନ ବହି ଓ ପତ୍ରପତ୍ରିକାମାନଙ୍କ ଜରିଆରେ ପ୍ରକାଶିତ ହେଉଥିବା ଜ୍ଞାନ ଓ ସାହିତ୍ୟର ଭଣ୍ଡାରକୁ ବିବେଚନା କରିବାର ଏକ ନୂଆ ଆଧାର ଭାବରେ ମୁଣ୍ଡ ଟେକିଛି ଏହି କାର୍ବନ୍ ରେଟିଂ ପ୍ରଣାଳୀ। ପାଶ୍ଚାତ୍ୟ ଦେଶଗୁଡ଼ିକରେ ବହିମାନଙ୍କର ବର୍ଗୀକରଣ କରାଯାଉଛି ଏହି ନୂଆ ପଦ୍ଧତିରେ।




ଗୋଟିଏ ତଥ୍ୟ ପ୍ରତି ଲକ୍ଷ୍ୟ କରାଯାଉ। ୩୬୦ ପୃଷ୍ଠାର ବନ୍ଧେଇ ହୋଇଥିବା ଏକ ବହିର 'କାର୍ବନ୍ ଡାଇଅକ୍ସାଇଡ୍ ଇକୁଇଭାଲେଣ୍ଟ ରେଟିଂ' (ଯାହାକୁ CO2eରେ ପ୍ରକାଶ କରାଯାଏ) ହେଉଛି ୧.୨ କିଲୋ। ସେହିପରି ବନ୍ଧେଇ ହୋଇନଥିବା ଗୋଟିଏ ପେପରବ୍ୟାକ୍ ବହିର ରେଟିଂ ହେଉଛି ୧.୦ କିଲୋ। ଅର୍ଥାତ୍ ବହିଟି ଯେତିକି କମ୍ ଓଜନର ହେବ ବା ଯେତିକି ଛୋଟ ଆକାରର ହେବ ତାହାର କାର୍ବନ୍ ରେଟିଂ ସେତିକି କମ୍ ହେବ। ସେହି ବହିକୁ ଯଦି ଥରେ ଗୋଟିଏ ଇ-ବୁକ୍ କିମ୍ବା ଡିଜିଟାଲ୍ ବହି ଭାବରେ ପଢ଼ାଯାଏ ତେବେ ତାହାର ରେଟିଂ ଆହୁରି କମ୍ ହେବ। ବହିଟିଏ ଗଢ଼ିବା ପାଇଁ କେତେକ ପରିମାଣରେ ଗଛ କଟାଯିବା ଆବଶ୍ୟକ ହୋଇଥାଏ, ସେଥିପାଇଁ କେତେ ବିଦ୍ୟୁତ୍ ବିନିଯୋଗ ହୋଇଥାଏ, ତାହାର ପରିବହନରେ କେତେ ପରିମାଣର ଡିଜେଲ୍ ବ୍ୟୟ ହୁଏ, ଇତ୍ୟାଦି ସବୁଥିର ହିସାବ କରାଯାଏ ଗୋଟିଏ ବହିର କାର୍ବନ୍ ରେଟିଂ ନିର୍ଣ୍ଣୟ କରିବାବେଳେ। ଅର୍ଥାତ୍ ମୋଟା ଆକାରର ବହିଟିଏ ଛପାଇ ତାହାକୁ ପାଠକଙ୍କ ପର୍ଯ୍ୟନ୍ତ ପହଞ୍ଚାଇବାରେ ଆମେ ପର୍ଯ୍ୟାବରଣର ଯେତିକି କ୍ଷତି କରୁ, ସରୁ ବହିଟିଏ ପାଇଁ ସେତିକି କରୁନା। ଗୋଟିଏ ବହିକୁ ଥରଟିଏ ଡିଜିଟାଲ ବା ଇ-ବୁକ୍ ରୂପରେ ପଢ଼ିଲେ ମଧ୍ୟ କମ୍ କାର୍ବନ ଉତ୍ସର୍ଜନ ହୁଏ। ଇ-ବୁକ୍ ପାଇଁ ବ୍ୟବହୃତ ହେଉଥିବା ବିଜୁଳି ଓ ଏହାକୁ ପଢ଼ିବା ପାଇଁ ଆବଶ୍ୟକ ହେଉଥିବା ଉପକରଣଗୁଡ଼ିକର ନିର୍ମାଣ ବେଳେ ସୃଷ୍ଟି ହେଉଥିବା କାର୍ବନ୍ ଉତ୍ସର୍ଜନ ପ୍ରଭୃତି ବହୁ ଦିଗକୁ ଏଥିପାଇଁ ବିଚାରକୁ ନିଆଯାଏ।

ବିଶ୍ୱର କେତେକ ପ୍ରାନ୍ତରେ ଏବେ ଅଧିକ ପୃଷ୍ଠାର ବହି, ଖବରକାଗଜ ଓ ପତ୍ରିକାମାନଙ୍କ ବିରୁଦ୍ଧରେ ଏକ ଜନମତ ସୃଷ୍ଟି ହେଉଛି। କେବଳ ପର୍ଯ୍ୟାବରଣ ପ୍ରତି ସେମାନେ କରୁଥିବା କ୍ଷତି ଦୃଷ୍ଟିରୁ ନୁହେଁ, ଅନ୍ୟ କେତେକ କାରଣରୁ ମଧ୍ୟ ଛୋଟ ଛୋଟ ବହି ଓ ପତ୍ରପତ୍ରିକାର ଲୋକପ୍ରିୟତା ବଢ଼ିଚାଲିଛି। ବର୍ତ୍ତମାନ ମଣିଷର ଜୀବନଶୈଳୀ ତଥା ବଂଚିବାର ପ୍ରତିଦ୍ୱନ୍ଦ୍ୱିତା ଏତେ ପ୍ରଖର ଓ ଗତିଶୀଳ ହୋଇପଡ଼ିଛି ଯେ ସେ ଆଉ ଚାଲୁନାହଁ, ଦଉଡୁଛି କେବଳ। ଶାନ୍ତିରେ ଟିକିଏ ନିଃଶ୍ୱାସ ନେବାପାଇଁ ତା' ପାଖରେ ନା ଅଛି ସମୟ, ନା ଧୈର୍ଯ୍ୟ। ସେ ଆଉ ଓଜନିଆ ବହି ବା ପତ୍ରପତ୍ରିକା ସବୁ ପଢ଼ିବ ବା କେତେବେଳେ ? ତେଣୁ ସେ ଖୋଜୁଛି ସଂକ୍ଷିପ୍ତ ସାହିତ୍ୟ। ଉପନ୍ୟାସରୁ ଆସି ଉପନ୍ୟାସିକା, ପୁଣି ଉପନ୍ୟାସିକାରୁ ଆସି କ୍ଷୁଦ୍ରଗଳ୍ପ, ଏବଂ ଶେଷକୁ କ୍ଷୁଦ୍ରଗଳ୍ପରୁ ଆସି ମିନିଗଳ୍ପ ପାଖରେ ସେ ପହଞ୍ଚିଗଲାଣି। ଓଡ଼ିଆ କଥାସାହିତ୍ୟ ଗୋପୀନାଥ ମହାନ୍ତିଙ୍କ ୧୦୩୬ ପୃଷ୍ଠା ବିଶିଷ୍ଟ ଉପନ୍ୟାସ 'ମାଟିମଟାଳ'ରୁ ପାଠକ ଆଜି ଆସି ପହଞ୍ଚିଛି ସଦାନନ୍ଦ ତ୍ରିପାଠୀଙ୍କ ମାତ୍ର ତିନୋଟି ଶବ୍ଦର ଗଳ୍ପ, 'ଆଉ କଣ ଅଛି' ପାଖରେ।

କିନ୍ତୁ ଲକ୍ଷ୍ୟ କରିବାର କଥା ଯେ ଆଜି ନୂଆ ପିଢ଼ିର ପାଠକ ସଂକ୍ଷିପ୍ତ ସାହିତ୍ୟକୁ ପସନ୍ଦ କରିବାର ଅର୍ଥ ନୁହେଁ ଯେ ସାହିତ୍ୟର ମାନରେ ସେ କୌଣସି ସାଲିସ୍ ଚାହେ। ଏଣୁ ଦିନ ଆସିବ, ଆମ ଭାଷାରେ ପୃଥୁଳକାୟ ବହି ଅପେକ୍ଷା ଉଚ୍ଚମାନ ସମ୍ପନ୍ନ ଚଟିବହିଗୁଡ଼ିକ ଅଧିକ ଆଦୃତ ହେବ। ଏହି ସ୍ରୋତକୁ ଆମେ ଅଟକାଇ ପାରିବା ନାହିଁ।

***ନିହାର ଶତପଥୀ***

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ ।*

---

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ । ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ । ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି ।

**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି ବିଭିନ୍ନ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ ଜରିଆରେ ମଧ୍ୟ ଏହି ଦେୟ ପଠାଯାଇପାରେ, କିମ୍ବା ଆମର ଫୋନ୍-ପେ ନମ୍ବର 9368772506 କୁ ମଧ୍ୟ ସିଧାସଳଖ ଭାବରେ ଏହା ପଠାଇପାରନ୍ତି । ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ ।

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭, ମୋବାଇଲ : ୯୩୬୮୭୭୨୫୦୬


ପ୍ରବନ୍ଧ

# କବିତାର ପରିଭାଷା : ଅନନ୍ତ ଅନ୍ୱେଷା



ଡ. ଶରତ କୁମାର ଜେନା

କବିତାର କଥା ଏତେ ବ୍ୟାପକ ଓ ରହସ୍ୟମୟ ଯେ ଆଜି ପର୍ଯ୍ୟନ୍ତ କେହି ସେ ରହସ୍ୟକୁ ଭେଦ କରିପାରି ନାହାନ୍ତି। ଏପରିକି ପୃଥିବୀର ବହୁ ବିଶିଷ୍ଟ ବିଦ୍ୱାନ, ଦାର୍ଶନିକ ଓ ଆଲୋଚକ କବିତା ସମ୍ପର୍କରେ ଏକ ସାର୍ବଜନୀନ ପରିଭାଷା ବି ଦେଇପାରି ନାହାନ୍ତି। ସେମାନେ ଯେଉଁ ସବୁ ପରିଭାଷା ଦେଇଛନ୍ତି, ସେସବୁ ଆପେକ୍ଷିକ। ସମସ୍ତଙ୍କ ପାଖରେ ସତେ ଯେମିତି କବିତା ଦେଖାଦେଇଛି ଏକ ଅନନ୍ତ ରହସ୍ୟମୟ ସତ୍ତା ଭାବରେ। ସମସ୍ତେ ନିଜ ନିଜ ଦୃଷ୍ଟିକୋଣରୁ ସେ ସତ୍ତାକୁ ଉପଲବ୍ଧି କରିଛନ୍ତି ଓ ତା'ର ସଂଜ୍ଞା ଦେବାକୁ ସ୍ଥିର କରିଛନ୍ତି। ପ୍ରସିଦ୍ଧ ପାଶ୍ଚାତ୍ୟ ଦାର୍ଶନିକ ସକ୍ରେଟିସ୍ କବିତାର ବ୍ୟାଖ୍ୟା କରିବାକୁ ଯାଇ କହିଥିଲେ ଯେ, କବିତା ହେଉଛି ଦୈବୀ ପ୍ରେରଣା ନିମନ୍ତେ ପ୍ରେରିତବାର୍ତ୍ତାର କାବ୍ୟରୂପ। ତାଙ୍କ ବିଚାର ଅନୁସାରେ ଯେତେବେଳେ ଈଶ୍ୱର ଲୋକମାନଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ଚାହାନ୍ତି, ସେତେବେଳେ ସେ କବିଙ୍କ ବାଣୀ ମାଧ୍ୟମରେ ନିଜର ଶବ୍ଦକୁ ବ୍ୟକ୍ତ କରନ୍ତି। କବିଙ୍କ ଲେଖନୀ ନିଃସୃତବାଣୀ ହେଉଛି ଦୈବୀବାଣୀ। ଏଥିରୁ କୁହାଯାଇପାରେ ଯେ, ସକ୍ରେଟିସ୍‌ଙ୍କ ଏହି ବ୍ୟାଖ୍ୟାରେ କବିତା ଓ କବିଙ୍କ ମହତ୍ତ୍ୱ ବୃଦ୍ଧି ପାଇଛି କିନ୍ତୁ ଏଥିରେ କବିତାର ବାସ୍ତବରୂପ ସମ୍ପର୍କରେ ବୁଝାପଡ଼େ ନାହିଁ। ଯେ କୌଣସି କବି ଯାହା କିଛି କବିତା ଲେଖିଦେଲେ ବା ତାଙ୍କ ମୁଖ ନିଃସୃତବାଣୀ ଯେକୌଣସି ଦିବ୍ୟବାର୍ତ୍ତା ପ୍ରଚାର କରିଦେଲେ ତାହା ଦୈବୀବାଣୀ ହୋଇପାରିବ କି ?—ଏ କଥା ମନରେ ଏକ ପ୍ରଶ୍ନବାଚୀ ସୃଷ୍ଟିକରେ।




### କବିତା ପ୍ରତି ହେୟ ଦୃଷ୍ଟି

ସକ୍ରେଟିସ୍‌ଙ୍କ ଶିଷ୍ୟ ପ୍ଲାଟୋ କବିତାକୁ ଅତ୍ୟନ୍ତ ହେୟ ଓ ଘୃଣାପୂର୍ଣ୍ଣ ଦୃଷ୍ଟିକୋଣରେ ଦେଖୁଥିଲେ। ତାଙ୍କ ଧାରଣାର ମୂଳାଧାର ହେଉଛି ଅନୁକୃତି ସିଦ୍ଧାନ୍ତ। ତାଙ୍କ ମତରେ — ଏସବୁ ସ୍ଥୂଳ ଜଗତ କୌଣସି ଅଲୌକିକ ସୂକ୍ଷ୍ମ ଜଗତର ପ୍ରତିଛାୟା ମାତ୍ର। ଏଣୁ ଏସବୁ ମିଛ, ଯେତେବେଳେ କବିମାନେ ନିଜ କବିତାରେ ଏହି ମିଥ୍ୟା ଜଗତର ମିଥ୍ୟା ପଦାର୍ଥକୁ ମଧ୍ୟ ମିଥ୍ୟା ଅନୁକରଣ କରିଥାନ୍ତି। ଏଣୁ କବିତାରେ ମିଥ୍ୟାର ମାତ୍ରା ଦୁଇଗୁଣ ବଢ଼ିଯାଇଥାଏ। ଦ୍ୱିତୀୟତଃ, କବି ବା ସାହିତ୍ୟିକ ଆମର ଜ୍ଞାନର ଅଭିବୃଦ୍ଧି ନ କରି ଆମର ବାସନା, ଇଚ୍ଛା ଓ ଭାବନାକୁ ଆନ୍ଦୋଳିତ କରିଥାନ୍ତି। ଯାହା ଦ୍ୱାରା ଆମର ବୈଷୟିକ, ପାରିବାରିକ, ସାମାଜିକ ଏବଂ ଜାତୀୟ ଜୀବନରେ ଦୁର୍ବଳତା ଏବଂ ଅନିୟମିତତା ଦେଖାଦେଇଥାଏ। ଏହିଭଳି ଆକ୍ଷେପ କରି ପ୍ଲାଟୋ କବିତାକୁ ବହିଷ୍କାର କରିବା ନିମନ୍ତେ ନିଜ ଦେଶବାସୀଙ୍କୁ ପରାମର୍ଶ ଦେଇଥିଲେ। ତାଙ୍କ ମତରେ - "ଅର୍ଥାତ୍ କବିତାର ମୂଳପ୍ରକୃତିକୁ ଧ୍ୟାନରେ ରଖି ତାକୁ ରାଜ୍ୟରୁ ବର୍ଜନ କରିବାକୁ ହେବ। ଯଦି କେହି ମୋ ଉପରେ ନିର୍ଦ୍ଦୟତା ଓ ଅନ୍ୟାୟର ଆରୋପ ଲଗାଏ, ମୁଁ ତାଙ୍କୁ କହିବି ଯେ, ଆମର ଏହି ସୁବ୍ୟବସ୍ଥିତ ରାଜ୍ୟରେ ତାକୁ ସେତେବେଳେ ସ୍ଥାନ ମିଳିପାରିବ, ଯେତେବେଳେ ସେ ନିଜେ ନିଜକୁ ନିର୍ଦ୍ଦୋଷ ଏବଂ ଉପଯୋଗୀ ସାବ୍ୟସ୍ତ କରିପାରିବ।" ବସ୍ତୁତଃ ମନେହୁଏ ପ୍ଲାଟୋ କବିତାର କେବଳ ଅସୁନ୍ଦର ପକ୍ଷକୁ ନିଜସ୍ୱ ଦୃଷ୍ଟିକୋଣରୁ

ଦେଖିଥିଲେ।

ବିଶିଷ୍ଟ ଦାର୍ଶନିକ ଆରିଷ୍ଟଟଲ୍ ବାସ୍ତବବାଦୀ ଶୈଳୀରେ କବିତାର ବିଚାର କରି ସକ୍ରେଟିସ୍‌ଙ୍କ ଦିବ୍ୟପ୍ରେରଣା କଥାକୁ ଖଣ୍ଡନ କରିଥିଲେ ଏବଂ ପ୍ଲାଟୋଙ୍କ ଆକ୍ଷେପକୁ ମଧ୍ୟ ନିରାକରଣ କରିଥିଲେ। କାବ୍ୟର ପ୍ରେରଣା ନିମନ୍ତେ ସେ ଦୁଇଟି କାରଣ ଦର୍ଶାଇଥିଲେ। "ପ୍ରଥମତଃ ମଣିଷର ସ୍ୱଭାବରୁ ହିଁ ଅନୁକରଣ ପ୍ରବୃତ୍ତି ବିଦ୍ୟମାନ ହୋଇଥାଏ ଏବଂ ଦ୍ୱିତୀୟତଃ ଅନୁକରଣାତ୍ମକ ରଚନାଗୁଡ଼ିକରେ ଆମକୁ ଆନନ୍ଦ ଉପଲବ୍ଧି ହୋଇଥାଏ।"

ପ୍ଲାଟୋଙ୍କ ଭଳି ଆରିଷ୍ଟଟଲ ମଧ୍ୟ କବିତାର ମୂଳଧନ ଅନୁକରଣ ବୋଲି ମାନିଥିଲେ। କିନ୍ତୁ ଏହାକୁ ସେ ଦୋଷ ବୋଲି ନ କହି ଗୁଣ ଭାବେ ବିଚାର କରିଥିଲେ। ଯଦିଓ ଏହା ଶୋକପୂର୍ଣ୍ଣ ହୋଇଥାଏ, ତଥାପି ତା'ର କଳାଗତ ରୂପରେ ଆମକୁ ଆନନ୍ଦ ମିଳିଥାଏ। ପୁଣି ପ୍ରଶ୍ନ ଆସେ, କବିତାରୁ କାହିଁକି ଆନନ୍ଦ ମିଳିଥାଏ? ଆରିଷ୍ଟଟଲଙ୍କ କଥାରେ କହିଲେ ହେବ ଯେ, କୌଣସି ନୂଆ କଥା ଶିଖିବା, କୌଣସି ନୂଆ ବସ୍ତୁକୁ ବୁଝିବା ସବୁଠାରୁ ବଡ଼ ପ୍ରସନ୍ନତା ହୋଇଥାଏ। କବିତାର ପରିଭାଷା ଦେଇ ସେ କହିଥିଲେ 'କବିତା ହେଉଛି ଛନ୍ଦୋବଦ୍ଧ ଅନୁକୃତି।'

> **ପ୍ଲାଟୋଙ୍କ ଭଳି ଆରିଷ୍ଟଟଲ୍ ମଧ୍ୟ କବିତାର ମୂଳଧନ ଅନୁକରଣ ବୋଲି ମାନିଥିଲେ। କିନ୍ତୁ ଏହାକୁ ସେ ଦୋଷ ପରିବେର୍ତ୍ତ ଗୁଣ ବୋଲି କହିଥିଲେ।**

ଯଦିଓ ଆରିଷ୍ଟଟଲ ନିଜର ପୂର୍ବବର୍ତ୍ତୀ ଆଚାର୍ଯ୍ୟମାନଙ୍କ ବିଚାର ପରମ୍ପରାକୁ ଆଗକୁ ବଢ଼ାଇଥିଲେ, କିନ୍ତୁ କବିତା ସମ୍ପର୍କରେ ସେ ଦେଇଥିବା ମନ୍ତବ୍ୟ ଭ୍ରାନ୍ତିଶୂନ୍ୟ ନୁହେଁ। ପ୍ରଥମତଃ କବିତାକୁ ଅନୁକୃତି ବୋଲି ମାନିବା ସବୁଠାରୁ ବଡ଼ ଭ୍ରାନ୍ତି ମନେହୁଏ। ଅନୁକୃତି ସ୍ଥୂଳ ପଦାର୍ଥରେ, ପ୍ରତ୍ୟକ୍ଷ କ୍ରିୟାପ୍ରକ୍ରିୟାରେ ଓ ବାସ୍ତବିକ ତଥ୍ୟକୁ ନେଇ କରାଯାଇପାରେ, କବିତାରେ କିନ୍ତୁ ସୂକ୍ଷ୍ମ ଭାବନା ଓ କାଳ୍ପନିକ ଘଟଣାର ଚିତ୍ରଣ ହୋଇଥାଏ। ଦ୍ୱିତୀୟତଃ କାବ୍ୟସୃଷ୍ଟ ଆନନ୍ଦକୁ ବସ୍ତୁ ଓ ତଥ୍ୟ ଜଗତର ଜ୍ଞାନସୃଷ୍ଟ ଆନନ୍ଦ ବୋଲି କହିବା ବି ଭ୍ରମାତ୍ମକ। ଲକ୍ଷ୍ୟ କଲେ ଜଣାଯାଏ, ଆରିଷ୍ଟଟଲଙ୍କ ଦୃଷ୍ଟି କବିତାର ପ୍ରମୁଖ ତତ୍ତ୍ୱ ଭାବ ଆଡ଼କୁ ନ ଯାଇ କବିତାର ସ୍ଥୂଳ ଅବୟବ ଓ ଏହାର ବାହ୍ୟ ରୂପ ଭିତରେ ସୀମିତ ରହିଯାଇଛି। ଏଣୁ ତାଙ୍କର ବିବେଚନାକୁ ଆଧାର କରି କବିତାର ପ୍ରକୃତ ସ୍ୱରୂପକୁ ଜାଣିବା ସମ୍ଭବ ହୋଇ ନ ପାରେ।

**ଭାରତୀୟ ଦୃଷ୍ଟିକୋଣ**

କବିତା କ'ଣ? ଏହି ପ୍ରଶ୍ନକୁ ଭାରତୀୟ ଆଚାର୍ଯ୍ୟମାନେ ଅଲଗା ଭାବରେ ବିଚାର କରିଥିଲେ। ତାହା ହେଉଛି — କାବ୍ୟର ଆତ୍ମା କ'ଣ? ସମ୍ଭବତଃ ଶାବ୍ଦିକ ଦୃଷ୍ଟିକୋଣରୁ ଦୁଇଟି ପ୍ରଶ୍ନ ପରସ୍ପର ଭିନ୍ନପ୍ରତୀତ ହୋଇଥାଏ, କିନ୍ତୁ ଅର୍ଥ ଓ ଲକ୍ଷ୍ୟ ଦୃଷ୍ଟିରୁ ଦୁଇଟି ଭିତରେ ଗଭୀର ସମାନତା ରହିଛି। ପ୍ରଥମ ପ୍ରଶ୍ନରେ କବିତାର ସମଗ୍ର ରୂପ ସମ୍ବନ୍ଧରେ ପ୍ରଶ୍ନ କରାଯିବା ବେଳେ ଦ୍ୱିତୀୟ ପ୍ରଶ୍ନରେ ତା'ର ସର୍ବପ୍ରମୁଖ ତତ୍ତ୍ୱ ଉପରେ କୁହାଯାଇଛି। ଏଣୁ ଦ୍ୱିତୀୟ ପ୍ରଶ୍ନ ପ୍ରଥମ ପ୍ରଶ୍ନର ପରିପୂରକ ହୋଇଥାଏ। ଯେତେବେଳେ ଆମେ କାବ୍ୟର ଆତ୍ମା ସମ୍ପର୍କରେ ଜାଣିବା, ସେତେବେଳେ ଆମକୁ କାବ୍ୟର ସ୍ୱରୂପକୁ ନିର୍ଣ୍ଣୟ କରିବା କଷ୍ଟକର ହେବ ନାହିଁ।


କାବ୍ୟର ଆତ୍ମା ସମ୍ପର୍କରେ ଆମର ପ୍ରାଚୀନ କାଳର ଯେଉଁ ଛଅଟି ପ୍ରବାଦ ପ୍ରଚଳିତ ସେଗୁଡ଼ିକ ହେଉଛି — ରସ, ରୀତି, ଅଳଙ୍କାର, ବକ୍ରୋକ୍ତି, ଧ୍ୱନି ଓ ଔଚିତ୍ୟ ସମ୍ପ୍ରଦାୟ। ରସ ସମ୍ପ୍ରଦାୟର ପ୍ରବର୍ତ୍ତକ ଆଚାର୍ଯ୍ୟ ଭରତମୁନି ଯଦିଓ କାବ୍ୟର ଆତ୍ମା ସମ୍ବନ୍ଧୀୟ ବାଦବିବାଦରେ ପ୍ରତ୍ୟକ୍ଷ ରୂପରେ ଭାଗ ନେଇନଥିଲେ, ସେ କହିଥିଲେ ଯେ, କାବ୍ୟର ଉଦ୍ଦେଶ୍ୟ ପାଠକକୁ ରସାନୁଭୂତି ପ୍ରଦାନ କରିବା। କାବ୍ୟର ଏହି ଶକ୍ତି, ଯେଉଁଥିରେ ରସନିଷ୍ପତ୍ତି ହୋଇଥାଏ, ଏହା କାବ୍ୟର ଆତ୍ମା ଅଟେ। କାବ୍ୟରେ ଏହି ଶକ୍ତି ଭାବନାର ଚିତ୍ର ପ୍ରଦାନ ଦ୍ୱାରା ଉତ୍ପନ୍ନ ହୋଇଥାଏ। ଏଣୁ ରସ-ସିଦ୍ଧାନ୍ତ ଅନୁଯାୟୀ ସେ ଭାବ, ଭାବନା ଓ ତା' ସମ୍ବନ୍ଧିତ ବିଭିନ୍ନ ବିଭାବ, ଅନୁଭାବ ଆଦି କାବ୍ୟର ପ୍ରାଚୀନ ପ୍ରାଣ ବୋଲି ମାନିଥିଲେ। ସଂକ୍ଷେପରେ କହିଲେ, ରସସମ୍ପ୍ରଦାୟ ଅନୁସାରେ କାବ୍ୟର ଆତ୍ମା ତା'ର ଭାବଉତ୍ପାଦିନୀ ଶକ୍ତି।

ଅଳଙ୍କାର ସମ୍ପ୍ରଦାୟ ଅନୁସାରେ କାବ୍ୟର ଆତ୍ମା ହେଉଛି ତା'ର ସୌନ୍ଦର୍ଯ୍ୟ। ଏହାର ପ୍ରବର୍ତ୍ତକ ଭାମହ, ଦଣ୍ଡୀ ଓ ରୁଦ୍ରଟଙ୍କ ବିଚାର ଅନୁସାରେ କାବ୍ୟରେ ଅଳଙ୍କାର ମାଧ୍ୟମରେ ହିଁ ସୌନ୍ଦର୍ଯ୍ୟ ସୃଷ୍ଟି ହୋଇଥାଏ। ତେଣୁ ସେମାନେ ଅଳଙ୍କାରକୁ ହିଁ କାବ୍ୟର ସର୍ବପ୍ରମୁଖ ତତ୍ତ୍ୱ ବୋଲି କହିଛନ୍ତି। ସେମାନେ ଅଳଙ୍କାରକୁ ବ୍ୟାପକ ଅର୍ଥରେ ଗ୍ରହଣ କରିଥିଲେ ମଧ୍ୟ ସେଥିରେ

କାବ୍ୟର ମୂଳରୂପ କ'ଣ, ସେ ସମ୍ପର୍କରେ ସ୍ପଷ୍ଟ ଅବବୋଧ ହୁଏ ନାହିଁ। ରସର ସମ୍ବନ୍ଧ କାବ୍ୟର ମୂଳ ବିଷୟବସ୍ତୁରୁ ମିଳିଥିଲା ବେଳେ ଅଳଙ୍କାର କେବଳ କାବ୍ୟର କଥନ ପ୍ରବାହ ସହିତ ସମ୍ବନ୍ଧ ରଖିଥାଏ। ରସ ମାଧ୍ୟମରେ ପାଠକ ଆନନ୍ଦ ଉପଲବ୍ଧି କରିଥିଲା ବେଳେ ଅଳଙ୍କାର କାବ୍ୟର ମୂଳ ଆତ୍ମା ନ ହୋଇ ଏହାର ବାହ୍ୟ ଉପକରଣ ମାତ୍ର ହୋଇଥାଏ।

**ବାମନଙ୍କ ମତ**

ରୀତି ସମ୍ପ୍ରଦାୟର ପ୍ରବର୍ତ୍ତକ ବାମନଙ୍କ ମତରେ — 'ବିଶିଷ୍ଟ ପଦସଂରଚନା ବା ରୀତି ହେଉଛି କାବ୍ୟର ଆତ୍ମା।' ସେ କାବ୍ୟ ରଚନାର ବିଭିନ୍ନ ଶୈଳୀକୁ କାବ୍ୟର ମୁଖ୍ୟ ତତ୍ତ୍ୱ ବୋଲି ଘୋଷିତ କରିଥିଲେ। ଏହିଭଳି ବକ୍ରୋକ୍ତି ସମ୍ପ୍ରଦାୟର ପ୍ରବର୍ତ୍ତକ ଆଚାର୍ଯ୍ୟ କୁନ୍ତକ ବକ୍ରତା ଶୈଳୀକୁ କାବ୍ୟର ଆତ୍ମା ବୋଲି କହିଥିଲେ। ଧ୍ୱନ୍ୟାଲୋକର ରଚୟିତା ଆନନ୍ଦବର୍ଦ୍ଧନ କାବ୍ୟର ମହତ୍ତ୍ୱ ତା'ର ବ୍ୟଞ୍ଜନାଶକ୍ତିର ବୈଭବକୁ ପ୍ରଦାନ କରିଥିଲେ। ବସ୍ତୁତଃ ଅଳଙ୍କାର, ରୀତି, ବକ୍ରୋକ୍ତି ଓ ଧ୍ୱନି ଏହି ଚାରୋଟି ସମ୍ପ୍ରଦାୟ କାବ୍ୟର ଆତ୍ମା ଅପେକ୍ଷା ଏହାର ଅନ୍ୟ ଅଙ୍ଗର ବ୍ୟାଖ୍ୟା ଅଧିକ କରିଛନ୍ତି। ରସକୁ ଯଦି କାବ୍ୟର ଆତ୍ମା କିମ୍ବା ପ୍ରାଣ ବୋଲି ଧରି ନିଆଯାଏ, ତେବେ ଏ ଚାରୋଟି ତାଙ୍କ ଶରୀରର ବିଭିନ୍ନ ଅଙ୍ଗର ତତ୍ତ୍ୱ ଭାବେ ଗ୍ରହଣ କରାଯାଇପାରେ। ଔଚିତ୍ୟ ସମ୍ପ୍ରଦାୟର ପ୍ରବର୍ତ୍ତକ କ୍ଷେମେନ୍ଦ୍ର ଏସବୁର ଉଚିତ ପ୍ରୟୋଗକୁ କାବ୍ୟର ଆତ୍ମା ବୋଲି ମାନିଥିଲେ। ଅତଏବ କାବ୍ୟର ଆତ୍ମା ବା ଏହାର ସର୍ବପ୍ରଥମ ତତ୍ତ୍ୱ ରସ ଯାହା ଭାବୋତ୍ପ୍ଳାବିନୀ ଶକ୍ତି ବା ଭାବ ତତ୍ତ୍ୱ ଅଟେ।




ସାଧାରଣତଃ କାବ୍ୟର ତିନୋଟି ରୂପ ରହିଥାଏ। ଯଥା – ଗଦ୍ୟବନ୍ଧ ରୂପ, ପଦ୍ୟବନ୍ଧ ରୂପ ଏବଂ ଗଦ୍ୟପଦ୍ୟ ମିଶ୍ରିତ ବା ଚମ୍ପୂ। କବିତା ହେଉଛି ପଦ୍ୟବନ୍ଧ ରୂପ, ଯାହାର ଅନେକ ପ୍ରାରୂପ ରହିଛି। ଯଥା-ପ୍ରବନ୍ଧ, ମୁକ୍ତକ ଏବଂ ଗୀତିକାବ୍ୟ। ପ୍ରବନ୍ଧ କାବ୍ୟରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦୀର୍ଘ କଥା ରହିଥିବା ବେଳେ ମୁକ୍ତକ କାବ୍ୟର ଛନ୍ଦ ଗୋଟିଏ ଅନ୍ୟଠାରୁ ଅଲଗା ହୋଇଥାଏ। ଗୀତିକାବ୍ୟରେ ସାଙ୍ଗୀତିକତାର ସମାବେଶ ହୋଇଥାଏ। ରୂପ ଓ ଆକାର ଦୃଷ୍ଟିରୁ ପ୍ରବନ୍ଧ, ମୁକ୍ତକ ଏବଂ ଗୀତିକବିତାରେ ପରସ୍ପର ପ୍ରଭେଦ ରହିଥିଲେ ମଧ୍ୟ ଏସବୁ ପଦ୍ୟବନ୍ଧ। ଅତଏବ ରସ ଯଦି କବିତାର ଆତ୍ମା ହୁଏ, ତେବେ ପଦବନ୍ଧତା ବା ଛନ୍ଦୋବନ୍ଧତା ଏହାର ଶରୀର ହୋଇଥାଏ। ଧ୍ୱନି ଏହାର ରୂପରଙ୍ଗ, ଅଳଙ୍କାର ଆଭୂଷଣ, ବକ୍ରୋକ୍ତି ଏହାର ବଚନଗତ ମାଧୁର୍ଯ୍ୟ ଓ ରୀତି ଏହାର ବ୍ୟବହାରର କମନୀୟତା ହୋଇଥାଏ।

**କବିତାର ବିଭିନ୍ନ ଲକ୍ଷଣ**

କବିତାର ଏହି ସମଗ୍ର ରୂପକୁ ବିଭିନ୍ନ ବିଦ୍ୱାନ ବିଭିନ୍ନ ପରିଭାଷା ପ୍ରଦାନ କରିଛନ୍ତି। 'କାବ୍ୟପ୍ରକାଶ'ର ରଚୟିତା ମମ୍ମଟଙ୍କ ମତାନୁସାରେ — ଅଳଙ୍କାର ଥାଉ ବା ନ ଥାଉ, ଦୋଷରହିତ, ଗୁଣରହିତ ଶବ୍ଦାର୍ଥମୟ ରଚନା ହିଁ କାବ୍ୟ। ଆଚାର୍ଯ୍ୟ ବିଶ୍ୱନାଥଙ୍କ ବିଚାର ଅନୁସାରେ — ରସାତ୍ମକ କାବ୍ୟ ହିଁ କାବ୍ୟ। ପଣ୍ଡିତରାଜ ଜଗନ୍ନାଥ କହିଛନ୍ତି ଯେ - 'ରମଣୀୟାର୍ଥ ପ୍ରତିପାଦକ ଶବ୍ଦଃ କାବ୍ୟମ୍'। ଅର୍ଥାତ୍ ରମଣୀୟ ଅର୍ଥ ପ୍ରତିପାଦନ କରୁଥିବା ଶବ୍ଦକୁ କାବ୍ୟ କୁହାଯାଏ।

ଅନେକ ପାଶ୍ଚାତ୍ୟ ବିଦ୍ୱାନ ବିଶୁଦ୍ଧ କବିତାର ଲକ୍ଷଣକୁ ଧ୍ୟାନ ଦେଇ ତା'ର ପରିଭାଷା ନିର୍ଣ୍ଣୟ କରିଛନ୍ତି। ଏଣୁ ଏ ସମ୍ପର୍କରେ ବି ବିଚାର କରିବା ଆବଶ୍ୟକ। ମାଥ୍ୟୁ ଆର୍ନୋଲ୍ଡ୍‌ଙ୍କ ମତରେ, କବିତା ହେଉଛି ଜୀବନର ବ୍ୟାଖ୍ୟା। କିନ୍ତୁ ଏହି ଲକ୍ଷଣ ତ ଦର୍ଶନ ଶାସ୍ତ୍ର, ନୀତି ଶାସ୍ତ୍ର, ଇତିହାସ ଓ ଆତ୍ମକଥାରେ ବି ମିଳିଥାଏ। ଏହାକୁ କବିତାର ଲକ୍ଷଣ ବୋଲି କହିବା ଯୁକ୍ତିଯୁକ୍ତ ମନେହୁଏ ନାହିଁ। ମହାକବି ୱାର୍ଡସ୍‌ୱାର୍ଥ କହିଥିଲେ- "କବିତା ହେଉଛି ଶକ୍ତିପୂର୍ଣ୍ଣ ଭାବର ଅଧିପ୍ରବାହ, କିନ୍ତୁ ଏହା ଆବେଗର ତ୍ୱରିତ ପରିପ୍ରକାଶ ନୁହଁ; ବରଂ ପରବର୍ତ୍ତୀ ଏକ ଉପଯୁକ୍ତ ସମୟରେ ସେହି ଆବେଗକୁ ସ୍ମରଣରେ ଜାଗରିତ କରି ତାହାର ପରିପ୍ରକାଶ କରିବା।" ଏହି କଥାରୁ ଜଣାଯାଏ ଯେ ସେ କବିତାର ଉତ୍ପତ୍ତି ଓ ଏହାର ମୂଳତତ୍ତ୍ୱ 'ଭାବ' ଉପରେ

ଗୁରୁତ୍ୱ ଦେଇଥିଲେ। କିନ୍ତୁ ଏଥିରେ କବିତାର ଅନ୍ୟ ଲକ୍ଷଣ ସମ୍ପର୍କରେ ଜଣାଯାଏ ନାହିଁ। ଏହି ଯୁଗର ଅନ୍ୟ ମହାକବି କଲ୍‌ରିଜ୍ କବିତାକୁ କହିଲେ ଯେ, 'ପୋଏଟ୍ରି, ଦି ବେଷ୍ଟ ୱାର୍ଡସ୍ ଇନ୍ ଦି ବେଷ୍ଟ ଅର୍ଡର'। ଅର୍ଥାତ୍ କବିତା ହେଉଛି ସମୁଚିତ ଶବ୍ଦାବଳୀର ଉତ୍ତମ କ୍ରମବିଧାନ। କାର୍ଲାଇଲ କବିତାକୁ ସଙ୍ଗୀତମୟ ବିଚାର ଭାବେ ଘୋଷିତ କରି କହିଥିଲେ – 'ପୋଏଟ୍ରି, ୱି ୱିଲ୍ କଲ୍ ମ୍ୟୁଜିକାଲ୍ ଥଟ୍।' ତେବେ ଏଥିରେ ସେ କବିତାର ଭାବପକ୍ଷକୁ ଉପେକ୍ଷା କରିଥିଲେ। ଡ.ଜନସନ୍‌ଙ୍କ ମତରେ, 'କବିତା ହେଉଛି ସତ୍ୟ ଓ ଆନନ୍ଦର ସମ୍ମିଳିତ କଳା ଯୋଉଠି ବୁଦ୍ଧିର ସହାୟତା ନିମନ୍ତେ କଳ୍ପନାର ପ୍ରୟୋଗ କରାଯାଇଥାଏ।' ବସ୍ତୁତଃ ଏହି ଲକ୍ଷଣଗୁଡ଼ିକ ସାହିତ୍ୟର ପ୍ରତ୍ୟେକ ରଚନାରେ କୌଣସି ନା କୌଣସି ମାତ୍ରାରେ ଉପଲବ୍ଧ ହୋଇଥାଏ। ଏଣୁ ଏଥିରୁ ବିଶୁଦ୍ଧ କବିତାର ପରିଭାଷା କୁହାଯିବ ନାହିଁ। ହଡସନ୍ କବିତାର ପରିଭାଷା କହିଲେ – 'କଳ୍ପନା ଓ ଭାବନାଦ୍ୱାରା ଜୀବନର ବ୍ୟାଖ୍ୟା କରିବା ହେଉଛି କବିତା।' (ପୋଏଟ୍ରି ଇଜ୍ ଇଣ୍ଟରପ୍ରିଟେସନ୍ ଅଫ୍ ଲାଇଫ୍ ଥ୍ରୁ ଇମାଜିନେସନ ଆଣ୍ଡ ଇମୋସନ)। ଏହି ପରିଭାଷା କବିତାର ଭାବପକ୍ଷକୁ ହିଁ ବୁଝାଇଥାଏ କିନ୍ତୁ ଶୈଳୀ ପକ୍ଷର ଚର୍ଚ୍ଚା ଏଥିରୁ ବୁଝାପଡ଼େ ନାହିଁ।

ମୋ ଦୃଷ୍ଟିରେ ସବୁ ପରିଭାଷା ମହତ୍ତ୍ୱପୂର୍ଣ୍ଣ ଅଟେ। କିନ୍ତୁ କବିତାର ମହତ୍ତ୍ୱପୂର୍ଣ୍ଣ ଲକ୍ଷଣର ପରିଚୟ ଏଥିରୁ କେଉଁଥିରେ ମଧ୍ୟ ମିଳି ନ ଥାଏ। କେଉଁଥିରେ ଭାବପକ୍ଷ ଗୌଣ ତ ଆଉ କେଉଁଥିରେ କଳାପକ୍ଷ। ହିନ୍ଦୀ ସମାଲୋଚକ ଡ.ସୂର୍ଯ୍ୟକାନ୍ତ କବିତାର ଦୁଇଟି ଲକ୍ଷଣ ନିର୍ଦ୍ଧାରିତ କରି କହିଛନ୍ତି ଯେ – ଭାବକୁ ତରଙ୍ଗାୟିତ କରିବାର ଶକ୍ତି ଓ ପଦ୍ୟବଦ୍ଧତା। ତେବେ ଆଜିର ଯୁଗର କବିତା ଗଦ୍ୟାତ୍ମକ ହେବାକୁ ଲାଗିଛି ଓ ଏହା ସହିତ ନିଜେ ପ୍ରଭାବଶୂନ୍ୟ ବି ହୋଇଆସୁଛି। ତଥାପି ଏହାର ପଦ୍ୟ, ଛନ୍ଦ ବା ଲୟରେ କୌଣସି ନା କୌଣସି ବନ୍ଧନ ଥାଏ, ଏହା ସ୍ୱୀକାର କରିବାକୁ ପଡ଼ିଥାଏ। ତେଣୁ ଏହି ଦୁଇଟି ପ୍ରମୁଖ ଲକ୍ଷଣକୁ ଧ୍ୟାନରେ ରଖି କୁହାଯାଇପାରେ ଯେ, କବିତା ପଦ୍ୟ–ଛନ୍ଦ ବା ଲୟରେ ବାନ୍ଧି ହୋଇଥିବା ଏମିତି ଶବ୍ଦନିଧି, ଯାହା ଆମ ଭାବନାକୁ ତରଙ୍ଗାୟିତ କରି ଆମକୁ ରସାନୁଭୂତି ପ୍ରଦାନ କରିଥାଏ।

**କବିତାର ଦୁଇଟି ନିର୍ଦ୍ଧାରିତ ଲକ୍ଷଣ ହେଲା ଯେ – ଭାବକୁ ତରଙ୍ଗାୟିତ କରିବାର ଶକ୍ତି ଓ ପଦ୍ୟବଦ୍ଧତା।**


## କବିତାର ତତ୍ତ୍ୱ

ସାଧାରଣତଃ କବିତାରେ ଚାରୋଟି ତତ୍ତ୍ୱ ନିହିତ ଥାଏ। ଭାବ, କଳ୍ପନା, ବୁଦ୍ଧି ଓ ଶୈଳୀ। ଲକ୍ଷ୍ୟ କଲେ ଜଣାଯାଏ, କବିତାର ମୁଖ୍ୟତଃ ତିନୋଟି ରୂପ ପ୍ରଚଳିତ। ଯଥା – ପ୍ରବନ୍ଧକାବ୍ୟ, ମୁକ୍ତକ ଓ ଗୀତିକାବ୍ୟ। ତାତ୍ତ୍ୱିକ ଦୃଷ୍ଟିରୁ ଏହି ତିନୋଟି ରୂପରେ ପରସ୍ପର ଗଭୀର ପ୍ରଭେଦ ଥାଏ। ପ୍ରବନ୍ଧକାବ୍ୟ ଓ ମୁକ୍ତକରେ ଗୀତିକାବ୍ୟ ଅପେକ୍ଷା କଥାବସ୍ତୁ, ଚରିତ୍ର ଚିତ୍ରଣ, ବିଭିନ୍ନ ଦୃଶ୍ୟର ବିସ୍ତୃତ ବର୍ଣ୍ଣନା, ବିଭିନ୍ନ ସମସ୍ୟା, ବିଚାରଧାରା ଓ ଜୀବନଦର୍ଶନର ବ୍ୟଞ୍ଜନା ଅଧିକ ଦେଖିବାକୁ ମିଳିଥାଏ। ମୁକ୍ତକ କାବ୍ୟରେ ବିବିଧତା ସ୍ଥାନରେ ଏକରୂପତା ଦେଖା ଦେଇଥାଏ। କୌଣସି ଗୋଟିଏ ପ୍ରସଙ୍ଗ, ଗୋଟିଏ ଦୃଶ୍ୟ ବା ଗୋଟିଏ ଭାବନାକୁ ମୁଖ୍ୟତଃ ଚିତ୍ରିତ କରାଯାଇଥାଏ। ମୁକ୍ତକାରଙ୍କ ଶୈଳୀରେ ସଂକ୍ଷିପ୍ତତା ଏବଂ ବ୍ୟଞ୍ଜନା ଉପେକ୍ଷିତ ହୋଇଥାଏ। ଏହା ବ୍ୟତୀତ ଗୀତିକାବ୍ୟରେ ଭାବାତ୍ମକତା, ସାଙ୍ଗୀତିକତା, ବୈୟକ୍ତିକତା, ସଂକ୍ଷିପ୍ତତା ଓ କୋମଳତା– ଏହି ପାଞ୍ଚଟି ଲକ୍ଷଣକୁ ସ୍ୱୀକାର କରାଯାଏ । ବସ୍ତୁତଃ ପ୍ରବନ୍ଧକାବ୍ୟ ନିଜର ଇତିବୃତ୍ତାତ୍ମକତା ଓ ବିଚାରତ୍ମକତା କାରଣରୁ ଗଦ୍ୟକାବ୍ୟର ଅଧିକ ନିକଟତର ହେଲାବେଳେ ଗୀତି କବିତାରେ ହିଁ କବିତାର ପ୍ରକୃତ ସ୍ୱରୂପ ଓ କବିର ପ୍ରକୃତ ଭାବାତ୍ମକତା ରହିଥାଏ। 'ଭାବୋଦ୍‌ଗାର' ଯାହା 'ଭାବୋଚ୍ଛ୍ୱାସ' ରୂପରେ ଉଚ୍ଛ୍ୱସିତ ହେବାକୁ ଥିବା କବିତାର ଦର୍ଶନ ଗୀତିକାବ୍ୟରେ ହିଁ ରହିଥାଏ।

## କବିତା ଓ ସାହିତ୍ୟର ଅନ୍ୟରୂପ

କବିତାର ଏହି ତିନୋଟି ରୂପର ତୁଳନା ସାହିତ୍ୟର ଅନ୍ୟ ରୂପଗୁଡ଼ିକରେ ମଧ୍ୟ କରାଯାଇପାରେ। ଗଦ୍ୟରେ ଯେଉଁଳି ପ୍ରବନ୍ଧ, ମୁକ୍ତକ ଓ ଗୀତିକାବ୍ୟ ତିନୋଟି ରୂପ ଦେଖିବାକୁ ମିଳେ ଗଦ୍ୟରେ ମଧ୍ୟ ସେଭଳି ଉପନ୍ୟାସ, ଗଳ୍ପ ଓ ଏକାଙ୍କିକା ଆଦି ତିନୋଟି ରୂପ ଦେଖିବାକୁ ମିଳେ। ପ୍ରବନ୍ଧକାବ୍ୟ ଓ ଉପନ୍ୟାସରେ ପରସ୍ପର ଗଭୀର ସାମ୍ୟ ଦୃଷ୍ଟିଗୋଚର ହୋଇଥାଏ। ଦୁଇଟି

ଯାକରେ କଥାବସ୍ତୁର ସଙ୍ଗଠନ, ଚରିତ୍ର ଚିତ୍ରଣ, ବିଭିନ୍ନ ଦୃଶ୍ୟର ବିସ୍ତୃତ ରୂପରେ ବର୍ଣ୍ଣନା ତଥା ବିଚାରଧାରାର ଅଭିବ୍ୟକ୍ତି ହୋଇଥାଏ। ଉପନ୍ୟାସକୁ କୁହାଯାଏ ଆଧୁନିକ ଯୁଗର ମହାକାବ୍ୟ। ତଥାପି ଦୁଇଟିର ପ୍ରକୃତିରେ କିଛି ପାର୍ଥକ୍ୟ ଅଛି। ମହାକାବ୍ୟରେ ଉପନ୍ୟାସ ଅପେକ୍ଷା ଅଧିକ ରାଗାତ୍ମକତା, ଅଧିକ ଆଦର୍ଶବାଦିତା ଏବଂ ଅଧିକ ସାଙ୍ଗୀତିକତା ରହିଥାଏ। ପ୍ରବନ୍ଧକାବ୍ୟ ଓ ଉପନ୍ୟାସରେ ଯେମିତି ସାମ୍ୟ ମିଳିଥାଏ, କାହାଣୀ ଓ ମୁକ୍ତକ କାବ୍ୟରେ ସେମିତି ଦୃଷ୍ଟିଗୋଚର ହୁଏ ନାହିଁ। ମୁକ୍ତକର କ୍ଷେତ୍ର କାହାଣୀ ଅପେକ୍ଷା ବହୁତ ସୀମିତ ହୋଇଥାଏ। କାହାଣୀରେ କଥାବସ୍ତୁ, ଚରିତ୍ର ଏବଂ ସଂଳାପର ପ୍ରୟୋଗ କୌଣସି ନା କୌଣସି ଅଂଶରେ ରହିଥାଏ, କିନ୍ତୁ ମୁକ୍ତକ କାବ୍ୟରେ ପ୍ରାୟ କୌଣସି ଗୋଟିଏ ପରିସ୍ଥିତି, ଗୋଟିଏ ଭାବଦଶା ବା ଗୋଟିଏ ବିଚାରର ଚିତ୍ରଣ ରହିଥାଏ। ଛୋଟିଆ ଭାବାତ୍ମକ ପତ୍ର ବା ଭାବାତ୍ମକ ଗଦ୍ୟ କାବ୍ୟ ଗୀତିକାବ୍ୟର ଶୈଳୀର ନିକଟତର ହୋଇଥାଏ, ମାତ୍ର ଦୁଇଟିରେ ପ୍ରଭାବ ଦୃଷ୍ଟିରୁ ଗଭୀର ପ୍ରଭେଦ ରହିଛି। ଗୀତିକାବ୍ୟର ସ୍ୱର ଲହରିରେ ଗୋଟିଏ ଭାବର ଗୁଞ୍ଜରଣ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶୁଣାଯାଏ, ଯେତେବେଳେ କି ଗଦ୍ୟକାବ୍ୟ ଓ ପତ୍ରରେ ଅନେକ ଭାବ ଓ ଅନେକ ବିଚାରର ସ୍ଥାପନା ହୋଇଥାଏ। ବସ୍ତୁତଃ ଗଦ୍ୟ କ୍ଷେତ୍ରରେ ଏମିତି ବିଦ୍ୟା ଆଜି ପର୍ଯ୍ୟନ୍ତ ପ୍ରଚଳିତ ହୋଇନାହିଁ, ଯାହାକୁ ମୁକ୍ତକ କାବ୍ୟ ଓ ଗୀତିକାବ୍ୟର ସହ ତୁଳନା କରାଯାଇପାରେ।




## କବିତାର ମହତ୍ତ୍ୱ

କବିତାର ମହତ୍ତ୍ୱ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶରେ ସମାନ ଭାବରେ ସ୍ୱୀକୃତ। ପ୍ରଥମତଃ ଅଗ୍ନି ପୁରାଣର ରଚୟିତା କବିଙ୍କୁ ବ୍ରହ୍ମାଙ୍କ ସହ ସମକକ୍ଷ ମହତ୍ତ୍ୱ ଦେଲାବେଳେ ଦ୍ୱିତୀୟତଃ ସେକ୍ସପିଅର କବିଙ୍କୁ ଜଣେ ନୂଆ ସୃଷ୍ଟିର ରଚୟିତା ଭାବେ ଘୋଷିତ କରିଛନ୍ତି। ସେହିପରି କବି ଦୀନକୃଷ୍ଣ ଦାସ କବିତ୍ୱକୁ ଉତ୍ତମ ଗୋକ୍ଷୀର ଭାବରେ ତୁଳନା କରିଛନ୍ତି। ଯଥା-

୧. ଅପାରେ ଖଳୁ ସଂସାରେ କବିରେବ ପ୍ରଜାପତିଃ।
ଯଥାସ୍ମୈ ରୋଚତେ ବିଶ୍ୱଂ ନୟେଦଂ ପରିବର୍ତ୍ତିତ ।।ବ୍ୟାସ।।
(ଅଗ୍ନିପୁରାଣ)

୨. ଦି ଫର୍ମସ୍ ଅଫ୍ ଥିଙ୍ଗ୍‌ସ ଅନ୍‌ନୋନ୍.... ଦି ପୋଏଟ୍‌ସ ପେନ୍
ଟର୍ଣ୍ଣସ୍ ଦେମ୍ ଟୁ ସେପ୍‌ସ ଆଣ୍ଡ ଗିଭ୍‌ସ ଟୁ ଏଇରି ନଥିଙ୍ଗ୍‌ସ
ଏ ଲୋକାଲ୍ ହାବିଟେସନ୍ ଆଣ୍ଡ ନେମ୍।
(ସେକ୍ସପିୟର)

୩. କବିତ୍ୱ ରସ ଉତ୍ତମ
ଗୋକ୍ଷୀର, କରି ତହିଁ ସଙ୍ଗେ ସ୍ନେହ
ଶାକର।
କର୍ଣ୍ଣ ତୁଣ୍ଡରେ ଯେ କରଇ ପାନ,
କିଛି ହିଁ ସ୍ୱାଦୁ ଜାଣଇ ସେ ଜନ।
(ରସକଲ୍ଲୋଳ-ଦୀନକୃଷ୍ଣ ଦାସ)

ଲକ୍ଷ୍ୟ କଲେ ଜଣାଯାଏ, କବିତାରେ ଭାବନାକୁ ଆନ୍ଦୋଳିତ କରିବାର ଯେଉଁ ଶକ୍ତି ନିହିତ, ତାହା ସାହିତ୍ୟର ଅନ୍ୟ କୌଣସି ରୂପରେ ନ ଥାଏ। କିଛି ବିଦ୍ୱାନଙ୍କ ମତରେ ବର୍ତ୍ତମାନ କବିତାର ମହତ୍ତ୍ୱ ନ୍ୟୁନ ହେବାରେ ଲାଗିଛି। କିନ୍ତୁ ଏହି ମତ ଭ୍ରାନ୍ତିମୂଳକ ମନେହୁଏ। ଯେଉଁ ବସ୍ତୁର ଯେତିକି ଅଭାବ ହେବ, ତା'ର ମୂଲ୍ୟରେ ସେତିକି ଅଭିବୃଦ୍ଧି ହେବ। ମନୁଷ୍ୟର ହୃଦୟ ବୃତ୍ତି ସହିତ କବିତାର ପ୍ରତ୍ୟକ୍ଷ ସମ୍ପର୍କ ରହୁଥିବା ଯୋଗୁ ଜୀବନରେ କବିତା ଅଧିକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିବ। ବୌଦ୍ଧିକ ଶୁଷ୍କତାରେ ଜଡ଼ିତ ମାନବିକତାକୁ କାବ୍ୟ ଉପବନର ସବୁଜ ପରିବେଶ ଅଧିକ ଶୀତଳତା ପ୍ରଦାନ କରିବ। କବିତାର ମହତ୍ତ୍ୱ ଭବିଷ୍ୟତରେ ଅକ୍ଷୁଣ୍ଣ ରହିବ, ଏଥିରେ କୌଣସି ସନ୍ଦେହ ନାହିଁ। ତେବେ ଏତିକି ଆଶା କରାଯାଏ ଯେ, ବେଳେବେଳେ କୃତ୍ରିମ କବିମାନଙ୍କ ବୌଦ୍ଧିକ କ୍ରିୟାକଳାପରେ ସ୍ୱୟଂ କବିତାର ରୂପ ବିକୃତ ହୋଇ ନ ଯାଉ।

□□


ଲେଖକଙ୍କ ଇ-ମେଲ୍ ଠିକଣା:
jksarat@gmail.com

**କବିତା**



# ବୟସ

ଡ.ଗୋପାଳକୃଷ୍ଣ ଆଚାର୍ଯ୍ୟ



ବୟସ ଗୋଟିଏ କାଉଁରିଆକାଠି ଫରଫର ଯାଏ ଜଳି,
ବୟସ ଗୋଟିଏ ଉନ୍ମାଦହାତୀ ପଦ୍ମବନ ଦିଏ ଦଳି ।(୧)
ବୟସ ଗୋଟିଏ ଭୋଜିର ଅହିଆ ଦାଉଦାଉ ନିଆଁ ରଖେ,
ବୟସ ଗୋଟିଏ ଶିଳ୍ପୀର ହାତ ପାହାଡ଼ ଝରଣା ଆଙ୍କେ । (୨)
ବୟସ ଗୋଟିଏ ମହୁଆ ପବନ ଛୁଇଁଲେ ଛିଡ଼ିବ ଡେଣା,
ବୟସ ଗୋଟିଏ ଚନ୍ଦନବନ ବିଷଧରଙ୍କର ଠଣା ।(୩)
ବୟସ ଗୋଟିଏ ପହରିଆ ଶିବା ବେଳ ଉଣ୍ଡି ହୁକେ ହୁଆ
ବୟସ ଗୋଟିଏ ଅବୁଝା ଗଣିତ ଘଡ଼ିକରେ ଅଚାବୁଆ ।(୪)
ବୟସ ଗୋଟିଏ ଏକମୁହାଁ ରାସ୍ତା ଚାଲୁଥିବ ନ ଫେରିବ,
ବୟସ ଗୋଟିଏ ଦୋମୁଣ୍ଡିଆ ସାପ ବିଶ୍ୱାସ କେ କରିବ ? (୫)



ବୟସ ଗୋଟିଏ ମହମହ ମଲ୍ଲୀ ଋତୁ ଗଲେ ଯାଏ ଲୁଚି,
ବୟସ ଗୋଟିଏ ଜରିଗୋଟାଳିର ଅରମାରେ ଠିଆପୁଚି । (୬)
ବୟସ ଗୋଟିଏ ବିଚ୍ଛୁରିତ ଝୁଲ ଛୁଉଁଛୁଉଁ ବିସ୍ଫୋଟକ,
ବୟସ ଗୋଟିଏ ବିଲମ୍ବିତ ତାଲ ଗାଉ ଗାଉ ଗଙ୍ଗୋଦକ ।(୭)
ବୟସ ଗୋଟିଏ ସିଜୁ ବାଡ଼ ପରେ ମଉନିଆ କୃକଳାଶ,
ବୟସ ଗୋଟିଏ ଆଶୁତୋଷ ହାତେ ଚହଚହ ଚନ୍ଦ୍ରହାସ ।(୮)
ବୟସ ଗୋଟିଏ ଛିଦ୍ରିତ କଳସୁ ବହୁଥିବା ସରୁଧାର,
ବୟସ ଗୋଟିଏ ଶିଶୁ ସିଲଟର ଅଙ୍କାବଙ୍କା ହସ୍ତାକ୍ଷର ।(୯)
ବୟସ ଗୋଟିଏ ଅଝଟଝିଅର ନାଲିଆ ରିବନଫିତା,
ବୟସ ଗୋଟିଏ ନୀଳାଚଳିଆର ମଥା ଝଲସିଆ ଚିତା ।(୧୦)
ବୟସ ଗୋଟିଏ ଝାଟିମାଟିଆର ମଇଳା ଗାମୁଛା ମୁଢ଼ି,
ବୟସ ଗୋଟିଏ ବେଙ୍ଗପାଟିଆର ତୀବ୍ର କରକର ରଡି ॥(୧୧)

□□

କବିଙ୍କ ଇ-ମେଲ ଠିକଣା:
gacharyalulu@gmail.com


ଗଳ୍ପ

# ଅବିରାମ ଭାବୁଥିବା ସେ ଲୋକଟି



ଜାକିର ଖାନ୍

**ସେ** ଲୋକଟି, ଯାହାକୁ ସମସ୍ତେ କେ ଡାକନ୍ତି, ଯିଏ ନିଜକୁ ଇଂରାଜୀ ଅକ୍ଷର କେ ଭାବରେ ପରିଚିତ କରିବାକୁ ଚାହିଁଥିଲା, ଯାହାର ପ୍ରକୃତ ନାମ କେବେ ଦିନେ କୁମାର ଥିଲା, ଯାହା ଆଜି ଆଉ ନାହିଁ, କାରଣ ଆଉ କେହି ତା'କୁ ଏ ନାଆଁରେ ଜାଣନ୍ତି ନାହିଁ, ଏପରିକି ତା' ସାଙ୍ଗମାନେ ମଧ୍ୟ ନୁହେଁ, କାରଣ ସେମାନେ ସମସ୍ତେ ତା'କୁ କେ ଡାକିବାରେ ଏଭଳି ଅଭ୍ୟସ୍ତ ହୋଇଯାଇଛନ୍ତି ଯେ, ତା'ର ଯେ ଗୋଟେ ନାଁ ରହିଛି ବା ଥିଲା ଏ ସମ୍ପର୍କରେ ସେମାନେ ସବୁ କିଛି ଭୁଲି ସାରିଛନ୍ତି, **ଏ**ପରିକି ନିଜେ ସେ ମଧ୍ୟ ଭୁଲି ସାରିଛି ନିଜର ପ୍ରକୃତ ନାଆଁ, ନିଜର ନାଆଁକୁ ଭୁଲି ସାରିଥିବା କେ ଅର୍ଥାତ ସେ କେବେ ବି ଭାବି ନ ଥିଲା, ସେ ଦିନେ ଏଭଳି ଏକ ପରିସ୍ଥିତିର ମୁକାବିଲା କରିବ, ଯାହା ବିଷୟରେ ନା ସେ କାହାରିକୁ କହିପାରିବ ଅବା କେହି ତା'ର ଏଭଳି କଥାକୁ ବିଶ୍ୱାସ କରିବେ ଯେ ସେ ଏଭଳି ଏକ ସମସ୍ୟାରେ ପଡ଼ିଛି, ଯାହା ବିଷୟରେ ପୃଥିବୀରେ କେହି କେବେ ଆଗରୁ ଶୁଣି ନାହାନ୍ତି ବା ଜାଣି ନାହାନ୍ତି, ତେବେ ଏଭଳି ରୋଗ ପୃଥିବୀରେ ଥାଉ ବା ନ ଥାଉ, ସେଥିରେ କେହି ଆକ୍ରାନ୍ତ ହୋଇ ଥାଆନ୍ତୁ ବା ନ ଥାନ୍ତୁ, ଏଭଳି ରୋଗର ଉପଚାର ପାଇଁ ଔଷଧର ଆବିଷ୍କାର ହୋଇଥାଉ ଅବା ନ ଥାଉ, ସେଭଳି ଏକ ମାରାତ୍ମକ ରୋଗ ଯେ ତା'କୁ ଆକ୍ରାନ୍ତ କରି ସାରିଛି, ଆଉ ତାହା ହିଁ ତା'କୁ ତିଳ ତିଳ କରି ଦଗ୍ଧ କରିଚାଲିଛି, ଯାହା କବଳରୁ ସେ ମୁକୁଳିବାକୁ ଚାହିଁ ଡାକ୍ତରଙ୍କ ପାଖକୁ ଯିବାକୁ ଇଚ୍ଛା କରି ପୁଣି ଯାଇପାରୁନି, କାରଣ ସେ ଯଦି ବି ଡାକ୍ତରଙ୍କ ପାଖକୁ ଯାଏ ଆଉ ଡାକ୍ତର ତାକୁ ତା' ରୋଗ ବିଷୟରେ ପଚାରନ୍ତି, ତେବେ ସେ କ'ଣ କହିବ ଏବଂ କିଭଳି ତାଙ୍କୁ ବୁଝାଇବ ଯେ ସେ ଯେଉଁ ରୋଗରେ ଆକ୍ରାନ୍ତ ହୋଇଛି ବୋଲି ଭାବୁଛି, ସତରେ ଏହା ଏକ ରୋଗ ବା ଏହା ଏକ ମାନସିକ ସ୍ଥିତି, ଆଉ ଯଦି ଏହା ରୋଗ ନୁହେଁ ତେବେ ଏହା କ'ଣ, ଆଉ ଏଥିରୁ ମୁକୁଳିବା ପାଇଁ କ'ଣ ସବୁ କରାଯିବ, ଆଉ ଯଦି ସେ ଡାକ୍ତରଙ୍କ ପାଖକୁ ଯାଏ, ଡାକ୍ତର ତା' କଥା ଶୁଣି ହସିଉଠନ୍ତି ଏବଂ ତାକୁ ପାଗଳ ବୋଲି ଧରିନେଇ ଚିଲ୍ଲାଇ ଉଠନ୍ତି, ପାଖରେ ଥିବା ନର୍ସ ଓ ଅନ୍ୟ ରୋଗୀଙ୍କୁ ଦେଖାଇ କହନ୍ତି – ଦେଖ, ଏ ବାବୁଙ୍କୁ ଦେଖ, ଯାଙ୍କ ନାଁ କୁଆଡ଼େ କେ, ଆଉ ସେ କହୁଛନ୍ତି ଯେ ସେ ତାଙ୍କ ଛାଇକୁ କେଉଁଠି ହଜାଇ ଦେଇଛନ୍ତି, ଆଉ ମୋ ପାଖକୁ ଆସିଛନ୍ତି ଚିକିତ୍ସା ପାଇଁ ଓ ଠୋ ଠୋ କରି ହସି ଉଠନ୍ତି ତେବେ, ତେବେ ତା' ଅବସ୍ଥା କ'ଣ ହେବ, **ଏ**ଭଳି ପରିସ୍ଥିତି ହେବ ଯେ ସେ ତା'କୁ ଆଉ ମୁକାବିଲା କରିପାରିବନି ଓ ଯାହା ବିଷୟରେ ଭାବି ଭାବି ସେ ଲାଜରେ ମରିଯିବ ଏବଂ ଏକଥା ରାଷ୍ଟ୍ର ହେଲା ପରେ ତା' ଅବସ୍ଥା ଯେ କ'ଣ ହେବ, ଏମିତି ଭାବି ସେ ଡାକ୍ତରଙ୍କ ପାଖକୁ ନ ଯିବାକୁ ମନସ୍ଥ କରି ଭାବୁଛି ଯେ ଏବେ ସେ ତା' ଜୀବନର ଦିନ ବାରଟାରେ ଅଛି, କାରଣ ସେ କେବେ ଦିନେ ସ୍କୁଲରେ ପଢିଥିଲା ଯେ ଦିନ ବାରଟାରେ ସୂର୍ଯ୍ୟ ଆମ ମୁଣ୍ଡ ଉପରେ ଥାଆନ୍ତି ଏବଂ ଏହି କାରଣରୁ ଆମେ ଆମର ଛାଇ ଦେଖିପାରୁନା, ଯେମିତିକି ସେ ଆଜି ନିଜର ଛାଇକୁ ଦେଖିପାରୁନି, ଦେଖିପାରୁନିର ଅର୍ଥ ସେ ତା' ଛାଇକୁ କେଉଁଠି ହଜାଇ ଦେଇଛି ବା ତା' ଛାଇ ତା'କୁ ଛାଡ଼ି ଚାଲିଯାଇଛି, କାରଣ କି ଦିନ କି ରାତି ଆଜିକାଲି ସେ କେବେ ବି ନିଜର ଛାଇକୁ ଆଉ ପାଉନି ଓ ନିଜ ଛାଇକୁ ଦେଖିବା ପାଇଁ ସେ ଏଇ କେଇଦିନ କ'ଣ କ'ଣ ସବୁ ନ କରିଛି, ଦିନର ଭିନ୍ନ ଭିନ୍ନ ସମୟରେ ବାହାରେ ଯାଇ ଠିଆ ହୋଇ ରହୁଛି, ଏମିତିରେ ସେ ଏ ସହରକୁ ଆସିବା ପରଠାରୁ ବାହାରେ ଠିଆ ହୋଇ ରହି ଏମିତି ସୂର୍ଯ୍ୟଙ୍କୁ ନିରୀକ୍ଷଣ କରିବାକୁ ଭୁଲିସାରିଥିଲା, ତେବେ କେବଳ ସୂର୍ଯ୍ୟଙ୍କୁ ନିରୀକ୍ଷଣ ନୁହେଁ,



ସେ ଏ ସହରର ଯାନ୍ତ୍ରିକ ପରିବେଶ ଭିତରେ ପ୍ରକୃତିଠାରୁ ଏତେ ଦୂରକୁ ଚାଲି ଯାଇଥିଲା ଯେ ପ୍ରକୃତି ବୋଲି କିଛି ଅଛି ବୋଲି ତା'ର ଆଉ ଧାରଣା ହିଁ ନ ଥିଲା, କିନ୍ତୁ ନିଜ ଛାଇକୁ ଖୋଜିବା ଭିତରେ ସେ ଏବେ ମୁକ୍ତ ଆକାଶ ତଳେ ଠିଆ ହେଉଛି, କେତେବେଳେ ସୂର୍ଯ୍ୟଙ୍କ ଆଗରେ ଠିଆ ହେଉଛି ତ କେବେ ସୂର୍ଯ୍ୟ ତା' ପଛରେ ରହିଥାନ୍ତି, ନିଜ ଦେହରେ ସୂର୍ଯ୍ୟଙ୍କ ରଶ୍ମି ପଡ଼ିବା ପରେ କିଭଳି ତା'ର ଛାଇ କେଉଁଠି ପଡୁଛି, କେଉଁ ଆକୃତି ଧାରଣ କରୁଛି, ସେ ତା'କୁ ଅନୁଧ୍ୟାନ କରୁଥିଲେ ବି, କାହିଁ କେବେ କେଉଁଠି ତା' ଛାଇ ପଡୁଥିବାର ସେ ଦେଖୁନି, ଆଉ ନିଜର ଛାଇକୁ ଦେଖୁନି ବୋଲି ଏବେ ତା' ମୁଣ୍ଡରେ ତା' ଭିନ୍ନ ଆଉ କିଛି ଜୁଟୁନି, କେବଳ ଛାଇ, ଛାଇ, ଛାଇ, ଯେଉଁ ଛାଇ ବ୍ୟତୀତ ଆଜି ତା'ର ସ୍ଥିତି ରହିଛି, ହେଲେ ତା'ର ସ୍ଥିତି ରହିଥିଲେ ବି, ସେ ଜୀବିତ ରହିଥିଲେ ବି ତା' ଉପରେ ଆଲୋକ ରଶ୍ମିର ପ୍ରତିଫଳନ କୌଣସି ଆକୃତି ସୃଷ୍ଟି ନ କରିବା ତା'କୁ ଅତି ମାତ୍ରାରେ ବ୍ୟତିବ୍ୟସ୍ତ ଓ ବିବ୍ରତ କରିପକାଇଛି, ସେ ସବୁବେଳେ ଏଇ ଚିନ୍ତାରେ ବୁଡ଼ି ରହୁଛି, ଆଗକୁ ତା' ସହ କ'ଣ ସବୁ ଘଟିବ, ଆଉ ସେସବୁ ସମସ୍ୟାକୁ ସେ କିଭଳି ମୁକାବିଲା କରିବ, ଏସବୁ ଚିନ୍ତା ଭିତରେ ସେ ଭାବୁଛି ଯେ ତା' ଛାଇ ତା' ପାଖକୁ ପୁଣି କେବେ ଫେରିବ ବା ସେ ଆଉ କେବେ ଫେରିବ ନାହିଁ, ଏମିତି ବିଭିନ୍ନ ଚିନ୍ତା ତା' ମସ୍ତିଷ୍କକୁ ଆକ୍ରାନ୍ତ କରୁଥିବା ବେଳେ ସେ ଚିନ୍ତା କରୁଛି, ଏ ସମସ୍ୟାଟିକୁ ସେ ପ୍ରଥମେ କେବେ ଠାବ କଲା ଓ କାହିଁକି ତା'ର ଧ୍ୟାନ ସେ ଆଡ଼କୁ ଗଲା, ଯେଉଁ ଦିଗ ପ୍ରତି ସେ କେବେ ବି ଚିନ୍ତା କରି ନ ଥିଲା, ଏମିତିରେ ତା'ର ମନେପଡୁଛି ଯେ ଦିନେ ସନ୍ଧ୍ୟାରେ ତା'ର ଜଣେ ପରିଚିତଙ୍କ ଘରେ ପହଞ୍ଚି ତାଙ୍କୁ ତାଙ୍କ ବୈଠକ ଖାନାରେ ସେ ଅପେକ୍ଷା କରୁଛି, ଆଉ ଏଇ ସମୟରେ ତାଙ୍କର କୁନି ଝିଅ ସହ ଖେଳୁ ଖେଳୁ ସେ ନିକଟରେ ଥିବା ଟେବୁଲ ଲ୍ୟାମ୍ପର ବଲବକୁ ଅନ୍ କରି, ତା' ଆଗରେ ନିଜ ହାତକୁ ଟେକିଧରି, କାନ୍ଥରେ ଚଢ଼େଇ ଉଡୁଥିବାର ଦୃଶ୍ୟ ସୃଷ୍ଟି କରି, ଝିଅଟିକୁ ଖୁସି କରିବାକୁ ଚାହୁଁଛି, ହେଲେ ବଲବର ଆଲୋକ ସଠିକ ଭାବରେ ତା' ହାତ ଉପରେ ପଡୁଥିଲେ ମଧ୍ୟ କାନ୍ଥରେ ତା'ର ପ୍ରତିଛବି ବା ଛାଇ ଉକୁଟି ଉଠୁନି, ଏହା ପରେ ଅନେକ ସମୟ ଧରି ଛାଇ ସୃଷ୍ଟି କରିବାକୁ ପ୍ରୟାସ କରୁଛି, ହେଲେ ସଫଳ ହେଉନି, ସେପଟେ ଝିଅର ହାତ ଧରି ସେ ଅନୁରୂପ ଭାବେ ଛାଇ ସୃଷ୍ଟି କରିବାକୁ ଚାହୁଁଛି, ଆଉ କାନ୍ଥରେ ଝିଅ ହାତର ଛାଇ ପ୍ରତିଫଳିତ ହେଉଛି, ଯାହାକୁ ଦେଖି ସେ ଚକିତ ହୋଇ ଯାଉଛି ଓ ସେଠାରୁ ହଠାତ୍ ଉଠି ଚାଲିଯାଉଛି, ରାସ୍ତା ସାରା ସେ କେବଳ ସେଇ ଗୋଟିଏ କଥା ହିଁ ଭାବୁଛି, ଆଉ ଏହା ପରଠାରୁ ଏଇ ଭାବନା ତା'ର ଆଉ ପିଛା ଛାଡୁନି, ସେ ଏଭଳି ଭାବନା, ଏଭଳି ଆଶଙ୍କାକୁ ନେଇ କେମିତି ବଞ୍ଚିବ, ଏଇ ଚିନ୍ତାରେ ଅସ୍ଥିର ରହୁଥିବା ବେଳେ ଦିନେ ସେ ପୋଖରୀ କୂଳରେ ଯାଇ ବସୁଛି ଓ ନିଜ ବ୍ୟସ୍ତତା କଥା ଭାବିବାକୁ ଲାଗୁଛି, ଏଇ ସମୟରେ ପାଖରେ ଥିବା ଗୋଟେ ଗଛ ଉପରେ ତା'ର ନଜର ପଡୁଛି, ସେ ସେଇ ଗଛର ଛାଇ ପୋଖରୀ ପାଣିରେ ପଡୁଥିବାର ଦେଖୁଛି ଓ କିଛି ସମୟ ପାଇଁ ନିଜ ଦୁଃଖକୁ ଭୁଲି ସାମାନ୍ୟ ଖୁସି ହୋଇଯାଉଛି, ଠିକ ଏଇ ସମୟରେ ସେଠାରେ ଜଣେ ତରୁଣୀ ଆସି ପହଞ୍ଚିଛି ଓ ସେ ସିଧା ସିଧା କେ ଆଡକୁ ଚାହିଁ କହୁଛି, କେ – ଆଶ୍ଚର୍ଯ୍ୟ ହୁଅନି, ଏ ଜୀବନ ଅନେକ ଆଶ୍ଚର୍ଯ୍ୟ ଓ ରହସ୍ୟରେ ଭରା, ତା'କୁ ନେଇ ବିଚଳିତ ବା ଅସ୍ଥିର ହୁଅନାହିଁ, ସେ ସମ୍ପର୍କରେ ବେଶି କିଛି ଭାବ ନାହିଁ, କେବଳ ଏତିକି ଜାଣ ଯେ ମୁଁ ତୁମକୁ ଜାଣିଛି, ତମେ ମୋତେ ଜାଣିନାହଁ, ତେବେ ସେଥିରେ କିଛି ଯାଏ ଆସେ ନାହିଁ, ମୁଁ ଜାଣିଛି ଯେ ଏଇ କେତେଦିନ ହେବ ତମେ ତମ ଛାଇକୁ ହଜାଇ ଦେଇଛ, ଆଉ ସେଥିପାଇଁ ବିଚଳିତ ରହୁଛ ଓ ସବୁବେଳେ ତୁମ ପାଖରେ ଯେ ଛାଇ ନାହିଁ ଏଇ କଥାକୁ ଭାଳି ଭାଳି ଦୁଃଖରେ ଭାଙ୍ଗି ପଡୁଛ, ଶୁଣ ମୋ କଥା, ତୁମେ ତୁମ ଭାବନାକୁ ଟିକେ ପରିବର୍ତ୍ତନ କର, ତୁମେ ପୋଖରୀ କୂଳକୁ ଯାଅ, ପୋଖରୀର ପାଣିରେ ନିଜର ପ୍ରତିବିମ୍ବ ଦେଖ, ତା'ପରେ ଭାବ ଯେ ତୁମ ପାଖରେ କ'ଣ ସବୁ ଅଛି ଓ କ'ଣ ସବୁ ନାହିଁ, ଏଭଳି ଭାବିଲା ପରେ ତୁମେ ଜାଣି ପାରିବ ଯେ ତୁମ ପାଖରେ ଛାଇ ନ ଥିଲେ ମଧ୍ୟ ଅନେକ କିଛି ରହିଛି, ଏତିକି କହି ଝିଅଟି ହଠାତ ଚାଲି ଯାଉଛି, ଝିଅଟିର ଚାଲିଯାଉଥିବା ବାଟକୁ ଚାହିଁ ରହି କେ ଭାବୁଛି ଯେ ତା' ସହ

**ଏଇ ସମୟରେ ସେଠାରେ ଜଣେ ତରୁଣୀ ଆସି ପହଞ୍ଚିଛି ଓ ସେ ସିଧା ସିଧା କେ ଆଡକୁ ଚାହିଁ କହୁଛି, କେ – ଆଶ୍ଚର୍ଯ୍ୟ ହୁଅନି...**

ଏସବୁ କ'ଣ ଘଟିଯାଉଛି, ଏମିତି ଭାବନା ଭିତରେ ଥାଇ ସେ ପୋଖରୀ କୂଳକୁ ଯାଇ ପାଣିରେ ନିଜର ଚେହେରା ଦେଖୁଛି, ନିଜ ଚେହେରା ଦେଖି ହସୁଛି, ଅନେକ ସମୟ ନିଜକୁ ଦେଖି ସାରିବା ପରେ ସେ ନିଜ ଭିତରେ ଏକ ପରିବର୍ତ୍ତନ ଅନୁଭବ କରୁଛି ଓ ସେ ଖୁସି ମନରେ ଫେରିବାକୁ ଲାଗୁଛି, **ସେ** ଫେରିବା ସମୟରେ ଆକାଶରେ ସୂର୍ଯ୍ୟ ଚକମକ କରୁଛି, ସେଇ ସୁନେଲି ସୂର୍ଯ୍ୟ କିରଣରେ ତା' ଛାଇ ପୋଖରୀ ପାଣିରେ ଯାଇ ପଡୁଛି, ତେବେ ଏକମୁହାଁ ହୋଇ ଫେରିଯାଉଥିବା କେ ସେଆଡ଼କୁ ଧ୍ୟାନ ଦେଉନାହିଁ, ସେ ଫେରି ଯାଉଛି, ଫେରିଯାଉଛି ଖୁସି ମନରେ, ଅବଶ୍ୟ ଖୁବ ଶୀଘ୍ର ସେ ଜାଣିପାରିବ ଯେ ତା' ଛାଇ ପୁଣି ତା' ପାଖକୁ ଫେରି ଆସିଛି, ସବୁଦିନ ପାଇଁ।

**ଏ ରଚନାଟି ଏକ ପ୍ରୟୋଗାତ୍ମକ ଗଳ୍ପ। ସମ୍ପୂର୍ଣ୍ଣ ଗପଟି ଏକ ମିଶ୍ରବାକ୍ୟ ବା ଏକ ଦୀର୍ଘ ପରିଚ୍ଛେଦ।**

*(ଗଳ୍ପର ଗଢ଼ଣ ଏବଂ କଥନଶୈଳୀରେ ଅନେକ ପ୍ରୟୋଗ କରାଯାଇପାରେ। ଏ ଗଳ୍ପଟି ମଧ୍ୟ ସେଇ ଧରଣର ଏକ ପ୍ରୟୋଗାତ୍ମକ ଗଳ୍ପ। ଏ ସମ୍ପୂର୍ଣ୍ଣ ଗପଟି ଏକ ମିଶ୍ରବାକ୍ୟ ବା ଏକ ଦୀର୍ଘ ପରିଚ୍ଛେଦ। ଗୋଟିଏ ପୂର୍ଣ୍ଣଚ୍ଛେଦ ଭିତରେ ଗାଳ୍ପିକ କହିଛନ୍ତି ନିଜ ଛାଇକୁ ହଜେଇ ଦେଇଥିବା ଲୋକର କାହାଣୀ। ପାଶ୍ଚାତ୍ୟ ସାହିତ୍ୟରେ ରବର୍ଟ ବୋଲେନୋ, ନୋବେଲ ପୁରସ୍କାର ବିଜେତା ଜୋଜେ ସାରାମାଗୋ, ପ୍ରମୁଖ ଲେଖକଙ୍କ ଲେଖାରେ ଏଭଳି ପ୍ରୟୋଗ ଦେଖିବାକୁ ମିଳେ। ଜୋଜେ ସାରାମାଗୋଙ୍କ ଲେଖାର ଇଂରାଜୀ ସଂସ୍କରଣରେ ଆବଶ୍ୟକୀୟ ସ୍ଥାନରେ କ୍ୟାପିଟାଲ୍ ଲେଟର ବ୍ୟବହାର ହୋଇଥିବା ଭଳି ଏ ଗଳ୍ପର ଆବଶ୍ୟକତାକୁ ଦୃଷ୍ଟିରେ ରଖି କେତେକ ଅକ୍ଷରକୁ ବୋଲ୍ଡ କରିଦିଆଯାଇଛି। ଓଡ଼ିଆ ପରିବେଶ ପାଇଁ ଏହା ଏକ ସମ୍ପୂର୍ଣ୍ଣ ଅଭିନବ ପ୍ରୟୋଗ।*

*- ସମ୍ପାଦକ)*

□□

ଲେଖକଙ୍କ ଇ-ମେଲ ଠିକଣା:
zakirkhanbbsr@gmail.com

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ସୁଲଭ ମୂଲ୍ୟରେ।**

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.23.60 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-
**ଟ.୨୩.୬୦**
(ତେଇଶି ଟଙ୍କା ଏବଂ ଷାଠିଏ ପଇସା ମାତ୍ର)

Google Play Books

ଧାରାବାହିକ ବ୍ୟଙ୍ଗ

# ହୋଡ଼ିଶା ସୁଆଦ



ଡ. ଅଜୟ କୁମାର ମିଶ୍ର

ପତରରୁ ଗଛ ଚିହ୍ନା ପଡ଼ିବା ଭଳି, କାଣ୍ଡକାରଖାନାରୁ ଲୋକର ସ୍ୱଭାବ ବି ସହଜରେ ଜଣାପଡ଼େ। ସେମିତି କାଣ୍ଡକାରଖାନାରୁ ଘଣ୍ଟୁର କାରନାମା ଜଳଜଳ ଫୁଟି ଦିଶେ। ତା’ ମଥାରେ ବାଳ କେତେ ଅଛି ବଡ଼ କଥା ନୁହେଁ, ବୁଦ୍ଧି କିନ୍ତୁ ଖୁନ୍ଦି ହେଇରହିଛି। ବିଶ୍ୱକର୍ମାଙ୍କ ଗ୍ୟାରେଜ୍‌ରେ ଏଠି ସେଠି ପଡିଥିବା ପାର୍ଟସ୍‌ତକ ଜଏଣ୍ଟଜାଏଣ୍ଟ୍ ହୋଇ ଘଣ୍ଟୁଟେ ମିଳିଚି ବୋଲି କେହି କେହି ତା’ର ଅସହଣିକା ନିନ୍ଦୁକାଏ ବଖାଣନ୍ତି। ଆଉ କେହି କେହି ଛଉଆ ନିନ୍ଦୁକା ଘଣ୍ଟୁକୁ ପୁରାଣ ସହ ଯୋଡ଼ି ଦେଇଥାନ୍ତି। ପାହାଡ଼ୀ ଝୁଅ ପାରବତୀ ହଳଦୀ ମଳୁଖରୁ କୁଆଡ଼େ ସରୋଗେଟ୍ ମଦର୍ ହେଇ ହାତୀ ଶୁଣ୍ଢାକୁ ତିଆରିଲେ, ତାଙ୍କ ପ୍ରାଣନାଥ ତାକୁ ଜୀବନ୍ନ୍ୟାସ ଦେବାରୁ ପୁରାଣ ଗୋଟେ ଜୁନିୟର୍ ଅଥଚ ଅତି ଚାଲାକିଆ ଦିଅଁଟେ ପାଇଲା। ଘଣ୍ଟୁକୁ କେହି କେହି ଗଜାନନିଆଁର ବଦଳିଆ ଅବତାର ଭାବେ ଗ୍ରହଣ କରନ୍ତି। ଗଜାନନେ ତ ସିଦ୍ଧି ବାଣ୍ଟନ୍ତି, ଘଣ୍ଟୁ କିନ୍ତୁ ନିଜ ସରସା ବୁଦ୍ଧିରେ ସିଦ୍ଧି ଅମଳ କରନ୍ତି।




**ଘଣ୍ଟୁର ଘ୍ରାଣେନ୍ଦ୍ରିୟ**

ଘଣ୍ଟୁର ଘ୍ରାଣେନ୍ଦ୍ରିୟଟା ଡାକ୍ତରଡ଼ୁକ୍ରୁରାଙ୍କ ମଗଜରେ ଗବେଷଣାର ଖୋରାକ। ସବୁ ଇନ୍ଦ୍ରିୟ ତା’ର ଏକୁ ଆରକେ ବହକା। ଉଡ଼ନ୍ତା ଚିଲ ଏତେ ତଳୁ ମାଛ ଦେଖି ଝାମ୍ପିଦିଏ, ଉଡ଼ନ୍ତା ପାରା ସୋରିଷ ଖୁମ୍ପିବାକୁ ଧାଏଁ କିନା ତଳକୁ ଲ୍ୟାଣ୍ଡ୍ କରେ, ମଢ଼, ଶାଗୁଣା ସମ୍ପର୍କ ତ ଅଲଗା ପ୍ରକାରର। ଟାଣନାଥେ ଗଣଙ୍କର, ଘଣ୍ଟୁ ଗଣମାଧ୍ୟମର ଭକ୍ତ। ଖବରକାଗଜ, ଟି.ଭି. ସ୍ମାର୍ଟଫୋନ୍ ସବୁଆଡ଼େ ତା’ର ନିଘା, ଯାକୁ ନେଇ ଘନ ଘନ ଗବେଷଣା। ସମସ୍ତେ ବଡ଼ ଖବରରେ ନଜର ପକାନ୍ତି। ଘଣ୍ଟୁର ଛୋଟ ଖବର ବିଶେଷତଃ ବିଜ୍ଞାପନ ଉପରେ ବିଶେଷ ନିଘା, ଅଲଗା ରିସର୍ଚ୍ଚ। ତା’ ସର୍ଚ୍ଚିଆ ଆଖିରେ, ସବୁ ଦେଖାଯାଏ, ଅଘ୍ରାଣିଆ ନାକରେ ସବୁ ଶୁଙ୍ଘାଯାଏ, ପିତଳ କାନରେ ସବୁ ଶୁଣାଯାଏ।

ଫେସବୁକିଆ, ହ୍ୱାଟସପିଆମାନେ ତିଳକୁ ତାଳ କରନ୍ତି, ଉଫାନଉଠା କଥାମାନ ଦେଖାନ୍ତି, ଶୁଣାନ୍ତି, ଦରକାର ହେଲେ ନିଜ ୟୁଟ୍ୟୁବ୍‌ରେ ଆଧୁନିକ ପ୍ରୟୋଗ ପାଠ ଏ.ଆଇ. ସାହାଯ୍ୟରେ ପ୍ରଧାନମନ୍ତ୍ରୀଙ୍କୁ ଲୁଙ୍ଗିଲେଙ୍ଗୋଟି ପିନ୍ଧାଇ ନାଟ କରାନ୍ତି, ମୁଖ୍ୟମନ୍ତ୍ରୀଙ୍କୁ ଗାଡ଼ିରେ ଢାଙ୍କି କେତେ କଉତୁକ ଭଙ୍ଗିଚାମାନ ଦୃଶ୍ୟ କରାନ୍ତି। ପୁଣି ଅତି ଅଖାଡୁଆ ଅଜ୍ଞାନଶୁଣା, ଅଣଆଖି ଦେଖା ଘଟଣାକୁ ମାଠିମୁଠି ଦେଇ ଜାପାନୀ ଖେଳଣା ପ୍ରକାରେ ବିଛାଡ଼ି ଦିଅନ୍ତି, ଛିଞ୍ଚାଡ଼ି ଦିଅନ୍ତି ଅତି କୃତ୍ରିମିଆଁ ଢଙ୍ଗରେ। ଦୈବାତ୍ ଟି.ଭି. ପରଦାରେ ଆସିଥିବା ‘ଓଡ଼ିଶା ସୁଆଦ’ କାର୍ଯ୍ୟକ୍ରମ ଦେଖି ଘଣ୍ଟୁ କ୍ଷଣତାଟକା। ତା’ ମଗଜସାରା ନାନା ଘାଣ୍ଟଚକଟ ।

ନିଜ ନିଜ ଚାଣେଲର ଟି.ଆର୍.ପି.କୁ ଚକ୍ରବୃଦ୍ଧି ହାରରେ ବଢ଼ାଇବାକୁ ଅନେକ ଚାଇଁଚତୁରା କିମାକାରିଆ, କିମ୍ଭୂତିଆ ଘଟଣା ଦେଖାନ୍ତି। ଘଣ୍ଟୁ ଦେଖିଲା, ଜଣକ ଘରେ, ରୋଷେଇୟାଣୀଙ୍କ ରାନ୍ଧଣା। ଟାଉକା ଟୋକାଟା କୁଆଡ଼େ ଟେଷ୍ଟ୍ କରିବାକୁ ନାଳନାଳୁଆ ପାଟିରେ ଠିଆ। କହିଲା – “ଆଜି ଆମ ମାମ୍ ବନଉଚନ୍ତି ‘ମଞ୍ଜାମାଞ୍ଜକସ’– ପୂରା ଓଡ଼ିଆ ଖାଦ୍ୟ। ତିଆରି ପାଇଁ ଲାଗୁଚି ମଞ୍ଜା, ସୋରିଷ ବେସର, ପିଆଜଶଣ୍ଢା, ଜାଇଫଳ, ଲବଙ୍ଗ, ଅରୁଆଅଣ୍ଡା, ଆମ୍ବକଷିଆ ଅଦା, ହେଙ୍ଗୁ, ମରିଚ, ଡାଳଚିନି। ଦେଖନ୍ତୁ ଏ ରାନ୍ଧଣା – ପ୍ରଥମେ ମଞ୍ଜାକୁ ଗୁଣ୍ଡ ଗୁଣ୍ଡ କରି କାଟି କଡ଼େଇରେ ସିଝାଗଲା, ତା’ ଉପରେ ଗୋରାଅଣ୍ଡା ନାଳ ଢଳାଗଲା, ପିଆଜଶଣ୍ଢାକୁ ଗୁଣ୍ଡକରି ଛିଞ୍ଚାଗଲା, ଆବଶ୍ୟକ ଲୁଣ, ହଳଦୀ, ବସାଦହି, ମହୁ, କ୍ଷୀର

ଢଳାଗଲା, ପରେ ପରେ ଏହା ଉପରେ ସବୁ ମସଲାଗୁଣ୍ଡ ଛିଞ୍ଚାଯାଇ କଡ଼େଇରେ ଭଲ ଭାବରେ ପରଜାଗଲା।" ପିଲେଟରେ ଦୁଇ ଚାମଚ ଦେଲେ ରୋଷେଇୟାଣୀ ମାଡ଼େମେ, ଚାଖୁଣିଆ, ଚାଖୁଚାଖୁ, ବୁଢ଼ାଆଙ୍ଗୁଟି ଓ ବିଶିଆଙ୍ଗୁଠିରେ ଗୋଟାବଳୟ ମୁଦ୍ରା କରି ଚୋଖା ଚୋଖା ବୋଲି କୁହାଟିଲା।

କାର୍ଯ୍ୟକ୍ରମର ଉପସ୍ଥାପିଆ ଟୋକାର "ମଞ୍ଜାମଞ୍ଜରେସ୍" ଖାଉ ନ ଖାଉଣୁ ପାଟିରୁ ଲାଳ ଗଡୁଥିଲା। ଗାଆଁରେ ଘଣ୍ଟୁବୋଉ, ସୋରିଷ ମସଲା ବାଟଣ ଦେଇ ଯେଉଁ ମଞ୍ଜାରାଇତା କରୁଥିଲା, ଖାଇବା ଲୋକେ ହାତ ଚାଟି ଖାଉଥିଲେ। ଏ ରୋଷେଇୟାଣୀ ଘିଅ, ଦହି, କ୍ଷୀର, ଡାଲଚିନି – ଏମିତି ଶହେ ପ୍ରକାର ମସଲା ଦେଇ ମଞ୍ଜାରାଇତାକୁ 'ମଞ୍ଜାମଞ୍ଜାଲେସ୍' ଇଷ୍ଟାମ୍ପ ଦେଲେ। ଘଣ୍ଟୁକୁ ଅତି ଅଜବ ଲାଗିଲା ଏ ଦୃଶ୍ୟ। ତଥାପି ତା' ଆଖି ହାଲୋଜିନ୍ ଭଳିଆ ଦପଦପେଇଲା, ମୁହଁରେ ହାଇମାକ୍ସ ଜଳିଲା ଭଳିଆ ଲାଗିଲା। ଭାବିଲା ଏ ଚାଖୁଣିଆଟା ତ ବାରଆଡ଼େ ଏମିତି ଅକାଣ୍ଡକାଣ୍ଡିଆ ଭିଆଣମାନ ଭିଆଇ ଖାଲି ଗିଳିବାରେ ଲାଗିଛି। ଘଣ୍ଟୁ ମଗଜକୁ ଏ ପ୍ରକାର ଦୃଶ୍ୟର ଭାଙ୍ଗନିଶା, ଧାଏଁ କରି ଚରିଗଲା। ମଗଜ ଲାବଟପ୍‌ରେ ଆରମ୍ଭ ହେଲା ନୂଆ ପ୍ରୋଜେକ୍ଟ।

> **ନିଜର ଚେଲା ଚାମୁଣ୍ଡାଙ୍କ ଜରିଆରେ ଏ ପ୍ରକାର ମେସେଜ୍‌ମାନ ଛାଇ କରେଇଦେଲା ଯେ ଖରାଦିନର ଜଙ୍ଗଲ ନିଆଁ ପରି ତାହା ଚରିଗଲା।**

### ରୋଷେଇ ପ୍ରୋଜେକ୍ଟ

ଏଥର ଘଣ୍ଟୁ ରୋଷେଇ ସେଣ୍ଟର ଖୋଲି, ରୋଷେଇ ମଡେଲ୍‌ମଡ଼ାଣ ଦେବାକୁ ଯୋଜନା କରି, ନିଜର ଚେଲା ଚାମୁଣ୍ଡାଙ୍କ ଜରିଆରେ ଏ ପ୍ରକାର ମେସେଜ୍‌ମାନ ଛାଇ କରେଇଦେଲା ଯେ ଖରାଦିନର ଜଙ୍ଗଲ ନିଆଁଠାରୁ ଆଉ ବେଗରେ ସ୍ମାର୍ଟଫୋନିଆଁ ଓ ଫୋନିଆଣୀଙ୍କ ପାଖକୁ ଚରିଗଲା ଏ ଯୋଜନା ନିଆଁ। ଏସବୁ ଦେଖି ଟି.ଭି ପର୍ଦ୍ଦାରେ ନିଜ ରୋଷେଇଘରେ ରୋଷେଇ କରୁଥିବା କାଳରେ ମୁହଁ ଦେଖାଉଥିବା କିଚିନାଣୀମାନେ ତାଙ୍କ ଘରୁଆମାନଙ୍କୁ ଗାଏମୋଟ୍ ଉଠାପକା କଲେ। ବାହାରୁ ଦୁଃଖ କଷ୍ଟ ସହି ଘରେ ଶାନ୍ତିରେ କାଟିବାକୁ ଆସୁଥିବା ଘରୁଆମାନେ, ଘରେ କିଚିନାଣୀଙ୍କ ଅକାରଣ ରୋଦନ, କିଚେନ୍‌ଛାଡ଼ ଆନ୍ଦୋଳନର ଧମକରେ ଘୋର ଅଶାନ୍ତିରେ, ଶତ୍ରୁପକ୍ଷ ସହ ସନ୍ଧି କରିନେଇ, ତାଙ୍କୁ ଯେମନ୍ତ ପ୍ରକାରେ ହେଉ, କ୍ୟାମେରା ସାମନାରେ ଛିଡ଼ା କରାଇବାକୁ କୋଟ୍‌ସାକ୍ଷିଆ ହଲପ କଲେ।

ଘଣ୍ଟୁ ପ୍ରାୟୋଜିତ ଅଥାଇ ଅଫିସ୍ ଆଡ଼େ ଏମନ୍ତ ଆଶାୟୀ ବିକଳିଆ ଚନ୍ଦ୍ରସେଣିଆମାନଙ୍କ ଧାଡ଼ି ଲମ୍ବିଲା। ସେମାନଙ୍କ କଥାବାର୍ତ୍ତାରୁ ଘଣ୍ଟୁ ସେମାନଙ୍କୁ ଠଉରେଇ ନେଇ ସେମାନଙ୍କ ସ୍ତରୀକରଣ କଲେ। ନିମ୍ନଆତୁରିଆ, ମଧ୍ୟଆତୁରିଆ, ମାଳେଇଆତୁରିଆ, ସୁପରଆତୁରିଆ କ୍ରମରେ ସେମାନଙ୍କ ନାମକୁ ଘଣ୍ଟୁଙ୍କ ସମାନ ସହଯୋଗୀ ଫଣ୍ଟୁସ୍ ନାମ, ଧାମ, କାନଫୁଙ୍କା ନମ୍ବରାଦି ଟିପା କରେଇ ଡାଇରୀକରଣ କଲେ। କେତେ ସ୍ୱାମୀବାଚକ ଆତୁରିଆ, ଘଣ୍ଟୁ ଠାରୁ ଫେରି, ଘରେ ଗଡ଼ଜିଣିଲା ଠାଣିରେ ଖୁବ୍ ଶୀଘ୍ର ତାରିଖ ଆସିବ ବୋଲି ଜଣାଇଲେ। ସେମାନଙ୍କ କିଚିନାଣୀମାନେ, ପେଟରେ ପୁଅ ନ ଥିବା ବାପା, ବନମାଳୀପୁର ହାଟରେ ଖଡ଼ି ଗଡ଼େଇବା ଭଳିଆ, ସେମାନଙ୍କ ସାଙ୍ଗ ସାରିସାଙ୍କୁ ଭାବୀସୁଟିଂ ସମ୍ପର୍କରେ ବି ବୟାନମହକ ଚହଟେଇ ଦେଲେ।

ଲୁଟୁରା ପଟ୍ଟନାୟକଙ୍କ ଘରକୁ ପହିଲେ, ଘଣ୍ଟୁଙ୍କ ଫୋନ୍ ଗଲା– "ଆପଣ ଆଜି ଭିତରେ ଦେଖା କରି, ପ୍ରି-ସୁଟିଂ ଫିଜ୍ ପଇଠ କଲେ, କାଲି ଆପଣଙ୍କର ଘରେ ସୁଟିଂ ଆରମ୍ଭ ହେବ। ଏଠାକୁ ଆସି ଫିଜ୍ ଦାଖଲ କଲା ପରେ ଆମେ ଗୋଟେ ଦିନ ଟ୍ରେନିଂ ଦେବୁ, ତା' ପର ଉଇକିରେ ସୁଟିଂ ହେବ।" ସଞ୍ଜବେଳକୁ ଲୁଟୁରା ପଟ୍ଟନାୟକଙ୍କ ଆଡୁ ବେଉରା ଫୋନ୍ ଗଲା, ଯେ ବିଶେଷ କାମ ଥିବାରୁ, ସେ ଆଜି ଦେଖା କରିପାରିବେନି, ବରଂ ଫିଜ୍ କେତେ ହେବ କହିଲେ, ସେ କାହା ମାଧ୍ୟମରେ ପୈଠ କରାଯିବ। ଘଣ୍ଟୁ ଖୁସ୍ ହୁଆ। କିଏ ଆସୁ ନ ଆସୁ, ଧନ ଆସିବା ଦରକାର।

### ଘଡ଼େଇଙ୍କ ଆତୁରିଆପଣ


ଯୋଶେଫ୍ ଘଡ଼େଇଙ୍କ ସୁପରଆତୁରିଆ ପଣ ହେତୁ, ସେ ଆଗେ ଦେଖାକରି ତୁରନ୍ତ ପ୍ରି-ସୁଟିଂ ଫିଜ୍ ଦାଖଲ କରି ଟ୍ରେନିଂ ଟାଇମ୍‌ଟା ଫିକ୍‌ସି କରେଇଲେ। ପ୍ରି-ସୁଟିଂ ଟ୍ରେନିଙ୍ଗ୍ ଓ ଫାଇନାଲ୍ ସୁଟିଂ ପାଇଁ ଗାଏ ମୋଟ ଚାରି ହଜାର ଟଙ୍କା ଖର୍ଚ୍ଚା ପଡ଼ିଥାନ୍ତା, ମାତ୍ର ଘଡ଼େଇଏ ପହିଲା କଷ୍ଟ୍ୟୁମର ହେତୁ, ତାଙ୍କୁ ଗୋଟାଏ ଗାନ୍ଧିମୁଣ୍ଡିଆ, ମାନେ ପାଞ୍ଚଶହ ଟଙ୍କା ରିବେଟ୍ ଦିଆଯିବ।

ଘଡ଼େଇଏ ଖୁସି, ତାଙ୍କ କିଚିନାଣୀ ବି ଖୁସି। ଫିଜ୍ ପାଇବା ପରେ ଘଣ୍ଟୁ ଗୋଟେ ମୁଦା ଲଫାପା ଦେଇ, ଘରେ ତାଙ୍କ ଶ୍ରୀମତୀଙ୍କ ସହ ବିଚାର କରି ଆଇଟମ୍ ଚଏସ୍ କଲେ ଟ୍ରେନିଂ ଦିଆ ହେବାର ପ୍ରତିଶ୍ରୁତି ଦେଲେ।

ଘଡ଼େଇ ମହାନନ୍ଦରେ ଗୃହପ୍ରବେଶ କରି ତାଙ୍କ କିଚିନାଣୀଙ୍କୁ ଖାମ୍‌ଟା ଧରେଇଦେଲେ। ଉଭୟ ମନ-ମୁନ-ମୀନ-ଚଇତନ ଲଗାଇ କାଗଜଫର୍ଦ୍ଦଟା ଖାମ୍ ଭିତରୁ କାଢ଼ି ଦେଖିନେଲେ। ମୂଳୁଁଚୁଳ ତନଖି କରୁ କରୁ, କିଛି କ୍ଷଣ ପରସ୍ପର ମୁହଁଙ୍କୁ ଅନା ଅନି ହେଲେ। ଟାଉକା ଘଡ଼େଇ କହିଲେ ଏଇଥିରୁ ତମେ କେଉଁ ରାନ୍ଧଣା ପାଇଁ ଟ୍ରେନିଂନେବ, ତୁରନ୍ତ ଜଣାଇଲେ, ଟ୍ରେନିଂ ଆରମ୍ଭ ହେବ । କାଗଜରେ ଥିଲା "ଶୁଦ୍ଧ ହୋଡ଼ିଆ ସୁଆଦ" - ସାବଧାନରେ ଦେଖି ଗୋଟାକୁ ମାତ୍ର ବାଛନ୍ତୁ। ପରେ ପରେ ଥିବା ତାଲିକାରେ ଥିବା ହୋଡ଼ିଆ ରାନ୍ଧଣାଗୁଡିକ ଥିଲା -

ଏକ- ସାଧାରଣ ରାନ୍ଧଣା:

(କ) ଭାତ୍, ଅନ୍‌ନ, ବ୍ରିୟାନୀ, ଖେଚେଡ଼ା, ଭାତ୍‌ସବଜି, ଲବଣାଭାତ୍, ଭାତ୍‌କଚୌଡ଼ା, ୱାଟର ମିଲେଟ, ଭାତ୍‌ଫାମ୍ପେଡା।



(ଖ) ଡାଲ୍, ଡାଲ୍‌ଫ୍ରାଇ, ଡାଲତଗଡ଼ା, ଡାଲହାପୁ, ଡାଲଡଲାଇ।

ଦୁଇ - ନିରାମିଷ : ଆଲୁ ଆଲୁଆ, ପୋଇପୋଖରଡ଼ା, ବାଇଗନ୍‌ବେଗୁନା, ଛନ୍ଦିନ୍ଦ୍ରାଛତକସ, କାନ୍ଥୁଆଡାଲମା, ଭେଜ୍‌ଭେଜା, ଝୁଡୁଙ୍ଗା ଝଡ଼ଝଡା, ଜହ୍ନିଜନାବ୍, ଭେଣ୍ଡଭେଣ୍ଡିକା, ନାଉନାଲେକା।

ତିନି - ମଧ୍ୟାମିଷା : ଚୁଙ୍ଗ୍‌ମୁଙ୍ଗ୍, ଶାଗଦଣ୍ଡିଆ, ଏଗ୍‌ଗକୋଡ଼ା, ଶୁକୁଟାନସୁଖରାଇ, ଏଗ୍‌ଗାଭୋଜ।

ଚାରି - ଆମିଷ : ପ୍ରନ୍‌ଚୁଙ୍ଗୁଚୁଙ୍ଗା, ଭାକୁଡ଼୍‌ଭେଜଟୋଡ଼ା, ବାଳିଆବାଲ୍‌ବିକା, ଡୋଡିଡୋଡ଼ପା, ରୋହୀରାହେନ୍, ମଟନମରେଣ୍ଟା, ଚିକେନାଚିକ୍କଣା, ଚିକେନା-ଚିଞ୍ଚିକେନା, ପୋହଳାଗାଇଲେଟ୍, କଙ୍କଡ଼ାକଡ଼୍‌କଡ଼ା, ଘଡେଇଏ ଏ ଚିଠା ପଢ଼ୁ ପଢ଼ୁ ତିନିଗିଲାସ୍ ଜଳ ପ୍ରବେଶ କରାଇ, ଦି' ଦିଥର ଟଏଲେଟ୍ ସଙ୍ଖୋଳିଲେ। ତାଙ୍କ କିଚେନାଣୀ, ଘଡ଼ିଏ ଥାମ୍ ହେଇ ବସିବା ପରେ, ଆକସନମୁଡ଼ିଆ ଛାତ୍ର, କଡ଼ା ଶିକ୍ଷକଙ୍କୁ ହାଁ କରି ଅନେଇବା ଠାଣିରେ ଅନେଇଲେ ଘଡ଼େଇକି। ଘଡ଼େଇଏ ନା ବୁଝୁଛନ୍ତି, ନା କିଚେନାଣୀଙ୍କୁ କିଛି ବି ଉତ୍ତର ଦେଉଛନ୍ତି। କିଛିକ୍ଷଣ ଘାଣ୍ଟଚକଟ ପରେ ସିଆଡୁ ଆସିଲା ଫୋନ୍ - "ସାର୍! ମାଡେମେ କ'ଣ ସିଲେକ୍ଟ କଲେ, ତୁରନ୍ତ ଜଣାଇଲେ, ଆମେ ସେଇ ଅନୁସାରେ ପ୍ରିପେୟାର୍ କରନ୍ତୁ।"

**ଅପୂର୍ବ ଓଡ଼ିଶା ରାନ୍ଧଣା**

ଆଖି ଉଠିବା ଦିନରୁ ଏମନ୍ତ ଓଡ଼ିଶା ରାନ୍ଧଣା କଥା କେବେ ପଢ଼ି ନ ଥିବା, କାନ ଗଳୁରିଲାଠଉଁ, ଏମନ୍ତ ରାନ୍ଧଣାର ନାମଗନ୍ଧ ବି ବାରି ନ ଥିବା, ଜିଭ କଅଁଳିବା ବେଳୁଁ ଏମନ୍ତ ସୁଆଦ ପାଟିରେ ବାଜି ନ ଥିବା ଘଡେଇ ଘଡ଼େୟାଣୀ ଚାହିଁଜଳକା ହେଉଥିଲେ। ବିନ୍ଦୁରୁ ବିସର୍ଗ ଯାଏ, କିଛି ବୁଝି ନ ଥିବା ଏ ଦମ୍‌ଦିଆପତି ଉତ୍ତର ଦେବାକୁ ତୁଣ୍ଡରୁ ବଚନମାନ ହୁଗୁଳି ଯାଉଥାଏ।

କଲିଂବେଲ୍ ବଜେଇ ଭିତରକୁ ପ୍ରବେଶିଲେ ଘଡ଼େଇଙ୍କ ପିଲାଦିନର ସାଙ୍ଗ, ହର୍କେଲେସ୍ ବିଶୋୟୀ। ଘଡ଼େଇଙ୍କ ଭଳି ସେ ରାଜଧାନୀବାସୀ ମାତ୍ର ଘଡ଼େଇଙ୍କଠାରୁ ସେ ଢେର୍ ଢେର୍ ମାର୍କାଆଡଭାନ୍‌ସିଆ, ସବୁବେଳେ ତାଙ୍କର ବାହାରେ ଖିଆପିଆ, ପାର୍କ, ହୋଟେଲ୍, ରେଷ୍ଟୁରାଣ୍ଟ, ଢାବା ମାବାରେ ଡେଲି ଚଳାଚଳ। ସବୁ ସୁଆଦ ସେ ଚାଖିଚନ୍ତି। ଘଡ଼େଇ ଦମ୍ପତିଙ୍କ ଏମନ୍ତ ଅସହାୟ ବେଳାରେ ସେ ଯେମିତି ଏକମାତ୍ର ଭରସା ଖୁଣ୍ଟ ହେଲେ। ଚିନ୍ତାନଈ ସୁଅରେ ଭାସୁଥିବା ଘଡ଼େୟାଣୀ, ବୁଡ଼ିଯାଉଥିବା ଲୋକ ନଈକୂଳିଆ ମାହାଳଗଛକୁ

ଭଳିଆ, ସାହାହେଲେ ହରକ୍ଲେସ ବାବୁ।

କରପତ୍ର ଯୋଡ଼ି କାକୁସ୍ଥ ଭଙ୍ଗିରେ କାଗଜଟି ଧରେଇ ଦେଲେ – ଘଡ଼େଇସାଆରେ। ତହୁଁ କାଗଜ ଉପରେ ଆଖି ପହଁରେଇ ଦେଇ ମାଳେଇପାର୍ଟିର ଦୁଃଶାସନ ପାର୍ଟିଅର ଭଳିଆ ବେଖାପିଆ ହୋ ହୋ ହୋ ହସରେ ଏ କଥାକୁ ଉଡ଼େଇ ଦେଲେ ହରକ୍ଲେସ୍ ସାଆରେ। ଏମନ୍ତ ହସର କାରଣ ସେ ଯାହା ଜଣାଇଲେ, ଠିଆ ତାକୁବ୍ ହେଇଗଲେ ଘଡ଼େଇ ଘଡ଼େୟାଣୀ। ବ୍ରେକ୍‌ଫେଲ୍ ଗାଡି ଗଡ଼ିବା ଭଳିଆ, ବ୍ରେକ୍‌ଫେଲ୍ ହସକୁ କୌଣସି ପ୍ରକାରେ ବ୍ରେକ୍‌ଦେଇ ପାଣି ଗିଲାସେ ଗଳାସ୍ଥ କରିବା ପରେ ହର୍କଲେସ୍ କହିଲେ – "ମୁଁ ଭାବୁଥିଲି ମୁଁ ବୋକା ବୋଲି, ତମେ ଦି' ଜଣ ବି ମୋ ଶ୍ରେଣୀର ଗୁଡ୍‌ବୋକ୍। ଯେଉଁ ଚିଠା ଧରିଚ, ସେ ଚିଠା ବି ମୋ ପାଖରେ, ଆମ୍ଭ କିଚେନାଣୀଙ୍କ ଚାମଣ୍ଡାଗିରିରୁ ମୋର ବି ଟଙ୍କା ତିନି ହଜାର ଯାଇଛି।

**'ହୋଡ଼ିଶା ସୁଆଦ' ନାଆଁରେ ଏ ଯେଉଁ ତାଲିକା କିଳା ଆଇଚି, ମୋ ବାପା, ଗୋସେଁବୋପାଙ୍କ ଅମଳରୁ ଆମେ ଏସବୁର ନାମଗନ୍ଧ ସୁଦ୍ଧା ଶୁଣିନୁ ।**

'ହୋଡ଼ିଶା ସୁଆଦ' ନାଆଁରେ ଏ ଯେଉଁ ତାଲିକାକିଳା ଆଇଚି, ମୋ ବାପା, ଗୋସେଁବୋପାଙ୍କ ଅମଳରୁ ଆମେ ଏସବୁ ନାମଗନ୍ଧ ସୁଦ୍ଧା ଜାଣିନୁ କି ଶୁଣିନୁ । ମୁଁ ଟ୍ରେନିଂକର୍ତ୍ତାଙ୍କ ସହ ପ୍ରତିଟି ରାନ୍ଧଣା ବିଷୟରେ ବୁଝିଲାରୁ ମୋ ମଥାରୁ ଟେମ୍ପରଚର୍ ବଢ଼ିଲା। ଗୋଟାଏ ଅଛି ମଧ୍ୟାଂମିଷ । କହିଲା ଏଗ୍‌କୋଡ଼ା– ଏଗ୍ – ଅଣ୍ଡାକୁ ପୋଡ଼ିବା, ଶୁଖତାନସୁଖରାଇ' – ଶୁଖୁଆରାଇ, ଚୁଙ୍ଗମୁଙ୍ଗ୍ ମୁଗ ଓ ଚୁଙ୍ଗୁଡ଼ି ଶିଝା। ଶାଗଦଣ୍ଡିଆ – ଦଣ୍ଡିକିରାକୁ ଶାଗ ପକାଇ ଭାଜିବା । ଅଣ୍ଡା, ଚୁଙ୍ଗୁଡ଼ି – ଏସବୁ ଗୌରାଙ୍ଗ, ତେଣୁ ଆମିଷ ନ ହେଇ, ଏ ରାନ୍ଧଣା ନିରାମିଷରେ ଯିବ। ଶୁଖୁଆ ଶୁଖିଯାଇଛି, ତା' ମାଛପଣ ନାଇଁ, ତେଣୁ ଏ ବି ମଝିଲା ଆମିଷରେ ଯିବ।

ନିରାମିଷରେ ଥିବା ପୋଇରାଇ ହେଲା ଯାଙ୍କର ପୋଇପୋଖତା, 'ଛଚିନ୍ଦ୍ରା ଛତକସ' ହେଲା ଛଚିନ୍ଦା ଭଜା, 'ବେଗୁନ୍ ବେଗୁନା' – ବାଇଗଣ ଭରତା, ଜହ୍ନିଜନାବ ହେଲା – ଜହ୍ନି ଭଜା, ଝୁଡ଼ଙ୍ଗ ଝଡ଼ଝଡ଼ା ହେଲା ଆଖି ମିଟିକା ମାରୁଥିବା ଦରସିଝା ଝୁଡ଼ଙ୍ଗଭଜା। ସେମିତି ଭାତଡାଲି କଥା। ଖେଚୁଡ଼ି ଏଠି ଖେଚଡ଼ା, ଲୁଣ୍‌ଭାତ୍ ହେଲା ଲୁଣ ପକା ପଖାଳ, ମିଲଟ୍ ୱାଟର୍ ହେଲା ମାଣ୍ଡିଆଯାଉ, ଡାଲ୍‌ହାପୁ ହେଲା ହାପୁଡ଼ା ହେଉ ନ ଥିବା ପାଣିଆ ଡାଲି, ଭାତ୍‌ଫାମ୍ପେଡ଼ା ହେଲା ଟାଆଁସିଆ ଭାତ– ସତେ ଯେମିତି ସେ ଖାଇବା ଲୋକକୁ ଖତେଇ ହଉଚି। ଭାକୁଡ୍ ଭେକଭେକା– ଭାକୁଡ଼ମୁଣ୍ଡ ଛେଞ୍ଚଡ଼ା, ତୋଡ଼ିତୋଡ଼ପା – ହେଲା ପଙ୍କୁଆମାଛର ଅଧାଝୋଳ, ସେମିତି ପୋହଳାପଳହଳା ହେଲା ପୋହଳାମାଛ ଭଜା, ମଟନ୍ ମଡ୍‌ସାଟ୍ ହେଲା ଲେଡିଖାସି ଝୋଳ। ଗାମୁଛା ପାଲଟି ଏ ଝୋଳକୁ ମାପି ଭିତରେ ପଶିଲେ ଅବା ମାଉଁସ ଖଣ୍ଡେ ପାଇଗଲେ ଗ୍ରାହକ ଧନ୍ୟ।

## ହୋସ୍ ଉଡ଼ିଲା

ଶୁଣୁଶୁଣୁ ଘଡ଼େଇ ଘଡ଼େୟାଣୀଙ୍କ ହୋସ୍ ଉଡ଼ିବା ଉଡ଼ିବା ଅବସ୍ଥା। ଶେଷରେ ଏମନ୍ତ ସୁଆଦିଆ ନାଁ ଶୁଣୁଶୁଣୁ ତାଙ୍କ ପେଟ ଆଗ୍ନେୟଗିରିରୁ ଅଚାନକିଆ ଉଚ୍ଛାଳ ବାନ୍ତି ଆରମ୍ଭିଲେ ଘଡ଼େୟାଣୀ । ଏ ବାନ୍ତି କିନ୍ତୁ ସେ ବାନ୍ତି ନ ଥିଲା । ଅବସ୍ଥା ଅସମ୍ଭାଳ। ଆସୁଥିବା ଫୋନ୍ କାଟିଦେଇ ମୁଣ୍ଡରେ ହାତଦେଇ ବସିଗଲେ।


ସାଇବରିଆ କାଣ୍ଡଠାରୁ ଘଣ୍ଟଙ୍କ ଏମନ୍ତ କାଣ୍ଡ ବହୁ ଆକାଶଛୁଆଁ ଉଚ୍ଚାରେ। ଏମନ୍ତ ହୋଡ଼ିଆସୁଆଦ ପାଇଁ ଫି ଦେଇ ସାରିଥିବା ଆତୁରିଆମାନେ ନା କାହାକୁ ଏକଥା କହି ପାରୁଛନ୍ତି ନା ନିଜ ଘନବୋକାପଣ ଶିକାର ହେଇ ଥିର ହେଇ ରହିପାରୁଛନ୍ତି । ଇଏ ପରା କରତଧାର, ଭିଡ଼ିଲେ କାଟୁଚି, ଟାଣିଲେ ବି କାଟୁଚି।

ଏମନ୍ତ ଅଝାଡୁଆ ଅଖାଦ୍ୟ ଘୋଟଣା ଖାଇବାଠାରୁ ଆମ ଦେଶୀଖାଇବା ଢେର୍ ଭଲ ବୋଲି ଘଡ଼େଇଙ୍କ ପଡ଼ିଶା ବନ ପଇଡ଼ାଙ୍କ କଥା କାନରେ ପଇଲାରୁ ଘଡ଼େଇଏ ମନେ ମନେ ବହେ ଘାରି ହେଉଥିଲେ। ଘଟଣାଟା ଅଜାଗା' ଘା ପ୍ରକାର ନା।

□□

ଲେଖକଙ୍କ ଇ-ମେଲ୍ ଠିକଣା:
mishrasala.ctc@gmail.com

ପ୍ରବନ୍ଧ




# ସାହିତ୍ୟରେ କଳାର ଭୂମିକା

ଡ. ଦାଶ ବେନହୁର

ସାହିତ୍ୟ ଯେ ଏକ କଳା ଏ କଥା କେହି ଅସ୍ୱୀକାର କରିବେ ନାହିଁ। କିନ୍ତୁ କଳା କହିଲେ ତାହା କ'ଣ କେବଳ ସାହିତ୍ୟରେ ସୀମିତ ? ସାହିତ୍ୟର ପରିସର ଯେମିତି ବ୍ୟାପକ, କଳାର ସୀମା ସରହଦ ସେମିତି ସୁବିସ୍ତୃତ। ଏଠାରେ କାହାର ସୀମା ବଡ଼ ବା କାହାର ସୀମା କମ୍ ସେ କଥା ପଡ଼ିନାହିଁ। ମୌଳିକ ତତ୍ତ୍ୱଟି ହେଲା ଏ ଦୁଇଟି ପରସ୍ପର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସାହିତ୍ୟରେ କଳା ଅଛି, କଳାରେ ବି ସାହିତ୍ୟ ଅଛି।

କଳା କ'ଣ? ଇଂରାଜୀରେ ଯେଉଁ କଥାକୁ "ଆର୍ଟ" କୁହାଯାଏ, ତାହାକୁ ପ୍ରାୟ ସମସ୍ତ ଭାରତୀୟ ଭାଷାରେ କୁହାଯାଏ "କଳା"। କଳା କାହିଁକି? ଧଳା ବା ଶୁଭ୍ର କିମ୍ବା ରଙ୍ଗିନ୍ ବୋଲି ଆର୍ଟକୁ କାହିଁକି କୁହାଗଲା ନାହିଁ। ପୁଣି ଆର୍ଟ ବା କଳା କହିଲେ ଆମେ ସେଥିରେ ସାଧାରଣତଃ ଅଙ୍କନ, ଅଭିନୟ, ସଙ୍ଗୀତ ଓ ନୃତ୍ୟକୁ ଯୋଡ଼ିଥାଉ। ବିଶେଷ କରି "ଆର୍ଟ ପ୍ରଦର୍ଶନୀ" କହିଲେ ଆମେ "ଚିତ୍ର ପ୍ରଦର୍ଶନୀ"କୁ ବୁଝୁ। କଳା ବା ଆର୍ଟ କ'ଣ ପ୍ରକୃତରେ କେବଳ ଛବିରେ ସୀମିତ ?



"କଳା" କଥାଟିକୁ ପ୍ରଥମେ ବୁଝିବା ଦରକାର। ଧଳା ବା ଆଲୋକରେ ଆମେ ସବୁ ଦେଖିପାରୁ। କେତେକ ପଶୁପକ୍ଷୀଙ୍କର ଦୃଷ୍ଟି ହୁଏତ ରଙ୍ଗବାଧିତ, ହେଲେ ମଣିଷ ସବୁ ରଙ୍ଗକୁ ଦେଖିପାରେ। ଯାହା ଆମକୁ ଦୃଶ୍ୟ ହୁଏ, ସେ ସବୁ ବାସ୍ତବ। ମାତ୍ର ଆଖି ବୁଜିଦେଲେ ? ଚାରିଆଡ଼ କଳା ବା ଅନ୍ଧାର ହୋଇଗଲେ, କିଛି ଦେଖା ନ ଗଲେ ଆମେ କଳ୍ପନା କରି ବସୁ। ଏ କଥାଟି ଏମିତି କି? ଏ ଯେଉଁ ଶବ୍ଦ ଶୁଭୁଚି ଅଥଚ ଦେଖାଯାଉନାହିଁ ତାହା ଏଇ କାରଣରୁ କି? ଏପରିକି ଆଖି ବୁଜି କେହି ଅଜଣା ଲୋକର ସ୍ୱର ଶୁଣିଲେ ଆମେ ତା'ର ମୁହଁ, ଦେହକୁ କଳ୍ପନା ଚକ୍ଷୁରେ ଦେଖିବାକୁ ଚେଷ୍ଟାକରୁ। ଅତଏବ କଳା ହିଁ କଳ୍ପନାର ମୂଳାଧାର। କଳା ନ ଥିଲେ କଳ୍ପନା ନ ଥାନ୍ତା। ଅନ୍ୟ ଅର୍ଥରେ କହିଲେ କଳା ହିଁ କଳ୍ପନାର କ୍ଷେତ୍ର।

**କଳା ଓ କଳ୍ପନା**

ଏ କଳ୍ପନା କଥାଟି ପୁଣି କ'ଣ? କିଏ କଳ୍ପନା କରେ? ପଶୁପକ୍ଷୀ ହୁଏତ କଳ୍ପନା କରିପାରୁଥିବେ ମାତ୍ର ସେ କଳ୍ପନା ଆଧାରରେ କିଛି ନୂଆ କଥା ସୃଷ୍ଟି କରିବା ତାଙ୍କ ଦ୍ୱାରା ସମ୍ଭବ ହୁଏ ନାହିଁ। ସେଇଥିପାଇଁ କୁଶଳୀ ଚଢ଼େଇମାନେ ସୁଦ୍ଧା ବଂଶ ପରେ ବଂଶ ସେଇ ଗୋଟିଏ ପ୍ରକାରର ବସା ତିଆରି କରିନ୍ତି। ସେମାନଙ୍କର ଅଧିକାଂଶ କାମ ବା ସୃଜନକଳା ସ୍ୱାଭାବିକ ପ୍ରବୃତ୍ତି-ଆଧାରିତ। କିଛି କିଛି ପକ୍ଷୀ ଯେଉଁ ଭିନ୍ନ ଭିନ୍ନ ସ୍ୱର କରନ୍ତି ତାହା ସେମାନଙ୍କର ପ୍ରବୃତ୍ତିଗତ ଭାଷା। ପଶୁପକ୍ଷୀଙ୍କର କଳ୍ପନା ଶକ୍ତିକୁ ପରଖିବା ପାଇଁ ମନୁଷ୍ୟ ସେମାନଙ୍କୁ ନୂଆ ଅଭ୍ୟାସ ଶିଖାଏ ଓ ମାନସିକ ଭାବେ ନିର୍ଦ୍ଦିଷ୍ଟ କର୍ମ ଲାଗି ଅନୁକୂଳିତ କରେ। ସେମାନେ ସେଇ ଶିଖାଣ ଅନୁସାରେ ହୁଏତ ନୂଆ କୌଶଳ ଦେଖାନ୍ତି, ମାତ୍ର ତାହା କଳା ବା କଳ୍ପନା ନୁହେଁ। ସେଇ ଅଭ୍ୟାସରେ ପଡ଼ିଥିବା ପ୍ରବୃତ୍ତିର ସେ ସବୁ ରୂପରେଖ ମାତ୍ର।

ଅତଏବ ପଶୁପକ୍ଷୀଙ୍କର ଆର୍ଟ ବା କଳା ସହ ସମ୍ପର୍କ ନାହିଁ। ମଣିଷ ସାରା ସଂସାରରେ ଏକମାତ୍ର ପ୍ରାଣୀ ଯେ କଳ୍ପନା ଆଧାରରେ ନୂଆ ନୂଆ ସୃଷ୍ଟି କରେ। ନ ଦେଖିଥିବା, ନ ଅନୁଭବ ନ କରିଥିବା କିମ୍ବା ନ ଶୁଣିଥିବା କଥାକୁ ମଧ ସେ କଳ୍ପନାରେ ସୃଷ୍ଟି କରିପାରେ। ଏ ସମସ୍ତ ତା'ର କଳା-ପ୍ରବଣତା ଆଧାରରେ ରୂପପାଏ। ତେବେ ସବୁ ବିଜ୍ଞାନର କଥା। ତାହା ପଛରେ ଅଛି ଏଇ ପ୍ରଚୋଦନା।

କଳାର ପରିସର ଏତେ ବ୍ୟାପକ ଯେ ଆମେ ତା'କୁ

କେବଳ ନୃତ୍ୟଗୀତରେ ସୀମିତ କରି ରଖିପାରିବା ନାହିଁ। ଖାଇବା, ପିଇବା, ଚାଲିବା, ପିନ୍ଧିବା, କଥା କହିବା, ଘର ତୋଳିବା, ଆଙ୍କିବା, ନାଚିବା, ଗାଇବା, ଲେଖିବା ଏପରିକି ନୂଆ ଭାବନା ମନକୁ ଆଣିବା ମଧ୍ୟ କଳା ପରିସରଭୁକ୍ତ ବୋଲି ଆମକୁ ସ୍ୱୀକାର କରିବାକୁ ପଡ଼ିବ।

କଳା-କଳ୍ପନା ମଣିଷ ଜୀବନକୁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଆଚ୍ଛନ୍ନ କରି ରଖେ। ସମୟରୁ ସମୟାନ୍ତରକୁ ଏବଂ ପିଢ଼ିପରେ ପିଢ଼ିକୁ ଏ ଧାରା ପ୍ରବାହିତ ହୋଇ ଚାଲିଥାଏ। ସେଇଥିରୁ ଜନ୍ମ ନିଏ ସଂସ୍କୃତି। ଗୋଟିଏ ଜନଗୋଷ୍ଠୀ, ଗୋଟିଏ ନିର୍ଦ୍ଦିଷ୍ଟ ସମୟଖଣ୍ଡରେ ଯେମିତି ବଞ୍ଚେ, ଆଚରଣ କରେ ଏବଂ ଯେଉଁସବୁ ଉପାଦାନ ବା ସାମଗ୍ରୀ ଉପଯୋଗ କରି ଜୀବିକା, ଜୀବନ ନିର୍ବାହ କରେ, ଆମେ ସବୁକୁ ମିଶାଇ ତାକୁ ସଂସ୍କୃତି ବୋଲି କହୁ। ଏହି ସଂସ୍କୃତି ଦୀର୍ଘସ୍ଥାୟୀ ହୋଇ ସଭ୍ୟତାର ରୂପ ନିଏ।

ତେଣୁ କଳା ବା କଳ୍ପନା ମଣିଷର ସଂସ୍କୃତି ଗଢ଼େ, ସଭ୍ୟତା ମଧ୍ୟ ନିରୂପିତ କରେ।

**ସାହିତ୍ୟ କ'ଣ କେବଳ ବାସ୍ତବତା? ବାସ୍ତବତାରେ କଳ୍ପନା ନ ମିଶିଲେ ତାହା କ'ଣ କେବେ ସାହିତ୍ୟ ହେଲାଣି? ବାସ୍ତବତା ଧଳା, ମାତ୍ର କଳ୍ପନା କଳା।**

### ସଂସ୍କୃତି ମହାସାଗର

କଳା ପୃଥିବୀକୁ ଘେରିଥିବା ସମ୍ମିଳିତ-ସପ୍ତସାଗର ହେଲେ, ସଂସ୍କୃତି ମହାସାଗର। ସେଥିରେ କେତେ କଥା ଜନ୍ମ ନିଏ ପୁଣି କେତେ କଥାର ବିଲୟ ଘଟେ। ମହାସାଗର କିନ୍ତୁ ସେମିତି ଥାଏ। ଅଥଚ ତା'ର ଅଭ୍ୟନ୍ତରରେ ପରିବର୍ତ୍ତନର ଧାରା ଚାଲିଥାଏ ଯାହା ବାହାରକୁ ଜଣାପଡ଼େ ନାହିଁ।

ଏଇ ବିଶାଳ ମହାସାଗର ରୂପକ ସଂସ୍କୃତିରେ ସାହିତ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ସଂସ୍କୃତି ହିଁ କଳାର ବିସ୍ତାରିତ ସ୍ୱରୂପ। ଏଇ ବିସ୍ତାରିତ ରୂପ ଭିତରେ ଯାହା ଅତି ସୌନ୍ଦର୍ଯ୍ୟମୟୀ ତଥା କାଳଜୟୀ ତାହା ହେଉଛି "ସାହିତ୍ୟ"। ମନେ ରଖିବା ଉଚିତ ଯେ ସାହିତ୍ୟ ଉଭୟ ମୌଖିକ ପୁଣି ଲିଖିତ। ସମାଜର ହିତ ସକାଶେ ଯାହା ଏକ ରସାଳ ଧାରାରେ ଅଭିବ୍ୟକ୍ତ ହୋଇ ମଣିଷ ସହ ଦୀର୍ଘକାଳ ବଞ୍ଚିରହେ ତାହା ସାହିତ୍ୟ। ଦିନ ଥିଲା ଯେତେବେଳେ ଲିଖିତ ବୋଲି କିଛି ନ ଥିଲା। ସେତେବେଳେ ବି ଥିଲା ସାହିତ୍ୟ। ବେଦକୁ ମୂଳତଃ ଜ୍ଞାନଗ୍ରନ୍ଥ କୁହାଗଲେ ମଧ୍ୟ ତାହା ଥିଲା ମୌଖିକ। ଶୁଣି ଶୁଣି ମନେ ରଖାଯାଉଥିବାରୁ "ଶ୍ରୁତି"। ବେଦ ପୁଣି ଋଷୀ-ସଙ୍ଗୀତ। ସେଥିରେ ଅର୍ଥ ସହ ଧ୍ୱନି ନିହିତ। ଅତଏବ ବେଦକୁ ପ୍ରଥମ ଶୃଙ୍ଖଳିତ-ସାହିତ୍ୟ ବୋଲି କୁହାଯାଇପାରେ, ଯାହା ବହୁ ପରେ ଲିଖିତ ରୂପକୁ ଆସିଛି।

### ଯୁକ୍ତାକ୍ଷର ବି ଏକ କଳା

ମାତ୍ର ଲିପି ବା ଅକ୍ଷର ଜନ୍ମ ନେବା ପରେ ସାହିତ୍ୟ ସମାଜରେ ଅଧିକ ମର୍ଯ୍ୟାଦାବନ୍ତ ହୋଇଛି। ଧ୍ୱନି ପ୍ରାକୃତିକ, ମାତ୍ର ଭାଷା, ଅକ୍ଷର ସ୍ୱର ଆଦି ସବୁ କଥା ମଣିଷର କଳ୍ପନାରୁ ସୃଷ୍ଟ। ଅତଏବ ଭାଷା ବି ଏକ କଳା। ଅକ୍ଷର ବି କଳା। କେହି କେହି ଯୁକ୍ତାକ୍ଷରଗୁଡ଼ିକୁ ବାଦ୍‌ଦେବା ଲାଗି ସହଜ ଅକ୍ଷର ଲିଖନର କଥା କହନ୍ତି, ହେଲେ ଯୁକ୍ତାକ୍ଷରଗୁଡ଼ିକ ମଧ୍ୟ ଗୋଟିଏ ଭାଷାର କଳା-ପ୍ରତୀକ।

ଅକ୍ଷର ବା ଲିଖିତ ରୂପ ସାହିତ୍ୟକୁ ସ୍ଥାୟୀ ରୂପ ଦେଇଛି। ତେଣୁ ସାହିତ୍ୟର କାଳଜୟୀପଣକୁ ସ୍ୱୀକାର କରି କୁହାଯାଇଛି – "କୀର୍ତ୍ତିଃ ଅକ୍ଷର -ସମ୍ବନ୍ଧା ସ୍ଥିର ଭବତି ଭୂତଳେ"। ଯେତେ କୀର୍ତ୍ତି ସଂସାରରେ ଅଛି ତା' ଭିତରେ ଅକ୍ଷର କୀର୍ତ୍ତି ବା ସାହିତ୍ୟର ସ୍ଥିରତା ଅଧିକ। କାଳଜୟୀ ସାହିତ୍ୟ ଚିରନ୍ତନ।

ଏଇଠି ବୁଝିବାକୁ ହେବ ଯେ କେବଳ ଅକ୍ଷର, ଭାଷା, ସ୍ୱର, ଉଚ୍ଚାରଣ ଆଦି ମଣିଷ କଳ୍ପନା କରି ସୃଷ୍ଟି କରିନାହିଁ, ସାହିତ୍ୟ ମଧ୍ୟ ସୃଷ୍ଟି କରିଛି। ସଂସ୍କୃତିର ମହାସାଗରରେ ସାହିତ୍ୟ ସାଗର। ସେଥିରେ ପୁଣି ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ଆଦି କେତେ କେତେ ରୂପ। ତେଣୁ ସଂସ୍କୃତିର ଜନ୍ମ ଯେମିତି କଳାରୁ, ସାହିତ୍ୟ ମଧ୍ୟ ସେଇ କଳାରୁ ଜନ୍ମ ନେଇଛି।

### ସମାଜର ଦର୍ପଣ

ସାହିତ୍ୟକୁ ସମାଜର ଦର୍ପଣ ବୋଲି କୁହାଯାଏ। ଦର୍ପଣ ବାସ୍ତବତାର ପ୍ରତିଫଳନ ଦେଖାଏ। ସାହିତ୍ୟ କ'ଣ କେବଳ ବାସ୍ତବତା? ବାସ୍ତବତାରେ କଳ୍ପନା ନ ମିଶିଲେ ତାହା କ'ଣ କେବେ ସାହିତ୍ୟ ହେଲାଣି? ବାସ୍ତବତା ଧଳା ମାତ୍ର କଳ୍ପନା କଳା। ଏ ଦୁଇ କଥାର ସମ୍ମିଶ୍ରଣରେ ସାହିତ୍ୟ ସୃଷ୍ଟି ହୁଏ। ଖାଲି ଭାଷାକୁ ନେଇ ସାହିତ୍ୟ ଗଢ଼ାହୁଏ ବୋଲି କହିଲେ ମଧ୍ୟ ଠିକ୍ ହେବ ନାହିଁ। ଭାଷାର ପଞ୍ଜର ଶବ୍ଦ। ଶବ୍ଦ ପୁଣି ଅନେକ। ପାଣି ପାଇଁ ତ ଜଳ, ସଲିଳ, ପୟ, ବାରି ଏମିତି

କେତେ ଶବ୍ଦ ଅଛି ? ସାହିତ୍ୟ କିନ୍ତୁ ଠିକଣା ଢଙ୍ଗରେ ଠିକଣା ଶବ୍ଦକୁ ତଉଲି ତା'ର ବ୍ୟବହାର କରେ। ସେମିତି କେତେ ବାସ୍ତବତା ଓ କେତେ କଳ୍ପନା; ତା'ର ଭାଗମାପ ଠିକ୍ ନ ରହିଲେ ଯେ କୌଣସି ଲେଖା ସାହିତ୍ୟ ସ୍ତରକୁ ଉତ୍ତୀର୍ଣ୍ଣ ହୋଇପାରେ ନାହିଁ।

> **ସାହିତ୍ୟକୁ କର୍ମ ଓ କଳାକୁ ପ୍ରେରଣାର ଆଧାର ଭାବରେ ମଧ୍ୟ ଗ୍ରହଣ କରାଯାଇପାରେ।**

ସାହିତ୍ୟକୁ କର୍ମ ଓ କଳାକୁ ପ୍ରେରଣାର ଆଧାର ଭାବରେ ମଧ୍ୟ ଗ୍ରହଣ କରାଯାଇପାରେ। ସେଥିପାଇଁ କୁହାଯାଉଛି ଯେ ସାହିତ୍ୟରେ ପ୍ରେରଣା ଏକ ପ୍ରତିଶତ, ମାତ୍ର କର୍ମ ଅନେଶତ ଭାଗ। ମାତ୍ର ଏଭଳି ଗାଣିତିକ ହିସାବ ଭ୍ରମାତ୍ମକ। ଇଞ୍ଜିନ ଚାଳିତ ଗୋଟିଏ ଗାଡ଼ିର ମୂଳ କଥା ହେଲା ଇଞ୍ଜିନଟିକୁ ଚାଲୁ ରଖିବା। ସେଇ ଗାଡ଼ି ଥାଇ, ଇଞ୍ଜିନ ଥାଇ ଷ୍ଟାର୍ଟ ନହେଲେ ତା'ର ମୂଲ୍ୟ ଲୁହା ସହ ସମାନ। ଗାଡ଼ିଟି ଚାଲୁଥିବାବେଳେ ମନେ ରଖିବାକୁ ହେବ ଯେ ସେଇ ଷ୍ଟାର୍ଟ ବା ଚାଳନାରମ୍ଭ ତାହାକୁ ଅନୁରୂପ ଭାବେ ଚାଲୁ ରଖିଛି। ନଚେତ୍ ତାହା ନିଶ୍ଚଳ, ଅଗାଡ଼ି।


ସାହିତ୍ୟ ସେଇଭଳି। କଳାତ୍ମକ ପ୍ରେରଣା ତାକୁ ଚାଲୁକରିଦିଏ। ତାପରେ ତାହା ଅକ୍ଷରକର୍ମ ଓ ଭାବକର୍ମରେ ଧାଏଁ। ହେଲେ ଅନୁଭବରେ ରଖିବାକୁ ହେବ ଯେ ସେଇ ପ୍ରେରଣା ଲେଖନ ବା କବିର ଲେଖନୀ ସହ ଅନବରତ ଅଛି ଓ ଚାଲୁଛି। ଏ ପ୍ରଚୋଦନା ଯେଉଁଠି ବନ୍ଦ ହୋଇଯିବ, ସେଇଠି ସରିଯିବ ସାହିତ୍ୟର ପ୍ରବାହିତ ଧାରା। ସ୍ଥାଣୁତ୍ୱ ଆସିଯିବ।

କଳ୍ପନା, ପ୍ରେରଣା ବା କଳା ନଥିଲେ ଜୀବନ କାହିଁ ନା ସାହିତ୍ୟ କାହିଁ? ସାହିତ୍ୟ ପାଦପ ହୋଇ ଚେର ଧରେ, ପତ୍ର ମେଲାଏ, ଫୁଲ ଫୁଟାଏ, ଫଳ ଫୁଲର ରୂପାନ୍ତର ମାତ୍ର। ହେଲେ ଚେର ହିଁ ସମସ୍ତ ପ୍ରାଣସତ୍ତାର ମୂଳାଧାର। ତାହା ମାଟିରେ ପଶିଥିବା ଚେର ହେଉ କି ପବନରେ ଝୁଲୁଥିବା ଚେର ହେଉ, ଗଛଟିଏ ପାଦରେ ପିଇ ଜିଏଁ। ସାହିତ୍ୟ କଳାରୁ ପ୍ରାଣ ଆହରଣ କରି ଆତ୍ମପ୍ରକାଶ କରେ। ବୁଝିବାକୁ ହେବ ଯେ ଯିଏ କଳାପ୍ରାଣ ନୁହେଁ ତା ଭିତରେ ସାହିତ୍ୟର ଫୁଲ ଫୁଟିବା ଅସମ୍ଭବ। ପ୍ରତିଟି ସାହିତ୍ୟିକ କଳାକାର ହେବାକୁ ବାଧ୍ୟ।

□□

ଲେଖକଙ୍କ ଇ-ମେଲ ଠିକଣା:
dashbenhur.53@gmail.com

**ଧାରା ଶ୍ରୀରାଧା ଟ୍ରଷ୍ଟର ଏକ ଅନବଦ୍ୟ ପ୍ରକାଶନ**




**ଧାରା ଶ୍ରୀରାଧା**

**କବି - ମଙ୍ଗଳାପ୍ରସାଦ ପ୍ରଧାନ**

**DHARA SHREE RADHA TRUST**
**(A Literary & Cultural Organisation)**
**Email - dharashreeradha2017@gmail.com**

ସାକ୍ଷାତ୍‌କାର

# ବରିଷ୍ଠ କବି ଗିରିଜାକୁମାର ବଳୀୟାରସିଂହଙ୍କ ସହ ଅନ୍ତରଙ୍ଗ ଆଳାପ

*କବି ଗିରିଜାକୁମାର ବଳୀୟାରସିଂହଙ୍କ ଜନ୍ମ ୯ ଡିସେମ୍ବର ୧୯୫୪ ମସିହାରେ। ଜଣେ ଶବ୍ଦଭେଦୀ କାବ୍ୟପୁରୁଷ ଭାବରେ ସେ ଓଡ଼ିଶାର ସାରସ୍ୱତ ଜଗତରେ ସୁପରିଚିତ। 'ଭାରତବର୍ଷ' କାବ୍ୟକୃତି ପାଇଁ ୨୦୦୬ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ସେ । ଏହା ଛଡ଼ା ୧୯୭୬ରୁ ୨୦୨୪ ମସିହା ଯାଏଁ ପ୍ରାୟ ଅର୍ଦ୍ଧ ଶତାବ୍ଦୀର ଅବଧି ମଧ୍ୟରେ ସେ ଆମକୁ ଦେଇସାରିଛନ୍ତି ୧୫ଟି କାବ୍ୟକୃତି। ଓଡ଼ିଆ ସନେଟ୍ ସାହିତ୍ୟରେ ସେ ଏକ ଅଭିନବ ଧାରାପ୍ରବାହର ପ୍ରବର୍ତ୍ତକ। ତା'ଙ୍କ ସହିତ ବାର୍ତ୍ତାଳାପ କରିଛନ୍ତି 'ସାହିତ୍ୟଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।*

**ସାହିତ୍ୟଚର୍ଚ୍ଚା:** ଶୁଣିଛୁ, ଯେ ଆପଣ ବେଶି କଥା କହନ୍ତି ନାହିଁ ଏବଂ ଚୁପ୍‌ଚାପ୍ ରହିବାକୁ ଭଲ ପାଆନ୍ତି; ଏପରିକି ସଭା-ସମିତିକୁ ଯିବାକୁ ମଧ୍ୟ ପସନ୍ଦ କରନ୍ତି ନାହିଁ।



**ଗିରିଜାକୁମାର ବଳୀୟାରସିଂହ:** (ହସି) ଏ ନିଜ ଅକ୍ଷରେ ନିତି ଘୂରୁଥିବା ପୃଥିବୀରେ ବା ଆମ ଚାରିପଟର ଚଉହଦୀରେ ଯେତେସବୁ ପରିବର୍ତ୍ତନ ଓ ଘଟଣାମାନ ଘଟିଚାଲିଛି, ସେ ସବୁଯାକ ଶୁଣିବାକୁ କେତେଜଣ ବା ରାଜି?

**ସାହିତ୍ୟଚର୍ଚ୍ଚା:** ତା'ର ଅର୍ଥ ସମସ୍ତେ କେବଳ କହିବାକୁ ଚାହାନ୍ତି; ଶୁଣିବାକୁ କେହି ପ୍ରସ୍ତୁତ ନୁହନ୍ତି!

**ଗିରିଜାକୁମାର ବଳୀୟାରସିଂହ:** ଆପଣ ନିଜେ ମଧ୍ୟ ଲକ୍ଷ୍ୟ କରନ୍ତୁ, ସକାଳୁ ରାତି ଯାଏଁ ଯେତିକି ବି ଚରିତ୍ର ଗୋଟିଏ ଦିନରେ ଆପଣ ଭେଟିଛନ୍ତି, ଆପଣ ଯାହା ଯାହା କହିଛନ୍ତି ସେମାନେ ସତରେ ଆନ୍ତରିକତାର ସହିତ ଶୁଣିଥିବେ କି ଆମୂଳଚୂଳ? ଏଇଟା ଏ କାର୍ଯ୍ୟବ୍ୟସ୍ତ ସମୟର ଗୋଟିଏ ଚାପ।

**ସାହିତ୍ୟଚର୍ଚ୍ଚା:** ତେଣୁ ବୋଧହୁଏ ଆପଣ ନିଜର ଶବ୍ଦର ଅପଚୟ ହେବାଟା ଚାହାନ୍ତି ନାହିଁ; ଯେଉଁଥି ପାଇଁ ନିରବ ରହନ୍ତି!

**ଗିରିଜାକୁମାର ବଳୀୟାରସିଂହ:** ମୋଟେ ଚାହିଁବିନି; ଯଦି ଜଣେ ଶୁଣିବାର ସେପରି ଆନ୍ତରିକ ଅବକାଶ ବା ଅନୁକୂଳ ଅବସ୍ଥା ନାହିଁ, ମୁଁ କାହିଁକି ଗୁଡ଼ିଏ ବକର ବକର ହେବି, କହିଲେ! ନିରବ ରହି ନିଜ ସହିତ କଥାବାର୍ତ୍ତା କରେ, ନିଜକୁ ଶୁଣେ।

**ସାହିତ୍ୟଚର୍ଚ୍ଚା**: ହଁ ଯେ, ଏବେ କିନ୍ତୁ ଆମକୁ ଟିକିଏ ଶୁଣିବେ ବୋଲି ଆଶା ରଖିଛୁ। ଆପଣ ଜଣେ ଭଲ ଶ୍ରୋତା ହୋଇଥିବେ, ନିଶ୍ଚୟ।

**ଗିରିଜାକୁମାର ବଳୀୟାରସିଂହ**: ନା, ନା, ମୁଁ ଏକମତ ନୁହେଁ। ମୁଁ ଭଲ ଶ୍ରୋତା ଏଇଥିପାଇଁ ନୁହେଁ ଯେ ବହୁ ଜଣ ପ୍ରଥମ ବାକ୍ୟରେ ଯାହା କହନ୍ତି, ତୃତୀୟ ବାକ୍ୟରେ ତାହାର ପୁନରାବୃତ୍ତି ହିଁ କରନ୍ତି। ପୁଣି ପଞ୍ଚମ ବା ସପ୍ତମ ବାକ୍ୟରେ ମଧ୍ୟ ତାହାକୁ ଦୋହରା'ନ୍ତି। ଏଭଳି ଦୋହରା ହେଉଥିବା ବାକ୍ୟକୁ କେତେଥର ବା ଶୁଣିବି ?

**ସାହିତ୍ୟଚର୍ଚ୍ଚା**: ଆମ ସାହିତ୍ୟରେ ଏବେ ସେଇଆ ହିଁ ଚାଲିନାହିଁ କି ? ଅର୍ଥାତ୍ ପୁନରାବୃତ୍ତି ଓ ପୁନର୍ଲିଖନ !

**ଗିରିଜାକୁମାର ବଳୀୟାରସିଂହ**: ସାହିତ୍ୟରେ ନକ୍ଷତ୍ରମାନଙ୍କର ଯୁଗ ସଂଭବତଃ ଶେଷ ହୋଇଛି। ପାଠକସମାଜକୁ ସମ୍ମୋହିତ କରିଆସୁଥିବା ବିରଳ ଲେଖକମାନେ କେବେ ଥିଲେ; ମନେହୁଏ ସେମାନେ ବି ଧୀରେ ଧୀରେ ଅନ୍ତର୍ହିତ ହେଲେଣି ନକ୍ଷତ୍ରମାନଙ୍କ ସହିତ। ବର୍ତ୍ତମାନ ସାହିତ୍ୟର ଆକାଶ ପ୍ରାୟ ନକ୍ଷତ୍ରଶୂନ୍ୟ। ମୋ'ର କହିବାର କଥା, ଆଜିକାଲି ଲେଖକ ତ ମିଳିବା ବିରଳ, ମାତ୍ର ମାଳ ମାଳ ପୁନର୍ଲେଖକ, ଅର୍ଥାତ୍ ରି-ରାଇଟର୍ ହିଁ ଦିଶୁଛନ୍ତି ସବୁଠି, ଯୋଉ ଦିଗକୁ ବି ଅନାନ୍ତୁ ଆପଣ !

**ମୋ'ର କହିବାର କଥା, ଆଜିକାଲି ଲେଖକ ତ ମିଳିବା ବିରଳ, ମାତ୍ର ମାଳ ମାଳ ପୁନର୍ଲେଖକ, ଅର୍ଥାତ୍ ରି-ରାଇଟର୍ ହିଁ ଦିଶୁଛନ୍ତି ସବୁଠି।**

**ସାହିତ୍ୟଚର୍ଚ୍ଚା**: କେବଳ କବି ଓ ଲେଖକ ଭାବରେ ନୁହେଁ, ସାମ୍ବାଦିକତା ଓ ପ୍ରକାଶନ କ୍ଷେତ୍ରରେ ମଧ୍ୟ ଆପଣ ଓଡ଼ିଶାର ସାରସ୍ୱତ ଦୁନିଆକୁ ଯେମିତି ପରଖିଛନ୍ତି, ସେମିତି ଅବସର ଖୁବ୍ କମ୍ ଜଣଙ୍କୁ ମିଳେ।

**ଗିରିଜାକୁମାର ବଳୀୟାରସିଂହ**: ମୋ ପାଇଁ ଏ ଦୁନିଆ କେବେ ସମତଳ ନ ଥିଲା, ଆଜି ବି ନୁହେଁ। ବିଭିନ୍ନ ସ୍ଥଳରେ ମୁଁ ନିଜକୁ ଯାହା ଖାପ ଖୁଆଇବା କଥା କରିଛି; କିନ୍ତୁ ଯେତେଦୂର କମ୍ ସାଲିସ୍ କରାଯାଇପାରେ, ସେତିକି ମାତ୍ର କରି। ପ୍ରଥମେ ଗୋଟିଏ ଘରୋଇ କଲେଜରେ ଅଧ୍ୟାପକ ଥିଲି। ତା'ପରେ ଗୋଟିକ ପରେ ଗୋଟିଏ, ତିନୋଟି ଖବରକାଗଜର ସମ୍ପାଦନା ବିଭାଗ ସହିତ ଜଡ଼ିତ ହେଲି; ସାମ୍ବାଦିକତା ପ୍ରତି ଥିବା ଗୋଟିଏ ଆଗ୍ରହ ଯୋଗୁଁ।

**ସାହିତ୍ୟଚର୍ଚ୍ଚା**: ତା'ପରେ ଜଣେ ପୁସ୍ତକ ପ୍ରକାଶକ ହେବାର ଆକାଂକ୍ଷା କେମିତି ଆପଣଙ୍କ ମନକୁ ଆସିଲା ?

**ଗିରିଜାକୁମାର ବଳୀୟାରସିଂହ**: ପ୍ରଥମରୁ କହିଦିଏ ଯେ ଏହା 'ଆକାଂକ୍ଷା' ନଥିଲା କଦାପି। ଅତୀତରେ ଏକାଧିକ କବି ବା ଲେଖକ ମଧ୍ୟ ପ୍ରକାଶନ କ୍ଷେତ୍ରରେ ପାଦ ଦେଇଛନ୍ତି - ହେଲେ କେବେ କ'ଣ କାଁ ଭାଁ ବହି କେଇଟି ପ୍ରକାଶ କରିଥିବାରୁ ଏମାନଙ୍କୁ ପ୍ରକାଶକ ବୋଲି କହିବେ କି କେହି ? ମୋ ପାଇଁ ଏହି କାରଣରୁ 'ପ୍ରକାଶକ'ର ମାର୍କା ବା ମୋହର ମରା ନହେଉ ମୋର ପରିଚିତି ଉପରେ। କାହିଁକି ନା, ପ୍ରକାଶନକ୍ଷେତ୍ରରେ ଜଣେ ନିର୍ଦ୍ଦେଶକର ଦାୟିତ୍ୱ ନେବା ପରେ ବିବାଦରେ ପଡ଼ିଲି, ଯେଉଁଟା ବାଧିଲା ବହୁତ। ମୋତେ ଶତ୍ରୁମାନେ ଜୀବନରେ ଜିତି ପାରିନାହାନ୍ତି; କିନ୍ତୁ ମୋତେ ହରାଇଛନ୍ତି ମୋ'ର ବନ୍ଧୁମାନେ; ଏ କଥା କହିଲେ ମୁଁ ଅପ୍ରିୟ ହେବି।

**ସାହିତ୍ୟଚର୍ଚ୍ଚା**: କଥାଟି କ'ଣ ?

**ଗିରିଜାକୁମାର ବଳୀୟାରସିଂହ**: ଧରନ୍ତୁ, ମୋ ଦ୍ୱାରା ପସନ୍ଦ କିଛି ପାଣ୍ଡୁଲିପି ଯଦି ବହିରୂପ ନେଇ ଦୈବାତ୍ କୌଣସି ପୁରସ୍କାର ପାଇଗଲା, ସେ ରାଜ୍ୟ ଏକାଡେମୀ ହେଉ, ବା କେନ୍ଦ୍ର ଆକାଦେମୀ ଅବା ଶାରଳା, ସେଇଟା କ'ଣ ମୋ'ର ଭୁଲ୍, ନା ଅପରାଧ ନା ଦୋଷ ?

**ସାହିତ୍ୟଚର୍ଚ୍ଚା**: କେଉଁ ବହି ପାଇଥିଲା ପୁରସ୍କାର ?

**ଗିରିଜାକୁମାର ବଳୀୟାରସିଂହ**: ଅନେକ ବହି। ପୁରସ୍କାରପ୍ରାପ୍ତ ମାତ୍ର ତିନୋଟି ବହି ପଛର ଘଟଣା କହିପାରେ। ଶୁଣିବେ ?

**ସାହିତ୍ୟଚର୍ଚ୍ଚା**: କହନ୍ତୁ।

**ଗିରିଜାକୁମାର ବଳୀୟାରସିଂହ**: ଗୋଟିଏ ସଂସ୍ଥାର ଗୋଦାମରେ ୭ ବର୍ଷ ପଡ଼ିରହିବା ପରେ ନମସ୍ୟ ମନମୋହନ ଚୌଧୁରୀ ତାଙ୍କ ଆତ୍ମଚରିତ 'କସ୍ତୂରୀମୃଗ ସମ' ଫେରାଇଆଣି ନିଜ ପାଖରେ ରଖିଥିଲେ। ଦିନେ ହସିହସି ଏଇ କଥା କହୁକହୁ

ତାଂକ ହସ ଭିତରର ଦୁଃଖଟି ହିଁ ଦିଶିଯାଇଥିଲା ମୋତେ । ମୁଁ କହିଲି, ଦିଅନ୍ତୁ, ଛାପାହେବ । ସେ ଆଶ୍ଚର୍ଯ୍ୟ ହେଇ ପଚାରିଲେ, ଏତେ ମୋଟା ବହି, ଖର୍ଚ୍ଚ ହେବ ତ ଗୁଡ଼ାଏ ? 'ଦିଅନ୍ତୁ' କହି ପାଣ୍ଡୁଲିପି ନେଇ ଆସିଲି, ତା'ପରେ ପ୍ରକାଶ ପାଇଲା ବହିଟି । ଦିନେ ସେ ବହି ହଠାତ୍ ପାଇଲା ପୁରସ୍କାର – ଶାରଳା ।

**ସାହିତ୍ୟଚର୍ଚ୍ଚା**: ତା'ପରେ ?

**ଗିରିଜାକୁମାର ବଳୀୟାରସିଂହ**: ମନମୋହନବାବୁଙ୍କ ଦେହାନ୍ତ ପରେ କେତେଜଣ ବନ୍ଧୁ ତାଙ୍କ ଘରେ ପହଂଚି ନିଜ ତରଫରୁ ସେ ବହିଟିର ନୂଆ ସଂସ୍କରଣ ପ୍ରକାଶ କରିବାକୁ ପ୍ରସ୍ତାବ ଦେଲେ । ତାଙ୍କ ଘରୁ ମୋ ପାଖକୁ ଫୋନ୍‌ରେ ଖବର ଆସିଲା ଯେ ଆଉ ସେ ବହି ଛାପିବେନି ଆପଣ, ଅନ୍ୟ ସଂସ୍ଥା ପ୍ରକାଶ କରିବେ । ସେତେବେଳକୁ ମନମୋହନବାବୁ ନଥିବାରୁ ମୋତେ ଦୁଃଖର ସହିତ ସମ୍ମତ ହେବାକୁ ପଡ଼ିଥିଲା ।

**ସାହିତ୍ୟଚର୍ଚ୍ଚା**: ଆଉ ଦୁଇଟି ବହି ପଛର ଘଟଣା କ'ଣ ?

**ଗିରିଜାକୁମାର ବଳୀୟାରସିଂହ**: କେବଳ ବହି ପଛର ଘଟଣା କହିବି – ନାମ ପ୍ରକାଶ ନକରି । ବହିଟି ଜଣେ ଅନୁଜପ୍ରତିମ ଗାଳ୍ପିକଙ୍କର । ସେ ନିଜେ ଆସି ପ୍ରକାଶ କରିବାକୁ ଅନୁରୋଧ କରିଥିଲେ । ପ୍ରକାଶ ପାଇଲା, ଆଉ ପାଇଲା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ବି । ତା'ପରେ ଖୋଦ୍ ଗାଳ୍ପିକ ଫୋନ୍ କରି କହିଲେ – ଭାଇ, ଏଥର ସେ ବହି ମୁଁ ନିଜେ ଛାପିବି, ଆଉ ପୂର୍ବ ପ୍ରକାଶନ ସଂସ୍ଥାର ନାମରେ ସେ ବହି ଛାପା ହେଉ ବୋଲି ଚାହୁନି, ଦୁଃଖ କରିବେନି । ଆଉ ଗୋଟିଏ ବହି ହେଲା ଓଡ଼ିଶା ବାହାରେ ରହୁଥିବା ଜଣେ ଲେଖିକାଙ୍କ ଉପନ୍ୟାସ । ସେ ବହିଟି ମଧ୍ୟ ପାଇଲା ସାହିତ୍ୟ ଆକାଦେମୀ ପୁରସ୍କାର, ଆଜିଠୁ ପ୍ରାୟ ୧୪ ବର୍ଷ ତଳେ । ମାତ୍ର ପୁରସ୍କାର ଘୋଷିତ ହେବାର ଗୋଟିଏ ସପ୍ତାହ ନପୂରୁଣୁ ମୋତେ କିନ୍ତୁ ମିଳିତ ବିବାଦର ସାମ୍ନା କରିବାକୁ ପଡ଼ିଲା, ମିଡିଆରେ ! ଏପରିକି ବହିର ଲେଖିକା, ପୁରସ୍କାରଦାତା ସାହିତ୍ୟ ଆକାଦେମୀ ଓ ସେତେବେଳର ଆବାହକଙ୍କ ନାଆଁରେ ପ୍ରତିବାଦୀ ପକ୍ଷ ତରଫରୁ କଚେରୀରେ ମାମଲା ଦାୟର୍ କରାଗଲା ।

**ସାହିତ୍ୟଚର୍ଚ୍ଚା**: ଏଭଳି ବିବାଦସବୁ ତ ଆପଣଙ୍କୁ ବିବ୍ରତ କରିଥିବ ?

> **ବହିର ଦୁନିଆ ସହିତ ଜଡ଼ିତ ହୋଇ ଆମେ କାହିଁକି ଯେ ଏତେ ଈର୍ଷା, ଏତେ ଅସୂୟାର ଶରବ୍ୟ ହେଉ !**

**ଗିରିଜାକୁମାର ବଳୀୟାରସିଂହ**: ବହିର ଦୁନିଆ ସହିତ ଜଡ଼ିତ ହୋଇ ଆମେ କାହିଁକି ଯେ ଏତେ ଈର୍ଷା, ଏତେ ଅସୂୟାର ଶରବ୍ୟ ହେଉ ! ପ୍ରକାଶନ କ୍ଷେତ୍ରକୁ ଆସିବା ପରେ ନିଜର ସର୍ଜନକୁ ପଛକୁ ରଖିଦେଇ ଆଗ ସଯତ୍ନ ଧ୍ୟାନ ଦେଇଛି ଅନ୍ୟମାନଙ୍କ ବହି ବାହାର କରିବାରେ । ହେଲେ ଏପରି ଏକାଧିକବାର ଅଘଟଣରେ ବା ବିବାଦୀୟ ପରିସ୍ଥିତିରେ ପଡ଼ି ମାନସିକ ଶାନ୍ତି ବ୍ୟାହତ ହୋଇଛି । ବିଭୂତି ପଟ୍ଟନାୟକ ଏକଦା କ୍ଷୋଭପ୍ରକାଶ କରି ମୋତେ ଚିଠି ଲେଖିଥିବା ମନେଅଛି, 'ତମେ ପ୍ରକାଶନ କ୍ଷେତ୍ରକୁ ଆସି ଓଡ଼ିଆ ସାହିତ୍ୟର ଘୋର କ୍ଷତି କଲ, ଗିରିଜା ! ତମ ନିଜର ବହି କୁଆଡ଼େ ଗଲା ?'

**ସାହିତ୍ୟଚର୍ଚ୍ଚା**: ତେବେ ଆପଣ ପ୍ରକାଶନକ୍ଷେତ୍ରକୁ ଆସିଥିଲେ କେଉଁଥିପାଇଁ ?

**ଗିରିଜାକୁମାର ବଳୀୟାରସିଂହ**: ସେ ଅନେକ ବର୍ଷ ଆଗର କଥା । ଆପଣ କଥାକାର ଶ୍ୟାମାପ୍ରସାଦ ଚୌଧୁରୀଙ୍କର ନାଁ ଶୁଣିଥିବେ ।

**ସାହିତ୍ୟଚର୍ଚ୍ଚା**: ହଁ, ସେ ଆମ ପତ୍ରିକାର ଜଣେ ଶୁଭାକାଂକ୍ଷୀ; ତାଙ୍କର ଗୋଟିଏ ସାକ୍ଷାତକାର ମଧ୍ୟ ପ୍ରକାଶ କରିସାରିଛୁ ଆମେ ।

**ଗିରିଜାକୁମାର ବଳୀୟାରସିଂହ**: ଶ୍ୟାମାପ୍ରସାଦଙ୍କୁ ପଚାରିବେ; ଆମେ ରେଭେନ୍‌ସାରେ ପଢୁଥିବା ବେଳର କଥା । ସେ ପଢୁଥିଲେ ମୋ'ର ଯୋଡ଼ିଏ ବର୍ଷ ତଳ ବ୍ୟାଚରେ । ସେତେବେଳୁ ସେ ଗଳ୍ପ ଲେଖୁଥିଲେ ସୁଦ୍ଧା ମୋ ସନେଟ୍‌କୁ ପଢ଼ିବାକୁ ପାଗଳ ଥିଲେ ଏକପ୍ରକାର । ଅନ୍ତରରେ ମୋତେ ଦେଇଥାନ୍ତି ବଡ଼ଭାଇର ଆସନ । ସେ ମୋତେ ଦିନେ ହଠାତ୍ କଲେଜ ଛକରୁ ସାଇକେଲ୍‌ରେ ବସାଇ ମୁହାଁଇ ନେଇଗଲେ ବିନୋଦ ବିହାରୀ ବହିବଜାର । ସାଇକେଲ୍ ରହିଲା ବେଶ୍ ମସ୍ତବଡ଼ ଗୋଟାଏ ପ୍ରକାଶନ ସଂସ୍ଥା ସାମନାରେ ।


**ସାହିତ୍ୟଚର୍ଚ୍ଚା**: କାହିଁକି ଯାଇଥିଲେ ?

**ଗିରିଜାକୁମାର ବଳୀୟାରସିଂହ**: ଶ୍ୟାମାପ୍ରସାଦଙ୍କର ତ ମୋ'ର ଯେକୌଣସି ଲେଖା ପ୍ରତି ପରମ ଶ୍ରଦ୍ଧା ଓ ବିଶ୍ୱାସ । କିଛି ଦିନ ତଳେ ତାଙ୍କୁ ପଢ଼ିବାକୁ ଦେଇଥିଲି ମୋର କେତୋଟି କବିତା ଆଉ ସନେଟ୍‌ର ପାଣ୍ଡୁଲିପି – 'କ୍ରୌଂଚମିଥୁନ' ।

ସେଇଟିକୁ ସେ ତାଙ୍କ କାନ୍ଧରୁ ଓହଳା ଗୋଟାଏ ଝୁଲାବ୍ୟାଗ୍ ଭିତରେ ରଖି ସେଦିନ ହଠାତ୍ ଆଣି ମୋତେ ହାଜର୍ କରାଇଥିଲେ ବାଲୁବଜାର ଗଳିରେ।

**ସାହିତ୍ୟଚର୍ଚ୍ଚା**: କାହାଙ୍କୁ ଭେଟିଲେ ସେଠି ?

**ଗିରିଜାକୁମାର ବଳୀୟାରସିଂହ**: ସେଇଠି ବସିଥିଲେ ଗ୍ରନ୍ଥମନ୍ଦିରର ମାଲିକ ଅଭିରାମ ମହାପାତ୍ର; ବେଶ୍ ଉନ୍ନତ ରୁଚି ଓ ରଙ୍ଗର ଉଜାଲା ମଣିଷ – ଭଦ୍ର ଓ ଜ୍ଞାନୀ। ଶ୍ୟାମାପ୍ରସାଦ ତା'ଙ୍କ ସହିତ ମୋ'ର ପରିଚୟ କରାଇଦେଲେ। କହିଲେ, "ଇଏ ହେଉଛନ୍ତି ଆମମାନଙ୍କର ପ୍ରିୟକବି ଗିରିଜା ବଳୀୟାରସିଂହ – ଉଚ୍ଚକୋଟୀର କବିତା ଲେଖନ୍ତି। ତାଙ୍କର ଗୋଟିଏ କବିତାବହି ଛାପିବା ଉଦ୍ଦେଶ୍ୟରେ ଏଠାକୁ ଆସିଛୁ।" ସେ କିନ୍ତୁ ଆତଙ୍କିତ ହୋଇ ପ୍ରତିକ୍ରିୟା ଦେଲେ, "କ'ଣ କହୁଛନ୍ତି ? କବିତା ?" ତାଙ୍କର କାଚଲଗା ବହିଥାକରେ ସଜାହୋଇଥିବା କିଛି କବିତାବହି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇଲେ। ସେ କହିଲେ, "ଆଜ୍ଞା ଦେଖୁଛନ୍ତି ଏସବୁ ! ଅନେକ ଦିନୁ ଅବିକ୍ରୀ ଅବସ୍ଥା ଭୋଗୁଛନ୍ତି ଏସବୁ ମୂଲ୍ୟବାନ କବିତାବହି। ଏ ସମସ୍ତେ ତ ଆଗଧାଡ଼ିର କବି, କିନ୍ତୁ କବିତାର ଭାଗ୍ୟ କେମିତି ପଛଧାଡ଼ିରେ ପଡ଼ିଛି ଦେଖନ୍ତୁ, ଗୋଟିଏ ବି ଗରାଖ ଜୁଟିନାହାନ୍ତି ଏଇ କିଛି ମାସ ! ଆଉ, ତା'ପରେ ବି ଆପଣ କହୁଛନ୍ତି, କବିତା !" ଶ୍ୟାମାପ୍ରସାଦ ତଥାପି ଅନୁରୋଧ କଲେ, "ନ ଛାପିବେ ଯଦି କିଛି କଥା ନାହିଁ; ଆପଣ ଅନ୍ତତଃ ଏହାର କିଛି ଧାଡ଼ି ପଢ଼ନ୍ତୁ।" ସେ ଉତ୍ତର ଦେଲେ, "ନାହିଁ ଆଜ୍ଞା, କ୍ଷମା କରିବେ।"




**ସାହିତ୍ୟଚର୍ଚ୍ଚା**: ତେବେ କବିତାବହି ପ୍ରକାଶ କରିବାପାଇଁ ପ୍ରକାଶକମାନଙ୍କର ଏତେ ବିତୃଷ୍ଣା ଥିଲା ସେତେବେଳେ ?

**ଗିରିଜାକୁମାର ବଳୀୟାରସିଂହ**: କବିତାବହିକୁ ନେଇ ସେତେବେଳେ ବିନୋଦ ବିହାରୀ ବହିବଜାରର ସମସ୍ତ ପ୍ରକାଶକଙ୍କ ଭିତରେ ଘୋର କୁଣ୍ଠା। ଆଜି ବି ପ୍ରକାଶକମାନଙ୍କର ଏହି ଭୟ ଅତୁଟ।

**ସାହିତ୍ୟଚର୍ଚ୍ଚା**: ସେଦିନ ତେବେ କ'ଣ ହେଲା ?

**ଗିରିଜାକୁମାର ବଳୀୟାରସିଂହ**: ମୁଁ ଶ୍ୟାମାପ୍ରସାଦଙ୍କର ହାତ ଧରି ସେଠୁ ବସିବା ଜାଗାରୁ ଉଠାଇଦେଲି। କହିଲି, "ଆରେ ଭାଇ, ଉଠ ! ଯିବା ଏଠୁ।" ହଁ, ସେଇଠି ସେଦିନ ସତରେ ପଣ କଲି ଯେ ଭବିଷ୍ୟତରେ ମୋ'ର ଖଣ୍ଡିଏ ବି ବହି କୌଣସି ପ୍ରକାଶକଙ୍କୁ ଦେବିନାହିଁ ମୁଁ, ନିଜେ ହିଁ ପ୍ରକାଶ କରିବି।

**ସାହିତ୍ୟଚର୍ଚ୍ଚା**: ଏଥିପାଇଁ ବୋଧହୁଏ ଆପଣ ଆରମ୍ଭ କଲେ ନିଜସ୍ୱ ପ୍ରକାଶନ ଅନୁଷ୍ଠାନ।

**ଗିରିଜାକୁମାର ବଳୀୟାରସିଂହ**: ନା ସେତେବେଳେ ନୁହଁ, ସେତେବେଳେ କେବଳ ପଣ କରିଥିଲି। ଏହା କିନ୍ତୁ କାର୍ଯ୍ୟକାରୀ ହେଲା ଅନେକ ବର୍ଷ ପରେ। ଏ ନିର୍ଦ୍ଦିଷ୍ଟ ଘଟଣାର ପ୍ରାୟ ୨୦ବର୍ଷ ପରେ, ଅର୍ଥାତ୍ ୧୯୯୫ ମସିହାରେ ରୋଚକ ଘଟଣାଟିଏ ଘଟିଥିଲା। ସେତେବେଳେ 'ପ୍ରଜାତନ୍ତ୍ର'ରେ ମୋ'ର ଧାରାବାହିକ ଲେଖା 'ମୁଁ ଫୁଲନ୍ କହୁଛି' ପ୍ରକାଶିତ ହୋଇ ଭାରି ଲୋକପ୍ରିୟ ହୋଇଉଠିଥାଏ। ମୋତେ ଭର୍ତ୍ତୃହରି ବାବୁ ଥରେ କହିଲେ, "ଏଇଟା ବହି ଆକାରରେ ପ୍ରକାଶ ପାଇବା ଉଚିତ। ଏ ବାବଦରେ ଅଭିରାମ ବାବୁ କଥା ହେବାକୁ ଚାହୁଁଛନ୍ତି।" ତାହାଙ୍କ ସହିତ ଫୋନ୍‌ରେ କଥା ହେଲି ଏବଂ ପ୍ରଜାତନ୍ତ୍ରରେ ବାହାରୁଥିବା ସେହି 'ମୁଁ ଫୁଲନ୍ କହୁଛି' ପ୍ରକାଶ କରିବାକୁ ସେ ଆଗ୍ରହ ପ୍ରକାଶ କଲେ।

**ସାହିତ୍ୟଚର୍ଚ୍ଚା**: ବହିଟି ତେବେ ତା'ଙ୍କ ଦ୍ୱାରା ପ୍ରକାଶିତ ହେଲା !

**ଗିରିଜାକୁମାର ବଳୀୟାରସିଂହ**: ନା, ପୂର୍ବ କଥା ତ ସ୍ମରଣରେ ଥିଲା; ଏଣୁ ସେଇଟି ପ୍ରକାଶ କରିବା ସକାଶେ ମୁଁ ଅଭିରାମ ବାବୁଙ୍କୁ ସମ୍ମତି ଦେଲିନାହିଁ।

**ସାହିତ୍ୟଚର୍ଚ୍ଚା**: ତେବେ ନିଜେ ଏଇ ପ୍ରକାଶନକ୍ଷେତ୍ରକୁ ଆସିଲେ କେମିତି ?

**ଗିରିଜାକୁମାର ବଳୀୟାରସିଂହ**: ଅଧେ ହେଉଛି ଗୋଟାଏ ଜିଦ୍, ଆଉ ଆର ଅଧକ ଗୋଟେ ଝୁଙ୍କ୍। ଏଇ ଯୋଡ଼ିକଯାକ ମିଶି ହିଁ ପଣ ଆଉ ପସନ୍ଦର ଏକ ପରିଣାମ କେବଳ ଏ ପ୍ରକାଶନ। ଥରେ ନମସ୍ୟ କଥାକାର ସୁରେନ୍ଦ୍ର ମହାନ୍ତିଙ୍କ ସହିତ ଗୋଟିଏ ନିରୋଳା ସନ୍ଧ୍ୟାରେ ବସି କଥାବାର୍ତ୍ତା ହେଉଥାଏ। କାହିଁକି କେଜାଣି ହଠାତ୍ ସେ କହିଉଠିଲେ, "ଗିରିଜା, ଡୁ ୟୁ ୱାଣ୍ଟ ଟୁ ବି ଏ ପବ୍ଲିଶର୍? ଯଦି ହୁଅ, ତେବେ ମୋ'ର ବହି ଛପାଇଲେ ମୁଁ ତୁମଠାରୁ କୌଣସି ରୟାଲିଟୀ ନେବିନାହିଁ।"

**ସାହିତ୍ୟଚର୍ଚ୍ଚା**: ତାଙ୍କର କେଉଁ ବହିଟି ସେ ଛାପିବାକୁ ଦେଇଥିଲେ ?

**ଗିରିଜାକୁମାର ବଳୀୟାରସିଂହ**: 'ଶେଷସ୍ତମ୍ଭ'। କବି ଭାନୁଜୀ ରାଓ ମଧ୍ୟ ତାଙ୍କର ବହି ଛାପିବାକୁ ଦେଇଥିଲେ ପ୍ରକାଶନ ପାଇଁ। ତାଙ୍କର 'ଚନ୍ଦନବନରେ ଏକା' ଛାପା ହୋଇ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲା, ଯଦିବା ଏହାର ଅନେକ ବର୍ଷ ଆଗରୁ ସାହିତ୍ୟ ଆକାଦେମୀ ତାଙ୍କୁ ପୁରସ୍କୃତ କରିସାରିଥିଲେ ତାଙ୍କ ଦ୍ୱିତୀୟ କବିତାବହି 'ନଈ ଆରପାରି' ପାଇଁ।

**ସେ କହିଉଠିଲେ, "ଗିରିଜା, ଡୁ ୟୁ ୱାଣ୍ଟ ଟୁ ବି ଏ ପବ୍ଲିଶର୍? ଯଦି ହୁଅ, ତେବେ ମୋ'ର ବହି ଛପାଇଲେ ମୁଁ ତୁମଠାରୁ କୌଣସି ରୟାଲିଟୀ ନେବିନାହିଁ।"**

**ସାହିତ୍ୟଚର୍ଚ୍ଚା**: ଗୋଟିଏ କଥା ମନକୁ ଆସୁଛି; ଆପଣଙ୍କ ଭଳି ଓଡ଼ିଶାର ଆହୁରି କେତେଜଣ ବିଶିଷ୍ଟ ଲେଖକ ମଧ୍ୟ ପୁସ୍ତକ ପ୍ରକାଶକର ଭୂମିକାକୁ ଓହ୍ଲାଇଥିଲେ। ସେମାନେ ଏ କ୍ଷେତ୍ରରେ କି ପରିଣତିର ସାମନା କରିଥିବେ ?

**ଗିରିଜାକୁମାର ବଳୀୟାରସିଂହ**: ତିନିଜଣ ତୁଙ୍ଗଲେଖକଙ୍କ କଥା କହୁଛି; ତା'ଙ୍କୁ ଆପଣ କେବେ ପ୍ରକାଶକ କହିବାକୁ ଇଚ୍ଛା କରିବେ କି, ଯଦିଚ ସେମାନେ ପ୍ରକାଶକ ହେବାର କଚାରାସ୍ତାକୁ ଓହ୍ଲାଇଥିଲେ ?

**ସାହିତ୍ୟଚର୍ଚ୍ଚା**: କିଏ ସେମାନେ ?

**ଗିରିଜାକୁମାର ବଳୀୟାରସିଂହ**: ଜଣେ ତ ହେଉଛନ୍ତି ମହାକବି ସଚ୍ଚି ରାଉତରାୟ। ତାଙ୍କ ପ୍ରକାଶନର ନାଁ ତ ଆପଣ ଜାଣିଥିବେ, ଦିଗନ୍ତ ପ୍ରକାଶିନୀ। ଆଉଜଣେ କାଳଜୟୀ ଲେଖକ ସୁରେନ୍ଦ୍ର ମହାନ୍ତି; ଯାହାଙ୍କର ପ୍ରକାଶନ ସଂସ୍ଥାର ନାମ ଥିଲା ତାଙ୍କ ନିଜ ଘରର ନାଁ ଅନୁସାରେ – ଶିବାନୀ। ତୃତୀୟଜଣକ ଓଡ଼ିଶାର ସର୍ବଜନବିଦିତ ଚାରଣକବି ରବି ସିଂ, ଯେତେବେଳେ ଗୋଟିଏ ସମୟ ଆସିଲା ନାନା ସମକାଳୀନ ଲେଖକଙ୍କ ଚାପରେ ପଡ଼ି ପ୍ରକାଶକମାନେ ତାଙ୍କ ବହି ଛାପିବାକୁ କୁଣ୍ଠିତ ହେଲେ, ସେତେବେଳେ ସେ ସ୍ୱୟଂ ନିଜର ନାମ ଲେଖକ-ପ୍ରକାଶକ ଭାବରେ ବ୍ୟବହାର କରିଥିଲେ।

**ସାହିତ୍ୟଚର୍ଚ୍ଚା**: ଆପଣଙ୍କ ମତରେ ଏହି ତିନିଜଣଯାକ ସଫଳ ପ୍ରକାଶକ ଥିଲେ କି ?

**ଗିରିଜାକୁମାର ବଳୀୟାରସିଂହ**: ଦେଖନ୍ତୁ, ଯଦି ଆର୍ଥିକ ମୂଲ୍ୟାଙ୍କନ କରାଯାଏ, ତା'ହେଲେ 'ଅସଫଳ' ବୋଲି କୁହାଯାଇପାରେ। ବଡ଼ ବିଡ଼ମ୍ବନା ହେଲା, ଏହି ତିନି ଜଣଙ୍କର ପ୍ରକାଶନ-ବ୍ୟବସ୍ଥା ଚରମ ଆର୍ଥିକ ବିପର୍ଯ୍ୟୟର ଶିକାର ହୋଇଥିଲା।

**ସାହିତ୍ୟଚର୍ଚ୍ଚା**: ୨୦୦୩ ମସିହାରେ ପ୍ରକାଶିତ ଆପଣଙ୍କ 'ଭାରତବର୍ଷ' କବିତା ସଂକଳନର ପ୍ରସଙ୍ଗକୁ ଆସିବା। ଏହା ପାଇଁ ଆପଣ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମଧ୍ୟ ପାଇଥିଲେ। ଏଇଟି ଭାରତବର୍ଷର ଆତ୍ମା ଓ ଐତିହ୍ୟର ଏକ ନିଆରା ଉପସ୍ଥାପନ। ଏହି ଦେଶଜନିତ ଭାବନା କେମିତି ଏକ ଥିମ୍ ଭାବରେ ଆପଣଙ୍କୁ ଆକ୍ରାନ୍ତ କଲା ?

**ଗିରିଜାକୁମାର ବଳୀୟାରସିଂହ**: କଥା ହେଉଛି – ଭାରତବର୍ଷରୁ ମହାଭାରତବର୍ଷ ଆଡ଼ିକି ଗୋଟିଏ ଆତ୍ମିକ ମାନସିକ ଯାତ୍ରା ଆରମ୍ଭ କରିଥିଲି ମୁଁ ; ପରିକଳ୍ପନା କଲି 'ବିଶ୍ୱମାନୁଷାଃ'ର ଭିତ୍ତିଭୂମି ଏକ ମହାଭାରତବର୍ଷ। ଅନ୍ତିମପାଦରେ ଅନୁଭବ କଲି ଯେ ଭାରତବର୍ଷ କହିଲେ ମୋ ପାଇଁ କୌଣସି ରାଷ୍ଟ୍ରୀୟ ସୀମା ବା ସତ୍ତାର ରେଖାଙ୍କନକୁ ବୁଝାଏ ନାହିଁ। ମୁଁ ସେଇ ଭାରତବର୍ଷକୁ ଆଖି ମୁଦି ସୁଦ୍ଧା ଦେଖିବାକୁ ଚାହେ – ଯେଉଁ ଭାରତବର୍ଷକୁ ମାନଚିତ୍ରରୁ ମୁକ୍ତି ମିଳେ ଏକ ମହାଭାରତବର୍ଷ ହେବାକୁ।

**ସାହିତ୍ୟଚର୍ଚ୍ଚା**: ଏହି ପରିକଳ୍ପିତ ଭାରତବର୍ଷର ବିଭିନ୍ନ ଦିଗ ତ ଆପଣ ଦର୍ଶାଇଛନ୍ତି ପ୍ରତି ପୃଷ୍ଠାରେ।

**ଗିରିଜାକୁମାର ବଳୀୟାରସିଂହ**: ୧୦୮ ସନେଟର ସମନ୍ୱୟ ଏ 'ଭାରତବର୍ଷ' ସଂକଳନ। ପ୍ରାୟ ପ୍ରତ୍ୟେକ ସନେଟ୍‌ର ଆରମ୍ଭରେ ଆଉ ଶେଷରେ ଲକ୍ଷ୍ୟ କରିବେ ଯେ

ବୋଧ ଓ ବୋଧି ଏକବିନ୍ଦୁରେ କେନ୍ଦ୍ରୀଭୂତ ହୋଇଉଠିଛନ୍ତି, ଶବ୍ଦକୁ ନୈଃଶବ୍ଦରେ ପରିଣତ କରି।

**ସାହିତ୍ୟଚର୍ଚ୍ଚା**: ସେଇ କଥା, ଆପଣଙ୍କର କବିଭାବନା ଅପେକ୍ଷା, ଜଣେ ଶବ୍ଦଶିଳ୍ପୀ ଭାବରେ ଏକ ପରିଚୟ ଅଧିକ ଭାବରେ ଉକୁଟିଆସେ ଏହି 'ଭାରତବର୍ଷ' ସଂକଳନରେ। ବିଶେଷତଃ ଏଥିରେ ଆଦ୍ୟଶବ୍ଦମେଳ ବା ଆଲିଟରେସନ୍‌କୁ ନେଇ ଆପଣ ଯେଉଁ ଚମତ୍କାରିତା ଦେଖାଇଛନ୍ତି, ତାହା ଅନ୍ୟତ୍ର ବିରଳ। ଏହା ଆପଣଙ୍କ ରଚନାକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଆସିଛି, ନା ଆପଣ ଉଦ୍ଦେଶ୍ୟମୂଳକ ଭାବରେ ଏହା ପ୍ରୟୋଗ କରିଛନ୍ତି ?

**ଗିରିଜାକୁମାର ବଳୀୟାରସିଂହ**: ଏଇଟି ମୋ ସମ୍ପର୍କରେ ଗୋଟିଏ ଗୁଜବ। ଯଦି ସ୍ୱତଃସ୍ଫୂର୍ତ୍ତ ନ ହୋଇଥା'ନ୍ତା, ମୁଁ କ'ଣ ସେହି ଆରମ୍ଭରୁ ଆଜିଯାଏଁ ଏହି ଏକା ଧାରାକୁ ବଜାୟ ରଖିପାରିଥାଆନ୍ତି ! ଯଦି ଚେଷ୍ଟାକୃତ ହୋଇଥାଆନ୍ତା ତେବେ ତ ମୋ'ର ଖଣ୍ଡିଏ କି ଦୁଇଖଣ୍ଡି ମାତ୍ର ବହିରେ ଆପଣ ଏହାକୁ ପାଇଥାଆନ୍ତେ। ସମସ୍ତରେ ନୁହେଁ।




**ସାହିତ୍ୟଚର୍ଚ୍ଚା**: ଏହି ସଂକଳନର ଗୋଟିଏ ଧାଡ଼ି ମନେଅଛି, 'କନ୍ୟା କୁମାରିକା କୂଳେ କୁଳବର୍ଗ କୁଳାଂକୁରକାମୀ।' ଅର୍ଥାତ୍ ସବୁ ଶବ୍ଦର ଆଦ୍ୟରେ 'କ' ବର୍ଣ୍ଣ ଅଛି। ଏହା ପାଇଁ କ'ଣ ଆପଣ କିଛି ସମୟ କୃତ୍ରିମ ଭାବରେ ଚିନ୍ତା କରିନାହାନ୍ତି ! ଏହା ସ୍ୱତଃସ୍ଫୂର୍ତ୍ତ ?

**ଗିରିଜାକୁମାର ବଳୀୟାରସିଂହ**: ଏହା ମୋ ପାଇଁ ସହଜ; କାହିଁକି ନା ଶବ୍ଦ ଓ ମୋ ଭିତରେ ପରସ୍ପର ପ୍ରତି ଭଲ ପାଇବା ଏକତରଫା ନୁହେଁ। ମଗ୍ନଚୈତନ୍ୟର ମହାସମୁଦ୍ରମନ୍ଥନରୁ ଜାତ ଶବ୍ଦମାନେ ତ କେବେକେବେ ମୋ'ର ପ୍ରିୟଶାବକ ଭଳି ପ୍ରତେ ହୁଅନ୍ତି। ମନେହୁଏ, ଯେପରି ସେମାନେ ସେପଟୁ ମୋତେ ସ୍ନେହ କରନ୍ତି, ଏପଟୁ ମୋ'ର ବାତ୍ସଲ୍ୟ ଚାହାନ୍ତି ବି।

**ସାହିତ୍ୟଚର୍ଚ୍ଚା**: ଆପଣଙ୍କ ରଚନା-ସମଗ୍ରରେ ଆମେ ଲକ୍ଷ୍ୟ କରିଛୁ ଯେ ଆପଣ ବେଶି ମାତ୍ରାରେ ସନେଟ୍‌ର ଫର୍ମାଟ୍ ବ୍ୟବହାର କରିଛନ୍ତି। ସନେଟ୍‌କୁ କାହିଁକି ଆପଣ ଭାବପ୍ରକାଶର ଏକ ଉପଯୁକ୍ତ ମାଧ୍ୟମ ବୋଲି ଭାବନ୍ତି ?

**ଗିରିଜାକୁମାର ବଳୀୟାରସିଂହ**: ଏହାର କାରଣ, ମୁଁ ନ୍ୟାରେଟିଭ୍ ନୁହଁ, ସଜେଷ୍ଟିଭ୍। ତାଳମେଳ ନଥାଇ ଏଣୁତେଣୁ ଗୁଡ଼ାଏ ବଖାଣିଯିବାକୁ ଚାହେ ନାହିଁ। ଅନେକ କଥା କହିବାକୁ ଚାହେ ଅଳ୍ପକରେ, ଚୁମ୍ବକରେ। ସନେଟ୍ ହେଉଛି ମୋ ପକ୍ଷରେ ଏକପ୍ରକାର ବାକ୍‌ସଂଯମ।

**ସାହିତ୍ୟଚର୍ଚ୍ଚା**: ଶେଷରେ ଜାଣିବାକୁ ଚାହିଁବୁ, ଓଡ଼ିଆ କବିତାର ଭବିଷ୍ୟତକୁ ନେଇ ଆପଣଙ୍କର ଆଶା ଅଥବା ଆଶଙ୍କା କିଛି ଅଛି କି ?

**ଗିରିଜାକୁମାର ବଳୀୟାରସିଂହ**: ଓଡ଼ିଆ କବିତାର ଭବିଷ୍ୟତ୍, ଏହାର ଐତିହ୍ୟବନ୍ତ ଅତୀତର ବର୍ଣ୍ଣ ଭଳି,ନିଶ୍ଚିତ ଭାବରେ ଉଜ୍ଜ୍ୱଳ। କିନ୍ତୁ ଆପଣ ତ ଜଣେ ସମ୍ପାଦକ; ଆପଣଙ୍କ ପତ୍ରିକାରେ ଗପ ବାହାରେ, ପ୍ରବନ୍ଧ ବାହାରେ, ପରିଚର୍ଚ୍ଚା ବାହାରେ, ସାକ୍ଷାତକାର ବାହାରେ ଓ କବିତା ବି ବାହାରେ। ଅଥଚ ଯଦି ପାଠକମାନଙ୍କୁ ଗୋପନରେ ପଚାରନ୍ତି ଯେ ପତ୍ରିକାର କେଉଁ ବିଭାଗଟି ସେମାନେ ଆଦୌ ପଢ଼ନ୍ତି ନାହିଁ, ବା କମ୍ ପଢ଼ନ୍ତି, ତେବେ ଗୋଟିଏ ମାତ୍ର ଉତ୍ତର ହିଁ ଗୁଡ଼ିଏ ମୁହଁରୁ ଆସିବ - କବିତା ! ଅନ୍ୟ କୌଣସି ବିଭାଗ ଉପରେ ଆପଣ ଏ ପ୍ରକାର ବାରଣାତ୍ମକ ବା ମାରଣାତ୍ମକ ମନ୍ତବ୍ୟ ପାଇବେ କି ?

**ସାହିତ୍ୟଚର୍ଚ୍ଚା**: ତେବେ ତ ଉଦ୍‌ବେଗର କାରଣ ଅଛି।

**ଗିରିଜାକୁମାର ବଳୀୟାରସିଂହ**: ତା'ସତ୍ତ୍ୱେ ଆଜି ଯଦି ସାହିତ୍ୟର ଅଧରାତିସବୁକୁ କିଏ ତାରକିତ କରିଚାଲୁଥାଏ ଏଯାବତ୍ - ତାହା ଗଳ୍ପ ନୁହେଁ, ଉପନ୍ୟାସ ନୁହେଁ, ନାଟକ ନୁହେଁ କି ନିବନ୍ଧ ନୁହେଁ; ତାହା ହେଉଛି କବିତା, କବିତା, ଆଉ କବିତା। ଅଦମ୍ୟ ଏହାର ପ୍ରାଣଶକ୍ତି।

**ସାହିତ୍ୟଚର୍ଚ୍ଚା**: ଆଜିର ଏହି ଉପଯୋଗୀ ଆଲୋଚନାଟି ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ।

□□


ଗଳ୍ପ

# ଅସହାୟ



ପ୍ରଭଞ୍ଜନ ଦାଶ

ସେଦିନ ସକାଳୁ ସକାଳୁ ଏମିତି ଗୋଟେ ପରିସ୍ଥିତିକୁ ଯେ ରଜନୀକାନ୍ତ ସାମ୍ନା କରିବ ସେକଥା ତା' ସ୍ୱପ୍ନର ପରିସୀମା ଭିତରେ ବି ନ ଥିଲା। ଶୀତୁଆ ସକାଳର କୁହୁଡ଼ି କାକରଭରା ପରିବେଶରୁ ଆଂଶିକ ତାଜାପଣ ପାଇଁ ହାତରେ ସିଗାରେଟ୍‌ଟେ ସହ ଚା' କପ୍‌ଟି ଧରି ରଜନୀକାନ୍ତ ଛକପାଖ ଦୋକାନ ବେଞ୍ଚରେ ବସି ଖବରକାଗଜ ଉପରେ ନଜର ପକାଉଥିଲା। ଗରମ ଚା'ର ସ୍ପର୍ଶ, ସିଗାରେଟ୍‌ର ଭସ୍ ଭସ୍ ଧୂଆଁ ଏବଂ ସମ୍ବାଦପତ୍ରର ତାଜା ଖବର ଏସବୁ ଭିତରେ ମଜ୍ଜି ରହିଥିଲା ସେ। ହଠାତ୍ କାହାର କଅଁଳ ସ୍ୱର ସହ କୋମଳ ସ୍ପର୍ଶକୁ ଅନୁଭବ କରିପାରିଲା ରଜନୀକାନ୍ତ। କେହିଜଣେ, "ବାବୁ ବାବୁ..." କହି ଡାକୁଥିଲା ତାକୁ। ଖବରକାଗଜ ଭିତରୁ ମୁହଁ ଟେକି ଦେଖିଲା ରଜନୀକାନ୍ତ। ଆଶ୍ଚର୍ଯ୍ୟ ବି ଅନୁଭବ କଲା! ଧୂଳି ଧୂସରରେ ଲୋଟିଯାଇଥିବା ପାଞ୍ଚ ଛଅ ବର୍ଷର କୁନି ଝିଅଟେ ବଡ଼ ଅସହାୟତାରେ ହାତ ବଢ଼େଇ ଛିଡ଼ା ହୋଇଛି ତା' ଆଗରେ। ଦେହରେ ତା'ର ଚିରାଫଟା ଜାମା, ଖାଲିପାଦ, ନୁଖୁରା ଚୁଟି, ଜୀର୍ଣ୍ଣ, ଶୁଷ୍କ ଶରୀର। ଭୀଷଣ ଶୀତରେ ଥରୁଥିଲା ସେ। ଦାନ୍ତକୁ ଦାନ୍ତ ମାଡ଼ର ଅସ୍ୱଷ୍ଟତାରେ ହାତ ପତେଇ ସେ କହୁଥିଲା, "ବାବୁ କିଛି..."।



ଅଧିକ କହିବାର ସକ୍ଷମତାରେ ନ ଥିବା ଅନେକ କଥା ଆପେ ଆପେ ବାରିହୋଇ ପଡୁଥିଲା ତା' ନିରୀହ ମୁହଁର କରୁଣ ଚାହାଣି ଭିତରୁ। କିଛି ବି ବୁଝିପାରିଲାନି ରଜନୀକାନ୍ତ। ପ୍ରଥମ ଥର ସେ ଦେଖୁଛି ଏଭଳି ଗୋଟେ କୁନି ଝିଅକୁ ଏତେ ସକାଳୁ ପୁଣି ଏମିତି ଏକ ପରିସ୍ଥିତିରେ। ପାନ ଦୋକାନୀକୁ ପଚାରିବାରୁ ସେ ଜଣେଇ ଦେଇ କହିଲା, "ବାବୁ ମୁଁ ଏ ପିଲାକୁ ଆଜି ସକାଳୁ ଦେଖୁଛି। ଏଇ ମୋ ଦୋକାନ ଆଗରେ ତା' ମାଆ ସହ ଶୋଇଥିଲା। ମୁଁ ଦୋକାନ ଖୋଲିବାରୁ ମାଆ ଝିଅ ଦୁହେଁ ଉଠିକି ଆଗକୁ ଚାଲିଗଲେ। ସେତିକିବେଳୁ ଝିଅ ଯାହାକୁ ଦେଖୁଛି ଭିକ ମାଗୁଛି। ମାଆ ତା'ର ସେଇ ରାସ୍ତା କଡ଼େ କୋଉଠି ବସିଛି। ଲାଗୁଛି ଏ ସହରରେ ବୋଧେ ନୂଆ। କୋଉଠୁ ଗୋଟେ ପଳେଇ ଆସିଛି।"

ରଜନୀକାନ୍ତର ମନରେ ଝିଅଟିକୁ ନେଇ ଜାଣିବାର ଆଗ୍ରହ ସ୍ୱତଃ ଖୁବ୍ ବଢ଼ିଯାଇଥିଲା। ଯଦିଓ ସ୍ୱଭାବରେ ସେ ଏତେ ସମ୍ବେଦନଶୀଳ ନୁହେଁ, କିନ୍ତୁ କେଜାଣି କାହିଁକି ସେ କୁନି ଝିଅଟିକୁ ନେଇ ତା' ମନରେ ଅନେକ ସମ୍ଭାବନା ଉଙ୍କି ମାରୁଥିଲା। ସଙ୍ଗେ ସଙ୍ଗେ ଦୋକାନୀଠୁ ବିସ୍କୁଟ୍ ପ୍ୟାକେଟ୍‌ଟି ଆଣି ରଜନୀକାନ୍ତ ଧରେଇ ଦେଲା କୁନି ଝିଅଟିର କଅଁଳ ହାତରେ। ଶୁଖିଲା ମୁହଁରେ ତା'ର ଖେଳିଗଲା ଚେନାଏ ହସ। ସ୍ନେହଭରା ସ୍ୱରରେ ରଜନୀକାନ୍ତ ପଚାରିଲା, "ତୋ ମାଆ କାଇଁ?"

ବିସ୍କୁଟ୍ ଖାଉଥିବା ଝିଅଟି ହାତ ଦେଖାଇ ଇଙ୍ଗିତ କଲା ରାସ୍ତାର ଅପର ପାର୍ଶ୍ୱକୁ। ରଜନୀକାନ୍ତ ଝିଅଟିକୁ ଧରି ଆଗେଇଲା ସେ ଦିଗକୁ। ରାସ୍ତାକଡ଼ର ଗୋଟେ ଭଙ୍ଗା ଦୋକାନ ଆଗରେ ଥିବା ଅପରିତ୍ୟକ୍ତ ଜାଗାରେ ବସିଥିଲା ସ୍ତ୍ରୀ ଲୋକଟିଏ। ରଙ୍ଗଛଡ଼ା ଚିରାଲୁଗା, ଆଲୁରୁବାଲୁରୁ ମୁକୁଳା ଚୁଟି, ରୁଗ୍ଣ ଶରୀର ଏସବୁରୁ ଯେ କେହି ବି ପାଗେଳୀଟାଏ ବୋଲି ସନ୍ଦେହ କରିପାରେ। କୁନି ଝିଅଟି କହିଲା, "ବାବୁ ଏଇ ମୋ ମାଆ। କାଲି ରାତିରୁ ତା' ଦେହ ଭଲନାହିଁ।" ମନର ଉତ୍ସାହ ଓ ଆଶଙ୍କା ଉଭୟକୁ ଧରି ଆଗେଇ ଯାଇ ରଜନୀକାନ୍ତ ପଚାରିଲା, "କିଏ ତମେ? କ'ଣ ହେଇଛି ତମର? ଏଠି ଏମିତି କାଇଁ ବସିଛ?"

ଲଦି ହୋଇଥିବା ଦୁଃଖର ପାହାଡ଼ରେ ନିଗିଡ଼ି ପଡୁଥିବା

ଢଳ ଢଳ ଆଖିର ଲୁହକୁ ନିଜ ଚିରା ଲୁଗାରେ ପୋଛି ଦେଇ ସେ କହିଲା, "ବାବୁ, ମୁଁ ଗୋଟେ ହତଭାଗିନୀଟାଏ। ଏ ଦୁନିଆକୁ ପରକରି ଭଲପାଇ ଯାହା ହାତ ଧରିଲି ଶେଷକୁ ସେ ମୋ ଚରିତ୍ରକୁ ସନ୍ଦେହ କରି ସବୁଦିନ ପାଇଁ ଦୂରେଇ ଦେଲା। ମତେ ନ ହେଲା ନାହିଁ, ଏଇ ତା' ଛୁଆଟାକୁ ବି ଟିକେ ଆଡ଼ ଆଖିରେ ଦେଖିଲାନି। ମୁଁ ସତ କହୁଛି ବାବୁ, ମୋର କିଛି ବି ଦୋଷ ନାହିଁ। ଅନ୍ୟ କାହା ସହ ସଂସାର ବସେଇବା ଲୋଭରେ ଜାଣିଶୁଣି ସେ ଏମିତି କରୁଛି। ଆମର ଏ ଦୁନିଆରେ ଆଉ କେହି ସାହା ନାହାନ୍ତି ବାବୁ। ଅନ୍ୟର ହାତଟେକା ଟିକକୁ ଚାହିଁ ଏଇ ଖୋଲା ଆକାଶ ତଳେ ଜୀବନ ଜିଇବା ବୋଧେ ଆମ କପାଳରେ ଲେଖା।"

"ଅନ୍ୟର ହାତଟେକା ଟିକକୁ ଚାହିଁ ଏଇ ଖୋଲା ଆକାଶ ତଳେ ଜୀବନ ଜିଇବା ବୋଧେ ଆମ କପାଳରେ ଲେଖା।"

କୁନି ଝିଅଟିକୁ ଚାହିଁଲା ରଜନୀକାନ୍ତ । ମନ ଖୁସିରେ ବିସ୍କୁଟ୍ ଖାଉଥିଲା ସେ। ଯେମିତି ଅନେକ ଦିନ ହେବ କ୍ଷୁଧାର ତାଡ଼ନାରେ ସେ ଜର୍ଜରିତ ଥିଲା। ତା' ନିରୀହ ମୁହଁ ଅଧିକରୁ ଅଧିକ ଭାବବିହ୍ୱଳିତ କରିଦେଲା ରଜନୀକାନ୍ତକୁ। ସେ ହଜିଗଲା ତା' ଜୀବନର ଅତୀତରେ। ଯାହାକୁ ସେ ନିଜେ ପ୍ରାୟତଃ ପାସୋରି ସାରିଥିଲା କିଛି ବର୍ଷ ତଳୁ। ସବୁକଥା ପୁଣି ଥରେ ରୋମନ୍ଥନ ହୋଇ ଉଠିଲା ରଜନୀକାନ୍ତ ମନରେ।

ପ୍ରେମ ବିବାହରୁ ନିଜ ସାଂସାରିକ ଜୀବନ ଆରମ୍ଭ କରିଥିବା ରଜନୀକାନ୍ତ ଖୁବ୍ ଖୁସି ଅନୁଭବ କରିଥିଲା ଏକ କନ୍ୟା ସନ୍ତାନ ପିତାର ପରିଚୟ ପାଇ। କିଛିବର୍ଷ ତଳେ କୌଣସି ଏକ ପାରିବାରିକ ମନୋମାଳିନ୍ୟରୁ ପତ୍ନୀ ଓ ଝିଅକୁ ନିଜଠୁ ଦୂରେଇ ଦେଇଥିଲା ସେ। ଠିକ୍ ଭୁଲ୍, ନ୍ୟାୟ ଅନ୍ୟାୟ, ସତ୍ୟ ଅସତ୍ୟର ଏ ଛକାପଞ୍ଝା ଭିତରେ, ନିଜ ଗରିମାର ମାୟାରେ ରଜନୀକାନ୍ତ ଯେପରି ପାସୋରି ସାରିଛି ନିଜ ଜୀବନର ଆଉ ଏକ ଅମୂଲ୍ୟ ସମ୍ପଦ। କୁନି ଝିଅଟି ଭିତରେ ସେ ଦେଖିଲା ତା' ଜୀବନର ସେହି ଅମୂଲ୍ୟ ସମ୍ପତ୍ତିକୁ। ସତେ ଯେମିତି ପରୋକ୍ଷରେ ସେ ନିଜେ ଆସି ଅଝଟ କରୁଛି ତା' ବାପାର ପରିଚୟ ପାଇଁ, ଅଳି କରୁଛି ଟିକିଏ ସ୍ନେହ, ମମତା ପାଇଁ।

ଆଉ ନିଜକୁ ରୋକିପାରିଲାନି ରଜନୀକାନ୍ତ। ଅସହାୟ ସ୍ତ୍ରୀ ଲୋକଟି ହାତରେ କିଛି ଟଙ୍କା ଗୁଞ୍ଜିଦେଇ ଏକମୁହାଁ ହୋଇ ଚାଲି ଆସିଲା ସେଠୁ। ଅନେକ କ୍ଷୋଭକୁ ମନରେ ଧରି ରଜନୀକାନ୍ତ ନିଜକୁ ନିଜେ କହୁଥିଲା, "ନା, ମୁଁ କଦାପି ଆଉ ଦୁଇଟି ଜୀବନକୁ ଏମିତି ଅସହାୟ ଭାବେ ରାସ୍ତାକଡ଼କୁ ଠେଲି ଦେଇପାରିବିନି। କେବେ ନୁହେଁ।"

ସକାଳର ନୀରବତା ଥମିଯାଇ ସହରରେ ଆସ୍ତେ ଆସ୍ତେ କୋଳାହଳ ବଢୁଥିଲା। ଚଞ୍ଚଳ ନଇଟେ ବନ୍ଧବାଡ ଭାଙ୍ଗିବା ପରି ଅନୁତାପରେ ନିଗିଡି ପଡୁଥିଲା ଆଖିର ଲୁହ। ସମୟର ଗତି ଏବଂ ଜୀବନର ବାସ୍ତବତା ସହ ସମାନ୍ତରାଳ ରୂପେ ଝରି ପଡୁଥିବା ସେହି ଲୁହ ଭିତରେ ରଜନୀକାନ୍ତ ଅନୁଭବ କରିପାରୁଥିଲା ନିଜ ଜୀବନର ଅନ୍ୟ ଏକ ଦିଗକୁ। ଯାହାକୁ ସେ ନିଜେ ଠେଲି ଦେଇଥିଲା ଅନ୍ଧାରି ମୁଲକ ଭିତରକୁ। ଯେଉଁଠୁ କେହି ଜଣେ ତାକୁ ହାତଠାରି ଡାକୁଥିଲା ବଡ଼ ଅସହାୟତାରେ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
pravanjandash56@gmail.com


'ସାହିତ୍ୟ ଚର୍ଚ୍ଚା' ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି।


ଏହାର କେତେକ ଉପାଦେୟ ଲେଖା ତୁରନ୍ତ ପଢ଼ିବା ପାଇଁ ନିମ୍ନଲିଖିତ ଲିଙ୍କକୁ ଯାଆନ୍ତୁ :
www.sahityacharcha.com


ପ୍ରବନ୍ଧ

# ବ୍ୟାକରଣିକ ଚର୍ଚ୍ଚା ଓ ଓଡ଼ିଆ କ୍ରିୟାହୀନ ବାକ୍ୟ

ପ୍ରଫେସର ପଞ୍ଚାନନ ମହାନ୍ତି



ଆନୁମାନିକ ପ୍ରାୟ ଦୁଇ ଲକ୍ଷ ବର୍ଷ ଧରି ମଣିଷମାନେ ଭାଷା ବ୍ୟବହାର କରି ଆସିଥିଲେ ହେଁ ବ୍ୟାକରଣ ରଚନାର ସୂତ୍ରପାତ ମାତ୍ର ଅଢ଼େଇ ହଜାର ବର୍ଷ ତଳର ଘଟଣା। ପାଣିନିଙ୍କ 'ଅଷ୍ଟାଧ୍ୟାୟୀ' ଏଇ ଯୁଗର ରଚନା। ପରିବେଶ, ପର୍ଯ୍ୟାବରଣ, ସମାଜ ଓ ସଂସ୍କୃତି ପ୍ରଭୃତି ସହିତ ଭାଷା ମଧ୍ୟ ପରିବର୍ତ୍ତନଶୀଳ। ଯେ କୌଣସି ଭାଷା ତା' ନିଜ ପରିସୀମା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଓ ସମାଜର ବିଭିନ୍ନ ସ୍ତରର ଲୋକଙ୍କ ଦ୍ୱାରା କଥିତ ହେଉଥିବା ଯୋଗୁ ଏଥିରେ ଭିନ୍ନତା (ଭେରିଏଶନ) ଓ ବିଚ୍ୟୁତି (ଡେଭିଏଶନ)ର ଉଦ୍‌ଗମ ଘଟିବା ସ୍ୱାଭାବିକ। ଦୃଷ୍ଟାନ୍ତ ସ୍ୱରୂପ ଇଂରେଜୀରେ 'ୱାକ୍' କ୍ରିୟାର ଅତୀତ କାଳର ରୂପ 'ୱାକ୍‌ଡ'; କିନ୍ତୁ 'ଗୋ'ର 'ୱେଣ୍ଟ୍'। ପୁଣି ସଂସ୍କୃତରେ 'ପଠ୍' ଧାତୁର ପ୍ରଥମ ପୁରୁଷ, ଏକବଚନ, ଲଟ୍ ଲକାର ଓ ଲୃଟ୍ ଲକାରରେ ଯଥାକ୍ରମେ 'ପଠତି' ଓ 'ପଠିଷ୍ୟତି' ହେଉଥିବା ବେଳେ 'ଦୃଶ୍' ଧାତୁର 'ପଶ୍ୟତି' ଓ ଦ୍ରକ୍ଷ୍ୟତି' ହୁଏ। ଭାଷାର ଏ ପ୍ରକାର ନିୟମିତତା ଓ ଅନିୟମିତତାକୁ ଭିତ୍ତି କରି ପ୍ରାଚୀନ ଗ୍ରୀସର ବିଦ୍ୱାନମାନଙ୍କ ଭିତରେ ଦି'ଟି ଗୋଷ୍ଠୀ ସୃଷ୍ଟି ହେଇଥିଲା। ସେମାନେ ସାଦୃଶ୍ୟବାଦୀ (ଆନାଲୋଜିଷ୍ଟ) ଓ ବୈସାଦୃଶ୍ୟବାଦୀ (ଆନୋମାଲିଷ୍ଟ) ଭାବେ ପରିଚିତ ଥିଲେ। ପ୍ଲାଟୋ (ସାଧାରଣ ଯୁଗ ପୂର୍ବ ୪୨୭-୩୪୮), ଆରିଷ୍ଟୋଟଲ୍ (ସାଧାରଣ ଯୁଗ ପୂର୍ବ ୩୮୪-୩୨୨) ଓ ସେମାନଙ୍କ ଶିଷ୍ୟମାନେ ଥିଲେ ସାଦୃଶ୍ୟବାଦର ସମର୍ଥକ। ଅନ୍ୟପକ୍ଷରେ ଉପଲବ୍ଧ ନିୟମିତତାକୁ ଅସ୍ୱୀକାର ନ କଲେ ହେଁ ବିଭିନ୍ନ ସ୍ତରୀୟ ଅନିୟମିତତା ଉପରେ ପ୍ରାଧାନ୍ୟ ଦେଇ ସାଦୃଶ୍ୟମୂଳକ ପନ୍ଥା ଅନୁପଯୋଗୀ ବୋଲି ଯୁକ୍ତି ବାଢ଼ିଥିଲେ। ଭାଷାରେ ଥିବା ଭିନ୍ନତା ଓ ବିଚ୍ୟୁତିକୁ ସ୍ୱୀକାର କରିବା ପରିବର୍ତ୍ତେ ସାଦୃଶ୍ୟବାଦୀମାନେ ଏସବୁକୁ ତାଙ୍କ ବୌଦ୍ଧିକ ପରିସୀମା ମଧ୍ୟରେ ସମାହିତ କରିବା ଦିଗରେ ପ୍ରବଣତା ପ୍ରଦର୍ଶନ କରିଥିଲେ।




ଭାରତୀୟ ପରମ୍ପରାରେ ମଧ୍ୟ ଏପରି ଉଦାହରଣ ସହଜଲଭ୍ୟ। ଅନ୍ୟାନ୍ୟ ଭାରତୀୟ ଭାଷା ଭଳି ଓଡ଼ିଆ ବ୍ୟାକରଣ ରଚନାର ପରମ୍ପରା ଏଇ ଛାଞ୍ଚରେ ଗଢ଼ା। ଏହାର ଏକ ଦୃଷ୍ଟି-ଆକର୍ଷଣ ଦୃଷ୍ଟାନ୍ତ ହେଲା / ଅଟ୍-/ କ୍ରିୟାର ବ୍ୟବହାର। ଯେମିତି,

(୧) *ଆଜି ସୋମବାର ଅଟେ। (*ଚିହ୍ନ ଅଗ୍ରହଣୀୟତା/ ଅବ୍ୟାକରଣିକତାର ସୂଚକ) କହିବା ନିଷ୍ପ୍ରୟୋଜନ ଯେ ଏଭଳି ବାକ୍ୟ ଓଡ଼ିଆ ଭାଷୀଙ୍କ ତୁଣ୍ଡରୁ ଶୁଣାଯାଏ ନାହିଁ। ବାକ୍ୟର କ୍ରିୟାପଦ 'ଅଟେ'କୁ ଛାଡ଼ିଦେଲେ ଏହା କ୍ରିୟାହୀନ ବାକ୍ୟ ହେଇଯିବ- ଯଥା-

(୨) ଆଜି ସୋମବାର।

ଏ ବାକ୍ୟଟି ଓଡ଼ିଆରେ ସମ୍ପୂର୍ଣ୍ଣ ଭାବେ ଗ୍ରହଣୀୟ ଓ ବ୍ୟବହୃତ। କିନ୍ତୁ ବିଡ଼ମ୍ବନାର କଥା ହେଲା, ଓଡ଼ିଆ ବ୍ୟାକରଣଗୁଡ଼ିକରେ ଏହା ଅଚର୍ଚ୍ଚିତ ଓ ବର୍ଜିତ। ଏଠି ସ୍ମରଣ କରେଇଦେବା ଆବଶ୍ୟକ ଯେ 'ଭାଷା' ଶବ୍ଦଟି ସଂସ୍କୃତ / ଭାଷ୍-/ଧାତୁରୁ ନିଷ୍ପନ୍ନ। ଠିକ୍ ସେମିତି ଇଂରେଜୀରେ 'ଲାଙ୍ଗୁଏଜ୍'ର ଉତ୍ସ ହେଲା ଲାଟିନ୍ ଭାଷାର 'ଲିଙ୍ଗୁଆ' ଯାହାର

ଅର୍ଥ 'ଜିଭ'। ଏହି ଦୃଷ୍ଟିରୁ ଭାଷାରେ ପ୍ରଚଳିତ ନୀତିନିୟମ ସବୁ ହିଁ ମଣିଷର ଭାଷିକ ସାମର୍ଥ୍ୟ (ଲିଙ୍ଗୁଇଷ୍ଟିକ୍ କମ୍ପିଟେନ୍ସ) ଓ ଏହାର ଆବିଷ୍କାର ତଥା ଆଲୋଚନା ହିଁ ବ୍ୟାକରଣ। ଏଇ ଭାଷା ଓ ବ୍ୟାକରଣର ଘର ହେଲା ମଣିଷର ମସ୍ତିଷ୍କ। ତେଣୁ ମାନକ ଓଡ଼ିଆଭାଷୀଙ୍କ ମସ୍ତିଷ୍କରେ ସ୍ଥାନିତ ଭାଷିକ ସାମର୍ଥ୍ୟର ବିସ୍ତାରିତ ବର୍ଣ୍ଣନା ହିଁ ଓଡ଼ିଆ ଭାଷାର ବ୍ୟାକରଣ। ଏଇ ସମୁଦାୟର ଲୋକେ ତାଙ୍କ ଭାଷା କେମିତି କହିବା ଉଚିତ ଓ ଓଡ଼ିଆ ଭାଷାରେ କ'ଣ ସବୁ ରହିବ ବା ନ ରହିବ, ଏପରି ପରାମର୍ଶମୂଳକ ବର୍ଣ୍ଣନାର ଓଡ଼ିଆ ବ୍ୟାକରଣ ସହିତ କୌଣସି ସମ୍ପର୍କ ନାହିଁ ବା ଏହା ବ୍ୟାକରଣ ରଚନାର ଉଦ୍ଦେଶ୍ୟ ବା କାର୍ଯ୍ୟ ନୁହେଁ। କିନ୍ତୁ ଅଧିକାଂଶ ଓଡ଼ିଆ ବ୍ୟାକରଣ ଏଇ ଦୋଷରେ ଦୁଷ୍ଟ। ଏ ପ୍ରକାର ବ୍ୟାକରଣକୁ ବିଧେୟାତ୍ମକ (ପ୍ରେସ୍କ୍ରିପ୍ଟିଭ୍) ବ୍ୟାକରଣ କୁହାଯାଏ ଓ ଏହା ସର୍ବତୋଭାବେ ବର୍ଜନୀୟ।

## ବାକ୍ୟ ଓ କ୍ରିୟା

ଅଧିକାଂଶ ବ୍ୟାକରଣକାରଙ୍କ ଧାରଣା ଓ ବିଶ୍ୱାସ ଯେ କ୍ରିୟା ବ୍ୟତୀତ ବାକ୍ୟ-ଗଠନ ସମ୍ଭବ ନୁହେଁ। ଏହା ପଛରେ ଇଂରେଜୀ ବାକ୍ୟରେ କ୍ରିୟାର ଅନିବାର୍ଯ୍ୟ ପ୍ରୟୋଗ ଓ/ବା ସଂସ୍କୃତର 'ଏକତିଙ୍ ବାକ୍ୟମ୍' ଭଳି ସଂଜ୍ଞାର ପ୍ରଭାବ ଥାଇପାରେ। କିନ୍ତୁ କ୍ରିୟାହୀନ ବାକ୍ୟ ଯେ ଓଡ଼ିଆ ଭାଷାର ଏକ ବିଶିଷ୍ଟ ଲକ୍ଷଣ, ଏଥିରେ ସନ୍ଦେହ ନାହିଁ। ଓଡ଼ିଆ ବ୍ୟାକରଣକାରମାନେ ଏଇ କଥାଟିକି ବୁଝି ନ ଥିବା ହେତୁ କ୍ରିୟାହୀନ ବାକ୍ୟଗୁଡ଼ିକରେ କ୍ରିୟା ଉହ୍ୟ ଥାଏ ବୋଲି ଯୁକ୍ତି ବାଢ଼ି ଏସବୁରେ/ ଅଟ୍-/ରୁ ନିଷ୍ପନ୍ନ କ୍ରିୟା ବଳପୂର୍ବକ ବ୍ୟବହାର କରିଥା'ନ୍ତି। (୧) ବାକ୍ୟଟି ଏହାର ପ୍ରକୃଷ୍ଟ ଉଦାହରଣ। 'ଅଟେ'ର ପ୍ରୟୋଗ ଯୋଗୁଁ ଏହା ଶ୍ରୁତିକଟୁ ନିଶ୍ଚୟ; ଲିଖିତ ଭାଷାରେ ଦୃଷ୍ଟିକଟୁ ମଧ୍ୟ। ତେଣୁ ଭାଷିକ ସାମର୍ଥ୍ୟ ବିଚାରରେ ଓଡ଼ିଆରେ କ୍ରିୟାହୀନ ବାକ୍ୟ ସିଦ୍ଧ। ଏହା ସତ୍ତ୍ୱେ ନାୟକ (୨୦୧୭)ଙ୍କୁ ବାଦ୍ ଦେଲେ ଏ ପ୍ରକାର ବାକ୍ୟ ବିଷୟରେ ଓଡ଼ିଆରେ ଆଲୋଚନା ବିରଳ। ତେଣୁ ଏ ସମ୍ପର୍କରେ ସବିଶେଷ ଚର୍ଚ୍ଚା କରି ଓଡ଼ିଆ ବ୍ୟାକରଣରେ କ୍ରିୟାହୀନ ବାକ୍ୟ- ଶ୍ରେଣୀକୁ ପ୍ରତିଷ୍ଠିତ କରିବା ଏ ଆଲୋଚନାର ଲକ୍ଷ୍ୟ।

## ତିନୋଟି ବହୁରୂପୀ କ୍ରିୟା

କ୍ରିୟାହୀନ ଓଡ଼ିଆ ବାକ୍ୟ ବିଷୟକ ଚର୍ଚ୍ଚାରେ ତିନୋଟି କ୍ରିୟାର ଉଲ୍ଲେଖ ଅପରିହାର୍ଯ୍ୟ। ଯଥା - / ଅଟ୍ -/, / ଅଛ୍-/, ଓ / ଥା - /। କେତେକ ବିଦ୍ୱାନଙ୍କ ମତରେ ଉକ୍ତ ତିନୋଟି କ୍ରିୟା ଭିନ୍ନ ଓ ସ୍ୱତନ୍ତ୍ର (ନାୟକ ୨୦୧୭:୧୫୬, ମହାପାତ୍ର ୧୯୯୫/୧୫୭-୮, ୨୦୦୭:୧୨୯-୩୦)। ସୂକ୍ଷ୍ମ ଭାବେ ବିଶ୍ଳେଷଣ କଲେ, ଆମେ ଦେଖିବା ଯେ ଏଭଳି ମତ ଅଗଭୀର ଓ ଆଲୋଚନାର ମିତତା (ଇକୋନୋମି) ଦୃଷ୍ଟିରୁ ବ୍ୟୟସାପେକ୍ଷ (ଏକ୍ସପେନ୍ସିଭ୍)। ଆଧୁନିକ ମାନକ କଥିତ ଓଡ଼ିଆରେ / ଅଟ୍-/ କ୍ରିୟା ପ୍ରାୟତଃ ଅଚଳ ବୋଲି ପୂର୍ବେ ପ୍ରଦର୍ଶିତ ହେଇସାରିଚି। ତେଣୁ ଏଠି କେବଳ / ଅଛ୍-/ ଓ / ଥା- / ସମ୍ପର୍କରେ ବିଚାର କରିବା। ପ୍ରଥମେ କେତୋଟି ଉଦାହରଣ ନେବା-

**କ୍ରିୟାହୀନ ବାକ୍ୟ ଯେ ଓଡ଼ିଆ ଭାଷାର ଏକ ବିଶିଷ୍ଟ ଲକ୍ଷଣ, ଏଥିରେ ସନ୍ଦେହ ନାହିଁ।**

(୩) ମୁଁ ଘରେ ଅଛି।

(୪) ମୁଁ ଘରେ ଥିଲି।

(୫) ମୁଁ ଘରେ ଥିବି।

ଏଇ ବାକ୍ୟଗୁଡ଼ିକରେ ବ୍ୟବହୃତ କ୍ରିୟାସବୁର ମୂଳ ଧାତୁ ଯେ ଗୋଟିଏ ଏହା ଯୁକ୍ତିର ସାପେକ୍ଷ ରଖେନାହିଁ। ଏସବୁ ସଂସ୍କୃତରେ / ଅସ୍- / ଧାତୁରୁ ନିଷ୍ପନ୍ନ ପ୍ରଥମ ପୁରୁଷ, ଏକବଚନ, ଲଟ୍ ଲକାର ଓ ଲୃଟ୍ ଲକାର ରୂପ୍ ଯଥାକ୍ରମେ 'ଅସ୍ତି' ଓ 'ଭବିଷ୍ୟତି' ଏବଂ ଇଂରେଜୀରେ ଆମ୍, ୱାଜ୍, ଆର୍ ଓ ୱେର ସହିତ ତୁଳନୀୟ। ଏଭଳି ବିଚ୍ୟୁତି ପୃଥିବୀର ଅଧିକାଂଶ ଭାଷାରେ ପ୍ରଚୁର ପରିମାଣରେ ଲକ୍ଷଣୀୟ। ଧ୍ୱନିଗତ ସାମ୍ୟବିହୀନ ଏ ପ୍ରକାର ବିଚ୍ୟୁତିକୁ 'ସର୍ବାଦେଶ' (ସପ୍ଲିଶନ୍) କୁହାଯାଏ। ବର୍ତ୍ତମାନ ପ୍ରଶ୍ନ ହେଲା / ଅଛ୍- / ଓ / ଥା- / ର ମୂଳ ଧାତୁଟି କ'ଣ ? ଉପର ତିନୋଟି ଉଦାହରଣ ମଧ୍ୟରୁ ଶେଷ ଦି'ଟିରେ ଅତୀତ ତଥା ଭବିଷ୍ୟତ କାଳ ଓ ପୁରୁଷ ତଥା ବଚନ ପ୍ରତ୍ୟୟଗୁଡ଼ିକୁ ଛାଡ଼ି ଦେଲେ ଧାତୁ ରୂପଟି ସମାନ। ଉଦାହରଣ ସ୍ୱରୂପ-

ଥିଲି - (ଧାତୁ) ଥା - (ଅତୀତ ପ୍ରତ୍ୟୟ) ଇଲ୍ - (ପ୍ରଥମ ପୁରୁଷ, ଏକବଚନ ପ୍ରତ୍ୟୟ)ଇ


ଥିବି - (ଧାତୁ) ଥା - (ଭବିଷ୍ୟତ ପ୍ରତ୍ୟୟ) ଇବ୍ - (ପ୍ରଥମ ପୁରୁଷ, ଏକବଚନ ପ୍ରତ୍ୟୟ) ଇ

କିନ୍ତୁ ବର୍ତ୍ତମାନ କାଳରେ / ଥା - /ଧାତୁର (ଅଛ୍-) ରୂପ

ହୁଏ। ଏଠି ଉଲ୍ଲେଖଯୋଗ୍ୟ ଯେ ଦକ୍ଷିଣାଞ୍ଚଳୀୟ ଓଡ଼ିଆରେ 'ଅଛି' ସ୍ଥାନରେ 'ଥାଉଚି'ର ବହୁଳ ପ୍ରୟୋଗ ଦେଖାଯାଏ ଓ ଏହାର ମୂଳ ହେଲା / ଥା- /। ମାନକ ଓଡ଼ିଆର ଏଇ ବିଚ୍ୟୁତିଟି ଦକ୍ଷିଣାଞ୍ଚଳୀୟ ଓଡ଼ିଆରେ ସମତଳିତ (ଲେଭ୍‌ଲ୍‌ଡ) ହେଇଯାଇଛି। ଭାଷା - ପରିବର୍ତ୍ତନର ଅନ୍ୟତମ ପ୍ରଧାନ କାରଣ ହେଲା ଏଇ ସମତଳୀକରଣ (ଲେଭଲିଙ୍ଗ)।

ଉପର ଆଲୋଚନାକୁ ଭିତ୍ତି କରି 'ଅଛି', 'ଥିଲି', ଓ 'ଥିବି'ର ମୂଳଧାତୁ / ଥା- / ଓ ବାକ୍ୟରେ ପଦରୂପେ ପ୍ରଯୁକ୍ତ ହେଲା ବେଳେ ଏଥିରେ ପରିବର୍ତ୍ତନ ସାଧିତ ହୁଏ। / ଥା- / ଧାତୁରୁ 'ଅଛି' ତଳ ମତେ ନିଷ୍ପନ୍ନ ହେଇଥାଏ -

ଅଛି - (ଧାତୁ) ଥା + (ବର୍ତ୍ତମାନ ପ୍ରତ୍ୟୟ) ∅+ ପ୍ରଥମ ପୁରୁଷ ଏକବଚନ ପ୍ରତ୍ୟୟ) ଇ




## କ୍ରିୟା ଶେଷ ବାକ୍ୟ ନିୟମର ବ୍ୟତିକ୍ରମ

ଓଡ଼ିଆରେ ସାଧାରଣ ଭାବେ ବାକ୍ୟ ଶେଷରେ କ୍ରିୟା ରହେ ବୋଲି ସର୍ବଜନବିଦିତ। କିନ୍ତୁ ଏଇ ନିୟମର ଏକ ଚମତ୍କାର ଓ କୌତୂହଳପ୍ରଦ ବ୍ୟତିକ୍ରମ ରହିଚି। ଗୋଟିଏ ଉଦାହରଣ ନେଇ ଏହାର ଚର୍ଚ୍ଚା କରିବା।

(୬) ଜଗା ହେଲା ବଳିଆର ଭାଇ।

ଏଇ ବାକ୍ୟଟିର ଅର୍ଥ ହେଲା ଜଗା ଓ ବଳିଆ ପ୍ରକୃତରେ ଦି' ଭାଇ। ଓଡ଼ିଆର କ୍ରିୟା-ଶେଷ (ଭର୍ବ- ଫାଇନାଲ) ବାକ୍ୟ ନିୟମ ପାଳନ କରି (୬) ବାକ୍ୟର କ୍ରିୟା 'ହେଲା' କୁ ବାକ୍ୟ ଶେଷକୁ ନେଇଗଲେ ବାକ୍ୟଟି ଏଇପରି ହବ -

(୭) *ଜଗା ବଳିଆର ଭାଇ ହେଲା।

(୭) ବାକ୍ୟର ଅର୍ଥ ଯେ (୬) ଠାରୁ ସମ୍ପୂର୍ଣ୍ଣଭାବେ ଭିନ୍ନ, ଏକଥା ବୁଝେଇ କହିବା ଅନାବଶ୍ୟକ। କାରଣ (୭)ର ଅର୍ଥ ହେଲା, ଜଗା ମୂଳରୁ ବଳିଆର ଭାଇ ନ ଥିଲା। ସମୟ କ୍ରମେ ଯେ କୌଣସି କାରଣରୁ ହଉ ସେ ବଳିଆର ଭାଇରେ ପରିଣତ ହେଲା। (୬) ଓ (୭) ବାକ୍ୟଗୁଡ଼ିକରେ 'ହେଲା' ବଦଳରେ 'ହଉଚି' ବ୍ୟବହାର କଲେ ଏକା ପ୍ରକାର ଫଳ ମିଳିବ। ଯେମିତି-

(୮) ଜଗା ହଉଚି ବଳିଆର ଭାଇ।

(୯) *ଜଗା ବଳିଆର ଭାଇ ହଉଚି।

(୮) ବାକ୍ୟଟି (୬)ର ସମତୁଲ୍ୟ। ମାତ୍ର (୯)ର ଅର୍ଥ ଏହାଠାରୁ ଅଲଗା ଓ ତା' ହେଲା, ଜଗା ବଳିଆର ଭାଇ ହବାର ପ୍ରକ୍ରିୟାର ପ୍ରଚେଷ୍ଟା ଚାଲୁରଖିଚି।

ଥାଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା। ଏଠି ସ୍ମରଣଯୋଗ୍ୟ ପୃଥିବୀର ଅନେକ ଭାଷାରେ ଭବିଷ୍ୟତ କାଳର ଚରିତ୍ର ଓ ବ୍ୟବହାର ବର୍ତ୍ତମାନ ଓ ଅତୀତକାଳଠାରୁ ନିଆରା। ଅଧିକାଂଶ ଭାଷାରେ ବର୍ତ୍ତମାନ କାଳଟି ଆଧାର ଓ ଅଚିହ୍ନିତ (ଅନ୍‌ମାର୍କଡ୍)। ତଳ ବାକ୍ୟଟି ଏହାର ଉଦାହରଣ -

(୧୦) ଜଗା ପ୍ରତିଦିନ ବାଳଭୋଗ ଖାଏ।

ଉପର ବାକ୍ୟଟି କ୍ରିୟା 'ଖାଏ'ର ବିଶ୍ଳେଷଣ କଲେ ଦେଖାଯିବ ଯେ ଏଥିରେ ବର୍ତ୍ତମାନ କାଳର ପ୍ରତ୍ୟୟ ଅବିଦ୍ୟମାନ ଓ ଅଦୃଶ୍ୟ। ତେଣୁ ଏହାକୁ ଶୂନ୍ୟ (∅) ରୂପେ ସ୍ୱୀକାର କରିବାକୁ ପଡ଼ିବ। ଯଥା-

ଖାଏ - (ଧାତୁ) ଖା + (ବର୍ତ୍ତମାନ ପ୍ରତ୍ୟୟ) ∅ + ପୁରୁଷ ବଚନ ପ୍ରତ୍ୟୟ / ଏ / ବିଭିନ୍ନ ଭାଷାରେ ବର୍ତ୍ତମାନ କାଳକୁ ଛାଡ଼ି ଅତୀତ ଓ ଭବିଷ୍ୟତର ପ୍ରୟୋଗମୂଳକ ପୁନରାବୃତ୍ତିକୁ ତୁଳନା କଲେ ଭବିଷ୍ୟତର ସୀମିତ ବ୍ୟବହାର ଆମେ ଦେଖିବା। ବୈଦିକ ସଂସ୍କୃତ, ଲାଟିନ୍, ରୁଷୀୟ ଓ ଇଂରେଜୀ ପ୍ରଭୃତି ଭାଷାରେ ଏହାର ପ୍ରମାଣ ନିହିତ (ଆଲେନ୍ ୧୯୬୬: ୧୪୯-୧୫୨, ଗ୍ରୀନ୍‌ବର୍ଗ ୧୯୬୬: ୮୭-୮୮)। ଏଇ ସବୁ ତଥ୍ୟର ଭିତ୍ତିରେ ଅଲ୍‌ଟନ୍ (ଅଲ୍‌ଟନ୍ ୧୯୭୮ : ୯୧) ନିମ୍ନ ସର୍ବବ୍ୟାପକ (ୟୁନିଭର୍‌ସାଲ୍) ନିୟମଟି ନିର୍ଦ୍ଧାରଣ କରିଚନ୍ତି : "ଫ୍ୟୁଚର ଟେନ୍‌ସ ମାର୍କର୍‌ସ ମେ ବି ଲେସ୍ ବାଉଣ୍ଡ ଦ୍ୟାନ୍ ପ୍ରେଜେଣ୍ଟ ଆଣ୍ଡ ପାଷ୍ଟ ବଟ୍ ନେଭର ମୋର୍ ସୋ।"

ବ୍ୟାକରଣିକ ଦୃଷ୍ଟିରେ ଦେଖିଲେ ଇଂରେଜୀ ଭାଷାରେ ଭବିଷ୍ୟତ କାଳ ନାହିଁ, ଯଦିଓ ଭବିଷ୍ୟତ ସମୟ (ଟାଇମ୍) ଅବଶ୍ୟ ରହିଚି ଓ ଏହାର ପରିପ୍ରକାଶ ସାଲ୍ ଓ ୱିଲ୍ ପରି କେତେ ସହାୟକ (ଅକ୍ସିଲ୍ୟାରୀ) କ୍ରିୟା ମାଧ୍ୟମରେ ସଂଘଟିତ

ହୋଇଯାଏ। ଏଥିଲାଗି ଲାୟନ୍ସ (ଲାୟନ୍ସ ୧୯୬୮ : ୩୦୬) କହିଚନ୍ତି, "ଉଇ ଶାଲ୍ ସି ଦ୍ୟାଟ୍ 'ଫ୍ୟୁଚରିଟି' ଇଜ୍ ଆଜ୍ ମଚ୍ ଏ ମ୍ୟାଟର ଅଫ୍ ମୁଡ ଆଜ୍ ଇଟ୍ ଇଜ୍ ଅଫ୍ ଟେନ୍ସ।" ଅର୍ଥାତ୍, ଭବିଷ୍ୟତତା ଆଂଶିକଭାବେ କାଳ (ଟେନ୍ସ) ଓ ଭାବ (ମୁଡ୍) ଉଭୟର ଅନ୍ତର୍ଗତ। ଏଇ ଦିଗରୁ ବିଚାର କଲେ ବର୍ତ୍ତମାନ ଓ ଅତୀତ କାଳଠାରୁ ଭବିଷ୍ୟତ କାଳର ଚରିତ୍ର ଓ ବ୍ୟବହାରରେ ପ୍ରଭେଦ ପରିଦୃଷ୍ଟ ହବା ସ୍ୱାଭାବିକ। ଓଡ଼ିଆ / ହେ- / କ୍ରିୟା କ୍ଷେତ୍ରରେ ଏହା ସ୍ପଷ୍ଟ ଲକ୍ଷଣୀୟ। କାରଣ ଉପରେ ଆଲୋଚିତ ଅତୀତ କାଳର 'ହେଲା' ଓ ବର୍ତ୍ତମାନ କାଳର 'ହଉଚି' ତୁଳନାରେ ଭବିଷ୍ୟତର 'ହବ' ବାକ୍ୟ ମଝିରେ ବା ଶେଷରେ ଯୋଉଠି ବି ରହିଲେ ତା'ର ଅର୍ଥବୋଧରେ କୌଣସି ପ୍ରଭାବ ପଡୁ ନ ଥିବାର ଆମେ ଦେଖିବା। ଦୃଷ୍ଟାନ୍ତ ସ୍ୱରୂପ -

(୧୧) ବାଉଲୁ ହବ ଆମ ଉତ୍ତରାଧିକାରୀ।

(୧୨) ବାଉଲୁ ଆମ ଉତ୍ତରାଧିକାରୀ ହବ।

ବାକ୍ୟରେ ବିଧେୟ (ପ୍ରେଡିକେଟ୍)ର କାର୍ଯ୍ୟ ହେଲା ଉଦ୍ଦେଶ୍ୟ (ସବ୍‌ଜେକ୍ଟ)କୁ ବିଶେଷିତ କରିବା।

ଉପରେ ପ୍ରଦତ୍ତ ଉଦାହରଣ ଓ ଆଲୋଚନାର ପୃଷ୍ଠଭୂମିରେ ବିଚାର କଲେ (୬) ଓ (୮) ଦୁଇ ବାକ୍ୟ ମଝିରେ ବ୍ୟବହୃତ କ୍ରିୟାପଦ ଯଥାକ୍ରମେ 'ହେଲା' ଓ 'ହଉଚି'କୁ / ଥା- / ଧାତୁର ଅନ୍ୟ ଦି'ଟି ରୂପ କହିବା ଯୁକ୍ତି ସଙ୍ଗତ।

## ବିଧେୟର ପ୍ରକାର୍ଯ୍ୟ

ବାକ୍ୟରେ ବିଧେୟ (ପ୍ରେଡିକେଟ୍)ର କାର୍ଯ୍ୟ ହେଲା ଉଦ୍ଦେଶ୍ୟ (ସବ୍‌ଜେକ୍ଟ)କୁ ବିଶେଷିତ କରିବା। ଏଇ ପରିପ୍ରେକ୍ଷୀରେ କ୍ରିୟାହୀନ ବାକ୍ୟରେ ବିଧେୟର ଯେତେ ସବୁ ପ୍ରକାର୍ଯ୍ୟ ରହିଚି, ସେଥି ମଧ୍ୟରୁ ତିନୋଟି ଗୁରୁତ୍ୱପୂର୍ଣ୍ଣ। ସେଗୁଡ଼ିକ ହେଲା- (କ) ଉଦ୍ଦେଶ୍ୟ ଚରିତ୍ର ଚିତ୍ରଣ (କ୍ୟାରେକ୍ଟରାଇଜେଶନ), (ଖ) ଉଦ୍ଦେଶ୍ୟ ପରିଚିତୀକରଣ (ଆଇଡେଣ୍ଟିଫିକେଶନ୍), ଓ (ଗ) ଉଦ୍ଦେଶ୍ୟ ଅଧିକରଣ (ଲୋକେଶନ) ସୂଚନା (ବାଇବର୍ ଇତ୍ୟାଦି, ୨୦୦୨, ଲାୟନ୍ସ ୧୯୬୮)। ଉଦାହରଣ ସ୍ୱରୂପ -

## ଚରିତ୍ର ଚିତ୍ରଣ

(୧୩) ଚାଣକ୍ୟ ଜଣେ ପ୍ରତିଭାଧର କୂଟନୀତିଜ୍ଞ।

(୧୪) ରତନ ଟାଟା ଜଣେ ଜନହିତୈଷୀ ଶିଳ୍ପପତି।

ଏଇ ଦୁଇ ବାକ୍ୟରେ ଚାଣକ୍ୟ ଓ ରତନ ଟାଟାଙ୍କ ଚାରିତ୍ରିକ ମହତ୍ତ୍ୱ ବର୍ଣ୍ଣିତ।

## ପରିଚିତୀକରଣ

(୧୫) ରମେଶ ମୋ' ଛାତ୍ର।

(୧୬) ଲକି ଓ କାଲୁ କୁକୁର ଦି'ଟି ଆମ ଘରର ଜୟ-ବିଜୟ।

ଏଇ ବାକ୍ୟ ଦି'ଟିରେ ଯଥାକ୍ରମେ ରମେଶ ଓ ଲକି-କାଲୁଙ୍କ ପରିଚୟ ନିହିତ।

## ଅଧିକରଣ ସୂଚନା

(୧୭) ମୋ'ଘର ସୋର।

(୧୮) ଶୁଭ ମୁହୂର୍ତ୍ତ ଭୋର ଚାରିଟା।

ଏଇ ବାକ୍ୟ ଦି'ଟିରୁ ଯଥାକ୍ରମେ ଉଦ୍ଦେଶ୍ୟର ସ୍ଥାନ ଓ କାଳ ବିଧେୟରେ ସୂଚିତ। ଯୋଉ ବ୍ୟାକରଣକାରମାନେ କ୍ରିୟାହୀନ ବାକ୍ୟରେ / ଅଟ୍- / କ୍ରିୟା ଉହ୍ୟ ବୋଲି ଦାବି କରନ୍ତି, ସେମାନଙ୍କ ମତର ଅସାରତା ଉପର ବାକ୍ୟ ଦି'ଟିରେ 'ଅଟେ' ଯୁକ୍ତ କଲେ ସ୍ପଷ୍ଟ ଭାବେ ହୃଦୟଙ୍ଗମ କରିହବ -

(୧୯) * ମୋ' ଘର ସୋର ଅଟେ।

(୨୦) *ଶୁଭ ମୁହୂର୍ତ୍ତ ଭୋର ଚାରିଟା ଅଟେ।

ଏପରି ବାକ୍ୟକୁ ସ୍ୱୀକୃତି ଦବା ଅର୍ଥ ଓଡ଼ିଆ ଭାଷାକୁ ଦୂଷିତ କରିବା।

## ସାରାଂଶ

ଏ ପ୍ରବନ୍ଧରେ ଚର୍ଚ୍ଚିତ ବାକ୍ୟଗୁଡ଼ିକର ସାରାଂଶ ଏଇପରି-

(କ) କ୍ରିୟାହୀନ ବାକ୍ୟ ଓଡ଼ିଆ ଭାଷାର ଏକ ବୈଶିଷ୍ଟ୍ୟ। ହିନ୍ଦୀ, ପଞ୍ଜାବୀ ଓ ଗୁଜରାଟୀ ପ୍ରଭୃତିଠାରୁ ଏହା ଓଡ଼ିଆର ସ୍ୱାତନ୍ତ୍ର୍ୟ। ଏହା ଦ୍ରାବିଡ଼ ଭାଷାଗୁଡ଼ିକର ଅନ୍ୟତମ ସହଜାତ ଲକ୍ଷଣ। ଓଡ଼ିଶାରେ ଅନେକ ଦ୍ରାବିଡ଼ ଭାଷା ଶତାବ୍ଦୀ ଶତାବ୍ଦୀ ଧରି କୁହାଯାଉଥିବାରୁ ଓ ତେଲୁଗୁ ସହିତ ଓଡ଼ିଆରେ ନିକଟ ସମ୍ପର୍କ ରହିଆସିଥିବାରୁ ଏଇ ଲକ୍ଷଣଟି ଓଡ଼ିଆକୁ ଦ୍ରାବିଡ଼ ସୂତ୍ରରୁ ଆସିଚି ବୋଲି ନିରାପଦରେ କୁହାଯାଇପାରେ।

(ଖ) ମାନକ କଥିତ ଓଡ଼ିଆରେ / ଅଟ୍- / କ୍ରିୟା କ୍ରିୟାହୀନ ବାକ୍ୟଗୁଡ଼ିକରେ ଉହ୍ୟ ଅଛି ବୋଲି ବ୍ୟାକରଣକାରମାନଙ୍କ ମତ ନିରାଧାର। କାରଣ ବ୍ୟାକରଣ ଭାଷାନୁସାରୀ ହବାକୁ ବାଧ୍ୟ।

କଥିତ ଭାଷାରେ / ଅଚ୍- / ବ୍ୟବହୃତ ହୋଉ ନ ଥିବାରୁ ଲିଖିତ ଭାଷାରେ ଏହାର ବଳପୂର୍ବକ ଅନୁପ୍ରବେଶ ଅନାବଶ୍ୟକ ଓ ବର୍ଜନୀୟ।

(ଗ) ଓଡ଼ିଆରେ / ଅଛ୍- / ଓ / ଥା- / କ୍ରିୟା ଦୁଇଟିର ଧାତୁ ଭିନ୍ନ ବୋଲି ପ୍ରଚଳିତ ମତଟି ଭ୍ରମାତ୍ମକ। ସୂକ୍ଷ୍ମ ଦୃଷ୍ଟିରେ ଦେଖିଲେ / ଥା- / ହିଁ ଏ ସବୁର ମୂଳ ଧାତୁ। ଇଂରେଜୀରେ ଆମ୍, ଆର୍, ଇଜ୍ ବା ସଂସ୍କୃତରେ 'ଦୃଶ୍' ଧାତୁର 'ପଶ୍ୟତି' ଓ 'ଦ୍ରକ୍ଷ୍ୟତି' ପରି / ଥା- / ଧାତୁଟି ପରିବେଶାନୁସାରେ ଭିନ୍ନ ଭିନ୍ନ ରୂପ ଧାରଣ କରେ ଓ ସାମ୍ୟାତ୍ମକ (ଇକ୍ୟୁଟିଭ୍) ବାକ୍ୟଗୁଡିକରେ ଶୂନ୍ୟ / ɸ / ରୂପେ ପ୍ରତୀକିତ ହୁଏ।

ଓଡ଼ିଆ ଏକ କ୍ରିୟା-ଶେଷ (ଭର୍ବ ଫାଇନାଲ) ଭାଷା ରୂପେ ପରିଗଣିତ ହେଇ ଆସିଥିଲେ ହେଁ ଏହାର ଏକ ଅନାଲୋଚିତ ବ୍ୟତିକ୍ରମ ରହିଚି।

(ଘ) ଓଡ଼ିଆ ଏକ କ୍ରିୟା-ଶେଷ (ଭର୍ବ ଫାଇନାଲ) ଭାଷା ରୂପେ ପରିଗଣିତ ହେଇ ଆସିଥିଲେ ହେଁ ଏହାର ଏକ ଅନାଲୋଚିତ ଓ କୌତୂହଳପ୍ରଦ ବ୍ୟତିକ୍ରମ ରହିଚି। 'ସତୀ ହେଲା ମୋ' ଭଉଣୀ' ଓ 'ସତୀ ମୋ' ଭଉଣୀ ହେଲା।' ବାକ୍ୟ ଦି'ଟିକୁ ତୁଳନା କଲେ ଏହାର ସତ୍ୟତା ହୃଦୟଙ୍ଗମ କରିହବ। ପ୍ରଥମ ବାକ୍ୟଟିରେ କ୍ରିୟା ମଝିରେ ରହିବା ଅପରିହାର୍ଯ୍ୟ। ଓଡ଼ିଶା ଓ ଏହାର ପଡ଼ୋଶୀ ରାଜ୍ୟଗୁଡ଼ିକରେ କଥିତ ମୁଣ୍ଡାଗୋଷ୍ଠୀର ଭାଷାଗୁଡିକରେ ଏକ ପ୍ରାଚୀନ ସ୍ତରୀୟ ଲକ୍ଷଣ ଥିଲା କ୍ରିୟା - ମଧ୍ୟତା (ଭର୍ବ-ମେଡିଆଲିଟି)। ଉପରେ ପ୍ରଦତ୍ତ (୧) ବାକ୍ୟ ମଝିରେ କ୍ରିୟାର ବାଧ୍ୟତାମୂଳକ ଉପସ୍ଥିତି ଯେ ଏଇ ମୁଣ୍ଡା ଭାଷାଗୁଡ଼ିକର ଅବଦାନ, ଏଥିରେ ସନ୍ଦେହ ନାହିଁ।

(ଙ) କ୍ରିୟାହୀନ ବାକ୍ୟରେ ବିଧେୟର ପ୍ରକାର୍ଯ୍ୟଗୁଡ଼ିକ ମଧ୍ୟରୁ ତିନୋଟି ପ୍ରଧାନ ପ୍ରକାର୍ଯ୍ୟ ଯଥା - ଚରିତ୍ର-ଚିତ୍ରଣ, ପରିଚିତିକରଣ ଓ ଅଧିକରଣ - ସୂଚନା ସମ୍ପର୍କରେ ଉଦାହରଣ ସହ ଆଲୋଚନା କରାଗଲା।

**ସହାୟକ ପୁସ୍ତକ ତାଲିକା -**


- ନାୟକ, ରଥ ୨୦୧୭। ଓଡ଼ିଆ ବାକ୍ୟ ବିଚାର (ପ୍ରଥମ ଭାଗ)। ଭୁବନେଶ୍ୱର : ମିଡ଼ିଆ ପ୍ରେସ୍।
- ମହାପାତ୍ର, ବିଜୟ ପ୍ରସାଦ ୧୯୯୫। ଓଡ଼ିଆ ଭାଷା ବିଭବ। କଟକ : ବିଦ୍ୟାପୁରୀ।
- ମହାପାତ୍ର, ବିଜୟ ପ୍ରସାଦ ୨୦୦୭। ପ୍ରଚଳିତ ଓଡ଼ିଆ ଭାଷାର ଏକ ବ୍ୟାକରଣ (ଷ୍ଟାଣ୍ଡାର୍ଡ଼ କଥିତ ଓ ଲିଖିତ)। କଟକ: ବିଦ୍ୟାପୁରୀ।
- ଆଲେନ୍, ଆର୍.ଏଲ୍, ୧୯୬୬। ଦି ଭର୍ବ ସିଷ୍ଟମ ଓ ପ୍ରେଜେଣ୍ଟ ଡେ ଆମେରିକାନ୍ ଇଂଲିଶ୍। ଦି ହଗ୍ : ମାଉଟନ।
- ବାଇବର, ଡି., ଏସ୍. କନ୍‌ରାଡ, ଏବଂ ଜି. ଲିଚ୍ ୨୦୦୨। ଲଙ୍ଗମ୍ୟାନ ଷ୍ଟୁଡେଣ୍ଟ ଗ୍ରାମାର ଅଫ୍ ସ୍ପୋକେନ୍ ଆଣ୍ଡ ରିଟେନ୍ ଇଂଲିଶ୍।
- ଏସେକ୍ସ : ପିୟର୍ସନ ଏଡୁକେସନ।
- ଗ୍ରୀନ୍‌ବର୍ଗ, ଜେ.ଏଚ୍. ୧୯୬୬। ୟୁନିଭରସାଲ୍‌ସ ଅଫ୍ ଲାଙ୍ଗୁଏଜ୍। କ୍ୟାମ୍ବ୍ରିଜ୍ , ମାସ୍ : ଏମ୍‌ଆଇଟି ପ୍ରେସ୍।
- ଲାୟନ୍ସ, ଜେ. ୧୯୬୮। ଇଣ୍ଟ୍ରୋଡକ୍‌ସନ ଟୁ ଥିଓରେଟିକାଲ୍ ଲିଙ୍ଗୁଇଷ୍ଟିକ୍ସ, କ୍ୟାମ୍ବ୍ରିଜ୍ : କ୍ୟାମ୍ବ୍ରିଜ୍ ୟୁନିଭରସିଟି ପ୍ରେସ୍।


□□

ଲେଖକଙ୍କ ଇ-ମେଲ ଠିକଣା:
panchananmohanty@gmail.com





Search **Sahitya Charcha**
on Play Store

ଆପଣଙ୍କ **ଆଣ୍ଡ୍ରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'ର ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'ରେ** ଉପଲବ୍ଧ ଅଛି।



ଅନୁବାଦ

# ବୃଦ୍ଧ ଲାମା



ମୂଳ ଇଂରାଜୀ- ରସ୍କିନ୍ ବଣ୍ଡ ଅନୁବାଦ - ଆଶିଷ କୁମାର ରାୟ

ମସୌରୀର ଲାନ୍‌ଦୋର୍ ପୋଷ୍ଟ ଅଫିସ୍ ଯିବା ସମୟରେ ପ୍ରତିଦିନ ସକାଳେ ମୁଁ ତାଙ୍କୁ ରାସ୍ତାରେ ଦେଖୁଥିଲି। ଖଇରିଆ ରଙ୍ଗର ଏକ ଲମ୍ବା ବସ୍ତ୍ର ପିନ୍ଧୁଥିବା ଜଣେ କୃଷ୍ଣକାୟ ବୃଦ୍ଧ ବ୍ୟକ୍ତି। ସେ ଥିଲେ ଅନିଶ୍ଚିତ ଆୟୁ ବିଶିଷ୍ଟ ଜଣେ ତିବ୍‌ବତୀ ବୌଦ୍ଧ ଭିକ୍ଷୁ ବା ଲାମା। କେହି ଜଣେ ମୋତେ କହିଲେ ଯେ ତାଙ୍କର ବୟସ ପ୍ରାୟ ପଞ୍ଚାଅଶୀ ହେବ। ତେବେ ପାହାଡ଼ିଆ ଅଞ୍ଚଳରେ ଦେଖିବାକୁ ଗଲେ ବୟସର କୌଣସି ଅର୍ଥ ହିଁ ନାହିଁ। କେତେଜଣ ତ ବହୁତ କମ ବୟସରୁ ବୁଢ଼ା ହୋଇଯାନ୍ତି, ଆଉ କିଛି ଏଭଳି ବ୍ୟକ୍ତି ମଧ୍ୟ ଥାଆନ୍ତି, ଯେଉଁମାନେ କି ଆଦୌ ବୁଢ଼ା ହୁଅନ୍ତି ନାହିଁ। ଠିକ୍ ଏହି ବୃଦ୍ଧ ଲାମାଙ୍କ ଭଳି।



ଆଉ ତୁମେ ଯଦି ଏହି ବୃଦ୍ଧ ଲାମାଙ୍କ ଭଳି ହୋଇଥିବ ତେବେ ପ୍ରାୟତଃ ସବୁବେଳେ ଚାଲୁଥିବ, କାରଣ ସେ ଥିଲେ ସର୍ବଦା ନିଜକୁ ଚଳାୟମାନ ରଖୁଥିବା ବ୍ୟକ୍ତି। ଏଠାରେ ଏଭଳି କୌଣସି ରାସ୍ତା ନାହିଁ, ଯେଉଁଠି ସେ ଚାଲି ନ ଥିବେ। ରୁଡିୟାର୍ଡ କିପ୍‌ଲିଙ୍ଗ୍‌ଙ୍କ କାହାଣୀରେ ବର୍ଣ୍ଣିତ କିମ୍‌ର ଲାମା ପାହାଡ଼ୀ ହାୱା ଦ୍ୱାରା ଏକଦମ ତାଜା ହୋଇ ନିଜ ଶିଷ୍ୟମାନଙ୍କୁ ବହୁତ ପଛରେ ପକାଇ ଆଗକୁ ବଢ଼ିଯାଆନ୍ତି। ମୋର ଏହି ଲାମା କିନ୍ତୁ କିମ୍‌ର ଲାମାଙ୍କ ତୁଳନାରେ ବୟସରେ ବହୁତ ବଡ଼ ଓ ଅନେକଟା ଦୁର୍ବଳ। ସେ ପୁରୁଣା ବାଡ଼ିଟିଏ ଧରି ଧୀରେ ଧୀରେ ଚାଲନ୍ତି। ବାଡ଼ିର ଉପର ମୁଣ୍ଡରେ ଲୁହାର ଏକ ମୁଠା ଲାଗିଥାଏ, ଆଉ ସେଇଟା ଯେତେବେଳେ ଖସିଯାଏ, ସେଥିରେ ରାସ୍ତା ତିଆରିରେ ବ୍ୟବହୃତ ହେଉଥିବା କିଛି ପିଚୁ ଲଗାଇ ମୁଠାକୁ ଠିକ୍ କରିଦିଅନ୍ତି।

ପ୍ରକୃତରେ ସେ କଇଁଛ ଓ ଠେକୁଆ ଗପର କଇଁଛ ଭଳି ଥିଲେ। ଝରକା ବାଟେ ତାଙ୍କୁ ରାସ୍ତାରେ ଯାଉଥିବାର ଦେଖୁଥିଲି ଏବଂ ପାଞ୍ଚ ମିନିଟ୍ ପରେ ମୁଁ ଯେତେବେଳେ ସେହି ରାସ୍ତାରେ ଚାଲିବା ଆରମ୍ଭ କରୁଥିଲି, ମୋତେ ଲାଗୁଥିଲା ଯେମିତିକି ସେହି ପାହାଡ଼ୀ ରାସ୍ତାର ଅଧା ବାଟରେ ତାଙ୍କ ପାଖରେ ପହଞ୍ଚିଯିବି। ତେବେ ମୁଁ ତାଙ୍କୁ ପ୍ରାୟତଃ ଡାକଘର ପାଖରେ ଛିଡ଼ା ହୋଇଥିବାର ଦେଖିବାକୁ ପାଉଥିଲି।

ମୋତେ ଦେଖିବା ମାତ୍ରେ ସେ ସ୍ମିତହାସ୍ୟ ଦିଅନ୍ତି। ଆମେ ସବୁବେଳେ ପରସ୍ପରକୁ ଦେଖି ମୁରୁକିହସା ଦେଇଥାଉ। ତାଙ୍କର ଇଂରାଜୀ ଜ୍ଞାନ ସୀମିତ ଥିଲା ଆଉ ମୋତେ ତିବ୍‌ବତୀ ଭାଷା ଆଦୌ ଜଣା ନ ଥିଲା। ଅବଶ୍ୟ ସେ ହିନ୍ଦୀର କିଛି ଶବ୍ଦ ମଧ୍ୟ ଜାଣିଥିଲେ, ଯାହାକି ତାଙ୍କର ଆବଶ୍ୟକତା ପୂରଣ ପାଇଁ ପର୍ଯ୍ୟାପ୍ତ ତ ନ ଥିଲା, କିନ୍ତୁ ସେଥିରେ କାମ ଚଳିଯାଉଥିଲା। ତାଙ୍କ ସମ୍ମୁଖକୁ ଆସୁଥିବା ସମସ୍ତ ପ୍ରାଣୀ ଓ ବ୍ୟକ୍ତିମାନଙ୍କ ସହିତ ସେ ବେଶ୍ ଆରାମରେ କଥା ହେଉଥିଲେ ଏବଂ ଏହା ଦ୍ୱାରା ତାଙ୍କୁ ଆନନ୍ଦ ମିଳୁଥିଲା।

ଏହିଭଳି ଡାକଘର ପର୍ଯ୍ୟନ୍ତ ଯିବା କାର୍ଯ୍ୟଟି ସେ ପ୍ରତିଦିନ ସକାଳେ କରୁଥିଲେ। ନଅଟା ବେଳେ ଯଦି ମୁଁ ଝରକା ବାଟଦେଇ ବାହାରକୁ ଦେଖୁଥିଲି, ତେବେ କ୍ୟାଣ୍ଟନ୍‌ମେଣ୍ଟ ଅଞ୍ଚଳରେ ଏକ ପୁରୁଣା ଭବନ ଉପରେ ଧାଡ଼ି ଧାଡ଼ି ହୋଇ ଉଡୁଥିବା ତିବ୍‌ବତୀ ପ୍ରାର୍ଥନା ଧ୍ୱଜଗୁଡ଼ିକ ଆଖିରେ ପଡୁଥିଲା। ସେ ସେହି ଧ୍ୱଜାର ମାଳା ତଳୁ ବାହାରୁଥିଲେ ଏବଂ ସେହି

ବିପଜ୍ଜନକ ପାହାଡ଼ୀ ରାସ୍ତାର ଉଠାଣି ଆଡ଼କୁ ଚାଲିବା ଆରମ୍ଭ କରିଦେଉଥିଲେ। ପ୍ରାୟ ଦଶ ମିନିଟ୍ ପରେ ସେ ମୋ ଘର ପାଖାପାଖି ପହଞ୍ଚି ଯାଉଥିଲେ। ଆଉ ବେଳେ ବେଳେ ସେ ମୋ ଘରର ପାହାଚରେ ନଚେତ ଟିକେ ଆଗକୁ ଥିବା ଉଚ୍ଚା ଜାଗାରେ ବସି କିଛି ସମୟ ଥକ୍କା ମାରୁଥିଲେ। ଶୀଘ୍ର ହେଉ ଅବା ବିଳମ୍ବରେ, ମୁଁ ଚାଲି ଚାଲି ଯାଇ ଅଧା ରାସ୍ତାରେ ନ ହେଲେ ଉଠାଣିର ମୁଣ୍ଡରେ ଥିବା ଡାକଘର ପାଖରେ ତାଙ୍କ ସହିତ ଦେଖା ହେଉଥିଲି। ମୋତେ ଦେଖିବା କ୍ଷଣି ମୋଟା କାଚର ଚଷମା ପଛ ପଟୁ ତାଙ୍କର ଦୁଇ ଆଖି ଉଜ୍ଜ୍ୱଳ ହୋଇ ଯାଉଥିଲା, ଅଭିବାଦନ ଜଣାଇବା ପାଇଁ ସେ ନିଜର ବାଡ଼ିଟିକୁ ମୁଣ୍ଡ ଉପରକୁ ଉଠାଇ ଦେଉଥିଲେ। ଯଦି ମୁଁ ତାଙ୍କୁ କିଛି କହୁଥିଲି, ସେ କେବଳ ହସୁଥିଲେ ଏବଂ ଉତ୍ସାହର ସହିତ ମୁଣ୍ଡ ହଲାଇ ମୋ କଥାରେ ସମ୍ମତି ବ୍ୟକ୍ତ କରୁଥିଲେ।

ସେ ଏଭଳି ଜଣେ ବ୍ୟକ୍ତି ଥିଲେ, ଯାହାଙ୍କୁ ସବୁ କଥାରେ ସମ୍ମତ କରାଯାଇ ପାରିବ। ତିବ୍‌ବତ ଉପରେ ଚୀନର ଅଧିକାର ପରେ ୧୯୫୯ରେ ଭାରତ ପଳାଇ ଆସିଥିବା ଲୋକମାନଙ୍କ ମଧ୍ୟରେ ସେ ରହିଥିଲେ। ପବିତ୍ର ଧର୍ମଗୁରୁ ଦଲାଇ ଲାମା ମଧ୍ୟ ଭାରତରେ ଆଶ୍ରୟ ନେଇଥିଲେ ଏବଂ ସେ ଆସି ମସୌରୀରେ କିଛିବର୍ଷ ରହିଥିଲେ। ସେମାନଙ୍କ ସମର୍ଥକମାନଙ୍କ ମଧ୍ୟରୁ ଅନେକେ ଏହିଠାରେ ହିଁ ରହିଯାଇଛନ୍ତି। ତିବ୍‌ବତୀୟମାନଙ୍କର ଏକ ନୂଆ ପିଢ଼ି ଏହି ପାହାଡ଼ୀ ଜାଗାରେ ବଡ଼ ହୋଇଛନ୍ତି, ଆଉ ସେହି ତିବ୍‌ବତୀୟଙ୍କ ମଧ୍ୟରେ ଯେଉଁମାନଙ୍କ ବୟସ ତିରିଶରୁ କମ ସେମାନେ ଆଦୌ ନିଜ ମାତୃଭୂମିକୁ ଦେଖିନାହାନ୍ତି। ତେବେ ସେମାନେ ସମସ୍ତେ, କେବଳ ଏଇ ଜିଲ୍ଲାରେ ତ ହଜାର ହଜାର ସଂଖ୍ୟାରେ ଅଛନ୍ତି, ସମସ୍ତେ ନିଶ୍ଚିତ ଯେ ନିଜ ଦେଶ ଦିନେ ନା ଦିନେ ସ୍ୱାଧୀନ ହେବ। ତିବ୍‌ବତ ସେମାନଙ୍କର ଦେଶ, ସେ ଦେଶରେ ତାଙ୍କର ଘର ଏବଂ ସମସ୍ତେ ସେଠାକୁ ଫେରିଯିବାକୁ ଚାହାନ୍ତି।

**ଏହି ବୃଦ୍ଧ ଲାମା ତିବ୍‌ବତ ଫେରିବାକୁ ଚାହୁଁଥିବା ଲୋକମାନଙ୍କ ମଧ୍ୟରେ ଅଗ୍ରଣୀ ଥିବେ। ତାଙ୍କୁ ପାହାଡ଼ୀ ଘାଟିର ଉଠାଣିରେ ସମସ୍ତ ରାସ୍ତା ପାଦରେ ଚାଲିଯିବାକୁ ପଡ଼ିଲେ ମଧ୍ୟ ସେ ନିଶ୍ଚୟ ଯିବେ।**

ଏପରିକି ହିନ୍ଦୀ ଓ ଇଂରାଜୀ ଶିଖି ବଡ଼ ହୋଇଥିବା ସ୍ୱେତେନ୍ ନାମ୍ନୀ କୋଡ଼ିଏ ବର୍ଷିୟା ଝିଅଟି ମଧ୍ୟ ସେ ଦିନର ସ୍ୱପ୍ନ ଦେଖିଥାଏ, ଯେବେ ସେ ପିତାମାତାଙ୍କ ସହିତ ନିଜ ଭୂମି ତିବ୍‌ବତକୁ ଫେରିଯିବ। ସେ ଆଙ୍କିଥିବା ଗୋଟିଏ ଚିତ୍ର ମୋତେ ଦେଇଥିଲା, ଯେଉଁଥିରେ ଶାଶ୍ୱତ ହିମାଳୟର ପୃଷ୍ଠଭୂମିରେ ଫଳରେ ଲଦି ହୋଇଥିବା ଏକ ବୃକ୍ଷ ତଳେ ଧ୍ୟାନମଗ୍ନ ଥିବା ବୌଦ୍ଧଭିକ୍ଷୁ ତଥା ଦାର୍ଶନିକ ମିଲରେପା ଉପବିଷ୍ଟ ହୋଇଥିଲେ। ସମ୍ଭବତଃ ଏହା ଥିଲା ତିବ୍‌ବତ ବାବଦରେ ସେ ଝିଅର କଳ୍ପନା, ଯାହାକୁ ସେ ନିଜ ଚକ୍ଷୁରେ ସାକାର ହେଉଥିବାର ଦେଖିବାକୁ ଚାହୁଁଛି। ସେ ପର୍ଯ୍ୟନ୍ତ ସେ ତିବ୍‌ବତୀ ଗୃହ ଅଧିଷ୍ଠାନର କାର୍ଯ୍ୟାଳୟରେ ଟାଇପିଷ୍ଟ ଭାବେ କାର୍ଯ୍ୟ କରୁଥିବ।

ମୁଁ ନିଶ୍ଚିତ ଥିଲି ଯେ ମୋର ଏହି ବୃଦ୍ଧ ଲାମା ତିବ୍‌ବତ ଫେରିବାକୁ ଚାହୁଁଥିବା ଲୋକମାନଙ୍କ ମଧ୍ୟରେ ଅଗ୍ରଣୀ ଥିବେ। ତାଙ୍କୁ ପାହାଡ଼ୀ ଘାଟିର ଉଠାଣିରେ ସମସ୍ତ ରାସ୍ତା ପାଦରେ ଚାଲିଯିବାକୁ ପଡ଼ିଲେ ମଧ୍ୟ ସେ ନିଶ୍ଚୟ ଯିବେ। ସମ୍ଭବତଃ ଏହି କାରଣରୁ ହିଁ ତାଙ୍କ ପାଦ ଘୋଷାଡ଼ି ହେଉଥିଲେ ହେଁ ଏ ବୟସରେ ବି ସେ ଚାଲିବା ଅଭ୍ୟାସ ବନ୍ଦ କରିନାହାନ୍ତି। ପାଦରେ ଚାଲି ଚାଲି ଚାରି ଆଡ଼େ ଭ୍ରମଣ କରୁଛନ୍ତି। ତିବ୍‌ବତ ଫେରିବା ନିମନ୍ତେ ଲମ୍ବା ରାସ୍ତାରେ ସେ ଯେପରି ଥକି ନ ଯାଆନ୍ତି ତା'ର ଅଭ୍ୟାସ କରୁଛନ୍ତି। ସେଦିନ ସେ ମୋ ଘରର ପାହାଚ ପାଖରେ ପହଞ୍ଚି କିଛିସମୟ ଅଟକି ଯାଇଥିଲେ। ତେବେ ସେ ତଳେ ବସିଯିବାର ଆବଶ୍ୟକତା ଅନୁଭବ କରୁ ନ ଥିଲେ। ସକାଳର ଥଣ୍ଡା ପବନ ଧୀରେ ଧୀରେ ପ୍ରବାହିତ ହେଉଥିଲା।

"ତାଶୀ ଦେଲେ!" (ସୁପ୍ରଭାତ!) ମୋତେ ଜଣାଥିବା ଏକମାତ୍ର ତିବ୍‌ବତୀ ଶବ୍ଦ ଦ୍ୱାରା ମୁଁ ତାଙ୍କୁ ସମ୍ବୋଧିତ କଲି।

"ତାଶୀ ଦେଲେ!" ପ୍ରସନ୍ନତାର ସହିତ ସେ ଉତ୍ତର ଦେଲେ।

"ଆପଣ କ'ଣ ଦିନେ ସତରେ ତିବ୍‌ବତ ଚାଲିଯିବେ?" ପ୍ରଥମଥର ପାଇଁ ଏହି ପ୍ରଶ୍ନ ମୁଁ ତାଙ୍କୁ କରିଥିଲି।

ଖଣ୍ଡି ହିନ୍ଦୀରେ ସେ ମୋତେ ବୁଝାଇବାକୁ ଚେଷ୍ଟା କରିବା ସହିତ ଉତ୍ସାହପୂର୍ବକ ଏ ବାବଦରେ ନିଜର ସହମତି ପ୍ରକଟ

କରିଥିଲେ।

"ଖୁବ୍ ଶୀଘ୍ର, ଖୁବ୍ ଶୀଘ୍ର, ଆମେ ନିଶ୍ଚୟ ଆମ ମାତୃଭୂମିକୁ ଫେରିଯିବୁ।" ଏକଥା ସେ ଅତି ଆତ୍ମବିଶ୍ୱାସରେ କହିବା ସହିତ ନିଜ କଥା ଉପରେ ଜୋର୍ ଦେବାପାଇଁ ତାଙ୍କ ବାଡ଼ିଟି ଉପରକୁ ଉଠାଇଥିଲେ।

**ଯଦି ତିବ୍‌ବତୀୟମାନେ ନିଜ ଦେଶକୁ ଫେରିବାରେ ସମର୍ଥ ହୁଅନ୍ତି, ସେ ନିଶ୍ଚୟ ସେଠାକୁ ଯିବା ନିମନ୍ତେ ପ୍ରଥମ ଦଳରେ ହିଁ ସାମିଲ ହେବେ।**

ହଁ, ଯଦି ତିବ୍‌ବତୀୟମାନେ ନିଜ ଦେଶକୁ ଫେରିବାରେ ସମର୍ଥ ହୁଅନ୍ତି, ତେବେ ସେ ନିଶ୍ଚୟ ସେଠାକୁ ଯିବା ନିମନ୍ତେ ପ୍ରଥମ ଦଳରେ ହିଁ ସାମିଲ ହେବେ। ଏହା ଥିଲା ତାଙ୍କ ହୃଦୟର ଉଚ୍ଛ୍ୱାସ। ତାଙ୍କର ହୃଦୟ ସେହି ଉଚ୍ଚଭୂମିରେ ହିଁ ବାସ କରୁଥିଲା, ନିଶ୍ଚିତ ଭାବେ କଇଁଛ ଭଳି ସେ ଆଗକୁ ବଢ଼ିଯାଇଥାନ୍ତେ, ଠେକୁଆମାନେ ତାଙ୍କ ପାଖରେ ପହଞ୍ଚିବାର ଅପେକ୍ଷା ନ କରି।

ଆଉ ଯଦି ସେ ଯାଇଥାନ୍ତେ, ତେବେ ମୁଁ ସେହି ରାସ୍ତାରେ ଚାଲିବା ସମୟରେ ତାଙ୍କୁ ମନେ ପକାଇଥାନ୍ତି।

□□

ଅନୁବାଦକଙ୍କ ଇ-ମେଲ ଠିକଣା:
ashisports@gmail.com

---

# 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ପତ୍ରିକାରେ କେବଳ ଭାଷା ଓ ସାହିତ୍ୟ ଉପରେ ଆଧାରିତ ପ୍ରବନ୍ଧମାନ ପ୍ରକାଶିତ ହୁଏ। ଅବଶ୍ୟ କେବଳ ରଥଯାତ୍ରା ଓ ଦଶହରା ଅବସରରେ ପ୍ରକାଶିତ ସଂଖ୍ୟାରେ ଏହାର କିଛି ବ୍ୟତିକ୍ରମ ହୋଇଥାଏ।

୪. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୫. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୬. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ। ଏପରିକି ଫେସ୍‌ବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ୍ୟ ପଠାନ୍ତୁ ନାହିଁ।

୭. କବି ଓ ଲେଖକମାନଙ୍କୁ ଅନୁରୋଧ, ପୂର୍ବରୁ ଆମର ପତ୍ରିକାଟି କେବେ ଥରଟିଏ ହେଲେ ପଢ଼ିନଥିଲେ, ଦୟାକରି କୌଣସି ଲେଖା ପଠାନ୍ତୁ ନାହିଁ।

୮. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୯. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୧୦. ଲେଖକମାନଙ୍କ ପାଖକୁ ମାନଦେୟ ସ୍ୱରୂପ ଛଅ ମାସ ପାଇଁ ପତ୍ରିକା ପଠାଇବାର ବ୍ୟବସ୍ଥା ଅଛି। ମାତ୍ର ସାହିତ୍ୟ ଚର୍ଚ୍ଚା ପରିବାରର ସଦସ୍ୟମାନଙ୍କୁ ଏହି ମାନଦେୟ ପ୍ରେରିତ ହୁଏନାହିଁ।

୧୧. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବାକୁ ନିବେଦନ।

୧୨. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୩. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସମ୍ପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସମ୍ପାଦନା ମଣ୍ଡଳୀର ରହିଛି।

ପ୍ରବନ୍ଧ

# ସାହିତ୍ୟ ଓ ଦର୍ଶନରେ ମୃତ୍ୟୁଚିନ୍ତନ



ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ମାନବ ସଭ୍ୟତାର ଉଷା ପ୍ରହରରୁ ମୃତ୍ୟୁ ପରି ଏକ ଅବଧାରିତ ସାର୍ବଜନୀନ ଘଟଣା ମଣିଷକୁ ରହସ୍ୟାଭିଭୂତ କରିଆସିଛି - ତାକୁ ପ୍ରଶ୍ନାକୁଳ କରିଆସିଛି। ଜୀବନ ଓ ମୃତ୍ୟୁ- ଏଇ ଦୁଇଟି ଚିରକାଳ ଧରି ପ୍ରହେଳିକାପ୍ରାୟ ମଣିଷକୁ ମୁଗ୍ଧ, ବିସ୍ମିତ, ବିମୋହିତ କରିବା ସଙ୍ଗେ ସଙ୍ଗେ ଦ୍ୱନ୍ଦ୍ୱପୀଡିତ କରିଛନ୍ତି। ସ୍ୱାଭାବିକ ଭାବେ ତେଣୁ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଧର୍ମଶାସ୍ତ୍ର, ଦର୍ଶନ, ପୁରାଣ ତଥା ଆଖ୍ୟାୟିକାଗୁଡ଼ିକରେ ଏଇ ଦୁଇଟି ଦୁର୍ବୋଧ ଅବସ୍ଥାକୁ ବୁଝିବା ପାଇଁ ଭିନ୍ନ ଭିନ୍ନ ତତ୍ତ୍ୱରାଜି ସଜାଇ ଦିଆଯାଇଛି। ମଣିଷ ମାତ୍ରକେ ପ୍ରତ୍ୟେକ ବିଶେଷ କରି ମୃତ୍ୟୁ ସମ୍ପର୍କରେ ଚିନ୍ତା ବ୍ୟକ୍ତ କରିଛନ୍ତି, ମୃତ୍ୟୁର ରହସ୍ୟ ଓ ସ୍ୱରୂପ ଉଦ୍‌ଘାଟନ କରିବା ପାଇଁ ସଘନ ପ୍ରୟାସ କରି ଘୋର ଦ୍ୱନ୍ଦ୍ୱଗ୍ରସ୍ତ ବି ହୋଇଛନ୍ତି ଏବଂ ଅଛିଣ୍ଡା ବିରୋଧାଭାସର ସମ୍ମୁଖୀନ ହୋଇ କେବଳ ପ୍ରଶ୍ନବାଚୀଗୁଡିଏ ଯାହା ଆମ ଆଗରେ ଥୋଇ ଦେଇଛନ୍ତି। ବେଦବେଦାନ୍ତର ତତ୍ତ୍ୱମୀମାଂସା ବା ଜ୍ଞାନମୀମାଂସାରୁ ଆରମ୍ଭ କରି ଆଧୁନିକ ସମୟର ବହୁ ଦାର୍ଶନିକଙ୍କ ବିଚାରବିମର୍ଶରେ ମୃତ୍ୟୁ ସମ୍ପର୍କିତ ଜିଜ୍ଞାସାମାନ କେନ୍ଦ୍ର ସ୍ଥାନ ନେଇଛନ୍ତି। ଯେଉଁମାନେ ଆତ୍ମାର ଅସ୍ତିତ୍ୱ ଓ ଅମରତ୍ୱରେ ବିଶ୍ୱାସ କରନ୍ତି, ସେମାନେ ମୃତ୍ୟୁକୁ ନେଇ ବେଶ୍ ଆଶାବାଦୀ ତଥା ସକାରାତ୍ମକ, ଏପରିକି ସ୍ଥଳ ବିଶେଷରେ ବେଶ୍ ହର୍ଷୋତ୍‌ଫୁଲ୍ଲ ଆଭିମୁଖ୍ୟ ପ୍ରକାଶ କରିଥାନ୍ତି। ଅନୁରୂପ ଭାବରେ ଆତ୍ମା, ଅମରତ୍ୱ ବା ପରମଚେତନାର ଶାଶ୍ୱତ ସମ୍ପର୍କରେ ଆଦୌ ବିଶ୍ୱାସ କରୁ ନ ଥିବା ବା ସେ ସମ୍ପର୍କରେ ସନ୍ଦେହ ପ୍ରକାଶ କରୁଥିବା ଚିନ୍ତକ, ଦାର୍ଶନିକ, ସାହିତ୍ୟିକମାନେ 'ମୃତ୍ୟୁ'କୁ ଜୀବନର ଶେଷ ପରିଚ୍ଛେଦ ବୋଲି ଗ୍ରହଣ କରିଥାନ୍ତି ଓ ମୃତ୍ୟୁ ଏକ ଚରମ ବିଲୋପନ ବା ବିସ୍ମୃତି ବୋଲି ଉପସ୍ଥାପନ କରି ସାଧାରଣ ମଣିଷକୁ, ଦୁର୍ବଳମନା ମଣିଷକୁ ଅସ୍ଥିର, ଅଶାନ୍ତ, ଭୟଭୀତ କରିଥାନ୍ତି।

ମହାନ୍ ଗ୍ରୀକ୍ ଦାର୍ଶନିକ ସକ୍ରେଟିସ୍ ଓ ପ୍ଳେଟୋ ମୃତ୍ୟୁ ସମ୍ପର୍କିତ ଯେଉଁ ବ୍ୟାଖ୍ୟା, ଚିନ୍ତନ କରିଛନ୍ତି, ସେ ସବୁ ସହିତ ଆମ ଭାରତୀୟ ସନାତନୀ ଦର୍ଶନର ମନୀଷୀମାନଙ୍କ ବ୍ୟାଖ୍ୟା, ଚିନ୍ତନର ବିଶେଷ ସାମ୍ୟ ଥିଲେ ମଧ୍ୟ ପାଶ୍ଚାତ୍ୟର ପ୍ରସିଦ୍ଧ ନିରୀଶ୍ୱରବାଦୀଙ୍କ ଜୀବନ ବା ମୃତ୍ୟୁ ସମ୍ପର୍କିତ ଅବଧାରଣାମାନ ଉତ୍ପୀଡ଼କ ଭାବରେ ଭିନ୍ନ ହୋଇଥାଏ। ତେଣୁ ଏ ଆଲେଖ୍ୟରେ ମଣିଷର ଚିନ୍ତାଚେତନାକୁ ସତତ ମଥିତ, ଉଦ୍‌ବେଳିତ କରୁଥିବା, ମଣିଷକୁ ଯୁଗପତ୍ ଚକିତ ଓ ଆକର୍ଷିତ କରୁଥିବା 'ମୃତ୍ୟୁ'ରୂପକ ରହସ୍ୟ ସମ୍ପର୍କରେ ସଂକ୍ଷିପ୍ତ ଅବତାରଣା କରିବା ପାଇଁ ନମ୍ର ପ୍ରୟାସ କରାଯାଇଛି।



## ମୃତ୍ୟୁର ଶାଶ୍ୱତ ରୂପ

ସର୍ବଗ୍ରାସୀ ମୃତ୍ୟୁର ଶାଶ୍ୱତ ସ୍ୱରୂପ ସମ୍ପର୍କରେ ସଚେତନ ଥିଲେ ମଧ୍ୟ ବୈଦିକ ଋଷି ଉଦାତ୍ତ କଣ୍ଠରେ ଘୋଷଣା କରିଥିଲେ - "ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ", କାରଣ ବୈଦିକ ପ୍ରଜ୍ଞା ମୃତ୍ୟୁକୁ ଜୀବନ ମଞ୍ଚର ଅନ୍ତିମ ଯବନିକା ବୋଲି ମନେ କରୁ ନ ଥିଲା। ସନାତନୀ ଦର୍ଶନରେ ବ୍ରହ୍ମାଣ୍ଡର ପ୍ରତିଟି ଘଟଣା, ପ୍ରତିଟି ରୂପସମ୍ଭାର ଚକ୍ରବତ୍ ଘୂର୍ଣ୍ଣନଶୀଳ-ଏକ ଆଦି ଅନ୍ତହୀନ ପରମ ପ୍ରକାଶର ତରଙ୍ଗମାଳା ସଦୃଶ। ଜୀବନ ଯଦି ଏକ ଶାଶ୍ୱତ ପ୍ରବାହ ହୁଏ, ତେବେ ମୃତ୍ୟୁ ହେଉଛି ସେହି ପ୍ରବାହର ଦିଗ ଓ ଦିଗନ୍ତକୁ ନିର୍ଣ୍ଣୟ କରି ଦେଉଥିବା ଆଲୋକବର୍ତ୍ତିକା। ଏ ବିଶ୍ୱ ବ୍ରହ୍ମାଣ୍ଡ ଯେଉଁ ପରମ ଚେତନାର ଘନବଦ୍ଧ ପରିପ୍ରକାଶ ଓ ସେ ଚେତନା ଯଦି ସତ୍-ଚିତ୍-ଆନନ୍ଦ, ତେବେ ଜୀବନ ଓ ମୃତ୍ୟୁ ବି ସଚ୍ଚିଦାନନ୍ଦ ସ୍ୱରୂପ ଓ

ଆଲୋକମୟ। ମୃତ୍ୟୁ ଆଦୌ ଏକ ମହାନ୍ଧକାର ନୁହେଁ, ମୃତ୍ୟୁ ବି ଅମୃତମୟ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପରି ଆମେ ବି କହିପାରିବା – "ମୁଁ ତ ଅମୃତ ସାଗର ବିନ୍ଦୁ/ ନଭେ ଉଠିଥିଲି ତେଜି ସିନ୍ଧୁ / ଖସି ମିଶିଛି ଅମୃତ ଧାରେ / ଗତି କରୁଛି ସେ ଅକୂପାରେ / ପଥେ ଶୁଖି ଗଲେ ପାପ ତା'ପରେ / ହୋଇ ଶିଶିର ଖସିବି ତା'ପରେ / ଅମୃତମୟ ଅମୃତରୟ / ସହିତ ମିଶିବି ସାଗରେ।"

'ମୃତ୍ୟୁ' ରୂପକ ସତ୍ୟଟି ସମ୍ପର୍କରେ ଏହି ଜ୍ଞାନ, ଏହି ଅବବୋଧ ଆମେ କାହିଁ କେଉଁ କାଳୁ ପାଇସାରିଥିଲେ ବି ଅନେକଙ୍କ ପାଇଁ ଏହା ତଥାପି ଅତି ଦୁର୍ବୋଧ, ଅତି ରହସ୍ୟମୟ। ମୃତ୍ୟୁର ଦେବତା ଯମରାଜଙ୍କ ମୁଖରୁ ମୃତ୍ୟୁର ସ୍ୱରୂପ ଓ ମୃତ୍ୟୁ ପରେ ଆତ୍ମାର ଗତି ଓ ସ୍ଥିତି ସମ୍ପର୍କରେ ଜାଣିବାକୁ ବାଳକ ନଚିକେତା ପ୍ରଶ୍ନ ପରେ ପ୍ରଶ୍ନ କରି ଚାଲିଥିଲେ– "ହେ ଦେବ ! ସତରେ କ'ଣ ମୃତ୍ୟୁ ପରେ ଜୀବନ ଅଛି ? କେତେକ କୁହନ୍ତି ହଁ, ଅଛି, ମୃତ୍ୟୁ ଜୀବନର ଶେଷ ନୁହେଁ ଓ ଆଉ କେତେକ କୁହନ୍ତି ମୃତ୍ୟୁରେ ହିଁ ଜୀବନର ଅନ୍ତ, ଜୀବନର ପୂର୍ଣ୍ଣ ବିଲୋପନ।" ଉତ୍ତରରେ ଯମ ଦେବତା କହିଛନ୍ତି– "ହେ ପୁଣ୍ୟଶ୍ଳୋକ ଜିଜ୍ଞାସୁ ବାଳକ ! ଜୀବନ ଓ ମୃତ୍ୟୁ ସମ୍ପର୍କରେ ପ୍ରଶ୍ନ କର ନାହିଁ। ସ୍ୱର୍ଗର ଦେବତାମାନଙ୍କ ପାଇଁ ଏହା ମଧ୍ୟ ଏକ ଦୁରୂହ ପ୍ରଶ୍ନ। କେହି ଏହାର ଯଥାଯଥ ଉତ୍ତର ଦେଇପାରିବେ ନାହିଁ।" ନିବୃତ୍ତ ହୋଇନାହାନ୍ତି ନଚିକେତା। ଜୀବନ ଜିଜ୍ଞାସା ଓ ମୃତ୍ୟୁ ଜିଜ୍ଞାସାରେ ସ୍ପନ୍ଦିତ ତାଙ୍କ ପ୍ରଶ୍ନାକୁଳ ଚେତନା। ଅବଶେଷରେ ବାଧ୍ୟ ହୋଇ ମୃତ୍ୟୁ ଦେବତା ନଚିକେତାଙ୍କ ପ୍ରଶ୍ନ ସବୁର ଉତ୍ତର ଦେବାକୁ ଯାଇ ଯାହା କହିଛନ୍ତି, ତାହା ହିଁ ହେଉଛି ଆମ ବେଦ, ବେଦାନ୍ତ ଓ ଶ୍ରୀମଦ୍ ଭାଗବତ ଗୀତାରେ ବାରମ୍ବାର ଉଦ୍‌ଘୋଷିତ ହୋଇଥିବା ଜୀବନ ଓ ମୃତ୍ୟୁ ସମ୍ପର୍କିତ ଜ୍ଞାନ ଓ ବାଣୀ।

**'ମୃତ୍ୟୁ' ରୂପକ ସତ୍ୟଟି ସମ୍ପର୍କରେ ଏହି ଜ୍ଞାନ, ଏହି ଅବବୋଧ ଆମେ କାହିଁ କେଉଁ କାଳୁ ପାଇସାରିଥିଲେ ବି ଅନେକଙ୍କ ପାଇଁ ଏହା ତଥାପି ଅତି ଦୁର୍ବୋଧ।**


'ବୃହଦାରଣ୍ୟକ' ଉପନିଷଦରେ କୁହାଯାଇଛି – "ଏକକ, ଅନନ୍ୟ ଅଦ୍ୱୟ ପରମ ଚେତନା ଯେପରି ମନୋବୃତ୍ତିର ଭିନ୍ନତା ଅନୁସାରେ ଭିନ୍ନ ଭିନ୍ନ ପ୍ରତୀୟମାନ ହୁଏ, ସେହିପରି ସେହି ସର୍ବବ୍ୟାପୀ ପରମ ଚେତନା, ଚେତନଶୀଳ ଜୀବସତ୍ତାରେ ଜୀବାତ୍ମା ରୂପେ ଓ ବ୍ରହ୍ମାଣ୍ଡର ସାର୍ବଭୌମ ଆତ୍ମା ରୂପେ ପ୍ରତୀତ ହୁଏ।" ଗୋଟିଏ ଶଁବାଳୁଆର ଯେପରି ତା'ର ବିକୃତ କୀଟ ରୂପ ପରିହାର କରି ପ୍ରଜାପତିଟିଏ ହୋଇ ବର୍ଣ୍ଣିଳ ପକ୍ଷ ସଂଚାଳନ କରିଥାଏ, ସେହିପରି ଶରୀରରୂପୀ ପିଞ୍ଜରାରୁ ମୁକ୍ତ ହୋଇ ଜୀବାତ୍ମା ତା'ର ସତ୍‌ରୂପ ପରମଚେତନା ରୂପରେ ଉଦ୍‌ଭାସିତ ହୋଇଥାଏ।

## ମୃତ୍ୟୁ ଓ ବ୍ରହ୍ମତ୍ୱ

କଠ ଉପନିଷଦ ଅନୁସାରେ – "ଯେତେବେଳେ ବଦ୍ଧଜୀବସତ୍ତାର ମନପ୍ରାଣ ଓ ହୃଦୟରୁ ସକଳ ବାସନା, କାମନା, ସକଳ ଭୋଗପିପାସା ଦୂରୀଭୂତ ହୋଇଯାଇଥାଏ, ସେତେବେଳେ ହିଁ ଶରୀରସ୍ଥିତ ଅଙ୍ଗୁଳ ପ୍ରମାଣ ଆତ୍ମା ତା'ର ବିପୁଳ, ବିରାଟ ଅମୃତ ସ୍ୱରୂପରେ ପ୍ରତିଭାତ ହୁଏ ଓ ବ୍ରହ୍ମତ୍ୱ ପ୍ରାପ୍ତ ହୁଏ। ପ୍ରାଚ୍ୟ ଧର୍ମଦର୍ଶନ, ବିଶେଷ କରି ଭାରତୀୟ ସନାତନୀ ଧର୍ମ ଦର୍ଶନ ଆତ୍ମାର ଅସ୍ତିତ୍ୱ ଓ ଅମରତ୍ୱକୁ ସ୍ୱୀକାର କରୁଥିବାରୁ ସ୍ୱାଭାବିକ ଭାବେ ମୃତ୍ୟୁକୁ କେବଳ ଆତ୍ମାର ଭିନ୍ନ ରୂପ ଗ୍ରହଣ ବା ବ୍ରାହ୍ମୀସ୍ଥିତିରେ ପୁନଃପ୍ରବେଶ ବୋଲି ଗ୍ରହଣ କରିଥାଏ। "

ବୌଦ୍ଧ ଧର୍ମ ଦର୍ଶନ ଆତ୍ମାର ଅସ୍ତିତ୍ୱକୁ ଅସ୍ୱୀକାର କରୁଥିଲେ ମଧ୍ୟ ପୁନର୍ଜନ୍ମରେ ଦୃଢ଼ ଆସ୍ଥା ସ୍ଥାପନ କରିଥାଏ ଓ ଏହି ପୁନର୍ଜନ୍ମ ଜନ୍ମଜନ୍ମାନ୍ତରର କର୍ମ ଓ ସଂସ୍କାର ଅନୁଯାୟୀ ହୋଇଥାଏ ବୋଲି କହେ। ଅନେକାନ୍ତବାଦ ଦର୍ଶନର ଉଦ୍‌ଘୋଷଣା କରିଥିବା ଜୈନଧର୍ମ ଆତ୍ମାର ଅସ୍ତିତ୍ୱକୁ ବିଶ୍ୱାସ କରିବା ସଙ୍ଗେ ସଙ୍ଗେ ଏହା ଏକ ନୁହେଁ, ଅନେକ ବୋଲି କହେ ଓ ଏହି ଚିଦ୍‌ଘନ ଆତ୍ମା ଆଧ୍ୟାତ୍ମିକ ସାଧନା, ତପଶ୍ଚର୍ଯ୍ୟା ବଳରେ କୈବଲ୍ୟ ପ୍ରାପ୍ତ ହୋଇ 'କେବଳୀ' ଭାବରେ ମୃତ୍ୟୁହୀନ ସ୍ଥିତି ଲାଭ କରିଥାଏ ବୋଲି କହିଥାଏ। ଭାରତ ଭୂମିର ଏହି ତିନୋଟି ମୁଖ୍ୟ ଧର୍ମଦର୍ଶନ ବ୍ୟତୀତ ପ୍ରସିଦ୍ଧି ଲାଭ କରିଥିବା ଅନ୍ୟତମ ଚାର୍ବାକ୍ ବା ଲୋକାଚାର ଦର୍ଶନର ଦୃଷ୍ଟିରେ ଜୀବନ ହେଉଛି ବୁଦ୍‌ବୁଦ୍ ସଦୃଶ କ୍ଷଣଭଙ୍ଗୁର ଓ ମୃତ୍ୟୁ ହେଉଛି ଜୀବନର ଅନ୍ତ। ଏହା ଆତ୍ମାର ଅସ୍ତିତ୍ୱ ଓ ଆତ୍ମାର ଅମରତ୍ୱରେ ବିଶ୍ୱାସ କରୁ ନ ଥିବାରୁ

ପୁନର୍ଜନ୍ମକୁ ଅସ୍ୱୀକାର କରିଥାଏ। ଉଲ୍ଲେଖଯୋଗ୍ୟ ଯେ, ଚାର୍ବାକଙ୍କ ପରି ଏକ ବିଶୁଦ୍ଧ ନାସ୍ତିକ ଦର୍ଶନ ସହ ଅନ୍ୟ କେତୋଟି ବେଦ-ବିରୋଧୀ ଦାର୍ଶନିକ ମତବାଦ ପ୍ରାଚୀନ ଭାରତରେ କିୟତ୍‌କାଳ ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲା। ମାଖାଲି ଗୋଶାଳାଙ୍କ 'ଆଜୀବିକ' ଦର୍ଶନ, ଅଜିତ କେଶକମ୍ବଳୀଙ୍କର 'ଭୌତିକ ଉପଭୋଗବାଦ' ଦର୍ଶନ, 'ପୂର୍ଣ୍ଣ କାଶ୍ୟପଙ୍କର ଅଣୁବାଦ' ଦର୍ଶନ, 'ପାଖୁଡ଼ା କାତ୍ୟାୟନଙ୍କ ନିୟତିବାଦ', 'ସଞ୍ଜୟ ବେଥାଲିପୁତ୍ତଙ୍କ ସଂଶୟବାଦ' ଦର୍ଶନ ପ୍ରଭୃତି ମୃତ୍ୟୁକୁ ଏକ ଅବଧାରିତ ସତ୍ୟ ଓ ତାହା ଏହି ଦୁଃଖଯନ୍ତ୍ରଣାଦଗ୍ଧ ଜୀବନର ଅନ୍ତିମ ପରିଣତି ବୋଲି ପ୍ରଚାର, ପ୍ରସାର କରିଥିବାରୁ ଏସବୁ ଚିନ୍ତାଚିନ୍ତନ ମଣିଷକୁ ସାନ୍ତ୍ୱନା, ଆଶ୍ୱାସନା ଦେବା ପରିବର୍ତ୍ତେ ଘୋର ବିକ୍ଷୁବ୍ଧ ମାତ୍ର କରିଥାନ୍ତି; ମଣିଷର ଚିନ୍ତାଚେତନାକୁ ଉତ୍ତରିତ କରିବା ପରିବର୍ତ୍ତେ ସେଥିରେ କେବଳ ଜୀବନ ବିରୋଧୀ ନକାରାତ୍ମକ ଭାବଭାବନା ପ୍ରବିଷ୍ଟ କରାଇଥାନ୍ତି। ଏହି ବେଦ-ବିରୋଧୀ ଭାରତୀୟ ଦର୍ଶନମାନ ସହ ଭାବଗତ ସାମ୍ୟ ଥିବା ପାଶ୍ଚାତ୍ୟ ଦର୍ଶନମାନଙ୍କ ମଧ୍ୟରେ ନିଚା ବା ନିତ୍‌ସେ ଓ କିର୍‌କେଗାର୍ଡ, ବର୍ଟାଣ୍ଡ ରସେଲ୍, କାର୍ଲମାର୍କ୍ସ ପ୍ରମୁଖଙ୍କ ନିରୀଶ୍ୱରବାଦୀ ଦର୍ଶନ ଓ କାମ୍ୟୁ, କାଫ୍‌କା, ସାର୍ତ୍ରେଙ୍କ ସ୍ଥିତିବାଦୀ ତଥା ଅସ୍ତିତ୍ୱବାଦୀ ଦର୍ଶନ ଆଧୁନିକ ବୌଦ୍ଧିକ ରାଜ୍ୟରେ ଅନେକ ଆଲୋଡ଼ନ ସୃଷ୍ଟି କରିଛନ୍ତି। ପାଶ୍ଚାତ୍ୟର ଏହି ତୁଙ୍ଗଚିନ୍ତକ -ଦାର୍ଶନିକମାନେ ଜୀବନ ଓ ମୃତ୍ୟୁ ସମ୍ପର୍କରେ ଯେତେଯେତେ ଜଟିଳ ତତ୍ତ୍ୱରାଜି ବାଢ଼ି ଦେଇଛନ୍ତି, ସେଥିରୁ ମଣିଷ ଯେଉଁ ନିଷ୍କର୍ଷରେ ଉପନୀତ ହୁଏ, ତାହା ଘୋର ନୈରାଶ୍ୟଜନକ, ଘୋର ଅସ୍ୱସ୍ତିକର। ଜୀବନ ଉଦ୍ଭଟ, ଅର୍ଥହୀନ, ଦୁର୍ଦ୍ଦଶାପୂର୍ଣ୍ଣ ଓ ସାରବତ୍ତାହୀନ, ମୃତ୍ୟୁ ଏକ ଭୟାନକ ସତ୍ୟ, ଯାହା ଜୀବନପ୍ରଦୀପକୁ ସମ୍ପୂର୍ଣ୍ଣ ନିର୍ବାପିତ କରିଦିଏ - ଆଲୋଚ୍ୟ ଚିନ୍ତକ ଦାର୍ଶନିକମାନଙ୍କ ଜୀବନ ଓ ମୃତ୍ୟୁ ପ୍ରତି ଏହି ଲୋମଟାଙ୍କୁରା ଆଭିମୁଖ୍ୟ ଯୋଗୁ ଆଜି ପ୍ରତ୍ୟେକ ଅନିସନ୍ଧିତ୍ସୁ ମଣିଷ ଚେତନାଗତ ଅରାଜକତାର ଅସହାୟ ଶରବ୍ୟ ହୋଇପଡ଼ିଛନ୍ତି, ଏହା ନିଃସନ୍ଦେହ।




## ପ୍ରାଚୀନ ଧର୍ମଦର୍ଶନ

ଏତାଦୃଶ ବୌଦ୍ଧିକ, ମାନସିକ ତଥା ଭାବଗତ ଦୁଃସ୍ଥିତିରୁ ରକ୍ଷା ପାଇବାକୁ ହେଲେ ଆମକୁ ଫେରିଯିବାକୁ ହେବ ଆମର ପ୍ରାଚୀନ ବୈଦିକ ସନାତନୀ ଧର୍ମଦର୍ଶନ ପାଖକୁ। ତାହା ହେଲେ ଇଂରାଜୀ ମେଟାଫିଜିକାଲ୍ କବି ଜନ୍ ଡନ୍‌ଙ୍କ ପରି ଖାଲି 'ଡେଥ୍ ଦାଓ ଶାଲ୍ ଡାଏ' (ହେ ମରଣ, ତୁ ମରଣ ଲଭିବୁ ନିଶ୍ଚୟ) ବୋଲି ତୁଚ୍ଛା ଶୂନ୍ୟଗର୍ଭ କାବ୍ୟିକ ଉଚ୍ଛ୍ୱାସରେ ଉଚ୍ଚାରଣ ନ କରି ଆମେ ରବୀନ୍ଦ୍ରନାଥଙ୍କ ପରି କହିପାରିବା, 'ହେ ମରଣ, ତୁ ମୋର ଶ୍ୟାମ ସମାନ'! ବୈକୁଣ୍ଠ ପଟ୍ଟନାୟକଙ୍କ ପରି ଭାବମଦ୍ରିତ ସ୍ୱରରେ ବୋଲିପାରିବା, "ଜୀବନ ପାତ୍ର ମୋ ଭରିଛ କେତେ ମତେ / ନ ଦେଲ ବୋଲି କିଛି କହିବି କିହେ ଆଉ" କିମ୍ବା ସେହି ଭାବଭୋଳା କବିଟି ପରି ଆକୁଳ କଣ୍ଠରେ ଡାକିବା, "କିଏ ସେ ଡାକୁଛି ନଈ ସେପାରିରେ କେଉଁ ବାଗରେ / ଚିହ୍ନା ଚିହ୍ନା ସ୍ୱର ଶୁଣିଥିଲି ତା'ର କେତେ ଯୁଗ ଯୁଗ ଆଗରେ।" ଏହି ମର୍ମସ୍ପର୍ଶୀ, ଭାବୋଦ୍ଦୀପକ, ଦିବ୍ୟରସଘନ ଉଚ୍ଚାରଣ ଯେଉଁମାନଙ୍କ ତୁଣ୍ଡରୁ ଝରିଆସିଥିଲା, ସେମାନେ ଜୀବନକୁ ସତ୍ୟ ଶିବ ସୁନ୍ଦର ବୋଲି ଗ୍ରହଣ କରିବା ସଙ୍ଗେ ସଙ୍ଗେ ମୃତ୍ୟୁକୁ ବି ସତ୍ୟ ଓ ଶିବ ସୁନ୍ଦର ବୋଲି ଗ୍ରହଣ କରିଥିଲେ, କାରଣ ସେମାନେ ପ୍ରତ୍ୟେକ ଅବଗାହନ କରିଥିଲେ ସନାତନୀ ବୈଦିକ ଦର୍ଶନର କାଚକେନ୍ଦୁ ଜଳରେ, ସନାତନୀ ପ୍ରଜ୍ଞାର ମହୋଦଧିରେ।

ତେଣୁ ସେମାନେ ବୁଝିଥିଲେ ମୃତ୍ୟୁ କେବଳ ଏକ ଘଟପରିବର୍ତ୍ତନ, ଆତ୍ମା ହେଉଛି ଅବିନାଶୀ - 'ନ ହନ୍ୟତେ ହନ୍ୟମାନେ ଶରୀରେ।' ସେଥିପାଇଁ ମୃତ୍ୟୁ ରହସ୍ୟର ଚିନ୍ତନ ମନନରୁ ସେମାନେ ଅନନୁଭୂତ ସ୍ୱାଦ ଉପଭୋଗ କରୁଥିଲେ। ମୃତ୍ୟୁଚେତନା ସେମାନଙ୍କୁ ଜୀବନ ବିମୁଖ ନ କରି ଆହୁରି ଅନ୍ତରଙ୍ଗ ଭାବରେ ଜୀବନ ବଞ୍ଚିବାକୁ ପ୍ରେରିତ କରୁଥିଲା। ମହାଯୋଗୀ ଶ୍ରୀଅରବିନ୍ଦ ଚେତନାର ତୁଙ୍ଗଶିଖର ଆରୋହଣ କରି ମରଲୋକର ଉଦ୍ଦୀପ୍ତ ଆଲୋକିତ ମଣିଷ (ଯାହାର ପ୍ରତିଭୂ ହେଉଛନ୍ତି ମହାଭାରତରେ ବର୍ଣ୍ଣିତ ହୋଇଥିବା

> **ଯିଏ ଏକ ପୁଣ୍ୟମୟ ଜୀବନ ବଞ୍ଚିଥାଏ, ସେ ହିଁ ମୃତ୍ୟୁକୁ ନିର୍ବିକାର ଚିତ୍ତରେ, ବିନା ଚିତ୍ତ ବିକ୍ଷୋଭରେ ଆଲିଙ୍ଗନ କରିପାରେ।**

ଅଶ୍ୱଘୋଷଙ୍କ ବିଦୂଷୀ କନ୍ୟା ସାବିତ୍ରୀ) କିପରି ଅମୃତତ୍ୱର ଅଭୀପ୍‌ସା ପୋଷଣ କରିପାରେ, ତା'ର ପ୍ରତୀକାତ୍ମକ ବର୍ଣ୍ଣନା କରିଛନ୍ତି ତାଙ୍କରି ମହାକାବ୍ୟ 'ସାବିତ୍ରୀ'ରେ। ଏହି ମହାକାବ୍ୟର ମହାନାୟିକା 'ସାବିତ୍ରୀ' ନଚିକେତାଙ୍କ ପରି ମୃତ୍ୟୁ ଦେବତାଙ୍କ ପାଖରୁ ଆତ୍ମଜ୍ଞାନ ଅଥବା ମୃତ୍ୟୁ ରହସ୍ୟର ଜ୍ଞାନ ହାସଲ କରିବାକୁ ଚାହିଁ ନାହାନ୍ତି। ସେ ଚାହିଁଛନ୍ତି ମୃତ୍ୟୁ ଉପରେ ବିଜୟ ଓ ମର୍ତ୍ତ୍ୟଭୂମିରେ ଅମରତ୍ୱର ପ୍ରତିଷ୍ଠା। ଜୀବନ ଓ ଜଗତ ପରି ମୃତ୍ୟୁ ମଧ ଚେତନାର ଦିବ୍ୟ ରୂପ ଓ ପ୍ରକାଶ। ମୃତ୍ୟୁ ଆଲୋକିତ ଅଙ୍ଗନକୁ ବାଟ କଢ଼ାଇ ନେଉଥିବା ଏକ ଦିଗବାରିଣୀ ମାତ୍ର- ଏହି ବେଦାନ୍ତ ଘୋଷିତ ସତ୍ୟ ଉପରେ ପୂର୍ଣ୍ଣ ପ୍ରତିଷ୍ଠିତ ଥିଲା ସାବିତ୍ରୀଙ୍କ ଚେତନା ଓ ସେଥିପାଇଁ ସେ ପୋଷଣ କରିଥିଲେ ମୃତ୍ୟୁର ଅମୃତତ୍ୱର ଅନିର୍ବଚନୀୟ ଅଭୀପ୍‌ସା।

ଉପସଂହାରରେ କହିବା- ଜୀବନର କ୍ଷଣଭଙ୍ଗୁରତା ସହ ଚେତନାର ଅବିନଶ୍ୱରତା ସମ୍ପର୍କରେ ଯାହାର ସହଜ ବୌଦ୍ଧିକ ଓ ଭାବନାତ୍ମକ ଜ୍ଞାନ ଥାଏ, ଯିଏ ସେହି ଜ୍ଞାନରେ ଦୃଢ଼ପ୍ରତିଷ୍ଠ ହେବା ପାଇଁ ସଚେତନ ପ୍ରୟାସ, ସାଧନା ଅବ୍ୟାହତ ରଖିଥାଏ, ଯିଏ ମୃତ୍ୟୁକୁ ଭୟ ନ କରି ପବିତ୍ର ଉଲ୍ଲାସରେ ସ୍ୱାଗତ କରିବା ପାଇଁ ସର୍ବଦା ପ୍ରସ୍ତୁତ ରହିଥାଏ, ଯିଏ ଜୀବନର ପ୍ରତିଟି ଶ୍ୱାସ ଉପରେ ନିଶ୍ଚଳ ଧ୍ୟାନ ନିବେଶ କରିଥାଏ ଓ ସର୍ବୋପରି ଯିଏ ଏକ ପୁଣ୍ୟମୟ ଜୀବନ ବଞ୍ଚିଥାଏ, ସେ ହିଁ ମୃତ୍ୟୁକୁ ନିର୍ବିକାର ଚିତ୍ତରେ, ବିନା ଚିତ୍ତ ବିକ୍ଷୋଭରେ ଆଲିଙ୍ଗନ କରିପାରେ। ପ୍ରସିଦ୍ଧ କବି ଖଲିଲ୍ ଜିବ୍ରାନଙ୍କ ପରି ସେ କହିପାରେ, 'ମରଣ ଏମିତି କିଛି ଗୋଟେ ବିଶେଷ ଘଟଣା ନୁହେଁ। ଏହା ତ ହେଉଛି ବାହାରର ଖୋଲା ପବନରେ ଆପଣାକୁ ସମ୍ପୂର୍ଣ୍ଣ ଖୋଳପାମୁକ୍ତ କରିଦେବା, ସମ୍ପୂର୍ଣ୍ଣ ଫୁଙ୍ଗୁଳା ହୋଇଯିବା ଓ ସୂର୍ଯ୍ୟଙ୍କର ସୁବର୍ଣ୍ଣ ରଶ୍ମି ସାଗରରେ ନିମଜ୍ଜିତ ହୋଇଯିବା। ଶ୍ୱାସ ପ୍ରବାହର ଅନ୍ତ ହେବା ଅର୍ଥ ଅନ୍ତଃକରଣକୁ ବିକ୍ଷୁବ୍ଧ, ଆନ୍ଦୋଳିତ କରୁଥିବା ସକଳ ଭାବତରଙ୍ଗରୁ ଅନ୍ତ। ଏଥର ତୁମକୁ ଆରୋହଣ କରିବାକୁ ହେବ, ଫିଟି ପଡ଼ିବାକୁ ହେବ, ତୁମର ଚେତନାକୁ ପ୍ରସାରିତ କରିବାକୁ ହେବ ଓ ବିନା ପ୍ରତିବନ୍ଧକରେ ପରମେଶ୍ୱରଙ୍କ ସାନ୍ନିଧ୍ୟ ତୁମକୁ ଲାଭ କରିବାକୁ ହେବ।'

□□

ଲେଖକଙ୍କ ଇ-ମେଲ ଠିକଣା:
acharyadurgaprasad123@gmail.com

## ସାର୍ବଜନିକ ବିଜ୍ଞପ୍ତି

- ଟଙ୍କା ବଦଳରେ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ଠକମାନଙ୍କ ପ୍ରତି ସତର୍କ ରୁହନ୍ତୁ
- ଠକମାନେ ରେଳପଥ ଅଧିକାରୀଙ୍କ ଜାଲ୍ ଦସ୍ତଖତ ଏବଂ ମୋହର ସହିତ ନକଲି କଲ୍ ଲେଟର ବ୍ୟବହାର କରୁଛନ୍ତି
- ଅପରାଧରେ ଅଂଶୀଦାର ହୁଅନ୍ତୁ ନାହିଁ
- ଏଥିପାଇଁ ଆପଣଙ୍କ ବିରୁଦ୍ଧରେ ମକଦ୍ଦମା ଚାଲିବା ସହିତ ଆପଣଙ୍କୁ ଜେଲ ଦଣ୍ଡ ମଧ ଭୋଗିବାକୁ ପଡ଼ିପାରେ

ପୂର୍ବ ତଟ ରେଳପଥରେ ରେଳପଥ ନିଯୁକ୍ତି ସମ୍ବନ୍ଧରେ ସଠିକ୍ ସୂଚନା ପାଇଁ ଦୟାକରି ନିମ୍ନବର୍ଣ୍ଣିତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ:

**www.rrbbbs.gov.in | www.rrcbbs.org.in**

ଯଦି କେହି ଲାଞ୍ଚ ନେଇ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି କିମ୍ବା କେତେକ ରେଳପଥ ପ୍ରାଧିକାରୀଙ୍କ ନାମରେ ଏକ କଲ୍ ଲେଟର ଜାରି କରୁଛନ୍ତି, ତେବେ ଦୟାକରି ଏହାର ସତ୍ୟତା ଯାଞ୍ଚ କରନ୍ତୁ:

**ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ**
ପୂର୍ବ ତଟ ରେଳପଥ, ପ୍ରଥମ ମହଲା, ଦକ୍ଷିଣ ବ୍ଲକ୍
ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017
ଇ-ମେଲ୍: sdgm@ecor.railnet.gov.in

**ମୁଖ୍ୟ ଜନ ସମ୍ପର୍କ ଅଧିକାରୀ**
ପୂର୍ବ ତଟ ରେଳପଥ, ତଳ ମହଲା, ଦକ୍ଷିଣ ବ୍ଲକ୍
ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017
ଇ-ମେଲ୍: cpro@ecor.railnet.gov.in

ଆମ ସହିତ ଯୋଗାଯୋଗ କରିବା ପାଇଁ ଆପଣ ମଧ ସାମାଜିକ ଗଣମାଧ୍ୟମ ବ୍ୟବହାର କରିପାରିବେ:
www.facebook/@EASTCOASTRailway1
www.twitter/@EastCoastRail
www.instagram.com/cproecor
www.kooapp.com/@eastcoastrail

**ପୂର୍ବ ତଟ ରେଳପଥ**
*ଆପଣଙ୍କ ପାଇଁ ଆମେ ଯତ୍ନବାନ*

ଗଳ୍ପ


# ରୂପାନ୍ତର



ଜୟନ୍ତୀ ସାହୁ

ଖାଲି ବନମାଳୀପୁର ଗାଁ କାହିଁକି, ଏ ଆଖପାଖ ପ୍ରାୟ ପାଞ୍ଚଖଣ୍ଡ ମୌଜାରେ ହରି ମାଷ୍ଟ୍ରଙ୍କର ଭାରି ସୁନାମ। ବନମାଳୀପୁର ସ୍କୁଲ କହିଲେ ହିଁ ହରିମାଷ୍ଟ୍ରଙ୍କ ନାଆଁ ସେଥିରେ ଆପେ ଆପେ ଯୋଡ଼ି ହୋଇଯାଏ। ଏ ଖଣ୍ଡକରେ ଯେତେ ପିଲା ଆଜି ବଡ଼ ବଡ଼ ବାବୁ ଭାୟା ହୋଇ ବାହାରିଛନ୍ତି, ସେ ସମସ୍ତଙ୍କ ପିଠିରେ ହରି ମାଷ୍ଟ୍ରେଙ୍କର ଛାଟ ହିଁ ବାଜିଛି। ସାହିତ୍ୟ, ଗଣିତ, ବିଜ୍ଞାନ ସବୁଥିରେ ଅଗାଧ ପାଣ୍ଡିତ୍ୟ ହରି ମାଷ୍ଟ୍ରେଙ୍କର। ସରଳ ସୁଧକଷାଠାରୁ ଜଟିଳ ଜ୍ୟାମିତିର ଗାଣିତିକ ସୂତ୍ର ସବୁ ମାଷ୍ଟ୍ରେଙ୍କର ଜିଭ ଅଗରେ ଥାଏ। କେହି ଛାତ୍ର ଅଛିଣ୍ଡା ଗଣିତର ଅସମାହିତ ପ୍ରଶ୍ନଟିଏ ପଚାରୁ ପଚାରୁ ମାଷ୍ଟ୍ରେ ଉତ୍ତର ଚଟାପଟ୍ କହି ଦେଇ ଚଟ୍‌କଣିଟିଏ ଆଗ ଗାଲରେ ବସାଇ ଦିଅନ୍ତି ଓ ତା'ପରେ ସୁନ୍ଦର ଭାବରେ ସେଇଟିକୁ ବୁଝାଇ ବସନ୍ତି। ହରିମାଷ୍ଟ୍ରେ ବୟସାଧିକ୍ୟ ଯୋଗୁଁ ଚାକିରିରୁ ଅବସର ନେଲେଣି ସିନା, ହେଲେ ଏ ସଚରାଚର ଇଲାକା ତାଙ୍କ ଦକ୍ଷତାକୁ ଏଯାବତ୍ ଝୁରୁଛି।

ମାଷ୍ଟ୍ରେଙ୍କର ପରିବାର କହିଲେ ମାମୁ, ମାଇଁ ଦୁଇପ୍ରାଣୀଙ୍କୁ ଛାଡ଼ି କେବଳ ଦିଓଟି ପୁଅ। ସାହିତ୍ୟ ବିଶାରଦ ମାଷ୍ଟ୍ରେ ବାଛି ବାଛି ତାଙ୍କ ନାଁ ଦେଇଥିଲେ ଶେଖର ଓ ସୁମନ। ଶେଖର ଆର ଗାଁ ସ୍କୁଲର ଗଣିତ ଶିକ୍ଷକ ଆଉ ସୁମନ ଭୁବନେଶ୍ୱରରେ କୌଣସି ଏକ ସରକାରୀ ଅଫିସ୍‌ରେ କିରାଣି ଭାବେ ନିଯୁକ୍ତି ପାଇଛି। ସେଠାକାର ଲୋକେ କୁହନ୍ତି ମାଷ୍ଟ୍ରେଙ୍କର ପୁଅ ଦିଓଟି ଯେମିତି ସୁନା ମୁଣ୍ଡା, ବୋହୂଦିଓଟି ବି ସେମିତି ମୁକ୍ତାଝରା। ଶାଶୁ, ଶ୍ୱଶୁରଙ୍କ ସେବା, ଘର କରଣା, ଅତିଥି ଚର୍ଚ୍ଚାରେ ଏକକୁ ଆରେକ ବଳି। ଶାଶୁଙ୍କଠାରୁ ଛଡ଼ାଇ ବଡ଼ବୋହୂ ସବୁ ବାହାର କାମ କରେ। ସାନବୋହୂ ବି ରୋଷେଇ ଘର କାମ ସାରି ବଡ଼ବୋହୂ ସାଙ୍ଗରେ ଅଧା ପାଇଟିରେ ମିଶିଯାଏ। ଟାହି, ଟାପରା, ରଙ୍ଗ, ରହସ୍ୟ ମଧ୍ୟରେ ଦୁଇ ବୋହୂଙ୍କର ଦିନ ସରିଯାଏ। ବଡ଼ ବୋହୂର ପିଲା ଦୁଇଟି ଅପେକ୍ଷାକୃତ ବଡ଼ବଡ଼ ହୋଇଥିବାରୁ ତାଙ୍କ ଖାଇବା, ପଢ଼ିବା ଦାୟିତ୍ୱ ସାନବୋହୂ ନେଇଥାଏ। ସେମିତି ସାନବୋହୂର ପିଲା ଦିଓଟି ଖୁବ୍ ସାନ ଥିବାରୁ ତାଙ୍କୁ ତେଲ ମାଲିସ୍ କରିବା, ସ୍ନାନ କରାଇବା, ଜହ୍ନ ମାମୁ ଦେଖାଇ ଆକଟ ଭାଙ୍ଗିବା, ଇତ୍ୟାଦି ଦାୟିତ୍ୱ ବଡ଼ବୋହୂ ନିଖୁଣ ଭାବେ ତୁଲାଇଥାଏ। କ୍ଷୀର, ନୀର ପ୍ରାୟ ଦୁଇ ଯାଆଙ୍କ ଭିତରେ ସମ୍ପର୍କ। ଏମିତି ଅଭେଦ୍ୟ ସମ୍ପର୍କ, ଅନାବିଳ ଆନ୍ତରିକତାକୁ ଦେଖି ଉଗାରିଏ ରକ୍ତଚାଉଳ ସିନା ଚୋବେଇ ହୁଅନ୍ତି, ହେଲେ ଉଭୟଙ୍କ ମଧ୍ୟରେ ଶତଚେଷ୍ଟା କରି ମଧ୍ୟ ଫାଟ ସୃଷ୍ଟି କରିପାରନ୍ତି ନାହିଁ।



ଏମିତି ସାବଲୀଳ ତଥା ଶୃଙ୍ଖଳିତ ଶଗଡ଼ ଗୁଳାରେ ପରିବାରର ଚକ ଚାଲିଥିଲାବେଳେ ଦିନେ ସାନବୋହୂର ସହରରେ ରହୁଥିବା ଜଣେ ବାନ୍ଧବୀ ତାଙ୍କ ଘରକୁ ବୁଲି ଆସିଲେ। ବନ୍ଧୁତା ଖାତିର୍‌ରେ ପ୍ରାୟ ଆଠଦିନ ସାନବୋହୂ ପାଖରେ ରହିଲେ। ତା'ପରେ ସେ ଗଲା ପରେ ସାନବୋହୂର କ'ଣ ହେଲା କେଜାଣି, ସେଇଦିନଠାରୁ ଖାଲି ଖୁମାଣି ପାଲଟିଗଲା। ମନ ହେଲେ ଉଠି କାମ ପାଇଟିଏ କଲା, ନ ହେଲେ ସେମିତି ଶୋଇରହିଲା। ପିଲା ଦୁହିଁଙ୍କୁ ତାଙ୍କ ବଡ଼ମା' ପାଖକୁ ଆଉ ସେତେ ଛାଡ଼ିଲା ନାହିଁ। ଦିନେ ଭୁବନେଶ୍ୱର ଫେରନ୍ତା ତା'ର ସ୍ୱାମୀ ସମ୍ମୁଖରେ ଜୋରରେ ମୁଣ୍ଡ ବାଡ଼େଇ କାନ୍ଦିଲା। ଦୁଇଦିନ

ମଧରେ ଗାଁ ଛାଡ଼ି, ଘର ଛାଡ଼ି ସହର ଯିବା ପାଇଁ ଅଡ଼ିବସିଲା। ନ ହେଲେ... ସାନପୁଅ ସୁମନ ଅଡୁଆରେ ପଡ଼ିଲା। ଯେଉଁ ବଡ଼ଭାଇ ସାମ୍ନାକୁ ଆଜି ପର୍ଯ୍ୟନ୍ତ ଯାଇ ନ ଥିଲା, ତାଙ୍କର ସାମ୍ନାସାମ୍ନି ହେଲା। ଏତେ ବର୍ଷ ଯାଏଁ ଭରସି କିଛି କହିପାରୁ ନ ଥିବା ସୁମନ ଆଜି ବଡ଼ ଭାଇ ମୁହଁ ଉପରେ ସ୍ତ୍ରୀ କଥା ମୁତାବକ ଜବାବ୍ ଦେଲା। ଶେଷରେ ସମସ୍ତଙ୍କୁ ତୁଚ୍ଛ କରି ଗାଁ ମାଇପିଙ୍କ ଟାହିଟାପରାକୁ ମୁହଁ ବୁଲେଇ ଦେଇ ସାନପୁଅ, ସାନବୋହୂକୁ ତା' ଚାକିରି ସ୍ଥଳ ରାଜଧାନୀ ଭୁବନେଶ୍ୱରକୁ ନେଇ ଆସିଲା।

ଏଣେ ରାଜଧାନୀର ଚାକଚକ୍ୟ ଓ ଆବହାଓ୍ୱାର ମହୁଲି ନିଶା ସାନବୋହୂକୁ ଘାରିଲା। ଅନ୍ୟ ଭୁବନେଶ୍ୱର ବାନ୍ଧବୀମାନେ ଆସି ତାଙ୍କ ସ୍ୱାମୀମାନଙ୍କ ରୋଜଗାରର ବଡ଼େଇ ସାଙ୍ଗକୁ ରାଜଧାନୀରେ ପ୍ଲଟ କିଣା, ଘରକିଣା କଥା ପ୍ରସଙ୍ଗ କ୍ରମେ ବଖାଣି ବସିଲେ। ସାନବୋହୂ ମନରେ ଏଥର ରାଜଧାନୀରେ ସ୍ଥାୟୀ ବାସିନ୍ଦା ହେବାର ବାସନା ଜାଗିଲା। କିନ୍ତୁ ସୁମନର ଦରମା ଯାହା ତାହା ମାସ ଶେଷକୁ ଟାଳଟୁଳ ନୀତି, ତା'ପରେ ମାସଟା ଯାକର ତେଲଲୁଣର ହିସାବ, ପିଲା ଦୁଇଟାଙ୍କ ସ୍କୁଲ ଖର୍ଚ୍ଚ, ବନ୍ଧୁବାନ୍ଧବ, ଅତିଥି ଅଭ୍ୟାଗତଙ୍କ ଆଗମନ, ପ୍ରସ୍ଥାନ ଇତ୍ୟାଦି ଇତ୍ୟାଦି ସବୁ ସେଥିରେ ଅନ୍ତର୍ଭୁକ୍ତ। ଆଜିକାଲି ବାହାରେ ଏତେ ଖର୍ଚ୍ଚକୁ ଚାକିରିରେ କିଛିଟା ଉପୁରି ନ ଥିଲେ, ସେ ଦରମା ପଇସାରେ ଭାରି ହୀନିମାନରେ ଚଳିବାକୁ ପଡ଼େ। ତେଣୁ ଭୁବନେଶ୍ୱରରେ ଛୋଟ ଜାଗା ଖଣ୍ଡେ ବି କିଣିବା ସୁମନର ଏ ଉପୁରି ବିହୀନ ଚାକିରିରେ ଦିବାସ୍ୱପ୍ନ ପ୍ରାୟ।

**ଅତୀତର ସେଇ ବୁନିଆଦି ଓ ବୃଥା ସଂସ୍କାରକୁ ଛାଡ଼ି ଭବିଷ୍ୟତର ବାସ୍ତବତାକୁ ଏବେ ଟିକିଏ ପର୍ଯ୍ୟାଲୋଚନା କର।**

କିନ୍ତୁ ସୁମନର ସ୍ତ୍ରୀ ମୁଣ୍ଡରେ ଦିନେ ଗୋଟିଏ ତୀକ୍ଷ୍ଣ ବୁଦ୍ଧି ଜୁଟିଲା। ଗାଁରେ ଶ୍ୱଶୁରଙ୍କ ପ୍ରାୟ କୋଡ଼ିଏ ମାଣ ଜମି। ଭାଇ, ଭାଇ ତ ଦିନେ ନାହିଁ ଦିନେ ଅଲଗା ହେବେ। ସଂସାରରେ ଏହା କିଛି ବିଚିତ୍ର କଥା ନୁହେଁ। ସେଇଥିପାଇଁ ପରା ଲୋକୋକ୍ତି ଶୁଣାଯାଏ, "ଯେତେ ଭାଇ, ସେତେ ଘର, ଯେତେ କନିଆଁ, ସେତେ ବର"। ତେଣୁ ସୁମନ ଯଦି ଗାଁକୁ ଯାଇ କୌଣସି ମତେ ବାପାଙ୍କୁ, ଭାଇଙ୍କୁ ବୁଝାଇ ଅନ୍ତତଃ ତାଙ୍କ ଭାଗ ଜମିତକ ବିକ୍ରି କରିଦିଅନ୍ତେ, ସେଇ ପଇସାରେ ଏଠି ଖଣ୍ଡିଏ ପ୍ଲଟ୍ ଅବା ଘର କିଣାଯାଇପାରନ୍ତା। ସେଦିନ ସୁମନର ସ୍ତ୍ରୀ ସ୍ୱାମୀର ରୁଚି ମୁତାବକ ଜଳଖିଆ ପ୍ରସ୍ତୁତ କଲା। ସ୍ୱାମୀର ମନ ପସନ୍ଦ ରଙ୍ଗ ବାଛି ଶାଢ଼ି ଓ ମ୍ୟାଚିଂ ବ୍ଲାଉଜ୍ ପିନ୍ଧି ହାଲ୍‌କା ପ୍ରସାଧନରେ ନିଜକୁ ଯଥା ସମ୍ଭବ ମଣ୍ଡି ନେଲା। ଶୀଘ୍ର ଶୀଘ୍ର ଘର ଦ୍ୱାର ପରିଷ୍କାର କରି ଗେଟ୍ ପାଖରେ ଅଫିସ ଫେରନ୍ତା ସ୍ୱାମୀର ପ୍ରତୀକ୍ଷାରେ ଅଭିସାରିକା ସାଜି ଦଣ୍ଡାୟମାନ ହେଲା। ଯଥା ସମୟରେ ସୁମନ ଅଫିସ୍‌ରୁ ଫେରିଲେ। ବାଥ୍‌ରୁମ୍‌ରୁ ଫ୍ରେଶ୍ ହୋଇ ଆସୁ ଆସୁ ଗୃହିଣୀ ସୁମିଷ୍ଟ ବ୍ୟଞ୍ଜନ ପରଷି ଦେଲେ। ପାଖରେ ଠିଆ ହୋଇ ସହାସ୍ୟ ବଦନରେ ବଳେଇ ବଳେଇ କିଛି ଅଧିକ ଖୁଆଇଲେ। ରାତି ହେଲା, ରାତି ଖାଇବା ପାଖରେ ଗୃହିଣୀ ପ୍ରସ୍ତାବଟିକୁ ଅତି ପ୍ରେମପୂର୍ଣ୍ଣ ଢଙ୍ଗରେ ବାଢ଼ି ବସିଲେ। ଗୃହିଣୀଙ୍କ ପ୍ରୀତିଭରା ନିବେଦନ ଥିଲା ଯେ "ଆଜି ଶୀଘ୍ର ଶୋଇ ପଡ଼ିବନି। ମୋର ଗୋଟିଏ ଜରୁରୀ କଥା ତମକୁ କହିବାର ଅଛି। ତମେ ବେଡ୍‌କୁ ଚାଲ। ମୁଁ ଟିକିଏ ରୋଷେଇ ଘରକାମ ସାରି ଯାଉଛି।" ସୁମନ ଖାଇସାରି ବେଡ୍‌ରୁମ୍‌କୁ ଗଲେ। ବେଡ୍‌ରୁମ୍ ଲାଇଟ୍ ଅଫ୍ କଲେ। କ୍ଳାନ୍ତ ଆଖିପତା ମୁଦି ହୋଇ ଆସୁଛି। ତଥାପି ନିଦ୍ରାରୁ ବିରତ ହୋଇ ସେଇ ଅନ୍ଧକାରରେ ପ୍ରିୟତମାର ପ୍ରତୀକ୍ଷା କଲେ।

ସବୁ କାମ ସାରି ଚତୁରୀ ଅର୍ଦ୍ଧାଙ୍ଗିନୀ ସ୍ୱାମୀ ପାଖକୁ ଆସିଲେ। ଅଧା ଭାଗ ଜମିବିକି ଭୁବନେଶ୍ୱରରେ ପ୍ଲଟଟିଏ ଅଥବା ଛୋଟ କ୍ୱାର୍ଟରଟିଏ କିଣିବା କଥା ସ୍ୱାମୀର ଆଦିମ ଆଶ୍ଳେଷ ମଧରେ ଥାଇ ଖୁବ୍ ଚାତୁର୍ଯ୍ୟପୂର୍ଣ୍ଣ ଭଙ୍ଗୀରେ ବଖାଣି ବସିଲା। ଏଥର ସୁମନର ମୁଣ୍ଡକୁ ଅକସ୍ମାତ୍ ବିଛା କାମୁଡ଼ିଲା, ସେ କିଛି ସମୟ ଗମ୍ଭୀର ହୋଇ ଖାଲି ଏତିକି କହିଲା, ତାକୁ ବିକି ଦେଲେ ଗାଁରେ ମୁହଁ ଟେକି ଆଉ ଚାଲି ପାରିବା ତ ? ସୁମନର ପାଟିରୁ କଥା ନ ସରୁଣୁ ପ୍ରଖର ବୁଦ୍ଧିମତୀ ସ୍ତ୍ରୀ ଉତ୍ତର ଦେଲା, ଆମ ପିଲାମାନେ ତ ଗାଁ କଥା କହିଲେ ଏଣିକି ନାକ ଟେକୁଛନ୍ତି। ଆମେ ବି ଆଉ ନିପଟ ମଫସଲରେ ଯାଇ ରହି ଚଳିପାରିବାନି। ତେବେ ଅତୀତର ସେଇ ବୁନିଆଦି ଓ ବୃଥା ସଂସ୍କାରକୁ ଛାଡ଼ି ଭବିଷ୍ୟତର ବାସ୍ତବତାକୁ ଏବେ ଟିକିଏ ପର୍ଯ୍ୟାଲୋଚନା କର। ସେ ଗାଁ ଜମି ଆମର କୌଣସି କାମରେ ଆସିବନି। କିନ୍ତୁ ଭୁବନେଶ୍ୱରରେ ଯେନତେନ ପ୍ରକାରେ ଘର ଖଣ୍ଡେ ନ ଥିଲେ କାଲି ସକାଳେ ତ ମୋ ଝିଅକୁ କେହି "ମଫସଲ ଘର, ମଫସଲୀ ଝିଅ" କହି ବାହା ହେବେନି।

ପୁଅ ବି ପଢ଼ାପଢ଼ି କରିବା ପାଇଁ କିଛି ସୁବିଧା ପାଇବ ନାହିଁ। ତେଣୁ ଆଗପଛ ବିଚାର କରି ଆଜି ହୁଁ ତୁରନ୍ତ ସମାଧାନର ପନ୍ଥା ନିର୍ଦ୍ଧାରଣ କର। ଏମିତି ନିତି ନିତି କାନ କୁହାରେ ପ୍ରଭାବିତ ହୋଇ ହରି ସାର୍‌ଙ୍କ ସାନପୁଅ ସୁମନ ଦିନେ ଜମିବିକା ପାଇଁ ଗାଁରେ ହାଜର ହେଲା।

ଜମିବିକା ନାଁ ଶୁଣି ହରି ମାଷ୍ଟ୍ରେ ଅସମ୍ଭବ ଭାବରେ ନୀରବ ହୋଇଗଲେ। କାରଣ ସେ ଦେଖୁଥିଲେ ପାଖ ଘର ଭଗାରିଏ ଏକଥା ଶୁଣି ମୁରୁକିହସା ମାରିବା ଆରମ୍ଭ କରି ଦେଲେଣି। ତେଣେ ସଦାଗମ୍ଭୀର ବଡ଼ଭାଇ ଶେଖର ମଧ୍ୟ ମୁଣ୍ଡରେ ହାତ ଦେଇ ପିଣ୍ଡା ମୁଣ୍ଡରେ ଖାଲି ଏତିକି କହିଲେ, "ତୁ ଯାହା ଭଲ ଭାବୁଛୁ, ତାହା କର।" ସୁମନ ସେଇ ରାତିରାତି ଜମି କିଣିବା ପାଇଁ ଲୋକ ଠିକ୍ କଲା। ତା' ଭାଗ ଜମିତକ ବିକ୍ରି କରି ଭୁବନେଶ୍ୱର ବାହାରିଛି, ଏହି ସମୟରେ ସର୍ବଦ୍ରଷ୍ଟା ସାଜିଥିବା ନିର୍ବାକ୍ ଭାଉଜ ବଡ଼ପାଟିରେ ରଡ଼ି କରି ଉଠିଲେ। ସବୁ ତ ହିସାବ କରି ବାଣ୍ଟିନେଲ, ଏବେ ବାପା, ମାଆ ଦୁହିଁଙ୍କୁ ବି ବାଣ୍ଟି ଜଣକୁ ସାଙ୍ଗରେ ନେଇଯାଅ। ଆମେ କାହିଁକି ତୁଚ୍ଛାଟାରେ ଏ ମହରଗ କାଳରେ ଦୁଇ ଦୁଇଟା ଲୋକଙ୍କୁ ପୋଷୁଥିବୁ।

**ବାପାଙ୍କୁ ବି ଟିକିଏ ମନେଇ ରଖିଦେଲେ ପେନ୍‌ସନ୍ ପଇସାଟା ହାତଛଡ଼ା ହେବ ନାହିଁ।**

ଏଥର ସାନପୁଅ ସୁମନ ଦଣ୍ଡେ ଠିଆ ହେଲା। କିଛି ସମୟ ଚିନ୍ତା କରି କହିଲା, ହଉ ଠିକ୍ ଅଛି ଭାଉଜ, ମୁଁ ବାପାଙ୍କୁ ମୋ ସାଙ୍ଗରେ ନେଇ ଯାଉଛି। ବୋଉ ଏଇଠି ଥାଉ। ନିଶ୍ଚୁପ୍ ହରିମାଷ୍ଟ୍ରେ ଏଥର ବୁଢ଼ୀକୁ ଥରଟିଏ ମାତ୍ର ଚାହିଁ ଦେଇ ଅଧୋବଦନରେ ଭିଟାମାଟି ଛାଡ଼ି ସହରକୁ ଆସିଲେ। ଶ୍ୱଶୁରଙ୍କୁ ଦେଖି ସାନବୋହୂ ତରତର ହୋଇ ଧାଇଁ ଆସି ମୁଣ୍ଡରେ ଓଢ଼ଣା ଟାଣି ପ୍ରଣାମ କଲା। ଏଣେ ଓଢ଼ଣା ଫାଙ୍କରେ ପାଖରେ ଠିଆ ହୋଇଥିବା ସ୍ୱାମୀକୁ କଟୁ କଟାକ୍ଷ ହାଣି ଟିକିଏ ତଳେଇ ଚାହିଁ ଦେଲା। ସେଇ ନିମ୍ନମୁଖୀ ଚାହାଣିରୁ ସ୍ୱାମୀ ସୁମନ କ'ଣ ବୁଝିଲା କେଜାଣି ପରାଜିତ ଲାଙ୍ଗୁଡ଼ଜକା ମାଇକୁତିଟିଏ ଭଳି ଏତେ ବଡ଼ ପୌରୁଷୋଦ୍ଦୀପ୍ତ ଚେହେରାଧାରୀ ମଣିଷଟା ସ୍ତ୍ରୀ ଅନୁଗାମୀ ହୋଇ ରୋଷେଇ ଘରକୁ ଚାଲିଲା। ସ୍ତ୍ରୀର ସୁଦୀର୍ଘ ପଣତକୁ ଆଙ୍ଗୁଳି ଅଗ୍ରରେ ଗୁଡ଼ାଇ ଗୁଡ଼ାଇ ଅତି ଅନୁରାଗଭରା କଣ୍ଠରେ କହିଲା, ଆଗୋ, ତମେ କିଛି ନ ଜାଣି ମୋ ଉପରେ କାହିଁକି ଅଯଥାରେ ରୋଷ କରୁଛ। ତମ କଥା ମୁତାବକ ସବୁ ସମ୍ପତ୍ତି ଦୁଇଭାଗ ହେଲା। ଶେଷରେ ସମ୍ପତ୍ତି ସାଙ୍ଗରେ ବାପା, ମା' ବି ଭାଗଭାଗ ହେଲେ। ମୁଁ ଓଲଟି ବୁଦ୍ଧି ଖଟାଇ ବାପାଙ୍କୁ ଆଣିବା ପାଇଁ ପ୍ରଥମେ ମୋ ତରଫରୁ ପ୍ରସ୍ତାବ ଦେଲି। କାରଣ ବାପା ଆମ ସେ ଅଞ୍ଚଳର ଜଣେ ସୁନାମଧନ୍ୟ କୃତୀ ଶିକ୍ଷକ। ତାଙ୍କରି ପାଖରେ ପାଠ ପଢ଼ି ଆଜି ବହୁ ଛାତ୍ର ବହୁ ବଡ଼ ବଡ଼ ଚାକିରିରେ ଅବସ୍ଥାପିତ। ଭୁବନେଶ୍ୱରରେ ଯତ୍କିଞ୍ଚିତ୍ ବିଦ୍ୟା ବୁଦ୍ଧି ସମ୍ପନ୍ନ ଟିଉସନ୍ ମାଷ୍ଟ୍ରମାନେ ଯେଉଁ ଅତ୍ୟୁଚ୍ଚ ହାରରେ ଦରମା ଦାବି କରୁଛନ୍ତି, ବାପା ରହିଲେ ପିଲା ଦୁଇଜଣଙ୍କର ଟିଉସନ୍ ଖର୍ଚ୍ଚରୁ ତ ଆମେ ଖୁସିରେ ମୁକ୍ତି ପାଇଯିବା। ବାପାଙ୍କୁ ବି ଟିକିଏ ମନେଇ ରଖିଦେଲେ ପେନ୍‌ସନ୍ ପଇସାଟା ହାତଛଡ଼ା ହେବ ନାହିଁ। ତା' ଛଡ଼ା ବୋଉ ତ ସହରୀକାମ କିଛି କରିପାରିବ ନାହିଁ। ନା ଗ୍ୟାସ୍ ଲଗେଇ ଜାଣିବ ନା ବାଥ୍‌ରୁମ୍ ସଫା କରି ପାରିବ, ନା ବେଡ୍‌ସିଟ୍ ବିଛେଇ ଜାଣିବ ନା ଡ୍ରଇଂରୁମ୍ ସଜେଇ ପାରିବ ? ତେଣୁ ଅନ୍ୟଥା ତମ ଉପରେ ସିଏ ଆଉ ଏକ ବୋଝ ବନିଯାଇଥାନ୍ତା। କ'ଣ, ଏଥର ମୋ ବୁଦ୍ଧିକୁ ତାରିଫ୍ କରିବ ନା ନାହିଁ ?

□□

ଲେଖିକାଙ୍କ ଇ-ମେଲ ଠିକଣା:
jayantisahoo10@gmail.com

*ଲେଖକ ବନ୍ଧୁମାନଙ୍କୁ ଅନୁରୋଧ*

'ସାହିତ୍ୟ ଚର୍ଚ୍ଚା'ରେ ପ୍ରକାଶନ ପାଇଁ ପଠାଇବାକୁ ଥିବା ଲେଖା କେବଳ ଆମର ଇ-ମେଲ୍ ଠିକଣା **info@sahityacharcha.com** କିମ୍ବା ହ୍ୱାଟସ୍‌ଆପ୍ ନଂ. ୯୩୬୮୭୭୨୫୦୬ କୁ ପଠାନ୍ତୁ ।

ଅନୁଭୂତି



# ମାଷ୍ଟରବାବୁ

ବନଜ ଦେବୀ

ଭାଗ୍ୟ ମଣିଷକୁ ଗଢ଼େ ନାଁ ମଣିଷ ନିଜ ଭାଗ୍ୟ ତିଆରି କରେ ଏ ପ୍ରଶ୍ନର ଉତ୍ତର ମୁଁ ଖୋଜିଥାଏ ସବୁବେଳେ। ମାଷ୍ଟରବାବୁଙ୍କ କଥା ମନେ ପଡ଼ିଲେ ଏଇ ପ୍ରଶ୍ନ ମତେ ବାଟ ଓଗାଳେ, ମାଷ୍ଟରବାବୁଙ୍କ ସରଳ ଶାନ୍ତ ମୁହଁଟି ଆଖି ସାମ୍ନାରେ ଠିଆ ହୋଇଯାଏ। ମନ ଫେରିଯାଏ ପଛକୁ, ଖୁବ୍ ପଛକୁ।

ଏହା ପଚାଶ ଦଶକର କଥା, ବିଗତ ଶତାବ୍ଦୀର। ମୁଁ ସେତେବେଳେ ଅନୁଗୁଳ ହାଇସ୍କୁଲରେ ପଢୁଥାଏ। ହାଇସ୍କୁଲର ଶେଷ ବର୍ଷର ଛାତ୍ର ଥା'ନ୍ତି ଧନେଶ୍ୱର ସାହୁ। ଆମର ମାଷ୍ଟରବାବୁ, ପାତଳ ଶୀର୍ଣ୍ଣ ଚେହେରା, ସବୁ ଛାତ୍ର ପ୍ୟାଣ୍ଟ ପିନ୍ଧିଥାନ୍ତି। ସାରା ସ୍କୁଲରେ କେବଳ ଧନେଶ୍ୱର ହିଁ ଧୋତି ଓ ହାଫ ସାର୍ଟଟିଏ ପିନ୍ଧି ଆସନ୍ତି। ସେ ଯେ ପ୍ରଧାନଶିକ୍ଷକ ନରହରି ଦାସଙ୍କ ଘରେ ରହନ୍ତି, ଏ କଥା ମୁଁ ଜାଣିଥିଲି।

**ସବୁ ଛାତ୍ର ପ୍ୟାଣ୍ଟ ପିନ୍ଧିଥାନ୍ତି। ସାରା ସ୍କୁଲରେ କେବଳ ଆମର ମାଷ୍ଟରବାବୁ ଧନେଶ୍ୱର ହିଁ ଧୋତି ଓ ହାଫ ସାର୍ଟଟିଏ ପିନ୍ଧି ଆସନ୍ତି।**

ଅନୁଗୁଳ ସେତେବେଳେ ଗୋଟେ ଛୋଟ ସହର। କିନ୍ତୁ ସବ୍ ଡିଭିଜନ ହୋଇଥିଲା। ତା'ର ଏସ୍.ଡି.ଓ. ଥିଲେ ବିମଳ କିଶୋର ମିଶ୍ର। ପ୍ରଧାନ ଶିକ୍ଷକ ନରହରି ଦାସ, ସେଟଲମେଣ୍ଟ ଅଫିସର ଲୋକନାଥ ପଟ୍ଟନାୟକ (କଟକ ବାପା), ଚାର୍ଜ ଅଫିସର ପ୍ରଖ୍ୟାତ ଲେଖକ କାହ୍ନୁ ଚରଣ ମହାନ୍ତି, ଡାକ୍ତର କିରଣ ଘୋଷ। ଏହି ଅଫିସରମାନେ ଏକତ୍ର ହୁଅନ୍ତି କ୍ଲବରେ। କଟକ ବାପାଙ୍କର ଏମାନଙ୍କ ସହ ଥିଲା ହାର୍ଦ୍ଦିକ ସମ୍ପର୍କ। କଟକ ବାପାଙ୍କଠାରୁ ହିଁ ଆମେ ଜାଣିଲୁ ଯେ ଧନେଶ୍ୱର ଏକ ପିତୃମାତୃହୀନ ଅସହାୟ ବାଳକ। ଆଶ୍ରିତ ଅଛି ନରହରି ଦାସଙ୍କ ଘରେ। ତା'ର ଏକ ଭଉଣୀ ଥିଲା ଗାଁରେ, ଘର ପୋଡ଼ିରେ ସେ ବି ଚାଲିଗଲା। ଏତେ ବଡ଼ ଦୁନିଆରେ ଧନେଶ୍ୱର ଏକା, ହେଲେ ଧରିତ୍ରୀ ମାଆ, କେବେ କାହାକୁ ଏକଲା ରଖେ ନାହିଁ; କେଉଁଠି ନାଁ କେଉଁଠି ସେ ଯୋଡ଼ିଦେଇଥାଏ। ସ୍ଥୂଳ ଓ ସୂକ୍ଷ୍ମ ଭାବରେ ମଧ୍ୟ। ଧନେଶ୍ୱର ବହୁଦିନୁ ନରହରି ଦାସଙ୍କ ଘରେ ଆଶ୍ରା ପାଇ ଏକାଦଶ ଶ୍ରେଣୀରେ ପଢୁଥିଲା।

କଟକ ବାପାଙ୍କର ବଦଳି ହେଇଗଲା ବ୍ରହ୍ମପୁର। ଆମେ ସବୁ ଆସିଲୁ ବ୍ରହ୍ମପୁର। ବ୍ରହ୍ମପୁରରେ ଦେଢ଼ବର୍ଷ ରହିଲା ପରେ କଟକ ବାପା ଅବସର ନେଲେ। ଆମେ ପୁରୀ ଆସି ଆମ ନିଜ ଘରେ ରହିଲୁ।

ସମୟ ଦଉଡୁଥାଏ ଆଗକୁ ଆଗକୁ। କେତେ କଥା ହଜାଏ, କେତେ ଦୃଶ୍ୟ ଦେଖାଏ। ପୁରୀରେ ମୋ ସାନଭାଇ ଦୁହେଁ ପୁରୀ ଜିଲ୍ଲା ସ୍କୁଲରେ ପଢ଼ିଲେ। ଅନୁଗୁଳ ହାଇସ୍କୁଲରୁ ମୋ ପାଠ ପଢ଼ା ବନ୍ଦ ହେଲା।

**ଭେଟହେଲେ ଧନେଶ୍ୱର**

ଦିନେ ସନ୍ଧ୍ୟାରେ ସାନ୍ଧ୍ୟ ଭ୍ରମଣ ସାରି କଟକ ବାପା ଘରେ ଆସି କହିଲେ, ଆଜି ଧନେଶ୍ୱର ଦେଖାହେଲା ବଜାରରେ। ସେ ଏଠି ପୁରୀ କଲେଜରେ ଆଇ.ଏସ୍.ସି. ପଢୁଛି। ଗୋଟେ ଟିଉସନ ଖୋଜିଦବାକୁ କହୁଥିଲା ଯେ, ତାକୁ କହିଲି, ଆମ ପିଲାଙ୍କୁ ଆସି ପଢ଼ାଅ, କାଲିଠୁ ସେ ଆସିବ। ଟୁନା ଓ ଖୁକୁ ତା' ପାଖେ ପଢ଼ିବେ।

ଧନେଶ୍ୱର ଯେ ନରହରି ଦାସଙ୍କ ଘରେ ଆଶ୍ରିତ ରହି ପଢୁଥିଲା, ଏବେ ପୁରୀ ଆସି ପୁରୀ କଲେଜରେ ପଢୁଚି। ଖର୍ଚ୍ଚ ଉଠାଇବା ପାଇଁ ଟିଉସନ ହିଁ ତା'ର ସମ୍ବଳ। କଟକ ବାପା ଭାରି ଖୁସି ଯେ ଚିହ୍ନା ପିଲାଟା ପଢ଼ାଇବ। ଧନେଶ୍ୱର ମଧ୍ୟ ଖୁସି ଯେ ସେ ଜଣେ ଅତି ପରିଚିତ ଲୋକ ପିଲାଙ୍କୁ ପଢ଼ାଇବ। କଟକ ବାପା ଧନେଶ୍ୱରର ଉଚ୍ଚାଭିଳାଷର ଉଦାହରଣ ଟୁନା ଓ ଖୁକୁଙ୍କୁ ବହୁବାର କହି ପ୍ରେରଣାୟିତ କରୁଥିଲେ।

ଧନେଶ୍ୱର ନିତି ସନ୍ଧ୍ୟାରେ ଆମ ଘରକୁ ଆସି ପଢ଼ାଇଲେ। ମାସକୁ ଦରମା ମାତ୍ର କୋଡିଏ ଟଙ୍କା। ସକାଳେ ଓ ଅପରାହ୍ଣରେ

ସେ ଆଉ କେତୋଟି ଟିଉସନ ମଧ୍ୟ ଧରିଥିଲେ।

ଦିନ ଗଡ଼ି ଯାଉଥିଲା। ଧନେଶ୍ୱର ଥିଲେ ସରଳ, ସାଦାସିଧା। ସ୍କୁଲ ଜୀବନରେ ଯେମିତି ଧୋତି ଓ ହାଫସାର୍ଟଟିଏ ପିନ୍ଧୁଥିଲେ, ଏବେ ମଧ୍ୟ ପରିଧାନ ସେଇ ଧୋତି ଓ ହାଫସାର୍ଟ। ସେ ରହୁଥିଲେ ମାର୍କେଟ ଛକର କେଉଁ ଏକ ମେସ୍‌ରେ। ସେ ମେସ୍‌ରେ କେତେଜଣ ଛାତ୍ର ରହୁଥିଲେ। ମେସ୍‌ରେ ଦି'ଥର ଖାଇବା ବ୍ୟବସ୍ଥା ଥିଲା- ମଧ୍ୟାହ୍ନ ଓ ରାତି ବେଳେ। ଜଳଖିଆ ପିଲାଏ ନିଜ ଖର୍ଚ୍ଚରେ ତୁଲାଉଥିଲେ। ଖର୍ଚ୍ଚାଭାବରୁ ଧନେଶ୍ୱର କେବଳ ମଧ୍ୟାହ୍ନ ଓ ରାତ୍ରି ଭୋଜନରେ ଚଳୁଥିଲା। ଟିଉସନରେ ଯେତିକି ରୋଜଗାର କରୁଥିଲା, ପଣିଖର୍ଚ୍ଚ ଯାଇ ଗୁଜୁରାଣ ମେଣ୍ଟାଇବା ପାଇଁ ନିଅଣ୍ଟ ହେଉଥିଲା।



ଧନେଶ୍ୱର ଆମ ଘରେ ଆସି ପଢ଼ାଇଲେ ମୋ ସାନଭାଇ ଦୁହିଁଙ୍କୁ। ସବୁଦିନ ସନ୍ଧ୍ୟାରେ ଆସନ୍ତି ଦି'ଘଣ୍ଟା। ପଢ଼ାନ୍ତି ଚାଲିଯା'ନ୍ତି। ସନ୍ଧ୍ୟାରେ ତାଙ୍କୁ ଯେଉଁଦିନ ଯାହା ଜଳଖିଆ ଦିଆଯାଉଥିଲା ତାଙ୍କୁ ସେ ଖୁବ୍ ଖୁସିରେ ଖାଉଥିଲେ।

ଖରା ଛୁଟି ହେଲା, ସ୍କୁଲ କଲେଜ ବନ୍ଦ ହେଲା। ବୋଉ କହିଲା- ଧନେଶ୍ୱର ! ଛୁଟି ପରେ ଗାଁକୁ ଯିବ ?

ସେ ମନା କଲେ, କହିଲେ, ଗାଁରେ ଘର ତ ପୋଡ଼ିଯାଇଚି। କେହି ବି ନାହିଁ ନିଜର। ମୁଁ ଯିବି ନାହିଁ।

ଟିଉସନ କରିବାକୁ ଆସନ୍ତି ନିତି ସନ୍ଧ୍ୟାରେ, ସେଦିନ କହିଲେ, ଟୁନା ଗ୍ଲାସେ ପାଣି ଆଣିଲୁ।

ଟୁନା ତାଙ୍କୁ ପାଣି ଆଣିଦେଲା। ସେ ପିଇସାରି ହାଇ ମାରିଲେ। ଭାରି ଥକ୍କା ଦିଶୁଥିଲେ। ହାଲିଆ, ହାଲିଆ, ସପ ଉପରେ ବସି ପଢ଼ାଇଲା ବେଳେ ସେ କହିଲେ, ମୁଣ୍ଡଟା ବୁଲାଇ ଦେଉଚି, ତୁ ଅଙ୍କ କରୁଥା, ମୁଁ ଟିକେ ଏଇଠି ଗଡ଼ି ପଡୁଚି।

ସେ ସେଇଠି ସପ ଉପରେ ଶୋଇ ପଡ଼ିଲେ, ଟୁନା ତାଙ୍କର ଏ ଆଲଜିଆ ଅବସ୍ଥା ଦେଖି ତରତର ହେଇ ଯାଇ ବୋଉକୁ ଡାକି ଆଣିଲା।

ବୋଉକୁ ଦେଖି ସେ ଉଠିପଡୁଥିଲେ। ବୋଉ ତାଙ୍କୁ ଶୁଆଇ ଦେଇ କହିଲା, ମୁଣ୍ଡ ବୁଲାଉଚି ତ ଶୋଇପଡ଼। ମୁଁ ତମ ପାଇଁ ଥଣ୍ଡା ଦହି ସର୍ବତ ଆଣୁଚି। ଦେହ ଭଲ ଲାଗୁ ନ ଥିଲା, କାଇଁକି ଆସିଲ କହିଲ, ନିଜ ଦେହ ଆଗ; ଆଉ ସବୁ ପଛ।

**କିଛି ଖାଇନି**

ବୋଉ ସର୍ବତ ଆଣିବାକୁ ଚାଲିଗଲା, ବୋଉ ଚାଲିଗଲା ପରେ, ଧନେଶ୍ୱର କହିଲେ, ମୋ ଦେହ ଠିକ୍ ଅଛି ଯେ, କଥା କ'ଣ କି ମେସ୍ ତ ଚାଲୁନି, ପିଲା ଘରକୁ ଚାଲିଗଲେ। ମୁଁ ତିନିଦିନ ହେଲା କିଛି ଖାଇନି, କାଲି ସନ୍ଧ୍ୟାରେ, ସେଇ ଯେଉଁ ପୋଡ଼ପିଠା ଦି'ଖଣ୍ଡ ଖାଇଥିଲି ସେତିକି।

ଏକଥା ଶୁଣି ଟୁନା ତଳକୁ ଧାଇଁଗଲା ବୋଉକୁ କହିବାକୁ।

ମୁଁ ବି ତାଙ୍କୁ ଭାଇ ବୋଲି ଡାକୁଥିଲି। ମୁଁ ନୂଆ ନୂଆ କବିତା ଲେଖୁଥାଏ ଓ ମୋର ସେତେବେଳେ ପ୍ରଜାତନ୍ତ୍ର, ଆସନ୍ତା କାଲି, ଯୁଗଭାରତୀ, ନବଜୀବନ ଆଦି ପତ୍ରିକାରେ କବିତା ବାହାରୁଥାଏ। ସେ ପଢ଼ି କରି ଖୁସି ହୁଅନ୍ତି, କହନ୍ତି, ମୁଁ ଲେଖିପାରେନି ସିନା। ପଢ଼ିବାକୁ ମତେ ଭଲ ଲାଗେ। ମୁଁ ଗପ ବହି ଖୁବ୍ ପଢ଼େ।

ଟୁନାଠାରୁ ଶୁଣି ମୁଁ ଯାଇ ତାଙ୍କୁ କହିଲ, ତମେ ତିନିଦିନ ହେଲା ଓପାସ ଅଛ। ଅଥଚ ପଢ଼ାଇବାକୁ ଆସୁଚ। ଏଇଟା ଆମ ପ୍ରତି କେତେ ବଡ଼ ଅପମାନ କହିଲ ? ଆମେ କ'ଣ ଏତେ ଅକ୍ଷମ ?

ସତରେ ମତେ ଭାରି ରାଗ ଲାଗୁଥିଲା। ଏତିକି ବେଳେ ବୋଉହାତରେ ପୁଳିପିଠା ଗୋଟିଏ ଆଣି ଥାଳିଆ ତାଙ୍କ ପାଖରେ ରଖିଲା। କହିଲା, ଏତକ ଖାଇଦିଅ। ରାତିରେ ଖେଚେଡ଼ି ଡାଲମା ଖାଇଦେଇ ଯିବ। ହଁ, ବାପା କହିଛନ୍ତି, ତମେ କାଲିଠୁ ଦି'ଓଳି ଆମ ଘରେ ଖାଇଦେଇ ଯିବ, ମେସ୍ ଚାଲିଲେ ମଧ୍ୟ।

ତା'ପରେ ବୋଉ ତାଙ୍କୁ ଭାରି ବିରକ୍ତ ହେଲା। କହିଲା, ତମକୁ ଆମେ ନିଜର ଭାବୁଚୁ, ତମେ ଆମକୁ ପର ଭାବୁଚ ? ତିନିଦିନ ହେଲା ଓପାସ ଅଛ, ମତେ କହିନ। ମୁଁ ଚଣ୍ଡାଳ ବି କେମିତି ଜାଣିପାରିଲିନି। ତମେ ମତେ ମା' ବୋଲି ଡାକ; ଅପରାଧ ମୋର।

ଧନେଶ୍ୱର ବ୍ୟସ୍ତ ହେଇ କହି ଉଠିଲେ, ନାଇଁ, ମା, ସେମିତି

କହନ୍ତୁ ନାହିଁ। ମୁଁ ଗୋଟେ କୁଣ୍ଠିତ ସ୍ୱଭାବର ପିଲା, କିଛି କହିପାରେ ନାହିଁ। ଆପଣ ମତେ କ୍ଷମା କରନ୍ତୁ।

ସେଇଦିନଠାରୁ ଧନେଶ୍ୱର ଦି'ଓଳି ଆମ ଘରେ ଖାଇ ଦେଇଯାନ୍ତି, ପିଲାଙ୍କୁ ପଢ଼ାନ୍ତି।

ସମୟ ଗଡ଼ି ଚାଲିଲା। କେତେ ବର୍ଷ ଗଡ଼ିଗଲା କେଜାଣି।

ସେଥର ବୋଉ କଟକ ବଡ଼ ଡାକ୍ତଖାନାରେ ଚିକିତ୍ସିତ ହେଉଥିବା ମାମୁଙ୍କୁ ଦେଖିବାକୁ ଆସିଥିଲା। ମୋର ବାହାଘର ସରିଯାଇଥାଏ ଓ ମୁଁ କଟକର ଚାଉଳିଆଗଞ୍ଜରେ ରହୁଥାଏ। ବୋଉ ମାମୁଙ୍କୁ ଦେଖିବାକୁ ଆସି ମତେ ସାଙ୍ଗରେ ନେଇ ପୁରୀ ଫେରୁଥାଉ ଟ୍ରେନ୍‌ରେ।

**ମୁଁ ଭାବୁଥିଲି, ଥଳକୂଳ ନ ଥିବା ନଈରେ ଝରାଫୁଲଟିଏ ଓଲଟା ଢେଉ ସହ ସଂଘର୍ଷ କରି ଆଜି କୂଳରେ ଲାଗିଚି।**

### ଟ୍ରେନ୍‌ରେ ମାଷ୍ଟରବାବୁ

ହଠାତ୍ ଜଣେ ଯୁବକ ଟୁନାକୁ ଚାହିଁ କହିଲା, ତମେ ଟୁନା ନାଁ? ଟୁନା ହଠାତ୍ ଢେଙ୍ଗା ହୋଇ ଯାଇଥିଲା।

ଟୁନା କହିଲା ମାଷ୍ଟରବାବୁ! ନମସ୍କାର!!

ବୋଉ ଓ ମୁଁ ମୁହଁ ଟେକି ଚାହିଁଲୁ। ସାମ୍ନାରେ ଧନେଶ୍ୱର। ଆଉ ଧୋତି ସାର୍ଟ ନୁହଁ। ଫୁଲ୍‌ପ୍ୟାଣ୍ଟ ଓ ବୁଶ୍‌ସାର୍ଟ ପିନ୍ଧିଚନ୍ତି, ହାତରେ ଘଣ୍ଟା, ଆଖିରେ ଚଷମା। ସେ ନଇଁପଡ଼ି ବୋଉର ପାଦ ସ୍ପର୍ଶ କଲେ।

ବୋଉ ତାଙ୍କୁ କହିଲା, ତମକୁ ଦେଖି ଖୁସୀ ଲାଗିଲା ଧନେଶ୍ୱର, ହେଲେ ତମେ ତ ଆମକୁ ପୂରା ଭୁଲିଗଲ।

ସେ ବ୍ୟସ୍ତ ହେଇ କହିଲେ, ନାଇଁ, ମା' କିଛି ଭୁଲିନି, ନିଜର ସ୍ଥିତିର ଭିତ୍ତି ପକାଇବା ପାଇଁ ସଂଗ୍ରାମରେ ମୁଁ ପେଷି ହେଇ ଯାଉଚି। ସେଦିନଠୁ ମୁଁ ପୁରୀ ଯାଇ ନାହିଁ। ଖୁବ୍ ସଂଘର୍ଷ କରିଚି ମା'! କୂଳରେ ଲାଗିବା ପାଇଁ। ଆପଣଙ୍କ କଲ୍ୟାଣରୁ ମୁଁ ଏବେ ମେଡିକାଲର ଶେଷ ବର୍ଷର ଛାତ୍ର। ପଢ଼ା ସରିଥିଲେ, ନିଶ୍ଚେ ଆପଣଙ୍କୁ ଦେଖା କରିଥାନ୍ତି, ଆଜି ଗୋଟେ କାମରେ ଯାଉଚି।

ବୋଉ ଯେ ଖୁବ୍ ଖୁସି ହେଇଗଲା, ଏକଥା ତା' ଆଖିରୁ ମୁହଁରୁ, ଜଣାପଡୁଥିଲା। ସେ କହିଲା, ତମ କଥା ଯା ବାପା ପରା ସବୁବେଳେ କହନ୍ତି, ଉଚ୍ଚ ଆଶା କରିବା ଓ ସେ ଆଶାକୁ ପୂରଣ କରିବା ପାଇଁ ନିଷ୍ଠା ଓ ଏକାଗ୍ରତା ବଜାୟ ରଖିବା, ଏହା ହିଁ ସଫଳତାର ଆଧାରଶିଳା।

ଧନେଶ୍ୱର ଆଖିରେ, ଆନନ୍ଦର ଝଲକ। ମୁଁ ଭାବୁଥିଲି, ଥଳକୂଳ ନ ଥିବା ନଈରେ ଝରାଫୁଲଟିଏ ଓଲଟା ଢେଉ ସହ ସଂଘର୍ଷ କରି ଆଜି କୂଳରେ ଲାଗିଚି। ଧନେଶ୍ୱର ଭାଇ ତା'ର ପ୍ରମାଣ।

ଧନେଶ୍ୱର ମତେ ଚାହିଁ କହିଲେ, ଏବେ ଲେଖୁଚ ତ?

ମୁଁ ହସିଲି। ସେ କହିଲେ କଟକରେ ରହୁଚ, ଦିନେ ତମ ଘରକୁ ଯାଇ, ତମ ବାହାଘର ଭୋଜି ଆଦାୟ କରିବି!!

ମୁଁ ହସି ହସି ସ୍ୱାଗତ ଜଣାଇଲି।

□□

ଲେଖିକାଙ୍କ ଇ-ମେଲ ଠିକଣା:
banajadevi2012@gmail.com



ପ୍ରବନ୍ଧ


# ଓଡ଼ିଆ ପୋଥି ସମ୍ପାଦନା - ଏକ ବିବେଚନା



ଡ. ଦେବୀପ୍ରସନ୍ନ ପଟ୍ଟନାୟକ

ଓଡ଼ିଆରେ ମୌଖିକ ସାହିତ୍ୟ ଓ କାଗଜରେ ଛପା ସାହିତ୍ୟ ମଧ୍ୟରେ ପୋଥି ସମ୍ପାଦନା ହେଉଛି ସେତୁ। ମୁଁ ଓଡ଼ିଆ ପୋଥି ସମ୍ପାଦନା ପ୍ରତ୍ୟକ୍ଷ ଭାବରେ କରିନାହିଁ, କିନ୍ତୁ ପରାମର୍ଶଦାତା ଭାବରେ କାମ କରିଛି।

ଓଡ଼ିଆ ସାହିତ୍ୟରେ ଶୁଦ୍ଧପାଠ ଓ ଶୁଦ୍ଧ ସଂସ୍କରଣର ଆଦ୍ୟ ପ୍ରବର୍ତ୍ତକ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତି ଏବଂ ପ୍ରାମାଣିକ ସଂସ୍କରଣର ଶେଷ ପ୍ରବର୍ତ୍ତକ ଅଧ୍ୟାପକ କୃଷ୍ଣଚରଣ ସାହୁଙ୍କ ସହ ଘନିଷ୍ଠତା ମୋତେ ପୋଥିପାଠ ପ୍ରତି ଆକର୍ଷିତ କରିଥିଲା। ମୁଁ ଲେଖିଥିବା 'ପୁଷ୍ପିକା' ଶୀର୍ଷକ ପ୍ରବନ୍ଧ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବୋଲି ମୁଁ ମନେକରେ। ଏହାକୁ ଇଂରାଜୀରେ ଅନୁବାଦ କରି ଶ୍ରୀ ଅଜିତ ନାୟକ ଗୋଟିଏ ଆନ୍ତର୍ଜାତିକ ପ୍ରକାଶନରେ ସ୍ଥାନିତ କରିଛନ୍ତି।



## ଆର୍ତ୍ତବାବୁଙ୍କ ସମ୍ପାଦନା

ଆର୍ତ୍ତବାବୁଙ୍କ ସମ୍ପାଦନା ବିଷୟରେ ଗୋଟିଏ ଅନୁଭବର କଥା କହୁଛି। ପଚାଶ ଦଶକରେ ଆଦ୍ୟ ପାଦର କଥା। ମୁଁ ଶାନ୍ତିନିକେତନରେ ଅଧ୍ୟାପକ କାର୍ଯ୍ୟରେ ଯୋଗ ଦେଇଥାଏ। ଛୁଟିରେ କଟକ ଆସିଥିଲା ବେଳେ ଚାଲିଚାଲି ଘରକୁ ଫେରୁଛି। ହଠାତ୍ ବାଟରେ ଆର୍ତ୍ତବାବୁଙ୍କ ସହ ଦେଖା। ମୋତେ କହିଲେ, ଓଡ଼ିଶାର ସମସ୍ତେ ସାରଳା ମହାଭାରତ ସମ୍ପାଦନା ଦେଖିବାକୁ ଆସିଛନ୍ତି। ଏକମାତ୍ର ତୁମକୁ ଛାଡ଼ି। ମୁଁ କହିଲି ସାର୍, ମୁଁ ଶାନ୍ତିନିକେତନରୁ ଦିନେ ଦି'ଦିନ ଛୁଟିରେ ଆସିଲେ ଗାଁ କଟକ ହେଇ ସମୟ ଚାଲିଯାଏ। ଆପଣ ବ୍ୟସ୍ତ ଲୋକ। ଆପଣଙ୍କ ସମୟ ଜାଣି ଯିବାକୁ ବେଳ ପାଇନାହିଁ। ବର୍ତ୍ତମାନ ଯଦି ଆପଣଙ୍କର ଖାଲି ସମୟ ଅଛି ମୁଁ ଆସିବି। ସେତେବେଳକୁ ଆମେ ତାଙ୍କ ଘର ପାଖରେ ପହଞ୍ଚିଯାଇଥିଲୁ। ମୁଁ ତାଙ୍କ ସାଙ୍ଗରେ ଗଲି। ସେ ଘଣ୍ଟାଏ ଖଣ୍ଡେ ମତେ ତାଙ୍କର ପୋଥିସବୁ ଦେଖେଇଲେ ଓ ସମ୍ପାଦନା ବିଷୟରେ କହିଲେ। ଶେଷରେ ମୁଁ ପଚାରିଲି, ଆପଣ ଏପରି ଗୋଟିଏ କଥା କହନ୍ତୁ ଯାହା ମନେ ରଖିବା ଭଳି ହେବ। ସିଏ କହିଲେ, ଏ ପର୍ଯ୍ୟନ୍ତ କେହି ହେଲେ କୌରବଙ୍କ ଶହେଭାଇଙ୍କ ନାଁ ଦେଇନାହାନ୍ତି, ମୁଁ ଦେଇଛି। ମୁଁ ପଚାରିଲି, ତେବେ ଆପଣ କୋଉ ପୋଥିରୁ ଏଇସବୁ ନାଁ ପାଇଲେ ? ସିଏ କହିଲେ, କୌଣସି ଗୋଟିଏ ପୋଥିରେ ନାହିଁ। ମୁଁ ବହୁପୋଥି ଘାଣ୍ଟି ଘାଣ୍ଟି ଗୁଡ଼ିଏ ନାଁ ସଂଗ୍ରହ କଲି। ଶହେ ପୂରିଯିବାରୁ ଆଉ ଖୋଜିବା ବନ୍ଦ କରିଦେଲି। ମୁଁ କହିଲି, ଇଏ କଅଣ ସମ୍ପାଦନା? ସିଏ ଟିକିଏ ହସିଦେଲେ।

ଏଇ ଶୁଦ୍ଧ ଅଶୁଦ୍ଧ ସଚେତନତା ପୋଥିଲେଖା ଆରମ୍ଭରୁ ଅଛି। ଗୋଟିଏ ପୋଥିର ପୁଷ୍ପିକାରେ ଅଛି, 'ଶୁଧ ଅଶୁଧ ପୁରୋଇ ଗାଇବ। ଲେଖନକାରର ଦୋଷ ନ ଧରିବ।' ଅନ୍ୟ ଗୋଟିଏ ପୁଷ୍ପିକାରେ ଅଛି,

'ଭୀମସ୍ୟାପି ରଣେ ଭଙ୍ଗ ମୁନୀରପି ମତିଭ୍ରମ,
ଯଦି ଶୁଦ୍ଧମଶୁଦ୍ଧବା ମମଦୋଷ ନ ବିଦ୍ୟତେ।'

## ଶୁଦ୍ଧ ଅଶୁଦ୍ଧ ବିବାଦ

ଏଇ ଶୁଦ୍ଧ ଅଶୁଦ୍ଧ ବିବାଦରେ କିଏ ବନାନ ଅଶୁଦ୍ଧି କଥା କହିଲା ବେଳେ କିଏ ଶୁଦ୍ଧବିନ୍ୟାସ, ବାକ୍ୟ ରୀତି ଓ ଅର୍ଥ ବିଭ୍ରାଟ କଥା କହିଲେଣି। ଅକ୍ଷର ଏପଟ ସେପଟ ହୋଇଗଲେ ଅର୍ଥ ବଦଳିଯିବାର ଉଦାହରଣ ପାଇଁ ବୈଷ୍ଣବ ମହାନ୍ତିଙ୍କର 'ଲେଖି ନ ଜାଣି ଅକ୍ଷର ଦୋଷ' ବହି ଦେଖନ୍ତୁ। ଶୁଦ୍ଧ ପାଠ ବିଷୟରେ ପ୍ରଫେସର କୃଷ୍ଣଚରଣ ସାହୁ ରଚନା ସମ୍ଭାର-୫ ବିବିଧ ପ୍ରବନ୍ଧ-୧ 'ପ୍ରାମାଣିକ ସାରଳା ମହାଭାରତ' ପ୍ରବନ୍ଧ ଦେଖନ୍ତୁ।

ଭାରତୀୟ ଭାଷାମାନଙ୍କର ଶବ୍ଦଭଣ୍ଡାରକୁ ତତ୍ସମ, ତଦ୍ଭବ, ଦେଶଜ, ବୈଦେଶିକ ଭେଦରେ ବୈୟାକରଣମାନେ ବିଭାଗ କରିଛନ୍ତି। ଏଇଠି ଭୁଲିଗଲେ ଚଳିବ ନାହିଁ ଯେ ଛ'ଟି ଭାଷା ପରିବାର, ଭାରତୀୟ ଆର୍ଯ୍ୟ, ଦ୍ରାବିଡ଼, ଆଷ୍ଟ୍ରୋ-ଏସିଆଟିକ,

ତିବ୍‌ବତୀ-ଚୀନ, ନାହାଲି, ଆଣ୍ଡାମାନ-ନିକୋବରୀଜର ସମନ୍ୱୟରେ ଭାରତୀୟ ଭାଷାମାନଙ୍କର ଶବ୍ଦଭଣ୍ଡାର ସମୃଦ୍ଧ। ଓଡ଼ିଆ ଭାଷାରେ ମଧ୍ୟ ଏହି ଭାଷାମାନଙ୍କର ଶବ୍ଦ ଅଙ୍କେ ବହୁତେ ଅଛି। ତେଣୁ ଶୁଦ୍ଧ ଅଶୁଦ୍ଧ ବିଚାରରେ କିଏ ଶୁଦ୍ଧ, କିଏ ଅଶୁଦ୍ଧ ?

ଭାଷା ତ ଦୂରର କଥା, ରାମାୟଣ ବା ମହାଭାରତ ପରି ଗୋଟିଏ ଗୋଟିଏ ଗ୍ରନ୍ଥର ଶବ୍ଦ ସଂକଳନ ଓ ବିଶ୍ଳେଷଣ କରିବା ଦୁରୂହ ବ୍ୟାପାର। ପ୍ରଥମତଃ ପୋଥିର ସଂଖ୍ୟା। ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଲେଖା ହୋଇଥିବା ଗ୍ରନ୍ଥରେ କେବଳ ସ୍ଥାନୀୟ ଶବ୍ଦର ପ୍ରୟୋଗ ନୁହେଁ, ସ୍ଥାନୀୟ କିମ୍ବଦନ୍ତୀ ଯୋଗ ଦ୍ୱାରା କଳେବର ବୃଦ୍ଧି ଶୁଦ୍ଧ ଅଶୁଦ୍ଧ ବିଷୟରେ ବହୁ ସମସ୍ୟା ସୃଷ୍ଟି କରେ।

**ଅସମ୍ଭବ ବ୍ୟାପାର**

ଗୋଟିଏ ଭାଷାର ଅଭିଧାନ କରିବା ଏକ ଅସମ୍ଭବ ବ୍ୟାପାର ପରି ମନେହୁଏ। ପୁନାରେ ସଂସ୍କୃତ ମହାଭାରତ ସମ୍ପାଦନାରେ ୩୯ ବର୍ଷ ବିତିଗଲା। ପୁନା ଡେକାନ କଲେଜରେ ସଂସ୍କୃତ 'ଡିକ୍ସନାରୀ ପ୍ରୋଜେକ୍ଟ' ପଚାଶ ବର୍ଷ ପରେ ଏବେ ବି ଅସମ୍ପୂର୍ଣ୍ଣ। ଗବେଷକମାନଙ୍କର ଅହଂକାର ଯୁଦ୍ଧର ଏହା ପରିଣତି। ୧୯୭୦ ଦଶକରେ 'ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ' ଅଧ୍ୟକ୍ଷ ପ୍ରଫେସର ସିଏନ୍‌ଆର୍ ରାଓଙ୍କ ସହାୟତାରେ ଆମେ ଭାରତରେ ପ୍ରଥମ 'କମ୍ପ୍ୟୁଟେସନାଲ ଲିଙ୍ଗୁଇଷ୍ଟିକ୍‌ସ କୋର୍ସ' ଦେଇଥିଲୁ। କିନ୍ତୁ କେତେକ ଆଇଆଇଟି, ଏମ୍‌ଆଇଟି ଛଡା କୌଣସି ବିଶ୍ୱବିଦ୍ୟାଳୟରେ ଏହା ଚେର ଧରିଲା ନାହିଁ।

ସେହି ସମୟରେ ଟିଡ଼ିଆଇଏଲ୍‌ର ପ୍ରତିଷ୍ଠା ସାଙ୍ଗେ ସାଙ୍ଗେ ଭାରତ ବର୍ଷରେ କର୍ପୋରା ପ୍ରୋଜେକ୍ଟ ଆରମ୍ଭ କରେଇଥିଲି। ଓଡ଼ିଶାରେ କୌଣସି ଆଗ୍ରହ ନ ଥିଲା। ତେଣୁ ଓଡିଶା, ବଙ୍ଗଳା ଓ ଆସାମ ପାଇଁ ଭୁବନେଶ୍ୱରରେ ଆଞ୍ଚଳିକ ଅଫିସ ଖୋଲି, ଟିଡ଼ିଆଇଏଲ କେନ୍ଦ୍ରୀୟ କମିଟିରୁ ଇସ୍ତଫା ଦେଇ କର୍ପୋରା ପ୍ରସ୍ତୁତି ଆରମ୍ଭ କରେଇଲି। ସେହି ପ୍ରୋଜେକ୍ଟରୁ ଉତୁରିଥିବା ଡକ୍ଟର ନୀଳାଦ୍ରି ଶେଖର ଦାସ 'ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ୍ ଇନ୍‌ଷ୍ଟିଚ୍ୟୁଟ୍'ରେ ଥିବା ଏକମାତ୍ର 'କପର୍ସ ଲିଙ୍ଗୁଇଷ୍ଟିକ୍‌ସ୍' ବିଭାଗର ଅଧ୍ୟକ୍ଷ। ପ୍ରତି ଭାରତୀୟ ଭାଷାରେ ୩୦ଲକ୍ଷ ଶବ୍ଦର ଭଣ୍ଡାର ବା କର୍ପସ୍ ତିଆରି କରିବା ଲକ୍ଷ୍ୟ ରଖାଯାଇଥିଲା। ମୁଁ ଛାଡ଼ିଗଲା ପରେ ପ୍ରୋଜେକ୍ଟ ବନ୍ଦ ହୋଇଗଲା। ପ୍ରୋଜେକ୍ଟ ବନ୍ଦ ହୋଇଗଲା ପରେ ସମସ୍ତ ତଥ୍ୟ (ଡାଟା) ସିଆଇଆଇଏଲ୍‌କୁ ଯିବା କଥା। କିନ୍ତୁ ଓଡ଼ିଆ ଡାଟା ହଜିଗଲା। ସୃଜନିକାର ଅଧ୍ୟକ୍ଷ ନିଖିଳ ମୋହନ ପଟ୍ଟନାୟକଙ୍କ କେତେବର୍ଷ ଖୋଜାଖୋଜି ପରେ ଫ୍ରାନ୍ସର ଗୋଟିଏ ଲାବୋରେଟୋରିରୁ ୮ଲକ୍ଷ ଶବ୍ଦ ପାଇଲେ। ତାକୁ ପରିଚ୍ଛନ୍ନ କରି ବ୍ୟବହାର ଉପଯୋଗୀ ୨ଲକ୍ଷ ଶବ୍ଦ ବାହାର କଲେ। କିନ୍ତୁ ଆଜି ଯାଏ ତାହା ବ୍ୟବହାର କରିବା ଲୋକ ବାହାରିଲେ ନାହିଁ।

ଉତ୍କଳ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଭାଗରେ ଏ ବିଷୟରେ କାମ କରିବାକୁ ଚେଷ୍ଟା କଲାବେଳେ ଦେଖାଗଲା ଯେ ନାଚୁରାଲ ଲାଙ୍ଗୁଏଜ ପ୍ରୋସେସିଂ (ଏନ ଏଲ ପି) ବିଷୟରେ ଜ୍ଞାନ ଥିବା କିମ୍ବା ଆଗ୍ରହ ଥିବା ଅଧ୍ୟାପକଙ୍କ ଅଭାବ।

> **ଆମ ଭାଷାରେ ଶୁଦ୍ଧ ଅଶୁଦ୍ଧ ବିଚାରରେ କିଏ ଶୁଦ୍ଧ, କିଏ ଅଶୁଦ୍ଧ ?**

ଭାରତରେ ଭାଷା ବିଜ୍ଞାନର ଦୁର୍ଦ୍ଦଶା ଦେଖିଲେ କାନ୍ଦ ମାଡ଼େ। ଓଡ଼ିଶାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ସଂସ୍କୃତି ବିଶ୍ୱବିଦ୍ୟାଳୟର ଭାଷା ବିଜ୍ଞାନ ବିଭାଗ ବିଲୁପ୍ତ ପଥରେ। ଏବେ ଉଭୟ ସ୍ଥାନରେ ଅଣଓଡ଼ିଆ ଭାଷାବିଜ୍ଞାନ ଛାତ୍ରଙ୍କୁ ଅଧ୍ୟାପକ ନିଯୁକ୍ତ କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ନୀଳାଦ୍ରି ଭୂଷଣ ଦାସଙ୍କୁ ଡାକି ଗୋଟିଏ ଟ୍ରେନିଙ୍ଗ ପ୍ରୋଗ୍ରାମ କରାଯାଇଥିଲା। ଦୁଇଟି ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଥିଲା। କିନ୍ତୁ ସେ କୁଆଡ଼େ ଗଲା ମୁଁ ଜାଣେ ନାହିଁ। ନୀଳାଦ୍ରିଙ୍କୁ ଡାକି 'ସୋଆ'ରେ ଗୋଟିଏ କାର୍ଯ୍ୟକ୍ରମ କରାଯାଇଥିଲା। କିନ୍ତୁ ତାହାର ପରିଣତି ବିଷୟରେ ମୋର ଧାରଣା ନାହିଁ।

ଏବେ କମ୍ପ୍ୟୁଟର ପ୍ରୟୋଗ କ୍ଷେତ୍ରରେ ବହୁତ କାମ ହେଉଛି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରୟୋଗ ଫଳରେ ଅଳ୍ପ ସମୟ ମଧ୍ୟରେ ବହୁ ତଥ୍ୟର ସଂକଳନ, ବିଶ୍ଳେଷଣ ଓ ସମ୍ପାଦନା କରିବା ସମ୍ଭବ ହୋଇପାରୁଛି। ବର୍ତ୍ତମାନ ସାରଳା ମହାଭାରତ ପରି ଗ୍ରନ୍ଥର ଶବ୍ଦଭଣ୍ଡାର (କର୍ପସ) ପ୍ରସ୍ତୁତ କରିବା ସ୍ୱପ୍ନ ସାର୍ଥକ ହେଲା ପରି ଦିଶୁଛି। ସେହିପରି ଗୋଟିଏ ଯୁଗର ଗ୍ରନ୍ଥମାନଙ୍କର କର୍ପସ ପ୍ରସ୍ତୁତ କରିବା ସମ୍ଭବ ହେଲା ପରି ଲାଗୁଛି। ଏହା କେବଳ ଭାଷାର ଐତିହାସିକ ବିକାଶ ଓ ବିବର୍ତ୍ତନ ନୁହେଁ, ସାହିତ୍ୟ ସମାଲୋଚନାରେ ମଧ୍ୟ ସହାୟକ ହେବ।

□□

ଲେଖକଙ୍କ ଇ-ମେଲ ଠିକଣା:
pattanayakdp@gmail.com

**ରମ୍ୟ ରଚନା**

# ଟିମ୍ ଡିଆଁ ପ୍ରିମିୟର ଲିଗ୍



ଡ. ଧର୍ମଛଡ଼ା

କାଲି ଆମେ ଛକରେ ବସି ତାସ୍ ଖେଳୁଛୁ ଖଡୁଆ କହିଲା ହାଲିଆ ଯାଇଥିବା ସାଧାରଣ ନିର୍ବାଚନ ସମୟରେ ଆମ ଓଡ଼ିଶାରେ ଆଇ.ଟି.ଡି.ପି.ଏଲ୍. ଖେଳ ଖୁବ୍ ଜମିଯାଇଥିଲା। ଆମେ ସମସ୍ତେ ଏକ ସ୍ୱରରେ କହିଲୁ ଆରେ ସେଇଟା ଆଇ.ଟି.ଡି.ପି.ଏଲ୍ ନୁହେଁ, ଆରେ ମୂର୍ଖ ତାହାକୁ ଆଇ.ପି.ଏଲ. ଖେଳ କୁହନ୍ତି। ଖଡୁଆ ଠୋ ଠୋ ହୋଇ ହସିବାକୁ ଲାଗିଲା କହିଲା ଆରେ ମୁଁ ଯଦି ମୂର୍ଖ, ତମେମାନେ ପାଠୁଆ ମୁର୍ଖ ଶୁଣ; ଏବେ ଆଇ.ପି.ଏଲ୍ ନୁହେଁ ଆଇ.ଟି.ଡି.ପି.ଏଲ୍ ଖେଳ ଚାଲିଥିଲା। ମୁଁ ସମସ୍ତଙ୍କୁ କହିଲି, ଖଡୁଆ କହୁଛି ମାନେ କଥାରେ କିଛି ଗୂଢ଼ତତ୍ତ୍ୱ ରହିଛି ତେଣୁ ସେ ଆଇ.ଟି.ଡି.ପି.ଏଲ୍ ଖେଳର ରହସ୍ୟ କ'ଣ କହୁ। ଖଡୁଆ କହିଲା ରହସ୍ୟ ଫହସ୍ୟ କିଛି ନାହିଁ, (ସମସ୍ତଙ୍କୁ ପଚାରିଲା) କହିଲ ଏବେ କେଉଁ ଋତୁ ଯାଇଛି ? ସମସ୍ତେ କହିଲେ ଗ୍ରୀଷ୍ମ ଋତୁ ଚାଲି ଯାଇଛି। ନାଇଁମ ଝାଳୁଆ ଋତୁ ଚାଲି ଯାଇଛି, କହି ଖଡୁଆ ଠୋ ଠୋ ହୋଇ ହସିବାକୁ ଲାଗିଲା। ମୁଁ କହିଲି ଖଡୁଆ ତୁ ମୟୂର ଚନ୍ଦ୍ରିକା ନ ଦେଇ ଯାହା କହିବୁ ସିଧା ସିଧା କହ।

**କିଏ କୋଣଠେସାର ଶିକାର ହୋଇ ଟିମ୍ ଡେଉଁଥିବା ବେଳେ, କିଏ ଖେଳିବାର ସୁଯୋଗ ନ ପାଇ ଟିମ୍ ଡିଆଁ ସାଜିଲେ ବୋଲି ସଫେଇ ଦେଲେ।**

## ନିର୍ବାଚନୀ ଖେଳଋତୁ

ଖଡୁଆ କହିଲା ହଁ ଏବେ ଝାଳୁଆ ଋତୁ ଯାଇ ନାଳୁଆ ଋତୁ ଅର୍ଥାତ୍ ବର୍ଷା ଋତୁ ଚାଲିଛି କିନ୍ତୁ ଆମ ଭାରତରେ ପ୍ରତି ପାଞ୍ଚବର୍ଷରେ ଥରେ ଗୋଟିଏ ନୂଆ ଋତୁ ଆସିଥାଏ ଯାହାକୁ ଆମେ ନିର୍ବାଚନୀ ଖେଳ ଋତୁ କହିଥାଉ। ସିଏ ଯେକୌଣସି ଋତୁରେ ପଡୁନା କାହିଁକି କିଛି ବିଶେଷଜ୍ଞ ତାକୁ ଦିନରେ ବସନ୍ତ ଆଉ ରାତିରେ ବାସନ୍ତୀ ସମ୍ପର୍କିତ ଚୋରା ପୀରତିର ଋତୁ ଅର୍ଥାତ୍ ଚୋରାବସନ୍ତ ଋତୁ କହିଥାନ୍ତି। ଏହି ଚୋରାବସନ୍ତ ଋତୁ ଆସିଲେ, ଆସିଯାଏ ଏକ ଅଘୋଷିତ ଜାତୀୟ ଖେଳ, ଯାହାକୁ ଆପଣମାନେ ଟିମ୍ ଡିଆଁ ବା ଦଳ ଡିଆଁ ବୋଲି କହିଥାନ୍ତି। ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟତା ହାସଲ କରିଥିବା ଆଇ.ପି.ଏଲ. ବା 'ଇଣ୍ଡିଆନ୍ ପ୍ରିମିୟର ଲିଗ୍' ପରି ଆଇ.ଟି.ଡି.ପି.ଏଲ୍. ବା 'ଇଣ୍ଡିଆନ ଟିମ୍ ଡିଆଁ ପ୍ରିମିୟର ଲିଗ୍' ବେଶ୍ ରୋମାଞ୍ଚକର ହୋଇଥାଏ। ଆଇ.ପି.ଏଲ. ଏବଂ ଆଇ.ଟି.ଡି.ପି.ଏଲ୍. ମଧ୍ୟରେ ଅନେକ ସାମଞ୍ଜସ୍ୟ ଥିଲେ ମଧ୍ୟ ଅନେକ ପାର୍ଥକ୍ୟ ଦେଖାଯାଏ। ଆଇ.ପି.ଏଲ. ଖେଳରେ ଖେଳାଳିମାନଙ୍କୁ ଖୋଲାଖୋଲି ଭାବରେ ନିଲାମ ଡକାଯାଉଥିବା ବେଳେ ଆଇ.ଟି.ଡି.ପି.ଏଲ.ରେ ଗୁପ୍ତରେ ଗୁପ୍ତରେ ଖେଳାଳିମାନଙ୍କୁ ନିଲାମ ଡକାଯାଏ। ଗୋଟିଏ ଖେଳରେ ଖେଳାଳି ଟଙ୍କା ନେଇ ଖେଳିଥାନ୍ତି ଅନ୍ୟ ଖେଳଟିରେ ଖେଳାଳି ଟଙ୍କା ଦେଇ ଖେଳିଥାନ୍ତି। ଏହିଭଳି ଅନେକ ପାର୍ଥକ୍ୟ ଦେଖିବାକୁ ମିଳେ।

ମୁଁ ହସି ଦେଇ କହିଲି, ହଁ ପରା ଏଇ ଖେଳ ଏବେ ସାରା ଭାରତରେ ଖୁବ ଚର୍ଚ୍ଚାର ବିଷୟ ପାଲଟି ଯାଇଥିଲା। ହେଲେ ଆମ ଓଡ଼ିଶାରେ ଖେଳର ଚାହିଦା ବି କିଛି କମ୍ ନୁହେଁ। ଓଡ଼ିଶାର ତିନିଟି ପ୍ରମୁଖ ଟିମ୍ ଫୁଲ, ଶଙ୍ଖୁଆ ଟିମ୍ ଓ ପାପୁଲି ଟିମ୍‌ରେ ଆଇ.ଟି.ଡି.ପି.ଏଲ. ଖେଳକୁ ଅବଲୋକନ କଲେ ଜଣାଯାଏ ଗୋଟିଏ ଭାଡ଼ିର ପାରା ଆଉ ଗୋଟିଏ ଭାଡ଼ିକୁ ଚାଲିଗଲେ, ତ ଅନ୍ୟ ପାରା ଭାଡ଼ିରୁ ଅମାନିଆ ପାରା ଆଉ ଗୋଟିଏ ଭାଡ଼ିରେ ପଶିଗଲେ। କିଏ କୋଣଠେସାର ଶିକାର ହୋଇ ଟିମ୍ ଡେଉଁଥିବା ବେଳେ କିଏ ଖେଳିବାର ସୁଯୋଗ ନ ପାଇ ଟିମ୍ ଡିଆଁ ସାଜିଲେ ବୋଲି ସଫେଇ ଦେଲେ ଆଉ ପୁଣି କିଏ ପୁଣି ନିର୍ଦ୍ଦିଷ୍ଟ ଦଳରେ ରହି ବାରମ୍ବାର କ୍ୟାଚ୍ ଆଉଟ୍ କିମ୍ବା ରନ୍‌ଆଉଟ୍ ହେବା ପରେ ଅଧିନାୟକ ଓ ଖେଳପ୍ରେମୀଙ୍କ ଆସ୍ଥାଭାଜନ

ହୋଇପାରୁନି ଜାଣି ଟିମ୍ ଡେଉଁଛନ୍ତି। ଖଟୁଆ କହିଲା ଗତ ଚୋରା ପୀରତି ଋତୁରେ ଆମ ଓଡ଼ିଶାରେ ପଦ୍ମ ଟିମ୍‌ରେ ଅଧିକ ପଶିଥିବା ବେଳେ ଶଙ୍ଖୁଆ ଟିମ୍‌ରେ ତା' ଠାରୁ କମ୍ ଓ ପାପୁଲି ଟିମ୍ ଫାଙ୍କା ହେଲେ କ'ଣ ହେବ ତାଙ୍କ ତାଙ୍କ ଭିତରେ ବୋଲିଂ ଓ ବ୍ୟାଟିଂ ଖେଳ ଜମୁଥିଲା। ବେଳେ ବେଳେ ଦେଖିବାକୁ ମିଳିଥିଲା ଅନ୍ୟ ଟିମ୍‌କୁ ପୂର୍ବରୁ ଡେଇଁ ଖେଳିବା ସୁଯୋଗ ନ ପାଇବାରୁ ପୁଣି ସେହି ଟିମ୍‌କୁ ଫେରିବା ପରେ ତାଙ୍କୁ ପଚାରିଲେ ଦାନ୍ତ ନେଫେଡ଼େଇ କୁହନ୍ତି ଇଏ ପରା ଆମ ଘର ବାହୁଡ଼ା।

**କାଲି ଗାଳି, ଆଜି ବନ୍ଦନା**

ମୁଁ କହିଲି ମୋତେ ଆଶ୍ଚର୍ଯ୍ୟ ଲାଗୁଛି, କାଲି ଯିଏ କଡ଼ା ଭାଷାରେ ଗାଳି କରୁଥିଲା ଆଜି ତାକୁ କୋଳେଇ ନେଲା ପରେ ସିଏ ପଦ ବନ୍ଦନା କରୁଛି। ଖଟୁଆ କହିଲା ଖାଲି କ'ଣ ସେତିକି, କାଲି ଯାହାକୁ ଷ୍ଟମ୍ପ ଚୋର, ବଲ୍ ଚୋର, ଖଣ୍ଟ , ହତ୍ୟାକାରୀ ଏବଂ ଲମ୍ପଟ ଭାବେ ଚିତ୍ରଣ କରୁଥିଲେ ଆଜି ତାଙ୍କୁ କୋଳରେ ବସାଇ ସାଧୁ ସଚ୍ଚୋଟ ଅଲ୍‌ରାଉଣ୍ଡର କହିବା କଥାକୁ ଖେଳପ୍ରେମୀ ଗ୍ରହଣ କରିପାରୁନାହାନ୍ତି। କାଲି ଯାହାକୁ ଅଯୋଗ୍ୟ, ଅପଦାର୍ଥ ତଥା ଟିମ୍ ପାଇଁ ଦୁଃଖ କହି ଗାଳି କରୁଥିଲେ ଆଜି କିପରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ବୋଲି କହୁଛନ୍ତି ଯାହାକି କ୍ରୀଡ଼ାପ୍ରେମୀମାନେ ହଜମ କରି ପାରୁନାହାନ୍ତି। ମୁଁ କହିଲି ଅପ୍ରିୟ ସତ କଥା ହେଲା ପକେଇଥିବା ଛେପକୁ ଚାଟିବାର ଅନ୍ୟ ନାମ ଏହି ଆଇ.ଟି.ଡି.ପି.ଏଲ୍. ବା 'ଇଣ୍ଡିଆନ ଟିମ୍ ଡିଆଁ ପ୍ରିମିୟର ଲିଗ୍' ଖେଳ।



ଖଟୁଆ କହିଲା ଆମ ଓଡ଼ିଶାରେ ରାଜନୈତିକ କ୍ରୀଡ଼ାକୁ ଅବଲୋକନ କଲେ ଜଣାଯାଏ ଟିମ୍ ଡେଇଁଥିବା ଖେଳାଳିମାନେ ସାଧାରଣତଃ ତିନୋଟି ଭାଗରେ ବିଭକ୍ତ ଯଥା: ଏଲୋପାଥି, ଆୟୁର୍ବେଦିକ ଏବଂ ହୋମିଓପାଥି। ଏଲୋପାଥି ଔଷଧ ପ୍ରକୃତିର ଟିମ୍ ଡିଆଁ ଖେଳାଳି ଏମର୍ଜେନ୍ସି ସମୟରେ ବହୁତ କାମରେ ଆସିଥାନ୍ତି ହେଲେ ସେମାନଙ୍କ ଯୋଗୁ ଟିମ୍‌ରେ ପ୍ରବଳ ପାର୍ଶ୍ୱ ପ୍ରତିକ୍ରିୟା ବା ସାଇଡ୍ ଇଫେକ୍ଟ ଦେଖାଦେଇଥାଏ। ଆୟୁର୍ବେଦିକ ଔଷଧ ପ୍ରକୃତିର ଟିମ୍ ଡିଆଁ ଖେଳାଳିମାନଙ୍କର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥାଏ ହେଲେ ସେମାନେ ଏମର୍ଜେନ୍ସି ସମୟରେ କୌଣସି କାମକୁ ଆସନ୍ତି ନାହିଁ। ହୋମିଓପାଥି ଔଷଧ ପ୍ରକୃତିର ଖେଳାଳିମାନେ ଧୀର ସ୍ୱଭାବର। ସେମାନେ କୌଣସି କାମରେ ଆସନ୍ତୁ ବା ନ ଆସନ୍ତୁ ସେମାନଙ୍କର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ବା ସାଇଡ ଇଫେକ୍ଟ ନ ଥାଏ। ମୁଁ କହିଲି କିଛି ଟିମ୍ ଡିଆଁ ଖେଳାଳି କୁହନ୍ତି ମୋ ଖେଳର ମର୍ଯ୍ୟାଦା ଓ ସ୍ୱାଭିମାନ ପାଇଁ ମୁଁ ଟିମ୍ ପରିବର୍ତ୍ତନ କରିଥିଲି ବୋଲି ହେଲେ ମୁଁ ବୁଝିପାରୁନି ସେ ଟିମ୍‌ରେ ସ୍ୱାଭିମାନ ନା ନିଜର ସ୍ୱାର୍ଥ ପାଇଁ ଟିମ୍ ପରିବର୍ତ୍ତନ କରିଛନ୍ତି।

ଖଟୁଆ କହିଲା କାଲି ଆମ ପଡ଼ୋଶୀଙ୍କ ଘରେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ପ୍ରବଳ ଝଗଡ଼ା ଲାଗିଥାଏ। ସ୍ୱାମୀ ଜଣକ ଶାଶୁଙ୍କୁ ଫୋନ୍ କରି କହିଲା, ମୁଁ ସିନେମା ଟିକେଟ ଦେଲିନି ବୋଲି ତମ ଝିଅ ଅନ୍ୟ କାହା ସହିତ ସିନେମା ଯାଇଛି। ତମେ କ'ଣ ଏହି ସଂସ୍କାର ଶିଖେଇଚ ? ଶାଶୁ ରାଗିଯାଇ କହିଲେ, ଜ୍ୱାଇଁ ପୁଅ, ତମେ ଯଦି ଟିକଟ ପାଇଁ ଗୋଟିଏ ଦଳ ବଦଳେଇ ଅନ୍ୟ ଗୋଟିଏ ଦଳକୁ ଡେଉଁଚ, ସିଏ ବି ସେମିତି ସିନେମା ଟିକେଟ ପାଇଁ ସ୍ୱାମୀ ବଦଳେଇଲା, ଅସୁବିଧା ହେଲା କୋଉଠି ? ଆଉ ଯେଉଁ ସଂସ୍କାର କଥା କହୁଛ, ମୋ ଝିଅ ଏ ସଂସ୍କାର ତମଠାରୁ ଆମଦାନି କରିଛି। ତମେ କାଲି ହାତ ହଲାଉଥିଲ, ଆଜି ଶଙ୍ଖ ଫୁଙ୍କୁଚ, ଆସନ୍ତାକାଲି ଫୁଲ ନ ହଲେଇବ ବୋଲି ସେ କଥା କିଏ କହିବ। ଖଟୁଆ କହିଲା ସବୁଆଡେ ଆଇ.ଟି.ଡି.ପି.ଏଲ୍. ଖେଳ ଖୁବ୍ ଜମୁଛି। ମୋ ଘରଣୀ ମହିଳା ଗୋଷ୍ଠୀରେ ରହି ଶଙ୍ଖ ଫୁଙ୍କୁଚି, ପୁଅ ଜାତୀୟତାବାଦୀ ଜୟ ଶ୍ରୀରାମ କହି ଫୁଲ ଫୁଟୋଉଛି, ମୁଁ ଖାଲି ଶୁଖିଲାଟାରେ ହାତ ହଲାଉଛି। ସମସ୍ତେ ଏକ ସ୍ୱରରେ କହିଲୁ ନଇଁମ, ତମ ଘରେ 'ଆଇ.ଟି.ଡି.ପି.ଏଲ୍.' ଖେଳ ଖୁବ୍ ଜମୁଛି।

□□

ଲେଖକଙ୍କ ଇ-ମେଲ ଠିକଣା:
bibhuprasad.nayak27@gmail.com

**ଗଳ୍ପ**

# କେହିଜଣେ ଶୁଭେନ୍ଦୁ



ପ୍ରଦୋଷ ମିଶ୍ର

ଜଗଦୀଶ ରାଓ ଗୋଡ଼କୁ ଟିକିଏ ଆଗକୁ ଲମ୍ବାଇ ଦେଇ ବସିପଡ଼ିଲେ। ଥରେ ଚାରିଆଡ଼କୁ ଚାହିଁ ଦୀର୍ଘଶ୍ୱାସ ନେଲେ। ପତ୍ନୀ ମେନକା ଢୁଳାଇ ପଡୁଥିଲେ ଚଉକି ଉପରେ। ଏତେଗୁଡ଼େ ସମୟ ବସିରହିବାଟା, ତାଙ୍କର ପୃଥୁଳକାୟ ଶରୀର ପକ୍ଷରେ ଅସହ୍ୟ ହୋଇଯାଉଥିଲା। ହେଲେ କିଛି ଉପାୟ ନ ଥିଲା ତାଙ୍କ ପାଖରେ। ଆଗରେ ଥିବା ସୂଚନା ପ୍ରଦାନକାରୀ ବୋର୍ଡ଼ ଉପରେ ଦୃଷ୍ଟି ବୁଲାଇ ଆଣିଲେ। ତାଙ୍କର ବିମାନ ଆସିବାକୁ ଆହୁରି ଦୁଇ ଘଣ୍ଟା, ଅପେକ୍ଷା କରିବାକୁ ହେବ। ସେ କେଉଁ ଏକ ଆରାମଦାୟକ ସ୍ଥାନର ସନ୍ଧାନରେ ରହି ବିଫଳ ହେଉଥିଲେ। ଜଗଦୀଶଙ୍କ ପାଖରେ ମେନକାଙ୍କୁ କହିବା ପାଇଁ କିଛି କଥା ନ ଥିଲା। ସେ ଚାରିଆଡ଼େ ଆଖି ବୁଲାଇ ଆଣୁଥିଲେ, କେଉଁ ଏକ ପରିଚିତ କିମ୍ବା ଅଳ୍ପ ପରିଚିତ ବ୍ୟକ୍ତି ଉଦ୍ଦେଶ୍ୟରେ। ଏଇ କିଛି ସମୟ ପାରିବାରିକ ସମସ୍ୟାରୁ ବାହାରି, ଅନ୍ୟ କିଛି ଗଳ୍ପରେ ସମୟ ଅତିବାହିତ କଲେ ଭଲ ଲାଗିପାରେ।

**ଭଦ୍ରବ୍ୟକ୍ତି ଏକ ଦାର୍ଶନିକ ପରି କଥା କହୁଛନ୍ତି। ଖୁବ୍ ଅନ୍ତରଙ୍ଗ ପରି ବ୍ୟବହାର କରୁଛନ୍ତି। ଅଥଚ ସେ ତାଙ୍କୁ ଚିହ୍ନିପାରୁ ନାହାନ୍ତି।**

ହଠାତ୍ ତାଙ୍କର ଦୃଷ୍ଟି ପଡ଼ିଥିଲା ଅଳ୍ପ ଦୂରରେ ତାଙ୍କୁ ଚାହିଁ ରହିଥିବା, ଏକ ଖର୍ବକାୟ ବ୍ୟକ୍ତିଙ୍କ ଉପରେ। ଭଦ୍ରବ୍ୟକ୍ତି ତାଙ୍କ ଆଡ଼କୁ ବାରମ୍ବାର ଚାହିଁ ପୁଣି ଦୃଷ୍ଟି ଫେରାଇ ନେଉଥିଲେ। ସେ ବୋଧହୁଏ ତାଙ୍କର କେହି ପରିଚିତ ହୋଇପାରନ୍ତି। ଏମିତି ଏକ ବ୍ୟକ୍ତିଙ୍କ ସନ୍ଧାନରେ ତ ସେ ଥିଲେ। ହେଲେ ସେ କିଛି ବି ମନେପକାଇ ପାରୁ ନ ଥିଲେ। ତାଙ୍କ ଉପରୁ ଦୃଷ୍ଟି ଫେରାଇ ଆଣୁ ଆଣୁ, ସେ ପାଖକୁ ଚାଲିଆସି ହାତ ଯୋଡ଼ିଲେ। କହିଲେ, ଆପଣ ଜଗଦୀଶ ସାର୍ ତ ? ଭୁବନେଶ୍ୱର ତ ନିଶ୍ଚୟ ଯିବେ। ଆହୁରି ଦୁଇଘଣ୍ଟା ଅପେକ୍ଷା କରିବାକୁ ହେବ। ଭଲହେଲା, ଦେଖା ହୋଇଗଲା। କିଛି ସମୟ ଆରାମରେ କଟିଯିବ। ଏତେଦିନ ଭିତରେ ଆପଣ ବହୁତ୍ ବଦଳି ଯାଇଛନ୍ତି ସାର୍। ହଠାତ୍ ଚିହ୍ନି ହେଉନି। ମୁଁ କେତେବେଳୁ ଲକ୍ଷ୍ୟ କରୁଛି। ହେଲେ ଠିକ୍ କରିପାରୁ ନ ଥିଲି। ବୁଝିଲେ ସାର, ମଣିଷର ଜୀବନଟା ଖୁବ୍ ଛୋଟ ବୋଲି ଯେଉଁମାନେ କୁହନ୍ତି, ମୁଁ ସେମାନଙ୍କୁ ସ୍ୱୀକାର କରେନି। ସତୁରି, ଅଶି, ନବେ ବର୍ଷ କ'ଣ କମ୍ ହେଲାଣି। କେତେ ପରିବର୍ତ୍ତନ ହୋଇଯାଉଛି, ଏ ଶରୀରରେ। କିଛି ବର୍ଷ ଆଗରୁ ଖୁବ୍ ଚିହ୍ନା ଲୋକକୁ ବି ଜାଣି ହେଉନି। ସତେ ଅବା କେହି ଅଜଣା, ଅଚିହ୍ନା। ଯେଉଁ ଦାର୍ଶନିକ, ପଣ୍ଡିତମାନେ କୁହନ୍ତି, ଜୀବନଟା ପାଣିର ଗାରପାରି, ସେମାନଙ୍କ କଥାକୁ ମୁଁ ଗ୍ରହଣ କରେନି। ଏ ଦୁନିଆରେ କାହାର ଏତେ ଆୟୁଷ କୁହନ୍ତୁ ତ ? ମଶାର ମାତ୍ର ଦଶଦିନ, ପକ୍ଷୀର ପାଞ୍ଚରୁ ଦଶ ବର୍ଷ, ପଶୁମାନେ ଅଧିକାଂଶ କୋଡ଼ିଏ। ଅଥଚ ମଣିଷ ଆସି ଶହେରେ ପହଞ୍ଚିଲାଣି। ତେବେ ବି ସେ ସେତିକିରେ ଶାନ୍ତି ନୁହେଁ। ନାକ, ତଳେ ଘୁଷୁରିଲା ପରେ ବି ଆହୁରି ବଞ୍ଚିବା ଦରକାର। ଦୁଇ ତିନିଟା ଜୀବ ବ୍ୟତୀତ କିଏ ଏତେବର୍ଷ ଜିଉଛି କୁହନ୍ତୁ ତ ? ଯେତେ ଅଧିକ ବଞ୍ଚିବ ସେତେ ବେଶି, ରୋଗ, କଷ୍ଟ, ଦୁଃଖ, ନିର୍ଯାତନା।


ଜଗଦୀଶ ତାଙ୍କ ମୁହଁକୁ ଚାହିଁ ରହିଲେ। ଭଦ୍ରବ୍ୟକ୍ତି ଏକ ଦାର୍ଶନିକ ପରି କଥା କହୁଛନ୍ତି। ଖୁବ୍ ଅନ୍ତରଙ୍ଗ ପରି ବ୍ୟବହାର କରୁଛନ୍ତି, ଅଥଚ ସେ ତାଙ୍କୁ ଚିହ୍ନିପାରୁ ନାହାନ୍ତି। କେମିତି ପଚାରିବେ, ତମକୁ କେଉଁଠି ଦେଖିଛି ବୋଲି ?

ସେ କହିଲେ, ଏଇଠି ବସିପଡ଼ନ୍ତୁ ଆଜ୍ଞା, ଖୁବ୍ ଥକିଗଲା ପରି ଲାଗୁଛନ୍ତି। କେଉଁଠୁ ଆସିଲେ ?

ଆମେରିକାରୁ ଆସିଲି ପରା। କେତେବେଳୁ ଆସିଲିଣି। ଶ୍ରୀମତୀ ସେପଟେ ବସିଛନ୍ତି। ଏଠି ତ ଜାଗା ଖାଲିଅଛି, ଗପି ଗପି ସମୟ କଟିଯିବ। ସେ ହାତ ଠାରି ଶ୍ରୀମତୀଙ୍କୁ ଡାକିଲେ।

ନିଜେ ବସିପଡ଼ିଲେ ଆରାମରେ। କହିଲେ, ଓଃ କି ବିରକ୍ତିକର ଜାଗା। କେତେ ଗହଳି। କେଉଁଠୁ ଆସି କେଉଁଠି ପହଞ୍ଚିଗଲି। ସେଥିପାଇଁ ତ ସେ ଦେଶରୁ କେହି ଫେରିବାକୁ ଚାହୁଁ ନାହାନ୍ତି। ଏତେ ଶାନ୍ତିରେ ଥାଇ ଅଶାନ୍ତି ଭିତରକୁ କିଏ କାହିଁକି ଆସିବାକୁ ଚାହିଁବ କହୁନାହାନ୍ତି ?

ଜଗଦୀଶ ରାଓଙ୍କର ତେବେ ବି ମନେ ପଡୁ ନ ଥିଲା, କିଏ ସେ ଭଦ୍ରବ୍ୟକ୍ତି। ଏତେ ଆତ୍ମୀୟ ଭାବରେ ଯିଏ ତାଙ୍କ ସହିତ କଥା ହୋଇପାରନ୍ତି, ସେ ତ ନିଶ୍ଚୟ କେହି ଜଣେ ଅନ୍ତରଙ୍ଗ ହୋଇଥିବେ। ଏ କ୍ଷେତ୍ରରେ ତାଙ୍କର ପରିଚୟ ପଚାରିବାଟା ଅସମ୍ମାନଜନକ ହୋଇପାରେ। ସେ ମନେ ମନେ ଯେତେ ଚିନ୍ତା କଲେ ବି, କିଛି ଜାଣିପାରୁ ନ ଥିଲେ। ତାଙ୍କର ଅବସର ନେବାର ବାରବର୍ଷ ବିତିଗଲାଣି। ବୟସ ଆଗେଇଗଲାଣି ଅନେକ ଦୂରକୁ। ସ୍ମରଣଶକ୍ତି ବି ହ୍ରାସ ପାଇଲାଣି। ଏପରିକି କିଛିଦିନ ତଳେ ଘଟିଥିବା ଘଟଣାମାନେ ବି ମନେପଡୁନାହାନ୍ତି। ପୁରୁଣା ଲୋକମାନେ ମନେ ରହିବେ କିପରି ? ତେବେ ବି ସେ ଯେତେ ସମ୍ଭବ ନିଜର ସ୍ମୃତିକୁ ଜାଗ୍ରତ କରିବାକୁ ଚେଷ୍ଟା କରି ବିଫଳ ହେଉଥିଲେ। ନିଜକୁ ଅପ୍ରସ୍ତୁତ ମନେକଲେ ଜଗଦୀଶ। କିଛି ସୁଯୋଗକୁ ଅପେକ୍ଷାକରି, କେବଳ ନିରବ ଶ୍ରୋତାଟିଏ ହୋଇ ବସି ରହିଲେ।



ସେ ବି ବିନା କିଛି ଉତ୍ତର ଆଶାକରି, ଖାଲି ଗପିଚାଲୁଥିଲେ। ଟିକେ ଅଟକିଯାଇ କହିଲେ, ବୁଝିଲେ ସାର୍, ଯେତେପ୍ରକାର ଅନିୟମତା, ଅପରିଚ୍ଛନ୍ନତା, ଅଶିଷ୍ଟାଚାର ସବୁ ଏଇ ଦେଶରେ ହିଁ ଘଟେ। ଖାଲି ମିଛଟାରେ ଟେକାଟେକି କଲେ କ'ଣ ହେବ? ନିଜକୁ କେବଳ ବୁଝାଇବା କଥା। ଆପଣ ତ ଭଲ ଭାବରେ ଜାଣିଥିବେ, କେତେ ଶାନ୍ତିରେ ଅଛନ୍ତି ସେମାନେ। ନା କିଛି ଗହଳି, ନା ଅସୁବିଧା। ସବୁକିଛି ଠିକ୍ ଠାକ୍ ଚାଲେ। ମୋର ପିଲାମାନେ ଖୁବ୍ ଭଲରେ ଅଛନ୍ତି। ଆମେ ସେମାନଙ୍କୁ ଫେରି ଆସିବାକୁ ବାଧ କରୁନା। ଝିଅ ଲଣ୍ଡନରେ, ପୁଅ କାଲିଫର୍ଣ୍ଣିଆରେ। ଆମେ ବି ସେମାନଙ୍କ ସହିତ ବିଦେଶୀ ବନିଗଲୁଣି। ଅନେକ ସମୟ ଆମର ସିଆଡ଼େ କଟୁଛି। ଯଦି ସୁବିଧା ଥାଆନ୍ତା ସବୁଦିନ ପାଇଁ ରହିଯାଆନ୍ତୁ।

ସେ ଥରେ ପତ୍ନୀଙ୍କ ଆଡ଼କୁ ନଜର ଦେଇ କହିଲେ, ମୋ ପୁଅ ମାସକୁ ପନ୍ଦର ଲକ୍ଷ ଟଙ୍କା ଦରମା ପାଉଛି। ଖୁବ୍ ଭଲ ପୋଷ୍ଟରେ ଅଛି। ଏଠି ରହିଥିଲେ, ତାକୁ କ'ଣ ମିଳିଥାଆନ୍ତା କି? କାଲିଫର୍ଣ୍ଣିଆରେ ଖୁବ୍ ସୁନ୍ଦର ଘର କିଣିଛି, ଦାମୀ ଗାଡ଼ି କିଣିଛି। ଆହୁରି କେତେ କ'ଣ। ଆମେ ତ ସାରା ଆମେରିକା ବୁଲିସାରିଲୁଣି। ନ୍ୟୁୟର୍କ, ୱାଶିଂଟନ୍, ନ୍ୟୁଜର୍ସି, ଲାସ ଭେଗାସ ଏମିତି କେତେ ବଡ଼ ବଡ଼ ସହର। ଷ୍ଟାଚ୍ୟୁ ଅଫ ଲିବର୍ଟି, ନାଏଗ୍ରା ଫଲ୍, ଓଃ କି ସୁନ୍ଦର ଜାଗା। ସ୍ୱର୍ଗ ପରି ଲାଗୁଛି।

ଭଦ୍ରବ୍ୟକ୍ତି ଏପରି ଭାବରେ କହୁଥିଲେ, ସତେ ଯେପରି ସେ ସବୁ ସ୍ଥାନ, ଅନ୍ୟମାନଙ୍କର ଅଜଣା। ଆଜିକାଲି ତ କେବେ ସ୍ୱପ୍ନରେ ଭାବି ନ ଥିବା ଲୋକମାନେ ବିଦେଶ ଯାଇ ବୁଲିଆସିଲେଣି। ସେଥିରେ ବାହାଦୁରି କ'ଣ ଅଛି। ସେ ବୋଧହୁଏ ଜାଣନ୍ତିନି, ଭାରତରେ ବି କେତେ ଭଲ ସ୍ଥାନ ଅଛି ଯାହା ଦେଖିବାକୁ ବିଦେଶୀମାନେ ଧାଇଁ ଆସୁଛନ୍ତି। ଏମାନଙ୍କର ପରାଧୀନ ମନୋବୃତ୍ତି ଏବେ ବି ଯାଇନି। ତାଙ୍କୁ ଦୂର ପାହାଡ଼ ଖୁବ୍ ସୁନ୍ଦର ଲାଗୁଛି କିମ୍ବା ବିଦେଶ ବୁଲିବାର ସୁଯୋଗ ପାଉଥିବାରୁ ବାହାଦୁରି ମାରୁଛନ୍ତି।

ଜଗଦୀଶ ଚୁପ୍ ରହିଥିଲେ।

- ତାଙ୍କ ଆଡ଼କୁ ଧ୍ୟାନ ନ ଦେଇ, ସେ ପୁଣି ଆରମ୍ଭ କଲେ, ଆଉ ଦୁଇ ତିନିମାସ ପରେ ଲଣ୍ଡନ ଯିବୁ, ଝିଅପାଖକୁ। ଆମେରିକାରୁ ସିଧା ଚାଲିଯାଇଥାଆନ୍ତୁ। ହେଲେ ଏଠି ଘରଟା ବନ୍ଦ ହୋଇ ପଡ଼ିଛି। ସେଥିପାଇଁ ଚାଲିଆସିଲୁ।

-ଘର ଭଡ଼ା ଦେଇଦେଉନାହାନ୍ତି କିମ୍ବା ବିକ୍ରି କରିଦେଇ, ଆରାମରେ ଲଣ୍ଡନ, ଆମେରିକାରେ ରୁହନ୍ତୁ ?

-ଉ ହୁଁ। ପୁଅ କହିଛି, ସୁବିଧା କରି ଟଙ୍କା ପଠାଇବ। ଉପର ଘରଟା ବନାଇଲେ, ତଳ ମହଲା ଭଡ଼ା ଦେଇଦେବୁ।

-ସୁବିଧା କରି ଦେବ? କାହିଁକି? ଏତେ ଗୁଡ଼େ ଦରମା, ସେଥିରେ ଅସୁବିଧା ରହିବା କଥା ତ ନୁହେଁ?

ଭଦ୍ରଲୋକ କଥା ବୁଲାଇଦେଲେ। କହିଲେ, କ'ଣ ହେବ ଘରକରି। ଆମେ ତ ବୁଢ଼ା ହେଲୁଣି। ସେମାନେ ବରଂ ତାଙ୍କର ଭବିଷ୍ୟତ ତିଆର କରନ୍ତୁ। ଆଉ କ'ଣ ଫେରିବାକୁ ସେମାନେ ଚାହିଁବେ? ନ ଆସିଲେ ବରଂ ଭଲ। କେତେ ଦରମା ପାଇବେ କି? ନାତି, ନାତୁଣୀ ତ ଭାରତ ଦେଖି ନାହାନ୍ତି। ନ ଦେଖନ୍ତୁ।

କେତେ ସ୍ମାର୍ଟ ଆଡ୍‌ଭାନ୍ସ ସେମାନେ। ଆମ ଭାଷା ଜାଣନ୍ତିନି। ନ ଜାଣନ୍ତୁ, କ'ଣ ଦରକାର କି ?

ଜଗଦୀଶ ହସିଦେଲେ ତାଙ୍କ କଥାରେ। କହିଲେ, ବଡ଼ ଅସୁବିଧା କଥା ତ। ଆପଣ ଶୀଘ୍ର ବିଦେଶରେ ରହିବା ବ୍ୟବସ୍ଥା କରନ୍ତୁ। ନ ହେଲେ, ଏତେ ସ୍ମାର୍ଟ ପିଲାମାନେ, ହୁଏତ ଆପଣଙ୍କୁ କ'ଣ ଜାଣିବା ଦରକାର ବୋଲି କେବେ କହିଦେଇ ପାରନ୍ତି। ଆପଣ ପୁଣି ଲଣ୍ଡନ କେବେ ଯିବେ ?

ଭଦ୍ରବ୍ୟକ୍ତି ବୋଧହୁଏ ତାଙ୍କର ପରୋକ୍ଷ କଥାକୁ ବୁଝିପାରି ଚୁପ୍ ରହିଲେ।

ଏଥର ତାଙ୍କର ପତ୍ନୀ ପାଟି ଖୋଲିଲେ। କହିଲେ, ମୋର ଆଉ ଯିବାପାଇଁ ବଳ କେଉଁଠି ଅଛି ଆଜ୍ଞା। ବୟସ ହୋଇଗଲାଣି, ହେଲେ ଛାଡୁଛି କିଏ ? ଝିଅର ପ୍ରଥମ ଡେଲିଭରି ବେଳକୁ ଯାଇଥିଲି। ଏବେ ପୁଣି ଆଉ ଗୋଟେ। ତା' ଶାଶୁ ଯିବାକୁ ଅମଙ୍ଗ। କିଏ ବୁଝିବ ତା' କଥା ? ମୋର ଅଣ୍ଟା ପିଠି ତ ଦରଜ ହୋଇଗଲାଣି କାମ କରି କରି। ନିଜର ଲୋକଙ୍କଠୁ ଦୂରରେ ରହିଲେ ଯାହା ହୁଏ।

**ପିଲା ହେବ ତ ଏମିତି। ଦେଖୁ ନାହାନ୍ତି, କେତେ ପିଲାଙ୍କୁ ପଛରେ ପକାଇ ଆମେରିକା ଚାଲିଗଲା। ଏଠି ରହି କାହିଁକି ଅସୁବିଧାରେ ଥାଆନ୍ତା ?**

-କାହିଁକି ? ଏତେ ଟଙ୍କା ପାଉଛନ୍ତି, ଗୋଟେ ମେଡ୍ ରଖିପାରିବେନି ?

- ହୁଁ, ମେଡ୍ ନା ଫେଡ୍। ନିଜ କାମ ନିଜେ କର। କାହାର ଦୟା ମାୟା ନାହିଁ। ମେଡ୍ ତ ପାର୍ଟ ଟାଇମରେ ମିଳନ୍ତି, ହେଲେ ବହୁତ ନଖରା ତାଙ୍କର। ପୂରା ହାଇ ଚାର୍ଜ। ତା' ଛଡ଼ା, ସତ କହିବାକୁ ଗଲେ, ଏମାନଙ୍କ ଘରେ କାମ କରିବାକୁ ଭଲ ପାଆନ୍ତି ନାହିଁ।

ଭଦ୍ରବ୍ୟକ୍ତି ପତ୍ନୀକୁ ଚୁପ୍ କରାଇଦେଲେ। ତାଙ୍କ ପାଟିରୁ ଅଧିକ କିଛି ବାହାରିଯିବାକୁ ସେ ଚାହୁଁ ନ ଥିଲେ। କଥାକୁ ବୁଲାଇ ଦେଇ, ସେ କହିଲେ, ଯେତେହେଲେ ନିଜର ଲୋକମାନେ ଯେପରି କାମ କରିବେ, ସେମାନେ କ'ଣ ସେମିତି କରିବେ କି ଆଜ୍ଞା। ଆମର ସଂସ୍କୃତି ଚଳଣି ଟିକେ ଅଲଗା ନୁହେଁ କି ?

-ହଁ ଠିକ୍ କଥା, ହେଲେ ଦେଶ ତ ବଦଳିଲା, ସେ ସବୁ ବଦଳି ଯିବନି ? ଆଚ୍ଛା ପୁଅ ପାଖରେ କେତେଦିନ ରହିଲେ ?

-ଛ' ମାସ।

- ପତ୍ନୀ କହିଲେ, ତା'ର ବି ସେଇ ସମସ୍ୟା। ଖାଲି ତା'ର ନୁହେଁ, ଏଠୁ ଯାଇଥିବା ସବୁ ଲୋକଙ୍କର। ସେମାନେ ଆମ ପରି ବୁଢ଼ା ବାପା ମା'ଙ୍କୁ ସେଇ ସମୟରେ ଖୋଜୁଛନ୍ତି। ଟିକେଟ୍ କାଟି ବୁଲାଇ ଆଣିବାର ବାହାନା କରୁଛନ୍ତି। ତା'ପରେ ଯିଏ ଯାହା ବାଟରେ। ଏତେ ଦୂରରେ ବାପା ମା' ପଡ଼ିରହୁଛନ୍ତି ଭାଗ୍ୟକୁ ଆଦରି।

- ଛ' ମାସ ଭିତରେ କେତେ ବୁଲିଲେ ?

- ଦୁଇ ଚାରିଥର ଯାଇଥିବୁ। ଘରୁ ବାହାରି ହେଉଥିଲା କେଉଁଠି ? କାମ କରିବାର ଭାରି ସମସ୍ୟା। ଗଧ ଖଟଣି। ଭଦ୍ର ମହିଳା କହିଲେ।

ଜଗଦୀଶ ରାଓ ଟିକେ ପଛକୁ ଆଉଜି ପଡ଼ିଲେ।

କଥାର ମୋଡ଼୍‌ଟା ବୁଲାଇଦେବାକୁ ଚାହିଁଲେ ଭଦ୍ରବ୍ୟକ୍ତି। ମନେ ମନେ ବିରକ୍ତ ହେଉଥିଲେ ପତ୍ନୀଙ୍କ ଉପରେ। ଏ ସ୍ତ୍ରୀ ଲୋକମାନେ ଲଗେଇ ଜୁଟେଇ କହିବା ଶିଖିନାହାନ୍ତି। ତାଙ୍କର ସବୁ କିଛି କଥାଗୁଡ଼ା ଏପଟ ସେପଟ ହୋଇଯାଉଥିଲା।

ସେ ଅନ୍ୟ ପ୍ରସଙ୍ଗକୁ ଯାଇ କହିଲେ, ଆପଣ କେମିତି ଅଛନ୍ତି ସାର୍ ? ଆପଣ ତ ପିଲାମାନଙ୍କୁ ଭଲ ମଣିଷ କରିଥିବେ ?

ବୁଝିଲେ ସାର୍, ଜୀବନଟା ଧନ୍ୟ ହୋଇଗଲା। ପିଲା ହେବ ତ ଏମିତି। ଦେଖୁ ନାହାନ୍ତି, କେତେ ପିଲାଙ୍କୁ ପଛରେ ପକାଇ ଆମେରିକା ଚାଲିଗଲା। ଏଠି ରହି କାହିଁକି ଅସୁବିଧାରେ ଥାଆନ୍ତା କହିଲେ ? ଛାଡ଼ନ୍ତୁ ସେକଥା। ଆପଣ କ'ଣ ବିଦେଶରୁ ଆସିଲେ ?

-ଉ ହୁଁ, ଦିଲ୍ଲୀରୁ। ପୁଅ ପାଖରୁ।

-ସେ କ'ଣ ଭଲ ଛାତ୍ର ନ ଥିଲା ?

-ଆଇଆଇଟି ବମ୍ବେରୁ ପାସ୍ କରିଛି।

- ତେବେ ଏଇଠି ପଡ଼ି ରହିଛି କାହିଁକି ? ସୁବିଧା ମିଳିଲାନି କି ବିଦେଶ ଯିବା ପାଇଁ ?

ଜଗଦୀଶଙ୍କୁ ଏଥର କଥାଟା, କିଛି କଷ୍ଟଦେଲା ବୋଧହୁଏ। କ'ଣ ଭାବୁଛି କି ଲୋକଟା ନିଜକୁ। ଏତେ ସମୟ ଖୁବ୍ କମ୍ କଥା କହୁଥିବା ପାଟିଟା ଆପେ ଆପେ ଖୋଲିଗଲା। ସେ

କହିଲେ, କ'ଣ ନାମ କହିଲେ ଆପଣଙ୍କର ? ମନେ ପଡୁନି, ଭାଇ। ବୁଢ଼ା ହେଲିଣି ତ।

-ଶୁଭେନ୍ଦୁ। ଶୁଭେନ୍ଦୁ ଧଳ।

-ଆପଣଙ୍କର ମୋ ସହିତ କିପରି ପରିଚୟ, କହିଲେନି ତ ?

-ଶୁଭେନ୍ଦୁ ଅଳ୍ପ ହସିଦେଲେ। କହିଲେ, ପରିଚୟ ତ ଆପଣଙ୍କ ବ୍ୟାଗ୍ ଉପରେ ଲେଖାଅଛି। ଭୁବନେଶ୍ୱର ତ ଗନ୍ତବ୍ୟ ସ୍ଥଳ।

ଭଦ୍ରଲୋକ ଖୁବ୍ ଚାଲାକ୍ ନିଶ୍ଚୟ। କେହି ଜଣେ ଶ୍ରୋତା ତାଙ୍କର ଦରକାର ଥିଲା, ବାହାଦୁରି କଥା ଶୁଣାଇବା ପାଇଁ। ଏବେ ସେ ବି କିଛି ଶୁଣାଇଦେବାକୁ ଉଚିତ୍ ମନେକଲେ। ସେ କହିଲେ, ବିଦେଶ ଯିବାଟା ଆପଣଙ୍କର ସ୍ୱପ୍ନ ଥିଲା ବୋଧହୁଏ। ସେଥିପାଇଁ ଖୁବ୍ ଭଲ ଲାଗୁଛି। ଆଚ୍ଛା ଆପଣ ବିଦେଶ ଯାଇ କେବଳ, ପିଲାଙ୍କ ରୋଜଗାରରେ ଅୟସ କରନ୍ତି ବୋଧହୁଏ। କେବେ ସେମାନଙ୍କର ଅନ୍ତରର କଥା ଶୁଣିବାକୁ ଚେଷ୍ଟା କରିଛନ୍ତି ?




-ଶୁଣିବାରେ କ'ଣ ଅଛି କି ? ଏତେ ସୁନ୍ଦର ଜାଗା। ଚାକଚକ୍ୟରେ ଭରପୂର। ସବୁ ପ୍ରକାର ସୁବିଧା ତ ଅଛି। ଭାଗ୍ୟରେ ଥିଲେ ମିଳେ।

-ଆଉ କେବେ ଗଲେ, ପଚାରିବେ କିମ୍ବା ଅନୁଭବ କରିନେବେ, ସେମାନଙ୍କର ଭାଗ୍ୟର କଥା। ସେ ସବୁ ଜାଗାକୁ ଥରେ ଦେଖିନେଲେ ତ ସରିଲା। ହେଲେ ତାଙ୍କର ଚାରିପଟେ ଥିବା ସଂସାରଟି କେତେ ବିକଳ ଜାଣନ୍ତି ? କେବଳ ପତ୍ନୀ, ଆଉ ହୁଏତ ସନ୍ତାନ ଭିତରେ ସୀମିତ ତାଙ୍କର ଆତ୍ମୀୟତା, ଯଦି ପତ୍ନୀ ନିଜ ଦେଶର ହୋଇଥାଆନ୍ତି। ବିଦେଶୀଙ୍କ ଦୃଷ୍ଟିରେ ସେମାନେ କିପରି ଦେଖାଯାଆନ୍ତି, କେବେ ଜାଣିବାକୁ ଚେଷ୍ଟା କରିଛନ୍ତି ? ବାପା ମା'ଙ୍କ ବାହାଦୁରୀର ପରିଧି ଭିତରେ ସୀମିତ ତାଙ୍କର ବଡ଼ଲୋକି। କେତେ ରୋଜଗାର କହୁଥିଲେ ସେମାନଙ୍କର ? ପନ୍ଦର ଲକ୍ଷ ଟଙ୍କା ? ହେଲେ କେତେ ଲକ୍ଷ ଟଙ୍କା ଦେଇ ଜିନିଷ କିଣନ୍ତି ସେମାନେ ? ଆଉ ବଳେ କେତେ ଟଙ୍କା ? ସେମାନଙ୍କ ରୋଜଗାରକୁ ଟଙ୍କା ଭାବରେ କହି, ବେଶ୍ ଆନନ୍ଦ ମିଳେ ଆମମାନଙ୍କୁ। ସେମାନଙ୍କ ପ୍ରକୃତ ଅବସ୍ଥାରେ ଆମର କିଛି ଚିନ୍ତା ନ ଥାଏ। ଭାରତର ସଂସ୍କୃତି, ଭାରତରେ ଶିକ୍ଷା, ଅଥଚ ସେବା ଅନ୍ୟ ଦେଶରେ। ବାଃ।

- ଆପେ ବଞ୍ଚିଲେ ବାପାର ନାଁ। ଏଠି ସୁବିଧା ଅଛି କ'ଣ ?

- ଠିକ୍ ଭାବନା। ତେବେ ଏଠି ଥିବା ବାପା ମା'ମାନଙ୍କୁ ନ ପଚାରିଲେ, କ୍ଷତି କ'ଣ ?

ମେନକା, ତାଙ୍କ ପାଟିରେ ହାତ ଦେଇଦେଲେ। ସେ ବୁଝିଗଲେ ଜଗଦୀଶ କିଛି ସୀମା ବାହାରକୁ ଚାଲିଯାଉଛନ୍ତି।

- ବୁଝିଲେ ଆଜ୍ଞା, ଏଠି ଭାରତରେ ମୋ ପୁଅ ଖୁବ୍ ଶାନ୍ତିରେ ଅଛି, ଆମ ପରିବାର ଭିତରର ସମ୍ପର୍କ ଭିତରେ। ଯେବେ ଚାହିଁଲେ ବି ଆମେ ଚାଲିଯାଉଛୁ। ସାଇ ପଡ଼ିଶା ବି ଆତ୍ମୀୟ ଲାଗୁଛନ୍ତି। ଯାହା ଟଙ୍କା ମିଳୁଛି ଯଥେଷ୍ଟ। ଆଗକୁ, ପଛକୁ ଚାହିଁଲେ ସବୁ ନିଜର ନିଜର ଲାଗନ୍ତି। ସେ ବି ଭଲ ଘରଟାଏ କିଣିଛି ଆମ ସମସ୍ତଙ୍କ ପାଇଁ। ବାପା ମା' କେବଳ ଦରକାର ବେଳର ସାଥୀ ନୁହେଁ, ସବୁ ବେଳର। ଖୁସିର, ଦୁଃଖର, ଆଉ ଭଲମନ୍ଦର ବି। ଆପଣମାନେ ତ କେବଳ ଭାଗିଦାର ହୁଅନ୍ତି ତାଙ୍କର ପିଲାଛୁଆମାନଙ୍କର ଯତ୍ନ ନେବାପାଇଁ। ଆଉ ସେମାନେ ବଞ୍ଚିଥାଆନ୍ତି,ଏକ ଅନାତ୍ମୀୟ ଅନ୍ତରଙ୍ଗ ବିହୀନ ସ୍ଥାନରେ। ଆଖି ପାଏନି ନିଜର ଲୋକମାନଙ୍କୁ ଦେଖିବା ପାଇଁ। ପ୍ରହସନ, ଚାକଚକ୍ୟ, କିଛିଦିନ ପରେ ପୁରୁଣା ହୋଇଯାଏ। ଫେରିବାକୁ ଚାହିଁଲେ ବି ସମସ୍ୟାମାନେ ଆସିବାକୁ ଦିଅନ୍ତିନି।

ଆମେ ଖୁବ୍ ଖୁସି ଶୁଭେନ୍ଦୁ ବାବୁ। ଭୁବନେଶ୍ୱରରେ ରହୁ ଆମେ ଦୁଇଜଣ। କେବେକେବେ, ପୁଅ ବୋହୂ ନାତି ନାତୁଣୀ ଆସନ୍ତି। ଆମ ଭାଷାରେ କଥା ହୁଅନ୍ତି। ଶୁଣିବାକୁ ଖୁବ୍ ଭଲଲାଗେ। ବିଦେଶଟା ଆଉ ଅବୁଝା ହୋଇ ରହିନାହିଁ କାହା ପାଖରେ। ବାପା ମା' ବି ଜାଣିଗଲେଣି, ବୟସ ଗଡ଼ିଗଲେ, ସେମାନେ କେତେ ନିରୀହ ବନିଯାଆନ୍ତି। ନା ଏ କୂଳର ନା ସେ କୂଳର। ଆପଣ ସୁସ୍ଥ ଥାଆନ୍ତୁ ଭାଇ। ଭଗବାନ ଭରସା।

□□

ଲେଖକଙ୍କ ଇ-ମେଲ ଠିକଣା:
pradosmishra@gmail.com

ପ୍ରବନ୍ଧ

# ଓଡ଼ିଆ ସାହିତ୍ୟରେ ତାଳବଣ ପ୍ରସଙ୍ଗ



କୁମାର ଧର୍ମେନ୍

ନୈସର୍ଗିକ ପ୍ରକୃତିର ଶୋଭାରାଜି ମଧ୍ୟରେ ତାଳବୃକ୍ଷ ବିଶେଷଙ୍କ ଏକ ଅନନ୍ୟ ତଥା ସ୍ୱତନ୍ତ୍ର ସୁଷମା ରହିଛି। କବିଗଣ ଆମ୍ରକୁଞ୍ଜ, ନାରିକେଳ, ତାମ୍ବୂଳ, ତମାଳ ବୃକ୍ଷାଦିର ବର୍ଣ୍ଣନା ବେଳେ ତାଳବଣର ସୌନ୍ଦର୍ଯ୍ୟକୁ ମର୍ଯ୍ୟାଦା ପ୍ରଦାନ କରିବାରେ ଆଦୌ ଅବହେଳା କରିନାହାନ୍ତି। ତୃଣରାଜି, ମହୋନ୍ନତ, ଆସବଦ୍ରୁ, ଧ୍ୱଜଦ୍ରୁମ, ଦୀର୍ଘସ୍କନ୍ଧ, ପତ୍ରୀଚିରାୟୁ, ତରୁରାଜି, ଗୁଚ୍ଛପତ୍ର, ମଡାଢ୍ୟ, ଦୀର୍ଘ୍ୟପତ୍ର, ଲେଖ୍ୟପତ୍ର ଆଦି ବିବିଧ ନାମରେ ଅଭିଷିକ୍ତ ତାଳବୃକ୍ଷର ବର୍ଣ୍ଣନା ପ୍ରସଙ୍ଗକ୍ରମେ ଲୋକସାହିତ୍ୟ (ଫୋକ୍ ଲିଟରେଚର)ରୁ ଆରମ୍ଭ କରି ଲିଖିତ ସାହିତ୍ୟ ପର୍ଯ୍ୟନ୍ତ ବିସ୍ତୃତ। କବିଗଣ ସେମାନଙ୍କର ଅସାଧାରଣ ଚିନ୍ତା ଓ ଭାବନାକୁ ଅଭିବ୍ୟକ୍ତ କରିବା ପାଇଁ ପ୍ରକୃତ ମଧ୍ୟରୁ ହିଁ ପ୍ରାୟତଃ ବସ୍ତୁ ପ୍ରତୀକ ଅନ୍ୱେଷଣ କରିଥାନ୍ତି। ସୁତରାଂ ପ୍ରକୃତିର ବହୁବିଧ ଉପାଦାନ କେତେବେଳେ ସିଧାସଳଖ ଅବିକଳ ରୂପ ପରିଗ୍ରହ କରିଥାଏ ତ ଆଉ କେତେବେଳେ ରୂପକ ଉପମା ରୂପ ନେଇ ପ୍ରକାଶିତ ହୋଇଥାଏ।



## କବି ଅଭିବ୍ୟକ୍ତିରେ ତାଳବୃକ୍ଷ

ଏହି ପରିପ୍ରେକ୍ଷୀରେ କବିଙ୍କ ଅଭିବ୍ୟକ୍ତିରେ ତାଳବୃକ୍ଷର ସୁଷମାମଣ୍ଡିତ ଛବି ମଧ୍ୟ ଦୁର୍ଲଭ ନୁହେଁ। ଓଡ଼ିଆ ସାହିତ୍ୟର ସୁପରିଚିତ କବି ବିନୋଦ ଚନ୍ଦ୍ର ନାୟକ ତାଙ୍କ ରଚିତ 'ଗ୍ରାମପଥ' କବିତାରେ ମାମୁଘର ଗାଁର ଚିତ୍ର ଦେବାବେଳେ ଦୂରରୁ ଦୃଶ୍ୟମାନ ଦୀର୍ଘ ଉଚ୍ଚତା ବିଶିଷ୍ଟ ଆକାଶକୁ ଲମ୍ବିଥିବା ଧାଡ଼ି ଧାଡ଼ି ତାଳଗଛ ଶୋଭାର ଆଲେଖ୍ୟ ଅତି ସୁନ୍ଦର ଓ ଚିତ୍ତାକର୍ଷକ ଭାବରେ ଆଙ୍କିଛନ୍ତି, ଯେପରିକି ମାଟିର କବିତାକୁ ସେମାନେ ଆକାଶର କାନରେ ଆବୃତ୍ତି କରି ଶୁଣାଉଛନ୍ତି:-

'ଦୂର ତାଳବଣ ଆକାଶେ ଶୁଣାଏ
ମାଟିର କବିତା କି ସେ !
ଏ ଗ୍ରାମର ପଥ ତହିଁ ଦିଗନ୍ତେ ମିଶେ
କ୍ଷେତ ପରେ କ୍ଷେତ କାଶଫୁଲ ଆଉ
ବେଣାରେ ଜଟିଳା ପାଟ
ପାଟ ପରେ ବଣ ପାରିହେଲେ
ମାମୁ ଘର ଗାଆଁ ଦିଶେ।'

ପ୍ରକୃତି-ମୂଳକ କାବ୍ୟ 'ଚିଲିକା'ରେ କବିବର ରାଧାନାଥ ଅତି ସୁନ୍ଦର ବର୍ଣ୍ଣନା କରିଛନ୍ତି ତାଳବୃକ୍ଷଙ୍କର। ବୃକ୍ଷରୁ କିପରି ବାୟା ଚଢ଼େଇଙ୍କର ବସାଗୁଡ଼ିକ ପବନରେ ଦୋଳାୟିତ ହେଉଛନ୍ତି ଏବଂ ସେଥିରେ ନିରୀହ ଶାବକମାନେ କିପରି ଆନନ୍ଦରେ ବାସ କରୁଛନ୍ତି ତା'ର ଚିତ୍ର ପ୍ରଦାନ ସହ ବୃକ୍ଷ ମୂଳରେ କିପରି ଭୟଙ୍କର ବିଷଧର ସର୍ପ ଅପଲକ ନୟନରେ ଊର୍ଦ୍ଧ୍ୱରେ ସ୍ଥିତ ବସାକୁ ଚାହିଁ ବସିଛନ୍ତି ଶିକାର ଉଦ୍ଦେଶ୍ୟରେ; ନିମ୍ନୋକ୍ତ ଉଦାହରଣରୁ ପରିଲକ୍ଷିତ:-

'ବୈଦୁର୍ଯ୍ୟ-କିରୀଟ-ଧାରୀ ତୁଙ୍ଗ ତାଳ
ସରୋବର ତୀରେ ଶୋଭେ ମାଳ ମାଳ।
ମହାନନ୍ଦେ ଯାର ବାହୁ ଛାୟାଶ୍ରୟେ
ବାୟା ବାୟାବଧୂ ବସନ୍ତି ନିର୍ଭୟେ
ମୂଳେ କାଳରୂପୀ ଭୀଷଣ ଭୁଜଙ୍ଗ
ଭ୍ରୂକୁଟି ନଗଣି କରୁଥାନ୍ତି ରଙ୍ଗ।'

କବି ଗୋପବନ୍ଧୁ ଦାସ ତାଙ୍କର 'ବନ୍ଦୀର ସ୍ୱଦେଶ ଚିନ୍ତା' କବିତାରେ ବନ୍ଦୀ ଭାବରେ କାରାଗାରରେ ଦିବସ ଅତିବାହିତ କରୁଥିବା ବେଳେ ବସନ୍ତ ପବନକୁ କହିଛନ୍ତି ତାଙ୍କର ପ୍ରିୟ ବାସସ୍ଥଳୀ ଉତ୍କଳର ପ୍ରିୟ ସ୍ଥାନ ସବୁ ବୁଲିଆସି ତା' ସୁସମାଚାର ପ୍ରଦାନ କରିବା ପାଇଁ । ତାଙ୍କର ମନେ ପଡ଼ିଯାଉଛି ସୁଦୂର ପଲ୍ଲୀର ଉଦ୍ୟାନ, ଯେଉଁଠି ନାନା କିସମର ରସାଳ ଫଳ ସବୁ

ଫଳେ, ତନ୍ମଧ୍ୟରେ ତାଳବୃକ୍ଷ ମଧ୍ୟ ଅନ୍ତର୍ଭୁକ୍ତ:-

‘ଆମ୍ବ ରମ୍ଭା ବେଲ ଲେମ୍ବୁ ନାରିକେଳ
ପଣସ ସପୁରି ଖଜୁରି ତାଳ
ବିଧିରକ୍ଷା ପାଇଁ ଆସିଥିବ ଛୁଇଁ
‘ଉଦ୍ୟାନ’ର ନାନା ଫଳ ରସାଳ।’

‘ତପସ୍ୱିନୀ’ରେ ଗଙ୍ଗାଧର ମେହେର ତାଳଗଛରେ ବାୟା ବସାର ପ୍ରତିକ୍ରିୟାତ୍ମକ ଆଚରଣ ଯାହା ଦୁଃଖିନୀ ସୀତାଙ୍କ ଉଦ୍ଦେଶ୍ୟରେ ଏକ ସମବେଦନା ଜ୍ଞାପନ କଲାଭଳି ପ୍ରତୀୟମାନ ହୋଇଛି:-

‘ବାୟାବସା ତୂଣୀରକୁ ଝାଡ଼ି ବାରମ୍ବାର
ପତ୍ର କଙ୍କପତ୍ର କଲା କି ଅବା ବାହାର।’

ଅନୁରୂପ ଭାବରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ‘ବନ୍ଦେ ଉତ୍କଳ ଜନନୀ’ କବିତାରେ ଉତ୍କଳ ମାତୃକାର ଉଚ୍ଛ୍ୱସିତ ପ୍ରଶଂସାରେ ବିଭୋର ହୋଇ ଲେଖିଛନ୍ତି:

‘ତାଳ ତମାଳ ସୁଶୋଭିତ ତୀର/ ପୁଣ୍ୟ ତଟିନୀ ତଟ ଶୀତଳ ସମୀର।’

**ଚିତ୍ରକଳ୍ପରେ ତାଳବୃକ୍ଷ**

ଆଧୁନିକ ଓଡ଼ିଆ କବିତାରେ ପ୍ରତୀକ ଓ ଚିତ୍ରକଳ୍ପ ଭାବରେ କେତେକ କବି ତାଳବୃକ୍ଷର ବ୍ୟବହାର କରିଥିବା ଦେଖାଯାଏ, ଯେପରି ସୁପରିଚିତ କବି ଜଗନ୍ନାଥ ପ୍ରସାଦ ଦାସ ତାଙ୍କର ‘ପିଲାଦିନ’ ନାମକ କବିତାରେ ଉଲ୍ଲେଖ କରିଛନ୍ତି:-

**ଆଧୁନିକ ଓଡ଼ିଆ କବିତାରେ ପ୍ରତୀକ ଓ ଚିତ୍ରକଳ୍ପ ଭାବରେ କେତେକ କବି ତାଳବୃକ୍ଷର ବ୍ୟବହାର କରିଥିବା ଦେଖାଯାଏ।**

‘ମାମୁ ଘର କାଗଜ ଡଙ୍ଗା ବୁଡ଼ିଗଲା
ଚକାଚକା ଭଉଁରି ଭିତରେ
ଗୁଣ୍ଡୁଚିମୂଷା କାଟିନେଲା ଗୁଡ଼ିର ସୂତାକୁ
ତାଳଗଛ ଲମ୍ବା ଲମ୍ବା ହାତ ବଢ଼ାଇ
ଛୁଇଁ ଦେଲା ପ୍ରଥମ ତାରାକୁ
ବାଦୁଡ଼ି ଡେଣାରେ ଚଢ଼ି
ମୁହଁ ସଞ୍ଜ ଆକାଶରୁ ଓହ୍ଲାଇଲା।’

ଓଡ଼ିଆ ଲୋକ ସାହିତ୍ୟରେ ସେହିପରି ବଡ଼ ସୁନ୍ଦର ସୁନ୍ଦର ଦୃଷ୍ଟାନ୍ତ ‘ତାଳବୃକ୍ଷ’ର ବ୍ୟଞ୍ଜନାତ୍ମକ ପ୍ରୟୋଗକୁ ନେଇ ରହିଛି ଯାହା ଅତ୍ୟନ୍ତ ହୃଦ୍ୟ ଓ ସରସ। ଶଗଡ଼ିଆ ଗୀତ, ଗୋଠ ବାହୁଡ଼ା ଗୀତ, ଦୋଳିଗୀତ ଇତ୍ୟାଦିରେ ମୁଖ୍ୟତଃ ଏହା ଦେଖାଯାଇଥାଏ।

ଏକ ଶଗଡ଼ିଆ ଗୀତରେ ନଡ଼ିଆ, ଗୁଆ ଓ ତାଳଗଛର ଶୋଭାରେ ଗାଁ କିପରି ଅଧିକ ଶୋଭାମୟ ହୋଇପଡେ, ତାହା ବର୍ଣ୍ଣିତ:-

‘ଦୂରକୁ ସୁନ୍ଦର ତ ପରବତମାଳ
ଗାଆଁକୁ ସୁନ୍ଦର ତ ନଡ଼ିଆ ଗୁଆ ତାଳ।’

ପବନରେ ତାଳପତ୍ରର ମର୍ମର କେତେ ସୁନ୍ଦର ଓ ଶ୍ରୁତି ମାଧୁର୍ଯ୍ୟ ତାହାର ଏକ ବର୍ଣ୍ଣନା :-

‘ତାଳପତ୍ର ଖରଖର
ବିଜୁଳି ମାରୁଛି ନବଘନର
ଦେଖାନାହିଁ ଡେରା ଘର, ନାଗର ହେ!’

ସେହିପରି ଆଉ ଦୁଇଟି ବର୍ଣ୍ଣନା ଏଠାରେ ଦିଆଗଲା :

‘ତାଳ ବହୁଙ୍ଗାରେ ବାୟା ବସା
କନକ କାନ୍ତିକୁ ତେଲଙ୍ଗୀ ଖୋଷା
ସାହିଯାକ ପରଶଂସା।’

‘କଳା ହାଣ୍ଡିଆର ତାଳ
ପହିଲି ପାଳି ବୋଉ ପଠେଇ ଦେଲୁ ଲୋ
ପାତିରେ ନାହିଁ କଜଳ, ମହାପ୍ରଭୁ ସେ।’

**ପ୍ରବନ୍ଧ ସାହିତ୍ୟରେ ତାଳବୃକ୍ଷ**

ଓଡ଼ିଶାର ବିଶିଷ୍ଟ ପ୍ରାବନ୍ଧିକ ସ୍ୱର୍ଗତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ତାଙ୍କର ‘ପ୍ରବନ୍ଧ ମାନସ’ ସଂକଳନସ୍ଥ ‘ପୁଷ୍ପପୁରରେ ବର୍ଷାବରଣ’ ପ୍ରବନ୍ଧରେ ଦୁଇଟି ସ୍ଥାନରେ ତାଳବନର ସୁଷମା ବଡ଼ ସୁନ୍ଦର ଓ ହୃଦୟସ୍ପର୍ଶୀ ଭାବରେ ବର୍ଣ୍ଣନା କରିଛନ୍ତି -

‘ଏକ ଦିଗରେ ତାଳ, ତମାଳ, ତାମ୍ବୂଳ ଓ ନାରିକେଳ ବନରେ ବିଶୋଭିତ ମହୋଦଧିର ବେଳାରେ ସେ ବଳୟିତ ହୋଇଛି, ଆଉ ଅନ୍ୟ ଦିଗରେ ତୁଙ୍ଗ ଶିଖରୀ ସମାକୂଳ ନିବିଡ଼ ବନରାଜିର ଅସରନ୍ତି ଶ୍ୟାମ ଶୋଭାରେ ଅପରୂପା ହୋଇଛି।’

ଏଥିରେ ଓଡ଼ିଶାର ଭୌଗୋଳିକ ସାମଗ୍ରିକତାକୁ ଦୁଇଟି ବୈଶିଷ୍ଟ୍ୟ ଯଥା ପାର୍ବତ୍ୟାଞ୍ଚଳ ଓ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ

ବିଭକ୍ତ କରି ସେ ତା'ର ମନୋରମ ବ୍ୟାଖ୍ୟା କରିଛନ୍ତି, ଯେଉଁଥିରେ ଓଡ଼ିଶାର ପ୍ରାକୃତିକ ସୁଷମା ବର୍ଦ୍ଧନରେ ତାଳବୃକ୍ଷର ଏକ ବିଶେଷ ଭୂମିକା ଥିବା କଥା ସୂଚାଇଛନ୍ତି। ସେହିପରି 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରେ ଅନ୍ୟତ୍ର ସେ ଉଲ୍ଲେଖ କରିଛନ୍ତି :-

'ବାରିବାହ ପ୍ରଭଞ୍ଜନ ବଳରେ ଏହିଠାରୁ ତୁ ତୋର ବିଜୟ ରଥକୁ ଦ୍ୱାରାଗତିରେ ବାହିନେବୁ! ପୂଗ ଓ ପୁନ୍ନାଗ ମଧ୍ୟରେ ସଂଘର୍ଷ ଲଗାଇ, ତାଳ ତରୁର ଦୀର୍ଘ ଘନିଭୂତ ମସ୍ତକକୁ ସଜୋରେ ସଞ୍ଚାଳନ କରି; ତମାଳ ପତ୍ରରେ ନବ ନୀଳିମା ବୋଳିଦେଇ ନୀଳାଚଳ ପଥରେ ଯାଉଁ ଯାଉଁ ନୀଳାଚଳନାଥଙ୍କ ଧବଳିତ ସଦନ ଦକ୍ଷିଣା ଶାମୁଖମ କରିବା ପରି ବହୁ ଦୂରରୁ ତୋର ନେତ୍ର ପଥରେ ଭାସି ଉଠିବ।'

ପ୍ରାବନ୍ଧିକ ଗୋଲୋକ ବିହାରୀ ଧଳ ମଧ୍ୟ ତାଙ୍କ ଲିଖିତ ଏକ ପ୍ରବନ୍ଧରେ ଭାରତରେ ବ୍ରିଟିଶମାନେ ଥିଲାବେଳେ କିପରି ତାଳଗଛକୁ ତୋପ ବୋଲି ଦେଖାଇ ଜାପାନୀ ଶତ୍ରୁଙ୍କୁ ଘଉଡାଇଥିଲେ ତା'ର ଏକ କ୍ଷୀଣ ସୂଚନା ପ୍ରଦାନ କରିଛନ୍ତି:

**ଭାରତଟା ସିନା ବ୍ରିଟିଶମାନଙ୍କର ନିଜ ରାଜ୍ୟ ନ ଥିଲା ବୋଲି ତାଳଗଛକୁ ତୋପ କରି ଦେଖାଇ ଜାପାନୀ ଶତ୍ରୁଙ୍କୁ ଏ ଦେଶରୁ ଘଉଡୁଥିଲେ !**


'ଭାରତଟା ସିନା ବ୍ରିଟିଶମାନଙ୍କର ନିଜ ରାଜ୍ୟ ନ ଥିଲା ବୋଲି ତାଳଗଛକୁ ତୋପ କରି ଦେଖାଇ ଜାପାନୀ ଶତ୍ରୁଙ୍କୁ ଏ ଦେଶରୁ ଘଉଡୁଥିଲେ। କିନ୍ତୁ ଆମେ କ'ଣ ଆମ ନିଜ ଦେଶକୁ ଏମିତି ଠକି ପାରିବା କି!'

**ସହାୟକ ଗ୍ରନ୍ଥସୂଚୀ:**

ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ: ଗୋପାଳ ଚନ୍ଦ୍ର ପ୍ରହରାଜ
ଉତ୍କଳର ଗାଉଁଲି ଗୀତ: ଚକ୍ରଧର ମହାପାତ୍ର
ପ୍ରବନ୍ଧ ମାନସ : କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ସ୍ୱାଧୀନ ଦେଶର ଶିକ୍ଷାଚିନ୍ତା: ଗୋଲୋକ ବିହାରୀ ଧଳ

□□

ଲେଖକଙ୍କ ଇ-ମେଲ ଠିକଣା:
dharmendrapatra068@gmail.com




# ଅପରୂପ ଶ୍ରୀଜଗନ୍ନାଥ

ଚଳିତ ବର୍ଷ ରଥଯାତ୍ରା ଅବସରରେ ପ୍ରକାଶିତ, ଶତାଧିକ ଲେଖକଙ୍କ ଦ୍ୱାରା ରଚିତ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଅନନ୍ୟ ଅନୁଭୂତିର ଏକ ଅନବଦ୍ୟ ସଂକଳନ।

**ବିଶେଷ ଆକର୍ଷଣ: ଶ୍ରୀକ୍ଷେତ୍ରରେ ଅବସ୍ଥିତ ୫୪ଟି ତୀର୍ଥସ୍ଥାନ ଓ ଦେବଦେବୀଙ୍କ ଉପରେ ୩୦୦ରୁ ଅଧିକ ପୃଷ୍ଠାର ଉପସ୍ଥାପନା।**

**ସଂକଳକ:** ପୀତବାସ ରାଉତରାୟ

ପୃଷ୍ଠା ସଂଖ୍ୟା: ୮୦୦ ମୂଲ୍ୟ: ଟ.୫୦୦

**ପ୍ରକାଶକ:** ମହାବୀର ପ୍ରକାଶନ, ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର

**ପରିବେଷକ:**

ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ, ଅନନ୍ୟା, ଏ/୬୬, ପି.ପି.ଏଲ୍ ହାଉସିଂ କଲୋନୀ, ଖଣ୍ଡଗିରି ଛକ, ଭୁବନେଶ୍ୱର - ୭୫୧୦୧୯, ମୋବାଇଲ୍: ୯୪୩୭୫୭୪୬୪୯

କବିତା



# ନାହିଁ ନାହିଁର ବ୍ରହ୍ମାଣ୍ଡ ତୁମେ

ପ୍ରତିଭା ପରିଡ଼ା



ତୁଚ୍ଛା ମାଟିରେ ପାଦ ରଖି
ଛିଡ଼ା ହୋଇଥିଲେ ବି ଲାଗେ,
ସାରା ଆକାଶ ସାଉଁଳି ଦେଉଛି ମଥା...
ଅଥଚ ମଥା ଟେକିଲେ
ଖାଲି ଦୂର ଦିଗବଳୟ ଧାର
ଆଉ ଅସରନ୍ତି ଶୂନ୍ୟ ନୀରବତା...
ଇଏ ବୋଧେ ତୁମର ବିମୁଗ୍ଧ ଦୃଷ୍ଟି
ପୁଣି ତଳକୁ ଝୁଙ୍କି ଆସୁଥିବା ତୁମ ମୁଗ୍ଧ ଆଖି ପତା -

କିଏ ଜାଣେ
ନୀରବତା କେତେ କଥା କୁହେ,
ନଈ କୂଳ ମତାଣିଆ ପବନ ସାଥିରେ
ଅଚିହ୍ନା ମଧୁର ସ୍ୱନଟିଏ ଭାସି ଆସୁଥାଏ...
ଚୁପଚାପ୍ ଜହ୍ନରାତି
ଝିଙ୍କାରିର ବାହୁନା ସାଥିରେ
ଶବ୍ଦର ନହବତ ଶୁଭୁଥାଏ -

ପ୍ରଭାତୀର ତୋଫା ଆଲୁଅରେ
ତୁମ ଛବି ଉଭା ହୁଏ ବାରଂବାର...
ଅଭୟ ହସ୍ତର ମୁଦ୍ରାରେ
ଦୂରାଗତ କେଉଁ ଏକ କଲ୍ୟାଣୀର -

ତୁମ ନାହିଁ ନାହିଁର ଆବରଣରେ
ବ୍ରହ୍ମାଣ୍ଡ ତଳେ ଭରା,
ଭିଜିଲା ଧରଣୀ ମେଘ ମେଦୁରିତ...
ଊର୍ଦ୍ଧ୍ୱରେ ଚହଟୁଥାଏ
ଉହୁଁକି ଆସୁଥିବା ଝୁଲିଲା ଆକାଶ -

ସେଇ ପୁଲକିତ ମଧୁର ବେଳାରେ
ନିଃସ୍ୱେଟେ ଯୋଡ଼ହସ୍ତେ ଠିଆ
କେଉଁ ଅନାଦି କାଳରୁ,
ନିରେଖି ଦେଖିବାକୁ ତୁମ ନାହିଁ ନାହିଁର ଉତ୍ସ...
ପୁଣି ବିଛାଡ଼ି ହୋଇ ପଡୁଥିବା
ଯେତେ ସବୁ ଅମୂର୍ତ୍ତ ଆଶ୍ୱାସ -

□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
prativaasatyam@gmail.com


ପ୍ରବନ୍ଧ

# ସାଂପ୍ରତିକ ଓଡ଼ିଆ କ୍ଷୁଦ୍ରଗଳ୍ପରେ ବିସ୍ଥାପନର ଚିତ୍ର



ଡ. ସ୍ୱାଧୀନ ଚନ୍ଦ୍ର ପଧାନ

ସମ୍ପ୍ରତି ଓଡ଼ିଆ କ୍ଷୁଦ୍ରଗଳ୍ପ ନୂତନ ପରୀକ୍ଷା ନିରୀକ୍ଷା ମାଧ୍ୟମରେ ଏକ ଉର୍ଦ୍ଧ୍ୱଗାମୀ ଚେତନା ଦ୍ୱାରା ଭାସ୍ୱର। ଗାଳ୍ପିକଙ୍କ ଚିନ୍ତାଚେତନାର ସୁ-ବୃହତ୍ ଆଶା ଆକାଂକ୍ଷା ସାଙ୍ଗକୁ ଗଳ୍ପର ପରିସୀମାକୁ ନୂତନ ଦିଗ ଦେବାରେ ସେମାନେ ପାରଙ୍ଗମତା ହାସଲ କରିଛନ୍ତି। ସମକାଳୀନ ଓଡ଼ିଆ କ୍ଷୁଦ୍ରଗଳ୍ପରେ ବିଭିନ୍ନ ଚେତନାର ସମ୍ମିଶ୍ରିତ ରୂପ ଲକ୍ଷ୍ୟ କରାଯାଇପାରେ। ବିଭିନ୍ନ ପାଶ୍ଚାତ୍ୟଧର୍ମୀ ଚେତନା ସାଙ୍ଗକୁ ଆମ ସମାଜରେ ପରିଲକ୍ଷିତ ବିଭିନ୍ନ ସମସ୍ୟାର ଉଦ୍‌ଘାଟନ କରିବା ଯେପରି ଆଜିର କ୍ଷୁଦ୍ରଗଳ୍ପର ଧ୍ୟେୟ ବସ୍ତୁ ପାଲଟିଛି। ବର୍ତ୍ତମାନର ଗଳ୍ପ ଆଉ କଳ୍ପଲୋକର କାହାଣୀ କହୁନାହିଁ। ବରଂ ବାସ୍ତବତାର ଅଗ୍ନିକଣିକା ବୁଣିଦେଇ ଗଳ୍ପକୁ ଜୀବନ୍ତ ଓ ରସାଳ କରି ଗଢ଼ିତୋଳୁଛି। ଏ କ୍ଷେତ୍ରରେ ଗଳ୍ପକାରମାନଙ୍କ ଅବଦାନ ଅବିସ୍ମରଣୀୟ। ସାଧାରଣ ଜନସମାଜକୁ ସଚେତନତାର ବିଭିନ୍ନ ବାର୍ତ୍ତା ସାଙ୍ଗକୁ ଆମ ପାରମ୍ପରିକ ରୀତିନୀତି, ଚାଲି ଚଳଣି, ଆଚାର-ବ୍ୟବହାର କଥାକୁ ପୁଙ୍ଖାନୁପୁଙ୍ଖ ଭାବରେ ଏ ସମୟର ଗଳ୍ପ ଆଙ୍କିଛି। ଏ ସମୟର ଗଳ୍ପର କଥାବସ୍ତୁରେ ଅନ୍ୟାନ୍ୟ ପ୍ରସଙ୍ଗ ପରି ବିସ୍ଥାପନ ମଧ୍ୟ ଏକ ନୂତନ ପ୍ରସଙ୍ଗ ଭାବେ ପରିଗଣିତ ହୋଇ, ଏହାର ମୂଲ୍ୟାଙ୍କନ କରାଯାଉଛି।



ଉତ୍ତର ଅଶୀ-ନବେ ଦଶକରେ ଏହି ବିସ୍ଥାପନ ସମସ୍ୟାକୁ କେନ୍ଦ୍ରକରି ବହୁ ଗାଳ୍ପିକ ଗଳ୍ପମାନ ରଚନା କରିଛନ୍ତି। ବିସ୍ଥାପନ ହେଉଛି ଲୋକଙ୍କୁ ନିଜ ଭିଟାମାଟି ଛାଡ଼ିବା ପାଇଁ ବାଧ କରିବା। ତାଙ୍କୁ ଗୋଟିଏ ଜାଗାରୁ ଅନ୍ୟତ୍ର ଥଇଥାନ କରିବା। ସରକାରୀ ଚାପ, କଳକାରଖାନା ବସତି, ଜଳସେଚିତ ଡେମ୍ ନିର୍ମାଣର ଆଳ ଦେଖେଇ କେତେ ଯେ ଗ୍ରାମବାସୀ ଭୂମିହରା ହୋଇ ବିସ୍ଥାପିତ ହୋଇଛନ୍ତି ତା'ର ଚିତ୍ର ଗଳ୍ପରେ କିଛି ଊଣା ନୁହେଁ। ଏ ପ୍ରସଙ୍ଗରେ ବିଶିଷ୍ଟ ସମାଲୋଚକ ପ୍ରଫେସର ବଭ୍ରୁବାହନ ମହାପାତ୍ର ମତବ୍ୟକ୍ତ କରନ୍ତି – '୧୯୮୦ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ବିସ୍ଥାପନ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସମସ୍ୟା। ବିଜ୍ଞାନର ଜୟବାର୍ତ୍ତା ଧରି ଶିଳ୍ପ ବିକାଶ ଓ ଆର୍ଥିକ ପ୍ରଗତିର ନାରା ଦେଇ ଆମ ସରକାରମାନେ କେତେ ସରଳ ନିରୀହ ଲୋକର ଘର ଭାଙ୍ଗିଛନ୍ତି, ତା'ର ଇୟତ୍ତା ନାହିଁ। ବେଘର ଗରିବର ଉଦ୍‌ବାସ୍ତୁ ଯନ୍ତ୍ରଣାର କଥା ଆମ ଗଳ୍ପ ସାହିତ୍ୟରେ ବିଶେଷଭାବେ ଫୁଟିଛି। ଆରଣ୍ୟକ, ଆଦିବାସୀ, ସହର ତଳିବସ୍ତି, ରାସ୍ତାକଡ଼ର ଟିଣ ଛପର ଘରେ ଦିନ କାଟୁଥିବା ମଣିଷକୁ ଆଉ କେଉଁଠି ଘର ଯୋଗାଇ ଦେବାର ଆଶ୍ୱାସନା ଦେଇ ତାକୁ ବିତାଡ଼ିତ କରାଯାଇଛି। ଏ ଦୁଃଖ ଅବର୍ଣ୍ଣନୀୟ।' (ଓଡ଼ିଆ କଥା ସାହିତ୍ୟର ବିଭା ଓ ବିବିଧତା, ପୃଷ୍ଠା - ୭୦/୭୧) ବାସ୍ତବିକ ବିସ୍ଥାପନ ସମସ୍ୟା ଜନସାଧାରଣଙ୍କ ଦୁଃଖ ଯନ୍ତ୍ରଣାର ଏକ ମର୍ମନ୍ତୁଦ ଯାତନା, ଯହିଁରୁ ମୁକ୍ତି ପାଇଁ ମଣିଷ ଅହରହ ସଂଗ୍ରାମ କରିଥାଏ।

### ସାମ୍ପ୍ରତିକ ସାହିତ୍ୟରେ ବିସ୍ଥାପନ

ସାମ୍ପ୍ରତିକ କଥାକାରଙ୍କ ଲେଖନୀରେ ଏହି ବିସ୍ଥାପନ ସମସ୍ୟା ଅତି ସୁନ୍ଦର ଢଙ୍ଗରେ ବର୍ଣ୍ଣିତ। ଏହି କାଳର ସ୍ରଷ୍ଟାଗଣ ଏହାର ବାସ୍ତବ ରୂପରେଖକୁ ଖେଳକୁ ନିର୍ଣ୍ଣୟ କରି ତା'ର ନିରାକରଣର ବାର୍ତ୍ତା ସଂଯୋଜିତ କରିଛନ୍ତି ଗଳ୍ପ ମଧ୍ୟରେ। ଏ କ୍ରମରେ ତରୁଣ କୁମାର ସାହୁଙ୍କ 'ବିସ୍ଥାପନ' ଗଳ୍ପରେ ସରକାରଙ୍କ ଯୋଜନାମତେ ଗୋଟିଏ ଗାଁରେ ପ୍ରକଳ୍ପ ବସାଇବା, ବେସାହାରା ଲୋକଙ୍କୁ ନୂଆ ଜାଗାରେ ଥଇଥାନ କରିବା ପ୍ରସଙ୍ଗ

ବର୍ଣ୍ଣିତ। ସେଦିନ ସମ୍ବିତ୍ ମା'ଙ୍କଠାରୁ ଚିଠି ପାଇ ଗାଁକୁ ଧାଇଁଥିଲା। ଗାଁ ଲୋକଙ୍କୁ ସରକାର ନୂଆ ଜାଗାରେ ଥଇଥାନ କରିବା ଓ ତାଙ୍କ ଜମିବାଡ଼ି ନେଇ ଗାଁରେ ଗୋଟିଏ ପ୍ରକଳ୍ପ କରୁଥିବା କଥା ଚିଠିରେ ଉଲ୍ଲିଖିତ ଥିଲା। କିନ୍ତୁ ଲୋକଙ୍କ ମନରେ ଭିଟାମାଟି ପ୍ରତି ପ୍ରଗାଢ଼ ମୋହ, ଆନ୍ତରିକତା ସରକାରଙ୍କ ଯୋଜନା ପ୍ରତି ବିମୁଖତା ସୃଷ୍ଟି କରୁଥିଲା। ସମ୍ବିତର ପିଲାଦିନର ସାଙ୍ଗ ଇନ୍ଦୁ, ପରାଶର ସମସ୍ତେ ଏ ପ୍ରସଙ୍ଗରେ ଏକତ୍ରିତ ହୋଇସାରିଥିଲେ। ନିଜ ଗାଁ ମାଟି ପ୍ରତି ନିଜର କର୍ତ୍ତବ୍ୟ ରହିଛି ଏକଥା ସମସ୍ତେ ବୁଝି ସାରିଥିଲେ। ସମସ୍ତଙ୍କ ଆଲୋଚନାର ଗୋଟିଏ ପ୍ରସଙ୍ଗ ଥିଲା - 'ଦେଶରେ ଏବଂ ଆମ ରାଜ୍ୟରେ ଆଉ କ'ଣ କୋଉଠି ଜାଗା ନାହିଁ। ଖୋଲା ପଡ଼ିଆ ନାହିଁ, ଜଙ୍ଗଲ ନାହିଁ, କେବଳ ଆମରି ଗାଁ ଆଉ ଆମ ପାଖର କେତୋଟି ଗାଁ ଲୋକଙ୍କୁ ବିସ୍ଥାପିତ କରି ସର୍ବହରା, ନିଃସ୍ୱ, ନିର୍ଜୀବ କଲେ ଯାଇ ପ୍ରକଳ୍ପ ରୂପାୟିତ ହୋଇପାରିବ।' (ନିର୍ବାଚିତ ଗଳ୍ପ - ୨୦୨୦, ପୃଷ୍ଠା - ୧୩୨) ଏ ସଂଳାପରେ ବିସ୍ଥାପନର ଜଳ ଜଳ ଚିତ୍ର ସହଜେ ଅନୁମେୟ ହୁଏ।




ସେହିପରି କଥାକାର ରବି ପଣ୍ଡାଙ୍କ 'ସାରା ଆକାଶ ଅନ୍ଧାର' ଗଳ୍ପଟିରେ ମଧ୍ୟ ବିସ୍ଥାପନ ସମସ୍ୟାର ଉତ୍କଟ ରୂପ ପ୍ରଦର୍ଶିତ। ଗଳ୍ପ ନାୟକ ସରଜୁ ଭିଟାମାଟିର ଉକ୍ତା ଚାଷକରି କୁଟୁମ୍ବ ପ୍ରତିପୋଷଣ କରେ। ସେଥର ଗାଁରେ କାରଖାନା ବସିବ ବୋଲି ପ୍ରଚାରିତ ହେବାପରେ ସେ ଜମି ନ ଛାଡ଼ିବାକୁ ଲୋକଙ୍କୁ ବୁଝାଇଛି। ମାତ୍ର ତା'ର ନିଜ ଜନ୍ମ କଲା ପୁଅ କାରଖାନା ହେବା ଲୋକଙ୍କୁ ଚାକିରି, ଘର, ସୁବିଧା ମିଳିବ ବୋଲି ବୁଝାଇଛି। ତଥାପି ତା'ର ବାପଟି ଅମଙ୍ଗ ହୋଇଛି। ପରେ ଘରଦ୍ୱାର ଚାଲିଯିବା ପରେ ସରଜୁ ପାଗଳ ପ୍ରାୟ ହୋଇଉଠିଛି। ସ୍ତ୍ରୀ କମଳୀକୁ ହରାଇଛି। ପୁଅ ସେହି କମ୍ପାନୀରେ ହାକିମ ହୋଇଛି। ବିସ୍ଥାପନ ବିରୁଦ୍ଧରେ ସ୍ୱର ଉତ୍ତୋଳନକରି ସରଜୁ ସିକ୍ୟୁରିଟି ଗାର୍ଡର ଫାୟାରିଙ୍ଗର ଶିକାର ହୋଇଛି। ରଘୁବାବୁ ଡେଡ୍‌ବଡିକୁ ଶୀଘ୍ର ପ୍ୟାକ୍‌କରି ସ୍ଥାନାନ୍ତର କରିବାପାଇଁ ଆଦେଶ ଦେଇଛନ୍ତି। ବିସ୍ଥାପନ ସମସ୍ୟାର ଉତ୍‌ଥାପନ କରି ଗାଳ୍ପିକ ବର୍ଣ୍ଣନା କରିଛନ୍ତି, ଏହିପରି - 'ସେଦିନ ରାତି ପାହୁ ପାହୁ ଗାଁ ସାରା ପୋଲିସ୍‌ର ଘେର। କାନ୍ଧରେ ବନ୍ଧୁକ, ହାତରେ ମୂଳିଆ ଠେଙ୍ଗା। ଘର ଭାଙ୍ଗିବାକୁ ବିରାଟ ବିରାଟ ବୁଲ୍‌ଡୋଜର। xxx ଗୋଟେ ଦି'ଟା ଚୁଙ୍ଗା ପ୍ରଚାର କରୁଛି। ସମସ୍ତଙ୍କୁ ଦୁଇଘଣ୍ଟା ସମୟ ଦିଆଗଲା, ନିଜ ନିଜର ଜିନିଷପତ୍ର ଟ୍ରକ୍‌ରେ ଲୋଡ୍ କରନ୍ତୁ। ସମସ୍ତେ ବିସ୍ଥାପନ କଲୋନୀକୁ ସ୍ଥାନାନ୍ତର ହେବେ। ସେଠାରେ ସବୁ ବନ୍ଦୋବସ୍ତ ହୋଇସାରିଛି। ଘର ଖାଲି କରନ୍ତୁ।'(ପୃ- ୪୯)

**ବିସ୍ଥାପନର ଚିତ୍ର**

କଥାକାର ଗାଳ୍ପିକା ମୌସୁମୀ ପରିଡ଼ାଙ୍କ 'ଈଶ୍ୱରଙ୍କୁ ଭେଟିଲା ପରେ' ଗଳ୍ପ ସଂକଳନ (୨୦୧୮)ରେ ପ୍ରକାଶିତ 'ସୂର୍ପଣଖା' ଗଳ୍ପରେ ଏହି ବିସ୍ଥାପନ ସମସ୍ୟା ପ୍ରକଟିତ। ଗୋଟିଏ ଗରିବ ପରିବାର ମଧ୍ୟରେ ଛଇଲ ତା'ର ସ୍ୱାମୀ ଅଇଁଠୁ ଓ ଦୁଇ ପୁଅ ଝିଅଙ୍କୁ ନେଇ ରହେ। ସ୍ୱାମୀ ମଦ୍ୟପ, ତେଣୁ ପରଦୁଆରେ କାମ କରି ଛଇଲ ପେଟ ପୋଷିଥାଏ। ପୁଣି ବେଳେବେଳେ କଣ୍ଟ୍ରାକ୍ଟର ପାଖରୁ ଧାରଉଧାର କରି ପଇସା ବି ଆଣିଥାଏ। ଏ କଥାକୁ ଶାଶୂ ଶାବରୀ ପସନ୍ଦ କରେନାହିଁ। ଅଇଁଠୁର ମୃତ୍ୟୁ ଏମାନଙ୍କ ପାଇଁ ଥିଲା ଏକ ଗଭୀର କ୍ଷତ। ଛଇଲ ଝିଅ 'ସୂର୍ପଣଖା' ସବୁ ବୁଝିଥାଏ। ସେଦିନ ପକ୍କାଘର ମିଳିବାର ପ୍ରଲୋଭନରେ ତାଙ୍କ ଝାଟିମାଟି କୁଡ଼ିଆକୁ ବୁଲ୍‌ଡୋଜର ଧ୍ୱଂସ କରୁଥିବାର ଦେଖି ସେ ମର୍ମାହତ ହୋଇପଡ଼ିଛି। ଗାଳ୍ପିକାଙ୍କ ଭାଷାରେ - 'କେମିତି ଗୋଟେ ଘୂର୍ଣ୍ଣିବଳୟ ପରି ମାଡ଼ିଆସୁଥିଲା ବୁଲ୍‌ଡୋଜର୍। ତା'ର ଚକ୍ରବ୍ୟୂହରେ ବିରାଟ ଅଟ୍ଟାଳିକା, ପାନ୍ଥଶାଳା, କେତେ ଦୋକାନ, କୁଡ଼ିଆ, ମନ୍ଦିରମାନେ ହାମୁଡ଼େଇ ହୋଇପଡୁଥିଲେ ମାଟି ଉପରେ। ଏତେ ବଡ଼ବଡ଼ ଘରଗୁଡ଼ାକ ଆଖି ପିଛୁଳାକେ ମିଳେଇ ଯାଉଥିଲେ ଧ୍ୱଂସସ୍ତୂପରେ। ଚାରିଆଡ଼ ଖାଲି ଇଟା,

ମାଟିର ପାହାଡ଼ମାନ.....। ସେଥିପାଇଁ ଜାଗାଟି ପୋଲିସ ଛାଉଣୀ ପାଲଟି ଯାଇଥିଲା ! ସେଠି ରହୁଥିବା ବସ୍ତିବାସିନ୍ଦା ଓ ଅନ୍ୟ ଲୋକମାନେ ଜୁଳୁଜୁଳୁ ହୋଇ ଚାହିଁଥିଲେ ମଲା ଲୋକଙ୍କ ଭଳି।' (ଈଶ୍ୱରଙ୍କୁ ଭେଟିଲା ପରେ, ପୃଷ୍ଠା - ୫୬) ଏ ବର୍ଣ୍ଣନାରୁ ସ୍ପଷ୍ଟ ଅନୁମେୟ ହୁଏ ଗାଁର ବସ୍ତିବାସିନ୍ଦାଙ୍କ ଘର ବିସ୍ଥାପିତ କରି ଅନ୍ୟତ୍ର ଥଇଥାନ କରିବା ଓ ସେମାନଙ୍କ ଭିଟାମାଟି ପ୍ରତି ଅନୁରକ୍ତିର କୋହର ସମ୍ବେଦନଶୀଳତା।

ବିରଜା ରାଉତରାୟଙ୍କ 'ପ୍ରତିପକ୍ଷର ହସ' (୨୦୧୧) ସଂକଳନସ୍ଥ 'ବିସ୍ଥାପନ' ଗଳ୍ପଟି ଚମତ୍କାର ପୃଷ୍ଠଭୂମି ଉପରେ ରଚିତ। ସେଦିନ ବାହାର ପିଣ୍ଡାରେ ବସି ପାନ ତିଆରି କରୁଥିବା ଅଜା ନିଧି ଘଡ଼େଇ ନିଜ ନାତି ମନୁଆକୁ ଡାକିଛନ୍ତି। ନିଜ ଗାଁରେ ବସିବାର ଅଭିପ୍ରାୟ ପଚାରିଛନ୍ତି। ପ୍ରତ୍ୟୁତ୍ତରରେ ମନୁଆ କହି ଉଠିଛି - 'ହଁ, ଜେଜେ, ସେ କମ୍ପାନୀ ଏଠି କାରଖାନା ବସେଇବ ବୋଲି ଠିକ୍ ହୋଇସାରିଲାଣି। ଆର ଗାଁ ବିସରପୁର ଛକରେ ତା' ଅଫିସ୍ ଖୋଲିଛି। ଏଇ ଦୁଇ ବର୍ଷ ଭିତରେ ସେ ଏଠି ବଡ଼ କାରଖାନା ଗୋଟେ ତିଆରି କରିବ।'(ପୃଷ୍ଠା - ୫୬) ଏକଥା ଶୁଣି ବୃଦ୍ଧ ନିଧି ଭାଙ୍ଗିପଡ଼ିଥିଲେ। ନିଜ ଭିଟାମାଟି ଛାଡ଼ିବାର ବାସନା ତାଙ୍କୁ ବ୍ୟତିବ୍ୟସ୍ତ କରିପକାଉଥିଲା। ଅନ୍ୟପଟରେ ମନୁଆ ତା'ର ବାପା, ଭଉଣୀ, କକେଇ ଏକର ପିଛା ପାଞ୍ଚ ଲକ୍ଷ ଟଙ୍କା ପାଇଲେ କ'ଣ କରିବେ ଭବିଷ୍ୟତର ସେହି ଯୋଜନା ସାଉଁଟୁଥିଲେ। ଗଳ୍ପଟିରେ ବିସ୍ଥାପନ ସମସ୍ୟା କିପରି ଜଣେ ବୃଦ୍ଧର ମେରୁଦଣ୍ଡକୁ ବଙ୍କା କରିଦେଇଛି ଓ ତାଙ୍କ ଆଶା ପାଣି ପଙ୍କ ପରି ଗୋଳିଆ ହୋଇଯାଇଛି ତା'ର ଚିତ୍ରପଟ।

**ସାମ୍ପ୍ରତିକ କାଳର ବହୁ ସ୍ରଷ୍ଟାଙ୍କ ଲେଖନୀରେ ଏହି ବିସ୍ଥାପନ କଥା ବେଶ୍ ମାର୍ମିକ ଢଙ୍ଗରେ ବର୍ଣ୍ଣିତ।**

କଥାକାର ସଞ୍ଜୟ କୁମାର ମିଶ୍ରଙ୍କ ଲେଖନୀରେ ଏହି ବିସ୍ଥାପନ ସମସ୍ୟା ଆହୁରି ତୀବ୍ରତର ଭାବେ ଅଭିବ୍ୟକ୍ତ। ତାଙ୍କର 'ଅନ୍ଧାରୁଆ ସକାଳ' ଗଳ୍ପଟିରେ ଏହି ବିସ୍ଥାପନ ସମସ୍ୟାର ଉତ୍କଟ ରୂପ ପ୍ରକଟିତ। ଏକ ଚମତ୍କାର ପ୍ରେମକାହାଣୀ ମାଧ୍ୟମରେ ଗାଳ୍ପିକ ବିସ୍ଥାପନ କଥାକୁ ପ୍ରକଟ କରିଛନ୍ତି। ଗଳ୍ପ ନାୟିକା ରାଜକୁମାରୀ ନାୟକ ରାଜୀବ ଲୋଚନକୁ ଭଲପାଉଥିଲା। ସେଦିନ ପ୍ରଶାସନିକ ପଦବୀରେ ଥାଇ ରାଜୀବ ଏକ ବନ୍ଧ ନିର୍ମାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲା। ସେଇ ନଈ ବନ୍ଧ ନିର୍ମାଣ ଯୋଗୁ ହଜାର ହଜାର ଲୋକଙ୍କ ଘର ଉଜୁଡ଼ି ଯାଉଥିବାରୁ ରାଜକୁମାରୀ ରାଜୀବକୁ ତ୍ୟାଗ କରିଥିଲା। ଏହି ଘଟଣା ମଧ୍ୟ ସୂଚିତ କରେ ବିସ୍ଥାପନ ସମସ୍ୟାକୁ।

ସାମ୍ପ୍ରତିକ କାଳର ବହୁ ସ୍ରଷ୍ଟାଙ୍କ ଲେଖନୀରେ ଏହି ବିସ୍ଥାପନ କଥା ବେଶ୍ ମାର୍ମିକ ଢଙ୍ଗରେ ବର୍ଣ୍ଣିତ। ବିସ୍ଥାପନ ଏକ ସମସ୍ୟା ନୁହେଁ, ବରଂ ଗରିବ ଲୋକଙ୍କ ଘର ଉଜାଡ଼ି ବେସାହାରା କରିଦେବାର ଏକ ମହାବଳ ରାକ୍ଷସଟିଏ। ଏହାର ଅନ୍ତ ହେଲେ ଗରିବ ମଣିଷ ସୁଖୀ ଜୀବନଯାପନ କରିପାରିବ। ଏ କ୍ଷେତ୍ରରେ ଗାଳ୍ପିକ ଆଦିତେଶ୍ୱର ମିଶ୍ରଙ୍କ 'ଇଲାଚି', 'ବୁଡ଼ିବୁଡ଼ି ଯାଉଥିବା ଲୋକର ଗପ' ଓ 'ଫୋର-ଜି' ମୋବାଇଲ ଗଳ୍ପଗୁଡ଼ିକରେ ଏହି ଭାବଧାରାର ଉତ୍କଟତା ଲକ୍ଷ୍ୟ କରାଯାଏ। ଜୀବନର ଅଙ୍ଗେ ନିଭାଉଥିବା ମଣିଷମାନଙ୍କୁ ଭେଟି, ତାଙ୍କଠାରୁ ବିସ୍ଥାପିତ ହେବାର ଦୁଃଖ ଶୁଣି ଗପର ଭାବବସ୍ତୁ ନିର୍ମାଣ କରିଥିବା ଏ ଶିଳ୍ପୀଙ୍କ ଲେଖନୀରେ ବିସ୍ଥାପନ ସମସ୍ୟା ବାସ୍ତବ ଓ ଜୀବନ୍ତ ମନେହୋଇଛି। 'ଇଲାଚି' ଗଳ୍ପଟି ଝଙ୍କାର ପତ୍ରିକାରେ ପ୍ରକାଶ ପାଇ ଖୁବ୍ ଆଦୃତି ଲାଭ କରିଥିଲା। ଏଥିରେ ସଇତଲା ନିକଟରେ କାରଖାନା ବସିବା ପରେ ଲୋକମାନେ କିପରି ବେସାହାରା ହୋଇଥିଲେ ତାହା ପ୍ରଦତ୍ତ। ସେହିପରି ଦ୍ୱିତୀୟ ଗଳ୍ପ 'ବୁଡ଼ିବୁଡ଼ି ଯାଉଥିବା ଲୋକର ଗପ' ରେ ସୁକ୍ତେଲ ପ୍ରକଳ୍ପ କଥା ବର୍ଣ୍ଣିତ। ଏହି ଗପଗୁଡ଼ିକର ଆବେଦନ ଯେପରି ମାର୍ମିକ ବିଷୟ ବୈଚିତ୍ର୍ୟ ସେତିକି ମହତ୍ତ୍ୱପୂର୍ଣ୍ଣ। ଏ ଗଳ୍ପ ପାଠ ପରେ ପାଠକର ଅନୁଭବ ହୁଏ ଯେମିତି ତା' ଆଖି ସାମନାରେ ଘଟି ଯାଉଛି ଏ ବୀଭତ୍ସ ଦୃଶ୍ୟ।

### ବାସ୍ତବ ଅଭିବ୍ୟଞ୍ଜନା

ସୁତରାଂ ଏହି ଆଲୋଚନାରୁ ସ୍ପଷ୍ଟ ପ୍ରତିଭାତ ହୁଏ ଯେ, ସାମ୍ପ୍ରତିକ କାଳର ଅନେକ ଗଳ୍ପରେ ବିସ୍ଥାପନର ଚିତ୍ର ପ୍ରକଟିତ ହୋଇଛି। ଗାଳ୍ପିକଗଣ ନିଜ ଅଞ୍ଚଳର ତଥା ଆଖପାଖ ସମାଜ ମଧ୍ୟରେ ଘଟୁଥିବା ନିଚ୍ଛକ ବାସ୍ତବ ଘଟଣାଗୁଡ଼ିକର ଅଭିବ୍ୟଞ୍ଜନା କରି ଗରିବ ଖଟିଖିଆ ମଣିଷଟିଏ କିପରି କାରଖାନା, ଶିଳ୍ପ ଯନ୍ତ୍ର ବସିବା ଦ୍ୱାରା ବେସାହାରା ହୋଇପଡ଼େ, ସେହି ବିଷୟକୁ କେନ୍ଦ୍ର

କରି ବିସ୍ଥାପନ କଥାକୁ ଉତ୍‌ଥାପନ କରିଛନ୍ତି। ବାସ୍ତବରେ ବିସ୍ଥାପିତ ମଣିଷର ଦୁଃଖ ଦୁର୍ଦ୍ଦଶା ଅବର୍ଣ୍ଣନୀୟ। ଯେଉଁ ମଣିଷଟି ନିଜ ଭିଟାମାଟିକୁ ସାହାରା କରି ଦୀର୍ଘ ଦିନ ମାଟି ସହ ସମ୍ପର୍କ ଯୋଡ଼ି ସାରିଥିବ, ସେ ପୁଣି ସରକାରଙ୍କ ନିର୍ଦ୍ଦେଶ ଅବା ବଡ଼ବଡ଼ ଶିଳ୍ପପତିଙ୍କ ସରକାରୀ ଚାପର ବଶବର୍ତ୍ତୀ ହୋଇ ଘର ସହ ବିଚ୍ଛିନ୍ନ ହେବା ଏକ ଦାରୁଣ ବ୍ୟଥା। ପଶ୍ଚିମ ଓଡ଼ିଶାର ବଲାଙ୍ଗୀର ସହରରେ ସୁକ୍‌ତେଲ ପ୍ରକଳ୍ପ ଏହା ପ୍ରମାଣ ଦର୍ଶାଇଦିଏ।

**ସାହିତ୍ୟ ସ୍ରଷ୍ଟା ସମାଜର ଦୋଷ ଦୁର୍ବଳତାକୁ ନିଜ କୃତି ମଧ୍ୟରେ ସନ୍ନିବେଶିତ କରି ତା'ର ଯଥାପଥ ନିରାକରଣର ବ୍ୟବସ୍ଥା କରିଥାଏ।**

ସାହିତ୍ୟ ସ୍ରଷ୍ଟା ଯଥାର୍ଥରେ ସମାଜର ଏକ ଜାଗ୍ରତ ପ୍ରହରୀ। ସେ ସମାଜର ଦୋଷ ଦୁର୍ବଳତାକୁ ନିଜ କୃତି ମଧ୍ୟରେ ସନ୍ନିବେଶିତ କରି ତା'ର ଯଥାପଥ ନିରାକରଣର ବ୍ୟବସ୍ଥା କରିଥାଏ। ଆଲୋଚ୍ୟକାଳର କେତେଜଣ କ୍ଷୁଦ୍ରଗଳ୍ପ ସ୍ରଷ୍ଟା ଏହି ବିସ୍ଥାପନ ସମସ୍ୟାକୁ ମୁଖ୍ୟ ଉପଜୀବ୍ୟ କରି ଗଳ୍ପର କଳେବରକୁ ଗଢ଼ି ତୋଳିଛନ୍ତି। ଗଳ୍ପକାରଗଣଙ୍କ ଦୃଷ୍ଟିରେ ବିସ୍ଥାପନ ଭୋଗୁଥିବା ମଣିଷର ବେଦନା, ହାହାକାର, କାରୁଣ୍ୟ ହୋଇଉଠିଛି ଜୀବନ୍ତ ଓ ବାସ୍ତବ। ପ୍ରକୃତି ସହ ଓତଃପ୍ରୋତ ଜଡ଼ିତ ଗାଉଁଲି ମଣିଷଟି ଯେତେବେଳେ ଶୁଣିଥାଏ ତା'ର ଭିଟାମାଟିଟି ଚାଲିଯିବ, ସେ ହୋଇଯିବ ବେସାହାରା, ସେତେବେଳେ ସେ ପାଗଳପ୍ରାୟ ହୋଇଉଠେ। ଶିଳ୍ପର ଉଦ୍ୟୋଗୀମାନଙ୍କ ସୁବିଧାବାଦୀ ଦୃଷ୍ଟିଭଙ୍ଗୀ ସହ ସେମାନଙ୍କ ସ୍ୱାର୍ଥଲିପ୍‌ସୁ ମନୋଭାବ ଏ କ୍ଷେତ୍ରରେ ବେଶି ପରିମାଣରେ ଗରିବଙ୍କୁ ନିଷ୍ପେଷିତ କରିଥାଏ। ଅତଏବ ଆମେ ସମସ୍ତେ ଏ କ୍ଷେତ୍ରରେ ବିଚାର କରିବାର ସମୟ ଆସିଛି। ବିସ୍ଥାପିତ ଲୋକଙ୍କୁ ସ୍ଥାୟୀ ସୁବିଧା ପ୍ରଦାନ କରି ତା'ର ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କଲେ ଏ ସମସ୍ୟାର ନିରାକରଣ ହୋଇପାରିବ ଓ ବିସ୍ଥାପନ ଜନିତ ସମସ୍ୟା ଦୂରୀଭୂତ ହେବ।

□□

ଲେଖକଙ୍କ ଇ-ମେଲ ଠିକଣା:
swadhinchandrap@gmail.com

Greetings from:

DAWS
Design Advertisement Web Solution
Print Media Consultation


**Design & Advertisement**

**We Deal in :** Vinyl, Flex, Inkjet, Oneway, Translite & Offset Printing

**Contact us :**
C 2/140, Vibhuti Khand, Gomti Nagar, Lucknow - 226 010 (India)
Mobile : 9919001828, E-mail : vikas.daws@gmail.com, Website : www.dawsindia.com

ଗଳ୍ପ

# ଦୁଇଟି ମିନିଗପ




ହରେକୃଷ୍ଣ ସାହୁ

## ଋତୁ

ବାପାଙ୍କ ସହିତ ଚିଣ୍ଟୁର ବହୁତ କମ ଦେଖା ସାକ୍ଷାତ୍ ହେଉଥିଲା। ଯଦି କେବେ କେମିତି ଚିଣ୍ଟୁ ପାଠ ପଢୁଥିବା ବେଳେ ବାପା ପହଞ୍ଚି ଯାଉଥିଲେ, ପୁଅର ପାଠପଢ଼ା ଦେଖି ବହୁତ ଖୁସି ହେଉଥିଲେ ଓ ଧାଡ଼ିଏ ଉପଦେଶ ଦେଇ ଚାଲିଯାଉଥିଲେ। ଉପଦେଶଟି ହେଲା, ବହିକୁ ଘୋଷିବା ଅପେକ୍ଷା ବହିର ପାଠ ସହିତ ନିଜର ଅଭିଜ୍ଞତାକୁ ମିଶାଇ ପ୍ରଶ୍ନର ଉତ୍ତର ଦେବା ବହୁତ ଭଲ କଥା। ଏହା ପରୀକ୍ଷକଙ୍କୁ ଖୁବ୍ ପ୍ରଭାବିତ କରିଥାଏ।

ଚିଣ୍ଟୁ ବାପାଙ୍କ କଥାକୁ ନିଜ ଭାବରେ ବୁଝି ମନେ ରଖିଥାଏ।



ସେଥର ବାର୍ଷିକ ପରୀକ୍ଷାରେ ପ୍ରଶ୍ନ ପଡ଼ିଲା, ଛଅଟି ଋତୁର ବର୍ଣ୍ଣନା କର। ଚିଣ୍ଟୁ ଏ.ସି. ଘରୁ ବାହାରି, ଏ.ସି. କାରରେ ବସି ଯାଉଥିଲା ଏବଂ ଏ.ସି. ସ୍କୁଲରେ ପଢୁଥିଲା। ବାହାର ପ୍ରକୃତି ସହିତ ତା'ର କିଛି ସମ୍ପର୍କ ନ ଥିଲା। ତେଣୁ ଉତ୍ତର ଲେଖିଲା, 'ଏବେ ପୃଥିବୀରେ ପୂର୍ବର କୌଣସି ଋତୁ ନାହିଁ। ଆମେ ନିଜ ପାଇଁ ମାତ୍ର ତିନୋଟି ଋତୁ ତିଆରି କରିଛୁ। ଏହା ହେଲା ଗାଧୁଆ ଘରେ ବର୍ଷାଋତୁ, ଶୋଇବାଘରେ ଏୟାର୍ କଣ୍ଡିସନ୍‌ଡ ଶୀତଋତୁ ଓ ଡ୍ରଇଁ ରୁମରେ ବସନ୍ତ ଋତୁ।'

## ଅଚ୍ଛବ ଠାକୁର

ଠାକୁରଙ୍କୁ ନେଇ ଉଚ୍ଚବର୍ଣ୍ଣ ଓ ନିମ୍ନବର୍ଣ୍ଣର ଲୋକଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଗଲା। ଫଳରେ ଦୁଇଜାତି ଦୁଇ ଦଳରେ ଭାଗ ହୋଇଗଲେ।

ଯୁଦ୍ଧ ଓ ଦ୍ୱନ୍ଦ୍ୱ ସେମିତି ଲାଗି ରହିଲା। ଏହାର ସମାଧାନ ପାଇଁ ସରକାର ଉକ୍ତ ଦୁଇ ଗୋଷ୍ଠୀଙ୍କୁ ସାଙ୍ଗରେ ନେଇ ବିଚାର ବିଭାଗର ଦ୍ୱାରସ୍ଥ ହେଲେ।

ଫଳରେ ପୁରାଣ ଶାସ୍ତ୍ର ଇତ୍ୟାଦି ଖୋଲାଗଲା। ବିଦ୍ୱାନ ଓ ଦିଗ୍‌ଗଜମାନଙ୍କୁ ସାରାଂଶ ବାହାର କରିବାକୁ ଅନୁରୋଧ କରାଗଲା।

ଶେଷରେ ସର୍ବସମ୍ମତି କ୍ରମେ ସ୍ଥିର କରାଗଲା ଯେ ନିମ୍ନ ଜାତିର ଲୋକମାନେ ଠାକୁରଙ୍କ ନିମ୍ନାଙ୍ଗ ପାଦରୁ ସୃଷ୍ଟି ହୋଇଛନ୍ତି। ଅନ୍ୟ କୌଣସିଠାରୁ ସୃଷ୍ଟି ହୋଇଥିବାର ପ୍ରମାଣ ମିଳୁନାହିଁ। ଅନ୍ୟ ତିନିଜାତି ଠାକୁରଙ୍କ ଅନ୍ୟାନ୍ୟ ଉଚ୍ଚ ଅଙ୍ଗମାନଙ୍କରୁ ସୃଷ୍ଟି ହୋଇଛନ୍ତି।

ତେଣୁ ଠାକୁରଙ୍କୁ ଦୁଇଭାଗ କରି ବାଣ୍ଟି ଦିଆଗଲା। ଉପର ଅଙ୍ଗ ତିନିଜାତିଙ୍କୁ ମିଳିବା ବେଳେ ପାଦର ଅଧିକାର ମିଳିଲା ନିମ୍ନଜାତିର ଲୋକମାନଙ୍କୁ।

ଉଚ୍ଚଜାତିର ଲୋକମାନେ ନିମ୍ନଜାତିର ଲୋକଙ୍କ ଅଧିକାରରେ ଥିବା ପାଦକୁ ପୂଜା କରିବେ ନାହିଁ ଏବଂ ନିମ୍ନ ଜାତିର ଲୋକେ ଠାକୁରଙ୍କ ଊର୍ଦ୍ଧ୍ୱ ଅଙ୍ଗକୁ ପୂଜା କରିବେ ନାହିଁ।

ଠାକୁରଙ୍କ ଶରୀରକୁ ନେଇ ରଚନା କରାଯାଇଥିବା ଗ୍ରନ୍ଥ, ସ୍ତୁତି ଓ ବନ୍ଦନାଗୁଡ଼ିକୁ ମଧ୍ୟ ଦୁଇଭାଗ କରି ବାଣ୍ଟି ଦିଆଗଲା। ପାଦ ବନ୍ଦନା ଓ ପାଦପୂଜା ରହିଗଲା ନିମ୍ନଜାତିର ଲୋକଙ୍କ ପାଖରେ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
harekrushna.mugupal@gmail.com



ଶିଶୁ ଗଳ୍ପ

# ମୁଖିଆ ମୂର୍ଖ ହେଲେ

ରଜନୀକାନ୍ତ ପାଢ଼ୀ

**ସେ**ଦିନ ରବିର ବୋଉ ଛାତ ଉପରେ ଗହମ ଶୁଖାଉଥିଲେ। ସେ ରବିକୁ କହିଲେ, "ପାରାମାନେ ଆସି ଆମ ଗହମ ଚରିଯିବେ। ତୁ ଛାତ ଉପରେ ଏ ଛାଇରେ ବସି ଦେଖୁଥା। ପାରା ଆସିଲେ ତଡ଼ିବୁ।" ରବି ଛାତ ଉପରେ ବସି ଗହମ ଜଗିଲା।

ସକାଳ ସମୟ। ପକ୍ଷୀମାନେ ନିଜ ନିଜ ବସାରୁ ବାହାରି ବୃକ୍ଷ ଡାଳମାନଙ୍କରେ ବସି ରାବ ଛାଡ଼ିଲେଣି। ଖାଦ୍ୟର ସନ୍ଧାନରେ କିଏ କୁଆଡ଼େ ଯିବେ। ରବିର ଘର ପାଖାପାଖି ପାରା ଦଳଟାଏ ଅଛନ୍ତି। ସେମାନଙ୍କର ଏକ ନିୟମ ଅଛି। ଦଳର ମୁଖିଆ ଯେଉଁ ଦିଗକୁ ଯିବ ସମସ୍ତ ପାରା ତା'ପଛେ ପଛେ ଉଡ଼ିଯିବେ ସେ ଦିଗକୁ। ଖୋଜି ଖୋଜି ଖାଦ୍ୟ ପେଟପୂରା ଖାଇବେ। ସନ୍ଧ୍ୟାବେଳକୁ ଫେରିବେ ନିଜ ବସାକୁ। ଏଇଟା ସେମାନଙ୍କର ଶୃଙ୍ଖଳା।



ସେଦିନ ଦଳର ମୁଖିଆ ନଡ଼ିଆ ଗଛ ଉପରେ ଥାଇ ଦେଖୁଥିଲା ଚାରିଆଡକୁ। ଆଜି କେଉଁ ଦିଗକୁ ଯିବ। ସେ ଦେଖିଲା ଘର ଛାତ ଉପରେ ଗହମ ଶୁଖାଯାଇଛି। ସେ ସମସ୍ତଙ୍କୁ ହାଲା କରି କହି ପକାଇଲା, "ଆସରେ ଏ ଛାତ ଉପରେ ଗହମ ଶୁଖାଯାଇଛି। ଆଜି ଆଉ କୁଆଡେ ଯିବାକୁ ପଡ଼ିବନି।"

ଦଳଟା ଯାକ ପାରା ନଡିଆ ଗଛ ଉପରେ ଏକାଠି ହୋଇଗଲେ। ତା'ପରେ ଜଣେ ଜଣେ କରି ଓହ୍ଲାଇଲେ ଛାତ ଉପରକୁ। ଗହମରେ ଯେମିତି ମୁହଁ ମାରିଛନ୍ତି, ରବି ବାଡ଼ିଟା ତଳେ ଠକ୍ ଠକ୍ କରିଦେଲା। ସଭିଏଁ ଫୁରର୍ କିନା ଉଡ଼ିଗଲେ। ଯାଇ ବସି ରହିଲେ କିଏ କେଉଁ ଗଛ ଉପରେ। କିଏ କେଉଁ ଛାତ ଉପରେ, ଚିମ୍ନି ଉପରେ। କିନ୍ତୁ ସମସ୍ତଙ୍କର ଦୃଷ୍ଟି ଥାଏ ଏଇ ଗହମ ଆଡକୁ। ଜଣେ ଜଣେ ଗହମ ପାଖକୁ ଆସିବାକୁ ଚେଷ୍ଟା କରୁଥାନ୍ତି। ରବି ବାଡ଼ି ଉଠାଇଲେ ପୁଣି ଫେରି ଯାଉଥାନ୍ତି। ସେମାନଙ୍କ ମଧ୍ୟରୁ ଯୁବ ପାରାଟିଏ ଚୋର ପରିକା ପଡିଶା ଘର ଚିମ୍ନି ପଛପଟେ ଲୁଚି ଲୁଚି ଚାଲି ଚାଲି ଆସିଗଲା ଗହମ ପାଖକୁ। ରବି ତାକୁ ଦେଖି ନେଇ ଯେମିତି ବାଡିଟା ଉଠାଇଛି, ଯୁବ ପାରାଟା 'ଏ ବୋପା ମା' କହି ଡେଇଁଡେଇଁ ଗଲା ପଛକୁ।

ରବିକୁ ହସ ମାଡିଲା। ମାତ୍ର ବିରକ୍ତ ହୋଇ ଯାଇଥିଲା ସେ। ସେ ଯୁବ ପାରା କିଛି ଦୂରରେ ରହି ଚାହୁଁଥିଲା।

ରବି କହିଲା, "ଆରେ ମୂର୍ଖ, ମୁଁ ଏଇଠି ଜଗି ବସିଛି। ତମେମାନେ ଗହମ ଦାନାଟିଏ ବି ଖାଇପାରିବନି ଏଥିରୁ। ତଥାପି ଲୋଭରେ ଅନେଇ ବସିଛ ଏ ଗହମକୁ। ଏବେ ମୋ କଥା ମାନ। ତମେମାନେ ଏଇଠି ସମୟ ନଷ୍ଟ ନ କରି ଖାଦ୍ୟ ଅନ୍ୱେଷଣ କରିବ, ଅନ୍ୟ କୁଆଡ଼େ ଯାଆ।"

ଯୁବ ପାରା କହିଲା, "ଆମ ଦଳର ମୁଖିଆ ତ ପେଚା ଭଳି ବସି ରହିଛି ସେ ଗଛ ଉପରେ। ଦେଖିଲ ନା ଗହମ ଉପରକୁ ତା' ନଜର। ତା' ଇଚ୍ଛାରେ ତ ସବୁ। ସେ ନ ଗଲେ ଆମେ କୁଆଡ଼େ ଯିବୁ କିମିତି?"

ମଧ୍ୟାହ୍ନ ଯାଇ ଅପରାହ୍ଣ ହେଲା। ଆଉ କିଛି ସମୟ ପରେ ସଞ୍ଜ ଆସିବ। ସକାଳୁ ସକାଳୁ ଯାଇଥିବା କାଉ, ବଣି ଆଦି



ଚଢ଼େଇ ନିଜ ନିଜ ନୀଡ଼କୁ ବାହୁଡ଼ିଲେଣି। ବାହାରେ ବୁଲି ବୁଲି ଖାଦ୍ୟ ସାଉଁଟି କେତେ ଖୁସିରେ ଫେରିଛନ୍ତି ସେମାନେ। କେତେ ଖୁସିରେ ଏ ଗଛରୁ ସେ ଗଛ, ଏ ଡାଳରୁ ସେ ଡାଳକୁ ହେଉଛନ୍ତି ସେମାନେ।

ଏବେ ରବିର ବୋଉ ଗହମ ସବୁ ଅଖାରେ ତୋଳି ନେଉଥିଲେ। ଦିନ ସାରା ସେ ଗହମକୁ ଚାହିଁ ଚାହିଁ ଶେଷରେ କ'ଣ ପାଇଲେ ଏ ପାରା ଦଳ! ମୁହଁଟି ମାନ ଶୁଖିଯାଇଥିଲା ସେମାନଙ୍କର। ଭୋକରେ ଆଉଟୁ ପାଉଟୁ ହୋଇ ଯାଉଥିଲେ ସେମାନେ। ରବି ମନରେ ଦୟା ଆସିଲା। ବୋଉକୁ ଏ କଥା ଜଣାଇଲା। ବୋଉ ଅଖାରୁ କିଛି ଗହମ ବାହାର କରି ଦେଲେ ରବିକୁ। ରବି ଛାତ ଉପରେ ବୁଣି ଦେଲା ସେତକ ଗହମ।

ବୋଉ ଗହମ ଅଖା ନେଇ ତଳକୁ ଚାଲିଗଲେ। ଛାତ ଉପରେ ଥାଇ ରବି ଦେଖୁଥିଲା, ଭୋକିଲା ପାରାଦଳ ଟାଉ ଟାଉ କରି କିମିତି ଗହମ ଚରିଯାଉଥାନ୍ତି। ତା' ମୁହଁରୁ ବାହାରି ଆସିଲା, " ମୁଖିଆ ମୂର୍ଖ ହେଲେ ଦଳର ଅବସ୍ଥା ଏମିତି ହୁଏ।"

□□

ଲେଖକଙ୍କ ଇ-ମେଲ ଠିକଣା:
padhirajanikanta@gmail.com




*ପ୍ରକାଶ ପାଇଲା*

# ଅନ୍ତରଙ୍ଗ ଆଳାପ

## ପରିବର୍ଦ୍ଧିତ ସଂସ୍କରଣ

**ସାହିତ୍ୟ ଚର୍ଚ୍ଚାର ବିଭିନ୍ନ ସଂଖ୍ୟାରେ ପ୍ରକାଶିତ**
**୩୨ ଜଣ ପ୍ରବୀଣ ସାହିତ୍ୟିକଙ୍କ ସହ ସାକ୍ଷାତକାର**

*ପ୍ରକାଶକ :*
ସାହିତ୍ୟ ଚର୍ଚ୍ଚା, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା
ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ମୋବାଇଲ : ୯୩୬୮୭୭୨୫୦୬

**ମୂଲ୍ୟ : ଟ.୨୫୦/-**

**ବିଭିନ୍ନ ବହି ଦୋକାନ ତଥା amazonରେ ଉପଲବ୍ଧ।**




**ପୁସ୍ତକ ସମୀକ୍ଷା**

# ଚନ୍ଦ୍ରଚୋରି

**ଲେଖକ : ଡ. ନିଖିଳାନନ୍ଦ ପାଣିଗ୍ରାହୀ**
**ପ୍ରକାଶକ: ଉପଗୁପ୍ତ ପବ୍ଲିକେଶନ୍ସ**
**ପୃଷ୍ଠା: ୧୧୨, ମୂଲ୍ୟ: ଟ. ୧୨୦/-**

ଚନ୍ଦ୍ରର କେତେ ରୂପ ? ଲେଖକ ଓ କଳାକାରମାନେ ତ ଆମର ପ୍ରିୟ ଜହ୍ନମାମୁଁଙ୍କୁ ବାସ୍ତବତାରୁ ନେଇ କଳ୍ପନା ପର୍ଯ୍ୟନ୍ତ ବିଭିନ୍ନ ପୁଟ ଦେଇ ବିବିଧ ରଙ୍ଗରେ ରଙ୍ଗିଦିଅନ୍ତି। କିନ୍ତୁ ଏହି ଦାୟିତ୍ୱଟି ଯେତେବେଳେ ବହନ କରନ୍ତି ଆମ ସମୟର ଜଣେ ବିଶିଷ୍ଟ ବିଜ୍ଞାନ ଲେଖକ, ତାହାର ପରିଣାମ ଯାହା ହୁଏ ଏହାହିଁ ହେଉଛି ଆଜି ଆମ ସାମନାରେ ଉପସ୍ଥିତ ବହି 'ଚନ୍ଦ୍ରଚୋରି'। ଚନ୍ଦ୍ରର କେତେ ଯେ ଭଳିକି ଭଳି ରୂପ ଲେଖକ ପ୍ରତ୍ୟକ୍ଷ କରିଛନ୍ତି, ଏହାର କେତୋଟି ଅଧ୍ୟାୟର ଶିରୋନାମା ପ୍ରତି ଦୃଷ୍ଟି ପକାଇଲେ ଆମେ ତାହାର ଆଭାସ ପାଇପାରୁ; ଯଥା, 'କବି-କଳ୍ପନାରେ ଚନ୍ଦ୍ରମୁଖ', 'ଆମ ସାହିତ୍ୟ ଓ ଚନ୍ଦ୍ର', 'ପୁନରପି ଜନମଂ ପୁନରପି ମରଣଂ' ଓ 'ଚନ୍ଦ୍ର, ସୂର୍ଯ୍ୟ ଓ ସତ୍ୟଜିତ ରାୟ'।

ଆଲୋଚ୍ୟ ପୁସ୍ତକଟିରେ ଲେଖକ ଚନ୍ଦ୍ର ଉପଗ୍ରହଟିର ଉପସ୍ଥାପନା ଏକ ନିରୁତା ବୈଜ୍ଞାନିକ ଦୃଷ୍ଟିକୋଣ ମାତ୍ରରୁ କରିନାହାନ୍ତି, ତାଙ୍କର ଲେଖକୀୟ ଧାରାରେ ଏକ ବିଜ୍ଞାନ ସୁଲଭ ତାର୍କିକତା ମଧ୍ୟ ସ୍ପଷ୍ଟ ଦିଶିଯାଏ। ଏହି ପ୍ରେକ୍ଷାପଟରେ ନିଜର ଭୂମିକା ଉଲ୍ଲେଖ କରିବାକୁ ଯାଇ ଲେଖକ କହିଛନ୍ତି, "ଏହି ପୁସ୍ତକ ସମ୍ପର୍କରେ ମୋ ମତ ହେଉଛି ଯେ, ବୁଦ୍ଧଦେବଙ୍କ ଭାବନା ଅନୁରୂପ ଯେଉଁ ତିନୋଟି ଜିନିଷକୁ ବହୁ ସମୟ ଧରି ଲୁଚାଇ ହେବ ନାହିଁ, ତାହା ହେଉଛି: ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ। ଏମିତି ଏକ ନିରୂପଣ, ଦାର୍ଶନିକ କନଫୁସିଅସ୍ ମଧ୍ୟ ଘୋଷଣା କରିଥିବା ଜଣାଯାଏ। ଏହି ଭାବନା ଓ କଳ୍ପନା ଦ୍ୱାରା ଅନୁପ୍ରାଣିତ ହୋଇ ମୁଁ ବହିଟି ରଚନା କରିଛି।"

ବହିଟିକୁ ପ୍ରଥମେ ହାତରେ ଧରିଲେ ଯେଉଁ ପ୍ରଶ୍ନଟି ପାଠକ ମନରେ ଉଙ୍କି ମାରେ, ତାହା ହେଲା, ଏ 'ଚନ୍ଦ୍ରଚୋରି' ପୁଣି କ'ଣ ? କେହି କରିପାରେ କି ଚନ୍ଦ୍ରର ଚୋରି ? ଏହାର ଉତ୍ତର ରଖିଛନ୍ତି ଲେଖକ ନିଜେ: "ଯେତେବେଳେ ବହିର ନାମକରଣ ବିଷୟ ମୋ ମନକୁ ଆଚ୍ଛନ୍ନ କଲା, ମୋ'ର ମନେପଡ଼ିଲା ସୁପ୍ରସିଦ୍ଧ ସାହିତ୍ୟିକ ଜେ.ପି. ଦାସଙ୍କ ଗୋଟିଏ ଆଲେଖ୍ୟ, ଯେଉଁଥିରେ 'ଚନ୍ଦ୍ରଚୋରୀ' ଶବ୍ଦଟି ଥିଲା। ଏହି ନାମଟି ମୁଁ ଚୋରି କରିଛି। ଆଶା, ସେ ମୋ ଦୋଷ ଧରିବେ ନାହିଁ।" ଏହି ଚନ୍ଦ୍ରଚୋରି ପ୍ରସଙ୍ଗ ବିଶଦ ଭାବରେ ଆଲୋଚିତ ହୋଇଛି ପୁସ୍ତକଟିର ପ୍ରଥମ ଅଧ୍ୟାୟଟିରେ। ଓଡ଼ିଶାର ଜଣେ ଗଙ୍ଗବଂଶୀୟ ଗଜପତିଙ୍କ ଅଧୀନରେ ବାହିନୀପତି ନାମକ ଜଣେ ପଣ୍ଡିତ ଥିଲେ। ସେ ଭୁଲ୍‌ବଶତଃ ଥରେ ଗୋଟିଏ ପୂର୍ଣ୍ଣମୀ ତିଥିକୁ ଅମାବାସ୍ୟା ବୋଲି କହିଦେଲେ। ମାତ୍ର ଏହା କହିଦେବା ପରେ ସେ ବଡ଼ ଅଡୁଆରେ ପଡ଼ିଲେ, କାରଣ ଏହା ଫଳରେ ଜନମାନସରେ ତାଙ୍କର ବିଶ୍ୱସନୀୟତାରେ ଆଞ୍ଚ ଆସିବାର ସମ୍ଭାବନା ଥିଲା। ତେଣୁ ନିଜର ସେହି ଭୁଲ୍ କଥାଟିକୁ ଠିକ୍ ବୋଲି ପ୍ରମାଣିତ କରିବା ପାଇଁ ସେ ନିଜର ତାନ୍ତ୍ରିକ ଶକ୍ତି ବଳରେ ସେହିଦିନ ଚନ୍ଦ୍ରକୁ ଲୁଚାଇଦେଇଥିଲେ। ଏହା ହିଁ ଚନ୍ଦ୍ରଚୋରି।

ବହିଟିରେ ପାଠକମାନେ ପାଇବେ ଚନ୍ଦ୍ରର ବିଭିନ୍ନ ଦିଗ ସମ୍ପର୍କରେ ଏକ ୩୬୦ ଡିଗ୍ରୀର ଉପସ୍ଥାପନା। ଲେଖକଙ୍କର ସାବଲୀଳ ବର୍ଣ୍ଣନା ଶୈଳୀ ବହିଟିକୁ କରିଛି ଅତ୍ୟନ୍ତ ସୁଖପାଠ୍ୟ। ତେବେ ସ୍ଥଳ ବିଶେଷରେ ନିଜର କଥନକୁ ପ୍ରତିପାଦିତ କରିବାପାଇଁ ଲେଖକ କେତେଜଣ ବିଦେଶୀ ଚିନ୍ତକଙ୍କର ସୁଦୀର୍ଘ ଉକ୍ତିଗୁଡ଼ିକ ଇଂରାଜୀ ଭାଷାରେ ହିଁ ଉଦ୍ଧୃତ କରିଛନ୍ତି। ଆମ ମତରେ ଏଗୁଡ଼ିକୁ ଓଡ଼ିଆ ଭାଷାରେ ଅନୁବାଦ କରି ଉପସ୍ଥାପିତ କରିବା ଅଧିକ ସମୀଚୀନ ହୋଇଥାଆନ୍ତା।

ବହିଟି ପାଠକମାନଙ୍କ ମଧ୍ୟରେ ଆଦୃତ ହେବାର ସମସ୍ତ ଲକ୍ଷଣ ରଖେ।

*-ନିହାର ଶତପଥୀ*


# ସାହିତ୍ୟ ସମାଚାର

## 'ହସଖେଳ' ବହି ଓଡ଼ିଆ ଭାଷାଶିକ୍ଷାକୁ ବିପର୍ଯ୍ୟସ୍ତ କରିଛି: ବୈଷ୍ଣବ ମହାନ୍ତି




କଳିଙ୍ଗ ଇତିହାସ ସଂସ୍ଥା ପକ୍ଷରୁ ଅକ୍ଟୋବର ୨୭ ତାରିଖ ଦିନ ଆୟୋଜିତ ଏକ ଆଭାସୀ ଅଧିବେଶନରେ ନିଜର ବକ୍ତବ୍ୟ ରଖି ବିଶିଷ୍ଟ ଲେଖକ ତଥା 'ବନ୍ଧୁଘର ସାହିତ୍ୟ ପିଣ୍ଡା'ର ପ୍ରତିଷ୍ଠାତା ବୈଷ୍ଣବ ଚରଣ ମହାନ୍ତି କହିଲେ ଯେ ୨୦୦୨ ମସିହାରୁ ଓଡ଼ିଶାର ସରକାରୀ ବିଦ୍ୟାଳୟଗୁଡ଼ିକର ପ୍ରଥମ ଶ୍ରେଣୀରେ ଅକ୍ଷର ଶିକ୍ଷା ପାଇଁ ଲାଗୁ ହୋଇଥିବା 'ଅକ୍ଷର ଶିକ୍ଷା' ବହି ଓଡ଼ିଆ ଭାଷାଶିକ୍ଷାର ପ୍ରଭୂତ କ୍ଷତି କରିଛି। ଓଡ଼ିଶାର ତତ୍‌କାଳୀନ ଡି.ପି.ଆଇ ମହୋଦୟ ସଂଶ୍ଳେଷଣ (ସିନ୍‌ଥେଟିକ) ପରିବର୍ତ୍ତେ ବିଶ୍ଳେଷଣ (ଆନାଲିଟିକ୍) ପଦ୍ଧତିରେ ଓଡ଼ିଶାର ପିଲାମାନଙ୍କୁ ଅକ୍ଷରଶିକ୍ଷା ଦେବା ଉଦ୍ଦେଶ୍ୟରେ ଏହି ପୁସ୍ତକ ଲାଗୁ କରିବା ପାଇଁ ଆଦେଶ ଦେଇଥିଲେ। ଶ୍ରୀ ମହାନ୍ତି କହିଲେ ଯେ ଏହି ପଦ୍ଧତି ସମ୍ପୂର୍ଣ୍ଣ ଭ୍ରମାତ୍ମକ। ଏଥିରେ ପ୍ରଥମ ଶ୍ରେଣୀରେ ପଢୁଥିବା ଛାତ୍ରମାନେ ପ୍ରଥମେ ଓଡ଼ିଆ ଅକ୍ଷର ନ ଶିଖି ବରଂ ପ୍ରଥମେ ଶବ୍ଦ ଶିଖୁଛନ୍ତି। ତାହାପରେ ସେମାନଙ୍କୁ ପଢ଼ାଯାଉଥିବା ଅକ୍ଷରଶିକ୍ଷା ମଧ୍ୟ 'ଅ, ଆ'ରୁ ଆରମ୍ଭ ନ ହୋଇ ଓଡ଼ିଆ ଅକ୍ଷରକ୍ରମର ଅନ୍ୟ କୌଣସି ବର୍ଣ୍ଣ ବା ଅକ୍ଷରରୁ ଆରମ୍ଭ ହେଉଛି। 'ହସଖେଳ' ବହିର ପ୍ରଥମ ପାଠରେ ଅଛି 'ଚ' ଓ 'ଟ', ଅଥଚ ଷଷ୍ଠ ପାଠରେ ଅଛି 'ଅ' ଓ 'ଆ'। ଫଳରେ ଓଡ଼ିଆ ଭାଷାଶିକ୍ଷା ବିପର୍ଯ୍ୟସ୍ତ ହୋଇଯାଇଛି। ୨୦୦୨ ମସିହାରେ ଲାଗୁ ହୋଇଥିବା ଏହି ବହି ପଢ଼ି ଯେଉଁମାନେ ଆଜି ବଡ଼ ହୋଇଛନ୍ତି, ଏପରିକି ମାଟ୍ରିକୁଲେସନ୍‌ରେ ପ୍ରଥମ ଶ୍ରେଣୀ ପାଇଥିବା ଆଜିର ଛାତ୍ରମାନେ ମଧ୍ୟ ଓଡ଼ିଆରେ ନିର୍ଭୁଲ ଭାବରେ ବାକ୍ୟଟିଏ ଲେଖିପାରୁ ନାହାନ୍ତି।

## ୬ଷ୍ଠ ରାଜ୍ୟ ପୁସ୍ତକ ମହୋତ୍ସବ ପାଇଁ ଭୁବନେଶ୍ୱରରେ ଚାଲିଛି ପ୍ରସ୍ତୁତି




ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆସନ୍ତା ଡିସେମ୍ବର ୬ରୁ ୧୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆରେ ୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମେଳା ଅନୁଷ୍ଠିତ ହେବ। ରାଜଧାନୀ ପୁସ୍ତକମେଳା, ଏକାମ୍ର ପୁସ୍ତକମେଳା କମିଟି ଓ ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ ଏହାର ସହ-ଆୟୋଜକ ଅଛନ୍ତି। ରାଜ୍ୟରେ ନୂତନ ସରକାର କ୍ଷମତାକୁ ଆସିବା ପରେ ସରକାରୀ ଉଦ୍ୟମରେ ଏହା ପ୍ରଥମ ରାଜ୍ୟ ସ୍ତରୀୟ ପୁସ୍ତକ ମେଳା ହେବ।

ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ଏକ ଆଦେଶନାମା ଜାରୀହେବା ପରେ 'ରାଜଧାନୀ ପୁସ୍ତକମେଳା' ପକ୍ଷରୁ ସହିଦ ନଗରରେ ଏକ କାର୍ଯ୍ୟାଳୟ ଖୋଲାଯାଇ ଷ୍ଟଲ୍‌ଗୁଡ଼ିକର ବୁକିଂ ଆରମ୍ଭ ହୋଇଛି ଏବଂ ଏ ଯାବତ୍ ପ୍ରାୟ ୧୦୦ଟି ଷ୍ଟଲ୍‌ର ବୁକିଂ ହୋଇସାରିଥିବା ଜଣାପଡ଼ିଛି। କିନ୍ତୁ ଇତି ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ନୂଆ ନୀତି ସ୍ଥିର କରାଯାଇ ଏ ବର୍ଷ କେବଳ ପୁସ୍ତକ ପ୍ରକାଶକ ଓ ବିକ୍ରେତାମାନଙ୍କୁ ହିଁ ଷ୍ଟଲ୍ ଆବଣ୍ଟିତ ହେବ ବୋଲି ନିଷ୍ପତ୍ତି ନିଆଯିବା ଫଳରେ ଏ ବିଷୟରେ ସାମାନ୍ୟ ଅନିଶ୍ଚିତତା ସୃଷ୍ଟି ହୋଇଛି। ସରକାର ଏ ବିଷୟରେ ଖୁବ୍ ଶୀଘ୍ର ଏକ ସ୍ପଷ୍ଟ ନିର୍ଦ୍ଦେଶନାମା ଘୋଷଣା କରି ସଂସ୍କୃତି ବିଭାଗ ଜରିଆରେ ମଧ୍ୟ ଷ୍ଟଲ୍ ପାଇଁ ଆବେଦନ ଗ୍ରହଣ କରିବେ ବୋଲି ଜଣାଯାଇଛି।

ଗତ ଅକ୍ଟୋବର ୧୮ ତାରିଖରେ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

## ଶେଷ ପୃଷ୍ଠା



# ଉପନପାଳି*

ଆମ୍ଭ ଭାଷା ହିଁ ଆମ୍ଭର ପରିଚୟ। ଆଜି ଆମ ଭାଷାର ପ୍ରାଣପିଣ୍ଡ ଓଡ଼ିଶାରେ ଯେତେବେଳେ ଭାଷା ଓ ସାହିତ୍ୟ ପାଇଁ ଅଧିକାଂଶ ଭାଷାବିଶାରଦ ଓ ସାହିତ୍ୟିକଙ୍କ ଉପନପାଳି ଅନୁଧାନ କରେ ସେତେବେଳେ ରଙ୍କ ତିନି ଜନମ କଥା ଜାଣିବା ନ୍ୟାୟରେ ଆପଣା ମନକୁ ତାବୁଡ଼ାଏ।

ଶାରଦୀୟ ଋତୁର ଉପସ୍ଥିତିରେ ଲେଖକ, ପ୍ରକାଶକ ଓ ପାଠକଗୋଷ୍ଠୀଙ୍କ ଅବିନାଭାବ ଦେଖିଲେ ଢଗଟିଏ ମନେ ପଡ଼େ; "ଘୋଡ଼ାଚଢ଼ା ଠଉଁ ସମ୍ପତ୍ତି ନାହିଁ, ଘରପୋଡ଼ି ଠଉଁ ବିପତ୍ତି ନାହିଁ"। ପୁସ୍ତକ, ମୁଖପତ୍ର, ପତ୍ରିକା ପ୍ରଭୃତିର ଗହଳିଚହଳିକୁ ଓଡ଼ିଆ ଭାଷାର ଘୋଡ଼ାଚଢ଼ା ବୋଧିବି ଅବା ଘରପୋଡ଼ି ବୋଲିବି; ଏହା ଭାବି କିଂକର୍ତ୍ତବ୍ୟବିମୂଢ଼ ହୁଏ।

ପ୍ରାୟାଧିକ ଲେଖକ ନିଜ ବୋଧର ରଚନାକୁ ପାଠକରଞ୍ଜନ ସାହିତ୍ୟ ନାଁରେ ପ୍ରକାଶିତ କରି ବିଭିନ୍ନ ସଞ୍ଚାର ମାଧ୍ୟମରେ ତାହାର ପ୍ରଚାର ଓ ପ୍ରସାର କରି ପାଠକଙ୍କୁ ପଢ଼ିବାକୁ ଏକ ପ୍ରକାର ବାଧ୍ୟ କରିଥାନ୍ତି। ଏହି ପାର୍ବଣ ଋତୁରେ ପାଞ୍ଚ ଦଶ ପତ୍ରପତ୍ରିକାରେ ନିଜର ଆଲେଖ୍ୟର ପ୍ରକାଶନକୁ ନିଜର ପାରିବାରପଣିଆ ବୋଧରେ ଉନ୍ମାର୍ଗଗାମୀ ହେବାରେ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ।

ଅଧୁନାତନ ସାହିତ୍ୟ ସଂସାରର ଅବସ୍ଥା ଦେଖିଲେ ମନେ ପଡ଼େ ଭାଷାକୋଷରେ ପଢ଼ିଥିବା ସଂସ୍କୃତ ଶ୍ଲୋକାର୍ଥଟିଏ। *ହଂସାଃ ପଦ୍ମବନାଶୟା ମଧୁଲିହଃ ସୌରଭ୍ୟଲାଭାଶୟା ପାନ୍ଥା ସ୍ୱାଦୁଫଳାଶୟା ବଳିଭୁଜଃ ଗୃଧାଶ୍ଚ ମାଂସଶୟା ଦୂରଦୁନ୍ନତ ପୁଷ୍ପରାଗନିକରୈଃ ନିଃସାର ମେଥ୍ୟୋନ୍ନତୈଃ ରେ ରେ ଶାଲ୍ମଳିପାଦପ! ପ୍ରତିଦିନଂ କେ ନତ୍ୱୟା ବଞ୍ଚିତାଃ।*

ନିର୍ଗୁଣ ରଙ୍ଗ ଟହଟହ ସୌନ୍ଦର୍ଯ୍ୟଜଡ଼ିତ ଓ ସ୍ୱଳ୍ପକାଳ ସୁଶୋଭିତ ରହୁଥିବା ଶିମିଳି ଫୁଲର ନିଃସାର, ମିଥ୍ୟା ଓ ଉନ୍ନତ ପୁଷ୍ପରାଗ ଦେଖି ହଂସ, ସୌରଭ ଲାଭ ଆଶାରେ ଭ୍ରମର, ସ୍ୱାଦୁଫଳ ଆଶାରେ ପଥିକ, ମାଂସଖଣ୍ଡ ଆଶାରେ କାକ ଓ ଗୃଧ୍ର ସମଗ୍ର ସଦାକାଳେ ଯେପରି ନିରାଶ ହୁଅନ୍ତି; ସେହିପରି କିଛି ବଡ଼ ନାମୀ ଲେଖକଙ୍କ ରଚନା ଦେଖି ପ୍ରକାଶକ, ଆତ୍ମପ୍ରଚେଷ୍ଟାରେ ପୁରସ୍କାର ପାଇଥିବା ଲେଖକଙ୍କ ବହି କିଣି ପାଠକ ଓ ବହିମେଳା ଓ ପ୍ରଦର୍ଶନୀର ଜାକଜମକରେ ଚିତ୍ରବିଚିତ୍ର ପ୍ରଚ୍ଛଦର ମାୟାବର୍ତ୍ତ ହୋଇ ବହି କିଣୁଥିବା ଗରାଖ ମଧ୍ୟ ସେହି ପରି ହତାଶାବୋଧ ପ୍ରାପ୍ତି ହୁଅନ୍ତି।

କେବଳ ଓଡ଼ିଆରେ ଗଳ୍ପ, କବିତା, ପ୍ରବନ୍ଧ, ଉପନ୍ୟାସ ପ୍ରଭୃତି ଲେଖି, ଛପେଇ, ପଢ଼ି ଭାଷା ଓ ସାହିତ୍ୟକୁ ସମୃଦ୍ଧି ରାସ୍ତାରେ ନେଇ ବିଶ୍ୱସାହିତ୍ୟ ମଞ୍ଚରେ ପହଞ୍ଚାଇ ପାରିବା ନାହିଁ। ଆମକୁ ଉପେନ୍ଦ୍ର ଭଞ୍ଜ, ମଧୁବାବୁ, ଗୋବିନ୍ଦ ରଥ, ଷାଠିୟା ଭାଗୀରଥି, ପ୍ରଭୃତିଙ୍କ କର୍ମଶୈଳୀରେ ଉଦ୍‌ବୁଦ୍ଧ ହେବାକୁ ହେବ। ଭାଷା ପାଇଁ ବିଭିନ୍ନ ପ୍ରକଳ୍ପ ଓ ସାହିତ୍ୟ ପାଇଁ ଅଲଗା ବୋଧଜ୍ଞାନ ନେଇ ସମଗ୍ର ଜନଜୀବନ ପାଇଁ ଲେଖିବାକୁ ହେବ। ନୂତନ ଶବ୍ଦ ସୃଷ୍ଟି, ଭାଷାର ମାନ ନିର୍ଦ୍ଧାରଣ, ନିର୍ଭୁଲ ଭାଷାକୋଷ ମୁଦ୍ରଣ, ପ୍ରାଥମିକ ଶିକ୍ଷା ସ୍ତରରୁ ଶୁଦ୍ଧ ବ୍ୟାକରଣ ଶିକ୍ଷା, ଲିପି ସଂସ୍କାର ଜାରି ରହିବାକୁ ହେବ। ଭାଷାକୁ ଶିକ୍ଷା, ପ୍ରଶାସନ ଓ ଗଣମାଧ୍ୟମରେ ଏକ ଆଦର୍ଶ ମାନଦଣ୍ଡ ରୂପେ ସ୍ଥାପନ କରି ନିତିଦିନିଆ ଜୀବନରେ ଭାଷା ଓ ସାହିତ୍ୟକୁ ସମସ୍ତଙ୍କ ଦୁଇ ହାତରେ ଧରାଇ ସେମାନଙ୍କୁ ପ୍ରଜ୍ଞାମାର୍ଗରେ ଅଗ୍ରସର ହେବାକୁ ପ୍ରେରଣା ଦେବାକୁ ହେବ।

ଶ୍ରଦ୍ଧା ଓ ଶୁଭେଚ୍ଛା 'ସାହିତ୍ୟ ଚର୍ଚ୍ଚା'ର ଆଦର୍ଶ ପାଠକବୃନ୍ଦଙ୍କୁ। ପ୍ରଜ୍ଞାଲୋକର ଏଇ ଦୀପାବଳି ମହୋତ୍ସବରେ ଆସନ୍ତୁ ଭାଷାପ୍ରେମର ଦୀପଟିଏ ଜାଳିବା।

- **ପ୍ରଭୁ**

* **ଉପନପାଳି** - ଗ୍ରାମଦେବତାଙ୍କୁ ପୂଜାସାମଗ୍ରୀ ଦେବା ନିମନ୍ତେ ଶାରଦୀୟ ଓ ବାସନ୍ତୀପୂଜାରେ ନିର୍ଦ୍ଦିଷ୍ଟ ଦିନରେ ନିର୍ଦ୍ଦିଷ୍ଟ ଗୃହସ୍ଥର ପଡ଼ିବା ପାଳି।

□□

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com

# ଓଡ଼ିଶା ସାହିତ୍ୟ ଏକାଡେମୀ

ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪

## ଏକାଡେମୀର କେତେକ ମର୍ଯ୍ୟାଦାବନ୍ତ ପ୍ରକାଶନ

| | | | |
|---|---|---|---|
| ୧. | ପୁରୀ ବୋଲି | ଲେ : ସିଦ୍ଧେଶ୍ୱର ମହାପାତ୍ର | ଟ ୪୩୦.୦୦ |
| ୨. | ଓଡ଼ିଶାରେ ଲୋକଧର୍ମର ପରମ୍ପରା | ଲେ : ଡକ୍ଟର ଅରବିନ୍ଦ ପଟ୍ଟନାୟକ | ଟ ୮୦୦.୦୦ |
| ୩. | ସନ୍ଥ ଭକ୍ତି ସାହିତ୍ୟ | ଲେ : ଚିତ୍ତରଞ୍ଜନ ଦାସ | ଟ ୩୦୦.୦୦ |
| ୪. | ଜଗନ୍ନାଥଦାସକୃତ ଶ୍ରୀମଦ୍ ଭାଗବତ | ସମ୍ପାଦନା : ନୀଳମଣି ମିଶ୍ର | ଟ ୨୫୦.୦୦ |
| ୫. | ଉତ୍କଳ ଗ୍ରାମ୍ୟ ଗୀତ ଓ କଥା | ସଙ୍କଳନ : ଚକ୍ରଧର ମହାପାତ୍ର | ଟ ୪୦୦.୦୦ |
| ୬. | ସାରସ୍ୱତ ସାଧକ ଜ୍ଞାନୀନ୍ଦ୍ର ବର୍ମା | ଲେ: ରଞ୍ଜିତ କୁମାର ପରିଡ଼ା | ଟ ୧୪୦.୦୦ |
| ୭. | ଓଡ଼ିଶାର ତନ୍ତ୍ର ସଂସ୍କୃତି | ସମ୍ପାଦନା : କେଦାରନାଥ ଗବେଷଣା ପ୍ରତିଷ୍ଠାନ | ଟ ୩୦୦.୦୦ |
| ୮. | ସାହିତ୍ୟ ଦର୍ପଣମ୍ | ମୂଳ ସଂସ୍କୃତ : ବିଶ୍ୱନାଥ କବିରାଜ<br>ଓଡ଼ିଆ ଅନୁବାଦ: ପଣ୍ଡିତ ନାରାୟଣ ମହାପାତ୍ର | ଟ ୯୦୦.୦୦ |
| ୯. | ବିଚିତ୍ର ରାମାୟଣ | ସମ୍ପାଦନା : ସଚ୍ଚିଦାନନ୍ଦ ମିଶ୍ର | ଟ ୪୫୦.୦୦ |
| ୧୦. | ରାମ ନାଟକ | ଲେ: ଲିଙ୍ଗରାଜ ନାହାକ | ଟ ୨୦୦.୦୦ |
| ୧୧. | ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ | ଲେ : ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ | ଟ ୪୨୦.୦୦ |
| ୧୨. | ଓଡ଼ିଆ ସାହିତ୍ୟରେ ଗାନ୍ଧି ଓ ଦଳିତ ଚିନ୍ତନ | ସମ୍ପାଦନା : ନଗେନ୍ କୁମାର ଦାସ | ଟ ୨୮୦.୦୦ |
| ୧୩. | ମହୀମଣ୍ଡଳ ଗୀତା | ସଙ୍କଳନ ଓ ସମ୍ପାଦନା:ଡକ୍ଟର ବିଜୟାନନ୍ଦ ସିଂହ | ଟ ୨୫୦.୦୦ |
| ୧୪. | ସମ୍ବଲପୁରି ଓଡ଼ିଆ ଶବ୍ଦକୋଷ | ସଙ୍କଳକ : ପ୍ରଫୁଲ୍ଲ କୁମାର ତ୍ରିପାଠୀ | ଟ ୪୫୦.୦୦ |
| ୧୫. | କୋଣାର୍କ-୨୦୭ତମ ସଂଖ୍ୟା<br>(ଗୋବିନ୍ଦଚନ୍ଦ୍ର ଉଦ୍‌ଗାତା ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି ବିଶେଷାଙ୍କ) | | ଟ ୮୦.୦୦ |
| ୧୬. | କୋଣାର୍କ - ୨୦୯ ତମ ସଂଖ୍ୟା<br>(ଗୋଲକବିହାରୀ ଧଳ ଓ ଗୋକୁଳାନନ୍ଦ ମହାପାତ୍ର ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି ବିଶେଷାଙ୍କ) | | ଟ ୧୨୦.୦୦ |
| ୧୭. | କୋଣାର୍କ -୨୧୧ ତମ ସଂଖ୍ୟା<br>(ଚିତ୍ତରଞ୍ଜନ ଦାସ ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି ବିଶେଷାଙ୍କ) | | ଟ ୧୫୦.୦୦ |
| ୧୮. | କୋଣାର୍କ-୨୧୨ ତମ ସଂଖ୍ୟା<br>(ମନମୋହନ ମିଶ୍ର ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି ବିଶେଷାଙ୍କ) | | ଟ ୮୦.୦୦ |
| ୧୯. | କୋଣାର୍କ-୨୧୩ ତମ ସଂଖ୍ୟା<br>(କିଶୋରୀ ଚରଣ ଦାସ ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି ବିଶେଷାଙ୍କ) | | ଟ ୮୦.୦୦ |
| ୨୦. | Shifting Sands | Edited by Sangram Jena | ଟ ୨୫୦.୦୦ |

## ସ୍ୱତନ୍ତ୍ର ରିହାତି

୫୦୦/- ପର୍ଯ୍ୟନ୍ତ ମୂଲ୍ୟର ପୁସ୍ତକ ପାଇଁ - ୨୦%

୨୦୦୧/- ରୁ ଉର୍ଦ୍ଧ୍ୱ ମୂଲ୍ୟର ପୁସ୍ତକ ପାଇଁ - ୪୦%

୫୦୧/- ରୁ ୨୦୦୦/- ମୂଲ୍ୟର ପୁସ୍ତକ ପାଇଁ - ୩୦%

୫୦୦୦/- ରୁ ଉର୍ଦ୍ଧ୍ୱ ମୂଲ୍ୟର ପୁସ୍ତକ ପାଇଁ - ୫୦%

ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ

ସଚିବ



# ପରମ୍ପରା ଦ୍ୱାରା ସଶକ୍ତ,
# ଉତ୍କର୍ଷତା ପାଇଁ
# ଅନୁପ୍ରାଣିତ

## ଶୁଭ ଦୁର୍ଗା ପୂଜା !

ପାର୍ବଣର ଶୁଭ ଅବସର ଆପଣଙ୍କ ପାଇଁ
ପ୍ରଗତି, ସମୃଦ୍ଧି ଏବଂ ଆନନ୍ଦ ଭରା ହେଉ ।

नालको NALCO

*ordinary people, extraordinary attitude*

nalcoindia   NALCO_India   nalco_india   nalco_india   nalcoindia




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy